

ବିହାରର ଗୟା ଜିଲା ଅନ୍ତର୍ଗତ ବାଙ୍କେ ବଜାର ପୋଲିସ ଷ୍ଟେଶନ ଅଧୀନ ଏକ ସ୍କୁଲ ବିଲ୍ଡିଂକୁ ସନ୍ଦିଗ୍ଧ ମାଓବାଦୀମାନେ ବିସ୍ଫୋରଣ କରି ଉଡ଼ାଇ ଦେଇଛନ୍ତି। ଏହା ପରେ ସେଠାରେ ସେମାନେ କିଛି ପୋଷ୍ଟର ମାରି ସିଏଏ, ଏନ୍‌ପିଆର୍ ଓ ଏନ୍‌ସିଆରକୁ ବିରୋଧ କରି ଫାସୀବାଦରେ ବିଶ୍ୱାସ କରୁଥିବା ଭାଜପା ସରକାରକୁ ସମାଲୋଚନା କରିଥିବା ବରିଷ୍ଠ ପୋଲିସ ଅଧିକାରୀ ସଞ୍ଜୀବ ମିଶ୍ର କହିଛନ୍ତି।

# ଶାହିନବାଗରେ ହାଇଡ୍ରାମା

- ବିକ୍ଷୋଭସ୍ଥଳରେ ପ୍ରବଳ ହୋହଲ୍ଲା
- ଫେରିଗଲେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ
- ମଧ୍ୟସ୍ଥଙ୍କ ମଧ୍ୟରେ ଫାଟ ନେଇ ଚର୍ଚ୍ଚା
- ଆଜି ପୁଣି ହେବ ଆଲୋଚନା

ନୂଆଦିଲ୍ଲୀ,୧୯।୨

କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦିଲ୍ଲୀର ଶାହିନବାଗରେ ଚାଲିଥିବା ଆନ୍ଦୋଳନ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ମଧ୍ୟ ଥମିନାହିଁ। ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ମଧ୍ୟସ୍ଥ ଭାବେ ନିଯୁକ୍ତି ପାଇଥିବା ଦୁଇ ବରିଷ୍ଠ ଆଇନଜୀବୀ ସଞ୍ଜୀୟ ହେଗ୍‌ଡେ ଓ ସାଧନା ରାମଚନ୍ଦ୍ରନ୍ ବୁଧବାର ବିକ୍ଷୋଭକାରୀମାନଙ୍କୁ ବୁଝାଇବା ପାଇଁ ଯାଇଥିଲେ। ହେଲେ ସେଠାରେ ପ୍ରବଳ ହୋହଲ୍ଲା ଓ ପାଟିତୁଣ୍ଡ ହେବାରୁ ଉଭୟେ ଫେରିଯାଇଛନ୍ତି। ଗୁରୁବାର ଦୁଇ ମଧ୍ୟସ୍ଥ ପୁନର୍ବାର ଶାହିନବାଗ ଯାଇ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ଡିସେମ୍ବର ୧୪। ଏଇଟା ହେଉଛି ସେହି ତାରିଖ, ଯେବେଠୁ ଦକ୍ଷିଣ ଦିଲ୍ଲୀର ଶାହିନବାଗ ପାଲଟିଛି ସିଏଏ ବିରୋଧୀ ବିକ୍ଷୋଭର କେନ୍ଦ୍ରସ୍ଥଳ। ସିଏଏ ପ୍ରତ୍ୟାହାର



ଶାହିନବାଗରେ ମଧ୍ୟସ୍ଥ ସଞ୍ଜୟ ହେଗଡେଙ୍କ ସହ ସାଧନା ରାମଚନ୍ଦ୍ରନ୍।

ଦାବିରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଲୋକେ ବିଶେଷକରି ମହିଳାମାନେ ଦିଲ୍ଲୀ ଓ ନୋଏଡାକୁ ସଂଯୋଗ କରୁଥିବା ଶାହିନବାଗର ରାସ୍ତାକୁ ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି। ଅଚଳାବସ୍ଥାକୁ ନେଇ କେତେକ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ଜଷ୍ଟିସ୍ ସଞ୍ଜୟ କୌଲ ଏବଂ କେ.ଏମ୍. ଜୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୧୭ ତାରିଖରେ ସେଗୁଡ଼ିକର ଶୁଣାଣି କରି ସଞ୍ଜୟ ହେଗ୍‌ଡେ ଓ ସାଧନା ରାମଚନ୍ଦ୍ରନ୍‌ଙ୍କୁ ବାର୍ତ୍ତାକାର ଭାବେ ନିଯୁକ୍ତ କରିଥିଲେ। ବିକ୍ଷୋଭ କରିବା ସେମାନଙ୍କ ଅଧିକାର କିନ୍ତୁ ବିକ୍ଷୋଭ ଅନ୍ୟ ନାଗରିକମାନଙ୍କୁ ପ୍ରଭାବିତ କରିବା ଅନୁଚିତ ବୋଲି ଅଦାଲତ କହିଥିଲେ। ଏହାସହ ଲୋକଙ୍କୁ କାଳିନ୍ଦୀ କୁଞ୍ଜ ରାସ୍ତାରୁ ବିକ୍ଷୋଭକୁ ଅନ୍ୟତ୍ର (ରାମଲୀଲା ମଇଦାନ କିମ୍ବା ଯନ୍ତରମନ୍ତର ଭଳି ସ୍ଥାନକୁ) ସ୍ଥାନାନ୍ତର କରିବା ଲାଗି ବୁଝାଇବା ସକାଶେ ମଧ୍ୟସ୍ଥଙ୍କୁ ପରାମର୍ଶ ଦେଇଥିଲେ। ଆଲୋଚନାର ନିଷ୍କର୍ଷ ଆସନ୍ତା ୨୪ ତାରିଖ ସୁଦ୍ଧା କୋର୍ଟରେ ଦାଖଲ କରିବାକୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ତେଣୁ ମଙ୍ଗଳବାର ଦୁଇ ମଧ୍ୟସ୍ଥ ପ୍ରଥମଥର ପାଇଁ ବିକ୍ଷୋଭସ୍ଥଳରେ ପହଞ୍ଚିଥିଲେ। ଉଭୟେ କହିଥିଲେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆମେ ଆସିଛୁ। ସମସ୍ତଙ୍କ ସହ କଥା ହେବୁ ଓ ସଭିଙ୍କ କଥା ଶୁଣିବୁ। ସମସ୍ତଙ୍କ ସହଯୋଗରେ ସୁଫଳ ମିଳିବ ବୋଲି ଆଶା। ଅଦାଲତ ଆପଣମାନଙ୍କ ବିକ୍ଷୋଭ କରିବାର ଅଧିକାରକୁ କାଏମ ରଖିଛନ୍ତି। କିନ୍ତୁ ଅନ୍ୟମାନଙ୍କ ଅଧିକାର ମଧ୍ୟ ବଜାୟ ରହିବା ଉଚିତ ବୋଲି କହିଥିଲେ। ସଞ୍ଜୟ ସୁପ୍ରିମକୋର୍ଟଙ୍କ ରାୟକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିବାବେଳେ ସାଧନା ତାକୁ ହିନ୍ଦୀରେ ବୁଝାଇଥିଲେ। ଇତିମଧ୍ୟରେ ବିକ୍ଷୋଭକାରୀମାନେ ହୋହଲ୍ଲା କରିବାରୁ ଅଧିକ ସମୟ ଆଲୋଚନା ହୋଇପାରି ନାହିଁ। କେତେଜଣ ମହିଳା କାନ୍ଦିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ସିଏଏ ସହ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ପ୍ରତ୍ୟାହାର କଲେ ଯାଇ ସେମାନେ ବିକ୍ଷୋଭସ୍ଥଳରୁ ହଟିବେ ବୋଲି କହିଥିଲେ। ଖବରଦାତାମାନେ ସେଠାରେ ଉପସ୍ଥିତ ରହି ଆଲୋଚନାର ରେକର୍ଡିଂ କରନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଶେଷରେ ମିଡିଆ ବିକ୍ଷୋଭସ୍ଥଳ ଛାଡ଼ି ଚାଲିଯିବ ଓ ବୈଠକ ପରେ ବିକ୍ଷୋଭକାରୀମାନେ ଗଣମାଧ୍ୟମକୁ ନିଷ୍କର୍ଷ ସମ୍ପର୍କରେ ଅବଗତ କରାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ପାଟିତୁଣ୍ଡ ଭିତରେ ଦୁଇ ମଧ୍ୟସ୍ଥ ସେଠାରୁ ଚାଲିଯାଇଛନ୍ତି। ଦୁହେଁ ଗୁରୁବାର ପୁଣି ଶାହିନବାଗ ଯାଇ ବିକ୍ଷୋଭକାରୀଙ୍କ ସହ କଥା ହେବେ ବୋଲି କହିଛନ୍ତି। ସଞ୍ଜୟ ଓ ସାଧନା ସେଠାରୁ ଚାଲିଯିବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ତୃତୀୟ ମଧ୍ୟସ୍ଥ ୱାଜାହତ ହବିବୁଲ୍ଲା ପହଞ୍ଚିଥିଲେ। ଏହାକୁ ଦେଖି ଗଣମାଧ୍ୟମ କର୍ମୀମାନେ ବିସ୍ମିତ ହୋଇଥିଲେ। ପୃଥକ୍ ଭାବେ ଆସିଥିବାରୁ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି ନା ଏହା ଏକ ସୁଚିନ୍ତିତ ରଣନୀତି ବୋଲି ଅନେକେ ଚର୍ଚ୍ଚା କରିଥିଲେ। ଏନେଇ ପୂର୍ବତନ ମୁଖ୍ୟ ସୂଚନା କମିଶନର ହବିବୁଲ୍ଲା କହିଛନ୍ତି, ମଧ୍ୟସ୍ଥ ଟିମ୍‌ରେ ତାଙ୍କୁ ସାମିଲ କରାଯିବା ନେଇ ଆନୁଷ୍ଠାନିକ ଭାବେ ଅବଗତ କରାଯାଇନାହିଁ।

## ‘ଗୁଳି କଲେ ବି ଘୁଞ୍ଚିବୁ ନାହିଁ’

ତୁମେ ଗୁଳି ଚଳାଇଲେ ବି ଆମେ ପଛକୁ ଘୁଞ୍ଚିବୁ ନାହିଁ। ଗୋଟିଏ ଇଞ୍ଚ ତ ଦୂରର କଥା, କେଶାଗ୍ରେ ସ୍ଥାନ ଛାଡ଼ିବୁ ନାହିଁ। ସିଏଏକୁ ନେଇ ସରକାର ଏକ ଇଞ୍ଚ ଘୁଞ୍ଚିବେ ନାହିଁ ବୋଲି ଯଦି ସ୍ୱରାଷ୍ଟ୍ରମନ୍ତ୍ରୀ କହୁଛନ୍ତି ତେବେ ଆମେ ମଧ୍ୟ କେଶ ଅଗ୍ର ସମ ଭୂଇଁରୁ ହଟିବୁ ନାହିଁ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥମାନେ ଆଲୋଚନା ପାଇଁ ଦକ୍ଷିଣ ଦିଲ୍ଲୀର ଶାହିନବାଗରେ ପହଞ୍ଚିଥିବାବେଳେ ସିଏଏ ବିରୋଧୀ ବିକ୍ଷୋଭର ପ୍ରତୀକ ପାଲଟିଥିବା ବିଲ୍‌କିସ୍ ବାନୋ ଏପରି ଚେତାବନୀ ଦେଇଛନ୍ତି।



## ସଞ୍ଜୟ କୋଠାରୀ ହେବେ ସିଭିସି



## ବିମଳ ଜୁଲ୍‌କା ନୂଆ ସିଆଇସି



ନୂଆଦିଲ୍ଲୀ,୧୯।୨(ପି.ଟି.)

ରାଷ୍ଟ୍ରପତିଙ୍କ ସଚିବ ଥିବା ସଞ୍ଜୟ କୋଠାରୀ ଦେଶର ପରବର୍ତ୍ତୀ ମୁଖ୍ୟ ଭିଜିଲାନ୍ସ କମିଶନର (ସିଭିସି) ନିଯୁକ୍ତ ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ନୂଆ ସିଭିସି ଭାବେ କୋଠାରୀଙ୍କୁ ଚୟନ କରିଛି। ସେହିପରି ପୂର୍ବତନ ସୂଚନା ଓ ପ୍ରସାରଣ ସଚିବ ବିମଳ ଜୁଲ୍‌କାଙ୍କୁ ନୂଆ ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ କମିଟି ମନୋନୀତ କରିଛି। ଜୁଲ୍‌କା ଏବେ ସୂଚନା କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ଉଭୟ କୋଠାରୀ ଓ ଜୁଲ୍‌କା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ ଅବସର ଗ୍ରହଣ କରିଛନ୍ତି।

ସରକାରଙ୍କ ନିଷ୍ପତ୍ତିକୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବିରୋଧ କରିଥିବାବେଳେ କମିଟିର ଅନ୍ୟ ସଦସ୍ୟମାନେ ଏହାକୁ ସମର୍ଥନ କରିଛନ୍ତି। ସୁରେଶ ପଟେଲଙ୍କୁ ଭିଜିଲାନ୍ସ କମିଶନର ଏବଂ ଅନୀତା ପାଣ୍ଡୋଭଙ୍କୁ ସୂଚନା କମିଶନର ଭାବେ ନିଯୁକ୍ତି ଦେବା ଲାଗି କମିଟି ସଂଖ୍ୟାଧିକ ମତରେ ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ସେମାନଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ।

## ନୃପେନ୍ଦ୍ର ମିଶ୍ର ରାମମନ୍ଦିର ନିର୍ମାଣ କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୯।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବତନ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ହେବେ ରାମ ଜନ୍ମଭୂମି ଟ୍ରଷ୍ଟର ମନ୍ଦିର ନିର୍ମାଣ କମିଟି ମୁଖ୍ୟ। ବୁଧବାର ସନ୍ଧ୍ୟାରେ ରାମମନ୍ଦିର ଟ୍ରଷ୍ଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କାର୍ଯ୍ୟର ତଦାରଖ କରିବ ଟ୍ରଷ୍ଟ। ବୈଠକରେ ମହନ୍ତ ନୃତ୍ୟଗୋପାଳ ଦାସଙ୍କୁ ରାମ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଓ ଚମ୍ପତ୍ ରାୟଙ୍କୁ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଛି।





### ନୃତ୍ୟଗୋପାଳ ହେଲେ ଟ୍ରଷ୍ଟ ମୁଖ୍ୟ

ଟ୍ରଷ୍ଟ ମୁଖ୍ୟ କେ. ପରାସରନଙ୍କ ଦିଲ୍ଲୀ ବାସଭବନରେ ଏହି ବୈଠକ ବସିଥିଲା।

## ‘ମସ୍‌ଜିଦ ପାଇଁ ବି ଟ୍ରଷ୍ଟ ଗଠନ କରୁ କେନ୍ଦ୍ର’



**ଲକ୍ଷ୍ନୌ,୧୯।୨(ଆଇଏଏନ୍‌ଏସ୍):** କେନ୍ଦ୍ର ସରକାର ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ ଗଠନ କରିଛନ୍ତି। ସେହିପରି ମସ୍‌ଜିଦ ଲାଗି ମଧ୍ୟ ଏକ ଟ୍ରଷ୍ଟ ଗଠନ କରନ୍ତୁ। ମସ୍‌ଜିଦ ନିର୍ମାଣ ପାଇଁ ପାଣ୍ଠି ମଧ୍ୟ ଯୋଗାଇ ଦିଅନ୍ତୁ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଦାବି କରିଛନ୍ତି। ଲକ୍ଷ୍ନୌରେ ଏନ୍‌ସିପିର ରାଜ୍ୟସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତ କରି ପାୱାର ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦଳ ଧର୍ମ ଆଧାରରେ ଲୋକଙ୍କୁ ବିଭାଜନ କରୁଛି। ଯଦି ସରକାର ମନ୍ଦିର ପାଇଁ ଟ୍ରଷ୍ଟ ଗଠନ କରିପାରିଲେ ତେବେ ମସ୍‌ଜିଦ ଲାଗି ପାଣ୍ଠି ଯୋଗାଇ ଆଉ ଏକ ଟ୍ରଷ୍ଟ କାହିଁକି ଗଠନ କରିପାରିବେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ୨ ବିମାନ ଧକ୍କା: ୪ ମୃତ

**ମେଲ୍‌ବୋର୍ନ,୧୯।୨:** ଅଷ୍ଟ୍ରେଲିଆ ଆକାଶରେ ବୁଧବାର ଦୁଇଟି ହାଲୁକା ବିମାନ ମଧ୍ୟରେ ଧକ୍କା ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ବିମାନ ଦୁଇଟିର ଭଗ୍ନାବଶେଷ ମେଲବୋର୍ନର ଗ୍ରାମାଞ୍ଚଳରେ ବିକ୍ଷିପ୍ତ ଭାବେ ପଡ଼ିଥିଲା। ପ୍ରତି ବିମାନରେ ଜଣେ ପାଇଲଟ ଓ ଜଣେ ଯାତ୍ରୀ ଥିଲେ। ୪୦୦୦ ଫୁଟ୍ ଉଚ୍ଚରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି।

ଇତିହାସର ଆଇନାରେ

### ଫେବୃୟାରୀ ୨୦ର ପ୍ରମୁଖ ଘଟଣା

୧୯୨୦ ଫେବୃୟାରୀ ୨୦ରେ ଜର୍ଜିଆରେ ଭୂକମ୍ପ ହେବାରୁ ଏଥିରେ ୧୨୦ ବ୍ୟକ୍ତି ପ୍ରାଣ ହରାଇଥିଲେ। ପ୍ରାୟ ୫୦୦ ଲୋକ ଆହତ ହୋଇଥିବାବେଳେ ଅନେକ ଘର ଭାଙ୍ଗିଯାଇଥିଲା। ଗୋରି ସହର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୨ ଥିଲା।

୧୯୭୯ ଫେବୃୟାରୀ ୨୦ରେ ଇଣ୍ଡୋନେସିଆର କେନ୍ଦ୍ରୀୟ ଜାଭାରେ ଭୂକମ୍ପରୁ ଅଗ୍ନି ଉଦ୍‌ଗୀରଣ ହାଇ ବିଷାକ୍ତ ଗ୍ୟାସ ବାହାରିବାରୁ ୧୫୦ ଲୋକଙ୍କ ପ୍ରାଣହାନି ଘଟିଥିଲା।

## ଶାହାଙ୍କୁ ଭେଟିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୯।୨ (ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ପ୍ରଥମ ଥର ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ୨୦ ମିନିଟ୍ ଆଲୋଚନା କରିଛନ୍ତି। ଶାହାଙ୍କ ବାସଭବନରେ ଉଭୟେ ଦିଲ୍ଲୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ କଥା ହୋଇଥିଲେ। ଦିଲ୍ଲୀର ବିକାଶ ପାଇଁ ଏକାଠି କାର୍ଯ୍ୟ କରିବାକୁ ସେମାନେ ରାଜି ହୋଇଥିବା କେଜ୍‌ରିୱାଲ ଟୁଇଟ୍ କରିଛନ୍ତି।

ଅନ୍ୟପକ୍ଷରେ କେଜ୍‌ରିୱାଲ ବୁଧବାର ତାଙ୍କ କ୍ୟାବିନେଟ ସହକର୍ମୀମାନଙ୍କ ସହ ଏକ ବୈଠକରେ ଜନସାଧାରଣଙ୍କୁ ଦିଆଯାଇଥିବା ୧୦ ଗ୍ୟାରେଣ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଏହାର କାର୍ଯ୍ୟକାରିତା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ସେ ମନ୍ତ୍ରୀ ଓ ଅଫିସରମାନଙ୍କୁ କହିଥିଲେ।



## ୩ ହିଜ୍‌ବୁଲ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୯।୨(ପି.ଟି.):** ଜମ୍ମୁ-କଶ୍ମୀରର କୁଲ୍‌ଗାମା ଜିଲା ଅନ୍ତର୍ଗତ ତ୍ରାଲ୍ ସେକ୍ଟରରେ ଜଣେ ହିଜ୍‌ବୁଲ କମାଣ୍ଡରଙ୍କ ସମେତ ୩ ଆତଙ୍କବାଦୀ ବୁଧବାର ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ମଙ୍ଗଳବାର ରାତିରୁ ଏହି ଅଞ୍ଚଳରେ ଆତଙ୍କବାଦୀମାନେ ଥିବା ଖବର ପାଇ ସୁରକ୍ଷାକର୍ମୀ କର୍ଡନ କରି ସର୍ଚ୍ଚ ଅପରେଶନ ଜୋର୍‌ଦାର କରିଥିଲେ। ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିମାଡ଼ କରାଯିବା ପରେ ସୁରକ୍ଷାକର୍ମୀମାନେ ଏହାର ଜବାବ୍ ଦେଇଥିଲେ। ଡିଜିପି ଦିଲ୍‌ବାଗ ସିଂ ଏନେଇ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ନିହତ ୩ ଆତଙ୍କବାଦୀମାନେ ହେଲେ ଆତ୍ମଘୋଷିତ କମାଣ୍ଡର ଜେହାଙ୍ଗିର ଅହମଦ ୱାନି, ରାଜା ଉମର ମକ୍‌ବୁଲ ଓ ସଦାତ୍ ଅହମଦ ଠୋକର୍। ଏନ୍‌କାଉଣ୍ଟର ସ୍ଥାନରୁ ୨ ଏକେ ରାଇଫଲ୍ସ, ପିସ୍ତଲ୍, ୨ ଗ୍ରେନେଡ୍ ଆଦି ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଗତ ମାସରୁ ଏପର୍ଯ୍ୟନ୍ତ ୨୩ ଆତଙ୍କବାଦୀ ନିହତ ହୋଇଥିବା ସେ କହିଛନ୍ତି।

## ସିଏଏ ହିଂସାକୁ ନେଇ ଯୋଗୀଙ୍କ ବିବାଦୀୟ ମନ୍ତବ୍ୟ

**ଲକ୍ଷ୍ନୌ,୧୯।୨:** ଉତ୍ତରପ୍ରଦେଶରେ ଗତ ଡିସେମ୍ବର ମାସରେ ସିଏଏ ବିରୋଧୀ ହିଂସାରେ ପ୍ରାୟ ୨୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ବୁଧବାର ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର ଏ ସମ୍ପର୍କିତ ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି। ଯଦି କେହି ମରିବା ଉଦ୍ଦେଶ୍ୟ ନେଇ ରାସ୍ତାକୁ ଓହ୍ଲାଏ ତେବେ ତାଙ୍କୁ କିପରି ଜୀବିତ ରଖାଯାଇପାରିବ ବୋଲି ଆଦିତ୍ୟନାଥ କହିଥିଲେ। କୌଣସି ବିକ୍ଷୋଭକାରୀ ପୋଲିସ ଗୁଳିରେ ମରିନାହାନ୍ତି। ଯେଉଁମାନେ ମରିଛନ୍ତି, ସେମାନେ ଦଙ୍ଗାକାରୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି ବୋଲି ୟୁପି ମୁଖ୍ୟମନ୍ତ୍ରୀ ଗୃହରେ କହିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ଆଦିତ୍ୟନାଥ ସମାଲୋଚନା କରିଥିଲେ।



## ୨୨ତମ ନ୍ୟାୟିକ ଆୟୋଗକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୯।୨(ପି.ଟି.):** ୨୨ତମ ନ୍ୟାୟିକ ଆୟୋଗ (ଲ କମିଶନ) ଗଠନ ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ଆୟୋଗ ସରକାରଙ୍କୁ ଜଟିଳ ନ୍ୟାୟିକ ପ୍ରସଙ୍ଗରେ ପରାମର୍ଶ ଦେବ। ପୂର୍ବ ନ୍ୟାୟିକ ଆୟୋଗଙ୍କ କାର୍ଯ୍ୟକାଳ ଗତବର୍ଷ ଅଗଷ୍ଟରେ ଶେଷ ହୋଇଥିଲା। ନୂଆ ଗଠନ ନେଇ ଆଇନ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିବ।

## ‘ହୁନର ହାଟ’ରେ ମୋଦି

ନୂଆଦିଲ୍ଲୀ,୧୯।୨(ପି.ଟି.)

ନୂଆଦିଲ୍ଲୀର ରାଜପଥରେ ଚାଲିଥିବା ‘ହୁନର ହାଟ’ରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଚାନକ ପହଞ୍ଚି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେଠାରେ ସେ କାରିଗରମାନଙ୍କ ସହ ଭାବ ବିନିମୟ କରିବା ସହ ଲିଟି-ଚୋଖା ଏବଂ ମାଟିପାତ୍ରରେ ଚା’ର ମଜା ନେଇଥିଲେ। କ୍ୟାବିନେଟ ବୈଠକ ଶେଷ

### ଅଚାନକ ଯାଇ ଲିଚ୍ଛି-ଚୋଖାର ମଜା ନେଲେ

ହେବା ପରେ ମୋଦି ସିଧା ହୁନର ହାଟକୁ ଚାଲିଥିଲେ। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ହାଟ ଆୟୋଜନ କରାଯାଇଛି। ମୋଦିଙ୍କୁ ହଠାତ୍ ଦେଖି ମନ୍ତ୍ରଣାଳୟର ଅଧିକାରୀମାନେ ହଡବଡେଇ ଯାଇଥିଲେ। ପ୍ରଧାନମନ୍ତ୍ରୀ ସେଠାରେ ଲିଚ୍ଛି ଚୋଖା ଖାଇ ୧୨୦ ଟଙ୍କା ଦେଇଥିଲେ। ପରେ ସେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଆବ୍ବାସ ନକ୍‌ଭିଙ୍କ ସହ ମାଟିପାତ୍ରରେ ଚା’ ପିଇଥିଲେ ଓ ୪୦ ଟଙ୍କା ଦେଇଥିଲେ।





## ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତରୁ ୧୧

ଲଣ୍ଡନ,୧୯।୨(ପି.ଟି.)

ବିଶ୍ୱର ବିକାଶଶୀଳ ଅର୍ଥନୀତି ମଧ୍ୟରୁ ବଛାଯାଇଥିବା ୧୦୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତରୁ ୧୧ଟି ସ୍ଥାନ ପାଇଛି। ଟାଇମ୍ସ ହାୟର ଏଜୁକେଶନ୍ସ ଇମର୍ଜିଂ ଇକୋନୋମିକ୍ସ ୟୁନିଭର୍ସିଟି ର୍ୟାଙ୍କିଂ ୨୦୨୦ରୁ ଏହା ଜଣାପଡ଼ିଛି। ମୋଟ ୪୭ଟି ଦେଶର ୫୩୩ ବିଶ୍ୱବିଦ୍ୟାଳୟକୁ ନେଇ ଏହି ସର୍ଭେ କରାଯାଇଥିବାବେଳେ ସେଥିରେ ଭାରତରୁ ୫୬ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଥିଲା। ଶ୍ରେଷ୍ଠ ବିବେଚିତ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚାଇନାରୁ ସର୍ବାଧିକ ୩୦ଟି ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଭାରତ ରହିଛି। ଏହି ତାଲିକାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍ସ (ଆଇଆଇଏସ୍‌ସି) ୧୬ତମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ରହିଛି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି)। ଭାରତୀୟ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଦେଖାଇଛନ୍ତି। ଭାରତ ସରକାର ୨୦୧୭ରେ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ ଏମିନେନ୍ସ ପ୍ରତିଷ୍ଠା କରିଥିଲେ। ଏଥିରେ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟ ଅମୃତ ବିଶ୍ୱ ବିଦ୍ୟାପୀଠମ୍ ପ୍ରଥମ ଥର ପାଇଁ ଶ୍ରେଷ୍ଠ ୧୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଖଡ଼ଗପୁର ୨୩ ସ୍ଥାନ ଉପରକୁ ଉଠି ୩୨ତମ ସ୍ଥାନରେ ପହଞ୍ଚିଥିବାବେଳେ ଆଇଆଇଟି ଦିଲ୍ଲୀ ୩୮ତମ, ଆଇଆଇଟି ମାଡ୍ରାସ ୬୩ତମ ସ୍ଥାନରେ ରହିଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି ରୋପଡ୍ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ କେମିକାଲ ଟେକ୍‌ନୋଲୋଜି ପ୍ରଥମ ଥର ଏହି ର୍ୟାଙ୍କିଙ୍ଗରେ ପ୍ରବେଶ କରି ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇଛନ୍ତି।

## ବାଣିଜ୍ୟ, ପ୍ରତିରକ୍ଷାକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୯।୨(ପି.ଟି.):** ଆସନ୍ତା ୨୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସସ୍ତ୍ରୀକ ଭାରତ ଗସ୍ତରେ ଆସୁଛନ୍ତି। ଏଥିଲାଗି ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୫ତାରିଖରେ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହେବ। ଏଥିରେ ବାଣିଜ୍ୟ ଓ ପ୍ରତିରକ୍ଷା ସମ୍ବନ୍ଧୀୟ ଚର୍ଚ୍ଚା କରାଯିବ ବୋଲି ଜଣାପଡ଼ିଛି। ଦୀର୍ଘମିଆଦୀ ବାଣିଜ୍ୟିକ ଚୁକ୍ତି ନେଇ ଆଲୋଚନା କରାଯିବା ପରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଏଥିସହ କେତେ ପ୍ରତିରକ୍ଷା ଚୁକ୍ତି ଦୁଇ ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତିରେ କରାଯିବ। ତୈଳ, ଗ୍ୟାସ, ଆତଙ୍କବାଦ, ବିଶ୍ୱ ସମ୍ମୁଖୀନ ହେଉଥିବା ସାଂପ୍ରତିକ ସମସ୍ୟା ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଆଲୋଚନା କରାଯିବାର ସମ୍ଭାବନା ରହିଛି। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଅହମଦାବାଦ ମ୍ୟୁନିସପାଲ କର୍ପୋରେଶନ ପକ୍ଷରୁ ବସ୍ତିରେ ରହୁଥିବା ୪୫ ପରିବାରକୁ ୭ ଦିନ ମଧ୍ୟରେ ଘର ଖାଲି କରିବାକୁ ନୋଟିସ ଦିଆଯାଇଛି। ଏହି ଦେବ୍ ଶରନ୍ ବସ୍ତି ମୋଟେରୋ ଷ୍ଟାଡିୟମ୍‌କୁ ଲାଗିକରି ରହିଛି। ୨୪ରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ ମୋଟେରୋ ଷ୍ଟାଡିୟମ୍‌ରୁ ବାହାରି ଏହି ବସ୍ତି ଦେଇ ରୋଡ୍ ଶୋ’ରେ ଯିବେ। ବ୍ୟାପକ ପ୍ରସ୍ତୁତିକୁ କଂଗ୍ରେସ ନେତା ଅଧୀର ରଞ୍ଜନ ସମାଲୋଚନା କରିଛନ୍ତି। ଟ୍ରମ୍ପ କ’ଣ ଭଗବାନ ଯେ ୭୦ ଲକ୍ଷ ଲୋକ ତାଙ୍କୁ ସ୍ୱାଗତ କରିବେ ବୋଲି ଅଧୀର ପ୍ରଶ୍ନ କରିଛନ୍ତି।

- ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ୪୫ ପରିବାରକୁ ନୋଟିସ
- ଟ୍ରମ୍ପ କ’ଣ ଭଗବାନ: ଅଧୀର ରଞ୍ଜନ

### ୨୫ରେ ମୋଦି- ଟ୍ରମ୍ପ ଆଲୋଚନା





ଅହମଦାବାଦରେ ‘ନମସ୍ତେ ଟ୍ରମ୍ପ’ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଶ୍ରମିକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ଏକ ହୋର୍ଡିଂ ଲଗାଉଛନ୍ତି।

# ୩ ଦିନ ରିମାଣ୍ଡରେ ଗଲେ ଅନୁପ

## କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା



କୋର୍ଟ ପରିସରରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଓ ଅନୁପ ସାଏ।

- ବର୍ଦ୍ଧନ ଟପ୍ପୋଙ୍କୁ ଗୋଟିଏ ଦିନ ରିମାଣ୍ଡ
- ଆଜି ହେବ ନାର୍କୋ ଓ ଡିଏନ୍‌ଏ ଟେଷ୍ଟ ପାଇଁ ଆବେଦନ

ଝାରସୁଗୁଡା ଅଫିସ,୧୯।୨

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଛତିଶଗଡ ଚକ୍ରଧରନଗର ପୋଲିସ ତନାଘନା ଚଳାଇଛି। ଗିରଫ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ରାୟଗଡ ଏସଡିଜେଏମଙ୍କ କୋର୍ଟରେ ମଙ୍ଗଳବାର ଆବେଦନ କରିଥିଲା। କୋର୍ଟ ଆବେଦନକୁ ବିଚାର କରି ଦିନକ ପାଇଁ ରାୟ ସ୍ଥଗିତ ରଖିଥିଲେ । ତେବେ ବୁଧବାର ଅପରାହ୍ନ ପ୍ରାୟ ୫ଟା ୧୫ ମିନିଟ୍‌ରେ ଚକ୍ରଧରନଗର ପୋଲିସ ଉଭୟଙ୍କୁ କୋର୍ଟରେ ହାଜର କରିବା ସହ ଉଭୟଙ୍କୁ ୭ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ପୋଲିସର ଆବେଦନ ଓ ମାମଲାକୁ ଅନୁଧ୍ୟାନ କରି କୋର୍ଟ ଅନୁପଙ୍କୁ ତିନି ଦିନ ଏବଂ ବର୍ଦ୍ଧନଙ୍କୁ ଦିନକ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି । ସେହିପରି ଅନୁପଙ୍କ ନାର୍କୋ ଓ ଡିଏନଏ ଟେଷ୍ଟ କରିବା ନେଇ ପୋଲିସ ପକ୍ଷରୁ ଗୁରୁବାର କୋର୍ଟରେ ଆବେଦନ କରାଯିବ। କୋର୍ଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ଅନୁପ ଦର୍ଶାଇଛନ୍ତି ବୋଲି ସରକାରୀ ଓକିଲ ବେଦପ୍ରକାଶ ପଟେଲ କହିଛନ୍ତି। ଅନ୍ୟପକ୍ଷେ ଏହି ହତ୍ୟା ଘଟଣାରେ ଅନୁପଙ୍କ ଇନୋଭା ଗାଡି ବ୍ୟବହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବୁଧବାର ଉକ୍ତ ଗାଡିକୁ ଚକ୍ରଧରନଗର ଥାନାରେ ହାଜର କରାଯାଇଥିବା ଜଣାପଡିଛି।

ଉଲ୍ଲେଖନୀୟ, ପୋଲିସ ଅନୁପ ଓ ବର୍ଦ୍ଧନଙ୍କୁ ଗିରଫ କରି ପଚରାଉଚୁରା ବେଳେ ସେମାନେ ନିଜ ଦୋଷ କରିଥିବା ସ୍ୱୀକାର କରିଥିଲେ। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ର ଓ ଗାଡି ଏଯାଏ ଜବତ ହୋଇପାରିନାହିଁ। ପୂର୍ବରୁ ଉଭୟଙ୍କୁ ପଚରାଉଚୁରା ବେଳେ ଭିନ୍ନ ଭିନ୍ନ ତଥ୍ୟ ସାମ୍ନାକୁ ଆସିଥିଲା । ଅଧିକାଂଶ ସମୟରେ ଦୁଇ ଅଭିଯୁକ୍ତ ପୋଲିସକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ । ସେଥିପାଇଁ ଦୁଇ ଜଣଙ୍କୁ ରିମାଣ୍ଡରେ ଆଣି ସାମ୍ନାସାମ୍ନି ବସାଇ ଜେରା କରିବାକୁ ପୋଲିସ ଯୋଜନା ରଖିଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀକୁ କୋର୍ଟ ଜିମା ଦେଇ ପ୍ରମାଣ କରିବା ଏବଂ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଅଧିକ ପଚରାଉଚୁରା ପାଇଁ ରିମାଣ୍ଡ ଆବେଦନ କରିଥିବା କୁହାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୬ ମସିହା ମେ ୬ ତାରିଖରେ ହୋଇଥିବା ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦର୍ଶାଇ ରାୟଗଡ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଗତ ୧୨ ତାରିଖରେ ବ୍ରଜରାଜନଗରରୁ ଉଠାଇ ନେଇଥିଲା। ସେଠାରେ ପଚରାଉଚୁରା ବେଳେ ସେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଏବଂ ତାଙ୍କୁ ଏଥିରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ସହଯୋଗ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଗତ ୧୪ ତାରିଖ ରାତିରେ ବର୍ଦ୍ଧନଙ୍କୁ ତାଙ୍କ ଘରୁ ନେଇଯାଇଥିଲା । ଏହାପରେ ବର୍ଦ୍ଧନ ପୋଲିସ ଆଗରେ ଦୋଷ ସ୍ୱୀକାର କରି ଡେମୋ ଦେଖାଇବାକୁ ରାଜି ହୋଇଥିଲେ। ୧୬ ତାରିଖରେ ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ପକ୍ଷରୁ ମଣିଷ ସଦୃଶ ଦୁଇଟି ପୁତୁଳା ପକାଯାଇଥିଲା। ସେଠାରେ ଡ୍ରାଇଭର ବର୍ଦ୍ଧନ ପୋଲିସକୁ ସୂଚନା ଦେଇ କହିଥିଲେ, କଳ୍ପନା ଓ ବବଲିଙ୍କୁ ହତ୍ୟା କରିବା ପରେ ଗୋଟିଏ ନୁହେଁ ଦୁଇଟି ଗାଡି ସେମାନଙ୍କ ଉପରେ ଚଢ଼ାଯାଇଥିଲା। ପ୍ରଥମେ ଏକ ବୋଲେରୋ ଓ ପରେ ଏକ ଇନୋଭା ଗାଡି ଚଢ଼ାଯାଇଥିଲା ବୋଲି କହିବା ସହିତ ଏହାର ଡେମୋ ମଧ୍ୟ କରି ସେ ଦେଖାଇଥିଲେ। ଏହାପରେ ଅନୁପ ଓ ବର୍ଦ୍ଧନଙ୍କ ବ୍ୟତୀତ ଏକାଧିକ ଲୋକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା ପୋଲିସ। ପରେ ପୋଲିସ ଏହାକୁ ଗୁରୁତ୍ୱ ଦେଇ ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚୁରା କରିବା ପାଇଁ ପଦକ୍ଷେପ ନେଇଥିଲା।




# ତଦନ୍ତ ପରେ ଫେରିଲା ଛତିଶଗଡ଼ ପୋଲିସ

## ଆବଶ୍ୟକ ପଡ଼ିଲେ ଅନୁପଙ୍କୁ ଓଡ଼ିଶା ନିଆଯିବ: ରାୟଗଡ଼ ଏସ୍‌ପି

ଭୁବନେଶ୍ୱର,୧୯।୨(ବ୍ୟୁରେ)

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଭୁବନେଶ୍ୱରରେ ୩ଦିନ ଧରି ତଦନ୍ତ ଚଳାଇଥିଲା ଛତିଶଗଡ଼ ପୋଲିସ। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ଛତିଶଗଡ଼ ପୋଲିସ ବୁଧବାର ଫେରିଯାଇଛି। ଏହି ଡବଲ ମର୍ଡର ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଗାଡ଼ିଚାଳକ ବର୍ଦ୍ଧନ ଟପ୍ପୋଙ୍କୁ ଗିରଫ କରାଯାଇଛି। ଅନୁପ ଓ ବର୍ଦ୍ଧନଙ୍କୁ ଯଥାକ୍ରମ ୩ଦିନ ଓ ଦିନକ ପାଇଁ ରିମାଣ୍ଡରେ ନେବାକୁ ଛତିଶଗଡ଼ ପୋଲିସକୁ କୋର୍ଟ ଅନୁମତି ଦେଇଛନ୍ତି। ହତ୍ୟାକାଣ୍ଡରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଥିବା ନେଇ ତଦନ୍ତ ଚାଲିଛି। ଆବଶ୍ୟକ ପଡ଼ିଲେ ମୁଖ୍ୟ ଅଭିଯୁକ୍ତ ଅନୁପଙ୍କୁ ଓଡ଼ିଶା ନିଆଯିବ ବୋଲି ଛତିଶଗଡ଼ର ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ପି ସିଂଙ୍କ ସହ ମୋବାଇଲ ଫୋନରେ କଥାବାର୍ତ୍ତାବେଳେ ସେ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ରିମାଣ୍ଡ ସମୟରେ ଜେରା କରାଯାଇ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ଼, ଗାଡ଼ି ଓ ଅନ୍ୟମାନଙ୍କ ସମ୍ପୃକ୍ତି ବିଷୟରେ ତଥ୍ୟପ୍ରମାଣ ଯୋଗାଡ଼ କରାଯିବ। ଦରକାର ପଡ଼ିଲେ ଅନୁପଙ୍କୁ ଭୁବନେଶ୍ୱର, ବ୍ରଜରାଜନଗର ଓ ଘଟଣାସ୍ଥଳ(ଛତିଶଗଡ଼ ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ)କୁ ନିଆଯିବ ବୋଲି ଏସ୍‌ପି ସିଂ କହିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋର ମାଲିକାନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ୨୦୧୫ରେ ମାଲିକାନା ପରିବର୍ତ୍ତନ ସମ୍ପର୍କିତ ତଥ୍ୟ ଭୁବନେଶ୍ୱର ଆରଟିଓ-୧କୁ ମାଗିଛି ଛତିଶଗଡ଼ ପୋଲିସ। ଅନୁରୂପ ଭାବେ ବବ୍‌ଲି ପଢୁଥିବା ସ୍କୁଲକୁ ଯାଇ ପୋଲିସ ତଦନ୍ତ କରିଥିଲା। ସ୍କୁଲରେ ବବ୍‌ଲିଙ୍କ ଉପସ୍ଥାନ ଓ ଅନ୍ୟ କେତେକ ତଥ୍ୟ ପୋଲିସ ସଂଗ୍ରହ କରିନେଇଥିବା ଜଣାପଡ଼ିଛି। ସେହିପରି ଅନୁପ ଓ କଳ୍ପନା ଏକାଠି ବିମାନ ଯାତ୍ରା କରିବା ସମ୍ପର୍କିତ ତଥ୍ୟ ପୋଲିସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ମାଗିବା ସହ ସୁନ୍ଦରପଦା ଫ୍ଲାଟ୍ କିଣାବିକା ତଥ୍ୟ ମଧ୍ୟ ସଂଗ୍ରହ କରିଛି।

### ପରିବାର ଲୋକେ ମାନସିକ ନିର୍ଯାତନା ଭୋଗୁଛନ୍ତି

ଅନୁପଙ୍କ ନାମରେ ମିଥ୍ୟା ଓ ଅତିରଞ୍ଜିତ ଖବର ପ୍ରସାରିତ ହେଉଥିବା ନେଇ ଅଭିଯୋଗ କରିଛନ୍ତି ତାଙ୍କ ବଡ଼ଭାଇ ପ୍ରମୋଦ କୁମାର ସାଏ। ଏହାଦ୍ୱାରା ସମ୍ପୂର୍ଣ୍ଣ ପରିବାର ମାନସିକ ଯନ୍ତ୍ରଣା ଭୋଗିବା ସହ ଭୟଭୀତ ହୋଇ ରହିଥିବା ନେଇ ସେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅତିରଞ୍ଜିତ ଖବର ପରିବେଷଣ ନ କରିବାକୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରେସ କାଉନସିଲ୍ ଅଫ୍ ଇଣ୍ଡିଆ, ଓଏଚ୍‌ଆର୍‌ସି, ଝାରସୁଗୁଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଚିଠିଲେଖି ନିବେଦନ କରିଛନ୍ତି।




# ପିଏମ୍‌ଏୱାଇ-ବିପିଜିଏୱାଇ ଝଗଡ଼ା




- ଲୋଗୋକୁ ନେଇ ବିଜେଡି-ଭାଜପା ଟଣାଓଟରା
- ହିତାଧିକାରୀଙ୍କ ଘର ଦୁଆରେ ଲାଗିବ କେନ୍ଦ୍ର, ରାଜ୍ୟର ଲୋଗୋ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି) ପାଇଁ କେନ୍ଦ୍ର ସରକାର ପଇସା ଦେଉଛନ୍ତି। ସେହି ଘର ଆଗରେ ବିଜୁ ବାବୁଙ୍କ ଲୋଗୋ କାହିଁକି ଲଗାଯିବ। ଏହାକୁ ନେଇ ଭାଜପା ଘୋର ଆପତ୍ତି ଉଠାଇଛି। ଏ ପ୍ରସଙ୍ଗରେ ବୁଧବାର ମୁଲତବୀ ପ୍ରସ୍ତାବ ଆଣି ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି ଭାଜପା। ଭାଜପାର ଅଭିଯୋଗ ହେଉଛି ପିଏମଏୱାଇ କେନ୍ଦ୍ର ସରକାରଙ୍କ ଯୋଜନା। ଏଥିପାଇଁ କେନ୍ଦ୍ର ରାଜ୍ୟ ସରକାରଙ୍କୁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି। ସେଥିରେ ବିଜୁବାବୁଙ୍କ ଲୋଗୋ କାହିଁକି ଲାଗିବ। ସରକାର ପ୍ରଥମ ପର୍ଯ୍ୟାୟରେ ପିଏମଏୱାଇ ଘର ଆଗରେ ୧୩ ହଜାର ୧୩୧ ଟି ଲୋଗୋ ଲଗାଇବାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ଚିଠି କରାଯାଇଛି। ଯାହାକୁ ଭାଜପା ବିରୋଧ କରୁଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏହାର ଜବାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଘର ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ଘର କବାଟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋଗୋ ରହିବ। ଯେଉଁ ହିତାଧିକାରୀ ପିଏମ୍‌ଏୱାଇ ଘର ପାଇବେ ସେମାନଙ୍କ କବାଟରେ ଉଭୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ଲୋଗୋ ଲଗାଯିବ। ଏହାର ସମ୍ପୂର୍ଣ୍ଣ ଯଥାର୍ଥତା ରହିଛି। ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କାଘର ଯୋଜନାକୁ ମିଶାଇ ଏଥର ବଜେଟ କରାଯାଇଛି। ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବାଂଲା ଆବାସ ଯୋଜନା କରାଯାଇଥିବା ବେଳେ ହିତାଧିକାରୀଙ୍କ ଦୁଆରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଫଟୋ ଲଗାଯାଉଛି। ସିକିମ୍‌ରେ ମଧ୍ୟ ହିତାଧିକାରୀଙ୍କ ଘର ଆଗରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ସେହିପରି ତାମିଲନାଡୁରେ ମଧ୍ୟ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ୬୦ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ଦେଉଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ସରକାରୀ ଖର୍ଚ୍ଚ ଆହୁରି ୧୦ପ୍ରତିଶତ ଅଧିକ ଲାଗୁଛି। ସେହିପରି ଯେଉଁ ହିତାଧିକାରୀ ୪ ମାସରେ ଘର କାମ ଶେଷ କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ୨୦ହଜାର ଟଙ୍କା ବୋନସ ଆକାରରେ ପ୍ରଦାନ କରୁଛନ୍ତି। ଏହାସହ ୬ ମାସରେ ଘର କାମ ସମ୍ପୂର୍ଣ୍ଣ କରିଦେଉଥିବା ହିତାଧିକାରୀଙ୍କୁ ବୋନସ ଆକାରରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ୬୩୮ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିସାରିଲେଣି। ଏ ସମସ୍ତ ଖର୍ଚ୍ଚର ଅନୁପାତ ମିଶାଇଲେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୬ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବା ମନ୍ତ୍ରୀ କହିଛନ୍ତି।

ଏନ୍‌ଡିଏ ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଇନ୍ଦିରା ଆବାସ ଯୋଜନା ନାମ ବଦଳାଯାଇ ପ୍ରଧାନମନ୍ତ୍ରୀ ଆବାସ କରାଯାଇଛି। ଏକ ନୂଆ ସରକାର ଶାସନ କ୍ଷମତାକୁ ଆସିଲେ ରାଜ୍ୟବାସୀ କିଛି ଉପକାର ପାଇବେ ବୋଲି ଆଶା ଥିଲା। ମାତ୍ର ଏ ସରକାର ଶାସନ କ୍ଷମତାକୁ ଆସିବାପରେ ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ କେନ୍ଦ୍ର ୭୫ପ୍ରତିଶତ ଅର୍ଥ ଦେଉଥିବା ବେଳେ ଏନଡିଏ ସରକାର ତାହାକୁ ୬୦ପ୍ରତିଶତକୁ ଖସାଇ ଦେଲେ। ରାଜ୍ୟ ମୁଣ୍ଡରେ ଅଧିକ ବୋଝ ଲଦିଦେଲେ। ନିୟମାନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାକୁ ଯେଉଁ ହିତାଧିକାରୀ ସକ୍ଷମ ନ ହେବେ ତାଙ୍କୁ ପକ୍କାଘର ଯୋଗାଇ ଦେବାକୁ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନା ଆଣିଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୩ଲକ୍ଷ ୬୦ ହଜାର ବିଜୁ ପକ୍କାଘର ଦେଇଛନ୍ତି। ରାଜ୍ୟରେ ସର୍ବମୋଟ ୨୫ଲକ୍ଷ ହିତାଧିକାରୀ ପକ୍କାଘର ପାଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦ୍ୟାଶା
ପରିବାରବର୍ଗ


ଅର୍ପିତା (ସୋନା)
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିକ୍ଷକଙ୍କୁ ୪ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୧୯।୨**

ଏକ ସ୍କୁଲ ଘର ନିର୍ମାଣ କାମରେ ଅର୍ଥ ତୋଷାରପାତ ମାମଲାର ବିଚାର କରି ଫୁଲବାଣୀ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ସତ୍ୟପୀର ମିଶ୍ର ଅଭିଯୁକ୍ତ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରି୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଶିକ୍ଷକ ହେଲେ ମନୋଜ ବେହେରା।

ମାମଲାର ବିବରଣୀ ଅନୁଯାୟୀ, ୨୦୧୨-୧୩ ଆର୍ଥିକ ବର୍ଷରେ ଫୁଲବାଣୀ ବ୍ଲକ ବେଲପଦର ନୂତନ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ୨୭ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୭ ଲକ୍ଷ ୫୦ ହଜାର ଟଙ୍କା ବିଦ୍ୟାଳୟ ଆକାଉଣ୍ଟକୁ ଆସିଥିଲା । ମନୋଜ ଏହି ଟଙ୍କା ଉଠାଇ କାମ କରିଥିଲେ। ହେଲେ ସେ ଟଙ୍କା ଆତ୍ମସାତ୍ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ବେହେରା ଘଟଣା ସମ୍ପର୍କରେ ଏତଲା କରିବା ପରେ ନଂ.୪୨/୧୫ରେ ମାମଲା ରୁଜୁ ହୋଇଥିଲା । ଇନ୍ସପେକ୍ଟର ପୁଲସ୍ତି ଛତ୍ରିଆଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ତଦନ୍ତ ବେଳେ ୩ ଲକ୍ଷ ୫୨ ହଜାର ୪୬୦ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଥିଲା। ଏହାପରେ ମନୋଜ ଆତ୍ମସାତ କରିଥିବା ଅର୍ଥକୁ ମିଶାଇ ଅଧିକ ଟଙ୍କାର କାମ କରି ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ।

## ପ୍ରଥମ ପୃଷ୍ଠାରୁ...

### ପ୍ରତି ଜିଲାରେ ଖୋଲିବ...

ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭାନ ହୋଇଯାଇଛି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ନୃସିଂହ ଚରଣ ସାହୁ ଓ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ ସମାନ ପ୍ରଶ୍ନ ପଚାରିଥିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉତ୍ତର ଦେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୃସିଂହ କହିଥିଲେ, ମଣ୍ଡିଗୁଡ଼ିକ ଦୂର ଜାଗାରେ ହୋଇଥିବାରୁ ଚାଷୀମାନଙ୍କୁ ଧାନନେବାକୁ କଷ୍ଟ ହେଉଛି। ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ଖୋଲିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଚାଷୀଙ୍କଠାରୁ ନିଆଯାଉଥିବା ଧାନରୁ କାଟ କରାଯିବା ନେଇ ସେ ମନ୍ତ୍ରୀଙ୍କୁ ଘେରିଥିଲେ। ସେ ଅଭିଯୋଗ କରିଥିଲେ ଯେ, ମିଲ ମାଲିକ ବିଭାଗୀୟ ବଡ଼ ଅଫିସରଙ୍କୁ ମାସିକ ୨ ଲକ୍ଷ ଟଙ୍କା ଦେଉଛନ୍ତି। ସେଥିପାଇଁ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୭ରୁ ୧୦ କିଲୋ ପର୍ଯ୍ୟନ୍ତ ଧାନକୁ ନିମ୍ନମାନର ଦର୍ଶାଇ କାଟିଦିଆଯାଉଛି। ଦରକାର ପଡ଼ିଲେ ମୁଁ ଏହାର ପ୍ରମାଣ ଦେଇପାରିବି। ସରକାର ୫-ଟି ମାଧ୍ୟମରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ସବୁ ଚାଷୀଙ୍କ ପାଖରୁ ଧାନ କିଣିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ବିଜେଡି ସଭ୍ୟ ରୋହିତ ପୂଜାରୀ, ଭୂପିନ୍ଦର ସିଂ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଧାନ କିଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଯେଉଁ ଚାଷୀ ଟୋକନ ପାଉନାହାନ୍ତି ସେମାନେ ଧାନ ବିକ୍ରି କରିପାରୁନାହାନ୍ତି। ଧାନ ଦୀର୍ଘଦିନ ଧରି ମଣ୍ଡି ନିକଟରେ ପଡ଼ିରହୁଛି।

ମନ୍ତ୍ରୀ କହିଥିଲେ ଯେ, ଗତବର୍ଷ ୧୨ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତବର୍ଷ ୧୨ ଲକ୍ଷ ୩୫ହଜାର ୧୦୩ଜଣ ଚାଷୀଙ୍କୁ ପଞ୍ଜୀକୃତ କରାଯାଇଛି। ଆହୁରି ଏକମାସ ଦଶଦିନ ସମୟ ବାକି ଅଛି। ସମସ୍ତଙ୍କଠାରୁ ଧାନ କିଣାଯିବ। ଜିଲାସ୍ତରରେ ଧାନକିଣା କମିଟି ରହିଛି। ବିଧାୟକମାନେ ଏହାର ସଦସ୍ୟ ଅଛନ୍ତି। ଯେଉଁଠି ଅସୁବିଧା ହେଉଛି, ସେମାନେ ଆଲୋଚନା କରିପାରିବେ। ଆଜି ଯାଏ ବିନା ଟୋକନରେ ଧାନ କିଣା ହେଉଥିଲା। ଟୋକନ ବ୍ୟବସ୍ଥା ଲାଗୁହେବା ପରେ ଧାନକିଣା ଆହୁରି ବ୍ୟବସ୍ଥିତ ହୋଇପାରିଛି। ୮ ଲକ୍ଷ ୧୩ ହଜାର ୭୩୬ ଚାଷୀଙ୍କୁ ଟୋକନ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୧୩ ହଜାର ୭୩ ଜଣ ଚାଷୀ ଧାନ ବିକ୍ରି କରି ସାରିଛନ୍ତି। ୧୨ ଲକ୍ଷ ୩୫ ହଜାର ୧୦୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ୫୦ ହଜାର ୯୯୬ ଜଣ ଚାଷୀଙ୍କର ଆଧାର ମେଳ ଖାଉ ନାହିଁ। ଅଖା ଫେରସ୍ତ ହେଉ ନ ଥିଲେ ମିଲରମାନେ ଚାଷୀଙ୍କୁ ଖୋଟ ଅଖା ବାବଦରେ ୧୦ ଟଙ୍କା, ଜରି ଅଖା ବାବଦରେ ୫ ଟଙ୍କା ଦେବାକୁ କୁହାଯାଇଛି। ଅଖା ପଇସା ପାଇବା ନେଇ ପ୍ରାଥମିକ ସମବାୟ ସମିତି ଉତ୍ତରଦାୟୀ ରହିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ କୌଣସି ଟୋକନ ଉଭାନ ହୋଇନାହିଁ। ଚାଷୀଙ୍କୁ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୧୮୧୫ ଟଙ୍କା ଏବଂ ଗ୍ରେଡ-ଏ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ନକଲି ପ୍ରଶ୍ନପତ୍ର ...

ଅଧିକାରୀ ଏବଂ ଶିକ୍ଷାଧିକାରୀମାନେ ଉପସ୍ଥିତ ରହି ପରୀକ୍ଷାର ସୁପରିଚାଳନା କରିଛନ୍ତି। ପରୀକ୍ଷାର ଦ୍ୱିତୀୟ ଦିବସଠାରୁ ସକାଳ ୯ଟା ୨୦ରେ ପରୀକ୍ଷା କେନ୍ଦ୍ର ଖୋଲିବ। ପ୍ରଥମ ଦିନରେ ପିଲାମାନେ ମାତୃଭାଷା ପରୀକ୍ଷା ଦେଇଛନ୍ତି। ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ସାଢ଼େ ୧୨ଟାରେ ଶେଷ ହୋଇଥିଲା। ପ୍ରଥମ ଦିବସରେ ୬୯ଜଣ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି। ସେଥିମଧ୍ୟରୁ ମାଟ୍ରିକ ପରୀକ୍ଷାର ୪୪, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୨୪ ଓ ମଧ୍ୟମାର ଜଣେ ପରୀକ୍ଷାର୍ଥୀ ଅଛନ୍ତି। ଉପରୋକ୍ତ ୩ଟି ଯାକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ସଫଳତା କାମନା କରୁଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପରୀକ୍ଷାର୍ଥୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ସହିତ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଛନ୍ତି।

# ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କଲେ ଶ୍ରଦ୍ଧାଳୁ



ଶ୍ରୀଲୋକନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ଏକାଦଶୀ

**ପୁରୀ ଅଫିସ, ୧୯।୨**

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ବୁଧବାର ଥିଲା ପବିତ୍ର ପଙ୍କୋଦ୍ଧାର ଏକାଦଶୀ। ପଙ୍କୋଦ୍ଧାର ପରେ ମଧ୍ୟାହ୍ନ ସାଢେ ୧୨ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ।

ପଙ୍କୋଦ୍ଧାର ଏକାଦଶୀ ନୀତି ଓ ଦର୍ଶନ ଶୃଙ୍ଖଳିତ ଲାଗି ମଙ୍ଗଳବାର ରାତି ସାଢେ ୨ଟାରେ ମନ୍ଦିର ଦ୍ୱାର ଫିଟି ଥିଲା। ଏହାପରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ଆଦି ନୀତି ବଢିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ, ସକାଳ ଧୂପ ବଢି ପୂର୍ବାହ୍ନ ୮ଟାରୁ ପଙ୍କୋଦ୍ଧାର ନୀତି ଆରମ୍ଭ ହୋଇଥିଲା। ସେବାୟତମାନେ ଗମ୍ଭୀରାରୁ ପଙ୍କ ବାହାର କରିଥିଲେ। ମଧ୍ୟାହ୍ନ ୧୨ଟା ସୁଦ୍ଧା ପଙ୍କୋଦ୍ଧାର ସରି ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢିଥିଲା। ବିଗତବର୍ଷ ଭଳି ଏବର୍ଷ ମଧ ଗର୍ଭଗୃହ ଦର୍ଶନ ବନ୍ଦ ରହିଛି। ଭକ୍ତମାନେ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୮ ଘଣ୍ଟା ଧରି ଏହି ଦର୍ଶନ ଚାଲିଥିଲା। ଏହାପରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ, ଅନ୍ୟାନ୍ୟ ନୀତି ବଢି ମହାପ୍ରଭୁଙ୍କ ବଡ଼ସିଂହାର ବେଶ ହୋଇଥିଲା। ଏହି ଅବସରରେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୪୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବେଲପତ୍ର, କଦଳୀ, ଛାଚି, ଫୁଲ, ରୁପାର ଅଙ୍ଗ ଯାହା ମହାପ୍ରଭୁଙ୍କୁ ଭକ୍ତ ପ୍ରଦାନ କରିଥିଲେ ତାହା ଗମ୍ଭୀରାରେ ବର୍ଷସାରା ରହି ପଙ୍କରେ ପରିଣତ ହୋଇଥାଏ। ଏହି ଗୋଟିଏ ଦିନ ପଙ୍କ ଉଦ୍ଧାର କରାଯାଇ ଗମ୍ଭୀରାକୁ ସମ୍ପୂର୍ଣ୍ଣ ପରିଷ୍କାର କରାଯାଏ। ଫଳରେ ମୁଖ୍ୟ ଗମ୍ଭୀରାରେ ଭକ୍ତମାନେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଲିଙ୍ଗ କିଛି ସମୟ ପାଇଁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ମହାପ୍ରଭୁଙ୍କ ମସ୍ତକରୁ ଝରୁଥିବା ଗଙ୍ଗାଜଳରେ ପୁନଶ୍ଚ ଗମ୍ଭୀରା ପୂର୍ଣ୍ଣ ହୋଇଥାଏ। ତେଣୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗଙ୍କ ଦୁର୍ଲଭ ଦର୍ଶନ କରିବା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥାଏ।

# ପ୍ୟାକେଟରୁ ମିଳିଲା ଅଧିକ ପ୍ରଶ୍ନପତ୍ର

**ପୁରୀ ଅଫିସ, ୧୯।୨**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ଲାଗି ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ତେବେ ପରୀକ୍ଷାର ପ୍ରଥମ ଦିନରେ ପୁରୀ ସଦରସ୍ଥ ଭୋଳାନାଥ ବିଦ୍ୟାପୀଠରେ ଏକ ତ୍ରୁଟି ଦେଖିବାକୁ ମିଳିଥିଲା। ପ୍ରଶ୍ନପତ୍ର ଖୋଲା ଯିବାବେଳେ ପ୍ୟାକେଟରେ ଅଧିକ କିଛି ପ୍ରଶ୍ନପତ୍ର ରହିଥିବା ଜଣେ ଶିକ୍ଷକଙ୍କ ନଜରକୁ ଆସିଥିଲା। ସେ ତୁରନ୍ତ ଏ ନେଇ ପରୀକ୍ଷାକେନ୍ଦ୍ର ଅଧୀକ୍ଷକଙ୍କୁ ଜଣାଇଥିଲେ। କେନ୍ଦ୍ର ଅଧୀକ୍ଷକ ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଏବଂ ଶିକ୍ଷକଙ୍କୁ ଏଥିଲାଗି ପ୍ରଶଂସା କରିଥିଲେ। ଜିଲା ଶିକ୍ଷାଧିକାରୀ ସାହୁ କହିଛନ୍ତି, ଅତି ଯତ୍ନର ସହିତ ପ୍ରଶ୍ନପତ୍ର ପ୍ୟାକେଟ ସିଲ୍ କରାଯାଇଥାଏ। ତେବେ ଭୁଲବଶତଃ ଗୋଟିଏ ପ୍ୟାକେଟରେ ଅଧିକ କେତୋଟି ପ୍ରଶ୍ନପତ୍ର ରହିଯାଇଥିଲା। ଏହାକୁ ତୁରନ୍ତ ଅପସାରଣ କରାଯାଇଛି। ଏ ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଅନୁକୂଳ ଗ୍ରହସ୍ଥିତି ସାଙ୍ଗକୁ ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ସମସ୍ତେ ଏକ ମନ ନେଇ କାମ କରିପାରିବେ। ସାମାଜିକ ସ୍ତରରେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବାରେ କୌଣସି ଅସୁବିଧା ରହିବନାହିଁ।

**ବୃଷ**
ତୃତୀୟାଧିପଙ୍କ ପାପସମ୍ବନ୍ଧ ବନ୍ଧୁଙ୍କ ସ୍ୱାର୍ଥସମ୍ବଳିତ କାର୍ଯ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି କରିବ। ଧର୍ମଭାବରେ ଆଧ୍ୟାତ୍ମିକ ଗ୍ରହ ଶନି ଧାର୍ମିକ ବାତାବରଣ ମଧ୍ୟରେ ଆପଣଙ୍କ ସମୟକୁ ନିୟୋଜିତ କରିବେ। ବ୍ୟବସାୟ, ପରିବହନ, କଚେରି ମାମଲାରେ ମନସ୍ତାପ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରେ ଜମିଜମା ବିବାଦର ସମାଧାନ ପାଇଁ ଆଲୋଚନା କରିପାରନ୍ତି।

**ମିଥୁନ**
ଦେହ ଭଲ ରହିଲେ ମଧ୍ୟ ପୁରୁଣା ରୋଗରେ କଷ୍ଟ ପାଇବା ସହ କାମରେ ପଛେଇ ରହିପାରନ୍ତି। କାର୍ଯ୍ୟକ୍ଷେତ୍ରରେ କିମ୍ବା ନିଜ ପରିସରରେ ତର୍କ ବିତର୍କ କାରଣରୁ ସମ୍ପର୍କ ହାନି ଘଟିପାରେ। କିନ୍ତୁ ଆନୁଷ୍ଠାନିକ କାମରେ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
କ୍ରନିକ୍ ରୋଗ ଜନିତ ଶାରୀରିକ ଦୁର୍ବଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଯଥାରୀତି ସମ୍ପନ୍ନ ହେବ। ଦୀର୍ଘଦିନରୁ ରହି ଆସିଥିବା ବିବାଦର ସମାଧାନ ହୋଇଯିବ। ଅର୍ଥସଂକଟ କିମ୍ବା ଅସହଯୋଗ କାରଣରୁ ପ୍ରତିକୂଳ ପରିସ୍ଥିତି ଜନିତ କେତେକ ଘରୋଇ ସମସ୍ୟା ଦେଖାଦେଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ।

**ସିଂହ**
ପରିବାରରରେ ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଆଜି ଦୀର୍ଘଦିନର ଆଶା ଫଳବତୀ ହେବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ।

**କନ୍ୟା**
ଦୁଃସ୍ଥାନସ୍ଥ କର୍ମାଧିପ ହେତୁ କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପଡ଼ିବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ ପାଇଁ ଭଲ ଏବଂ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**
ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ କେତେକ ସ୍ଥଗିତ କାର୍ଯ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପିଲାଙ୍କ ଆଚରଣକୁ କେନ୍ଦ୍ରକରି କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା**
ଧନସ୍ଥାନରେ ଏକାଧିକ ଆର୍ଥିକସ୍ଥିତିକୁ ଉନ୍ନତ କଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ମାନସିକ ସ୍ତରକୁ ବିକ୍ଷିପ୍ତ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି। ତଥାପି କେତେକ ବ୍ୟତିକ୍ରମ କାରଣରୁ କରୁଥିବା କାମ ସକାଶେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ**
ସାଧାରଣ କଥାକୁ କେନ୍ଦ୍ରକରି ବିବାଦ କିମ୍ବା ଯାତ୍ରା, ବ୍ୟବସାୟରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କୌଣସି ନୂତନ କର୍ମାରମ୍ଭ ସକାଶେ ବିଭିନ୍ନ ପ୍ରକାରର ଯୋଜନା କଲେ ଅବଶ୍ୟ ଉପକୃତ ହେବେ। ତରବରିଆ ଭାବରେ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ନ ପାରି ଦ୍ୱନ୍ଦ୍ୱରେ ପଡ଼ିବେ।

**ମକର**
ବଳବାନ୍ ଶନି ଓ ଭାଗ୍ୟସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ପାରିପାର୍ଶ୍ୱିକ ପରିସ୍ଥିତି ବଦଳିଯିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଆଶା କରୁଥିବା ଅର୍ଥ,ବନ୍ଧୁମିଳନ, ଦୂରଯାତ୍ରା କ୍ଷେତ୍ରରେ ଆପଣ ନିରାଶ ହେବେନାହିଁ । ଦୂରେଇ ଯାଇଥିବା ବନ୍ଧୁଟି ସହ ପୁନଶ୍ଚ ପୂର୍ବସମ୍ପର୍କ ଫେରି ଆସିବ। ଆଲୋଚନା ସୁରୁଖୁରୁରେ ସମ୍ପନ୍ନ ହେବାର ଆଶା କରାଯାଇପାରେ।

**କୁମ୍ଭ**
ଆଜିର ଜୀବନଚର୍ଯ୍ୟା ଭିତରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ କେତେକ ଘରୋଇ ସମସ୍ୟା ସମାଧାନର ମାର୍ଗଦର୍ଶନ ମିଳିବ। ଅର୍ଥସଂକଟ, ସହକର୍ମୀଙ୍କ ଅସହଯୋଗ,ପ୍ରଶାସନିକ ଦ୍ୱନ୍ଦ୍ୱ ଓ ଦୂରଯାତ୍ରା କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ସଭାସମିତି, ସଙ୍ଗୀତ ସମାରୋହ, ସଭାସମିତି ଓ ବାଣିଜ୍ୟ, ବ୍ୟବସାୟ ବାଧାପ୍ରାପ୍ତ ହେବନି।

**ମୀନ**
ଦୀର୍ଘଦିନରୁ ପଡ଼ିରହିଥିବା କାମଟି ସମ୍ପନ୍ନ କରି ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ବ୍ୟବସାୟ ମନ୍ଦ ହେବନି କିନ୍ତୁ ବ୍ୟସ୍ତ, ବିବ୍ରତତା ମଧ୍ୟରେ ଆଜିର ସମୟ ଅତିବାହିତ ହେବ।

ଆଜି ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ଗୁରୁବାର, ଫେବୃୟାରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଦିବା ଘ୭।୫୯ମି. ଗତେ, ରାଶିନକ୍ଷତ୍ର- ଉତ୍ତରାଷାଢ଼ା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୧୦।୩୫ମି. ଗତେ ଘ୧୨।୦୧ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୪୩ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୬ମି. ଗତେ ଘ୨।୫୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




SALE

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130. D-68480

CV Raman College ପାଖରେ NH-316କୁ ଲାଗି 31000sqft. plot ବିକ୍ରିହେବ। Contact- 9778928492. D-68337

New Ready to move 2BHK flat sale at Srusti Mansion, Sundarpada main road side @ 25lakh- 9937097791. D-68492

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

5Acres sthitiban land for sale 27 lakhs @ acre. Location- 3kms from Chhatabar Chhak. 1.1acres sthitiban land near Gangua Canal. 2lakhs per guntha (brokers are not allowed). Mob: 6371297190. D-16792

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040. D-68495




ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪




Ayurvedic full body massage ladies and gents. Contact: 9861064981. D-68789

Elite Unisex Salon- A complete family Spa. Male to male and female to female- 7326977966. D-69207

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

## ଜନ୍ମଦିନ ଶୁଭେଚ୍ଛା



ଆଦ୍ୟାଶା ମହାନ୍ତି (ମାମୁନ୍)

ଆଜି ତୋର ଦ୍ୱାଦଶ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ, ବିଦୂଷୀ ଓ ଯଶସ୍ୱୀ କରନ୍ତୁ।

-:ଶୁଭେଚ୍ଛା ସହ:-

ଜେଜେ, ଜେଜେମା', ବାବା, ମାମା, ଅଜା, ଆଇ, ବଡବାପା, ବଡମା', ସାନ ବଡବାପା, ଅପା, ପିଇସା, ଭାଇ, ଭଉଣୀ, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ।

ଧ-୧୬୭୯୪


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## 'କାଜୁ ଉତ୍ପାଦନ ସହ ପ୍ରକ୍ରିୟାକରଣକୁ ଗୁରୁତ୍ୱ'

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ୩ ଦିନିଆ କୋରାପୁଟ ଗସ୍ତରେ ଯାଇଛନ୍ତି। ଏହି ଜିଲାରେ ଥିବା ନିଗମ କାର୍ଯ୍ୟାଳୟ ଓ ନର୍ସରୀ ପରିଦର୍ଶନ କରିବା ସହ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ନିଗମ ପକ୍ଷରୁ କାଜୁ ଉତ୍ପାଦନ ବୃଦ୍ଧି କରାଯିବା ସହ ପ୍ରକ୍ରିୟାକରଣ କରାଯିବ। ତେଣୁ ଏଥିରେ କୋରାପୁଟର ଭାଗୀଦାରି ଯେପରି ବୃଦ୍ଧି ପାଇବ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଅଧ୍ୟକ୍ଷ ଅମରେନ୍ଦ୍ର କହିଛନ୍ତି। ଜିଲାରେ ହୋଇଥିବା ବୈଠକରେ ମୁଖ୍ୟତଃ ଆୟ ବୃଦ୍ଧି, ବଗିଚାର ରକ୍ଷଣାବେକ୍ଷଣ ଏବଂ ଅଧିକ ଅମଳକ୍ଷମ ଚାରା ଉତ୍ପାଦନ ପାଇଁ ସେ ପରାମର୍ଶ ଦେଇଛନ୍ତି। ନିଗମ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ସେହିପରି ଦୁଇ ସପ୍ତାହ ପୂର୍ବେ ନିଗମ ପକ୍ଷରୁ କୋଚିସ୍ଥିତ କାଜୁ ଓ କୋକା ନିର୍ଦ୍ଦେଶାଳୟ ସହଯୋଗରେ ଖୋର୍ଦ୍ଧା ଜିଲାର ଇଟଗାଠାରେ ଏକ ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ କାଜୁ ଚାଷ ସମ୍ବନ୍ଧୀୟ ଉନ୍ନତ ଜ୍ଞାନକୌଶଳ ସହ ଏହାର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସାରା ରାଜ୍ୟରେ ଏପରି କାର୍ଯ୍ୟକ୍ରମ ନିଆଯିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ବିଜୁ ଜୟନ୍ତୀ ଉପଲକ୍ଷେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଓଡ଼ିଶା ବିଧାନସଭା ତରଫରୁ ଆସନ୍ତା ମାର୍ଚ୍ଚ ୧ ତାରିଖ (ରବିବାର) ପୂର୍ବାହ୍ନ ୧୧ ଘଟିକା ସମୟରେ ବିଧାନସଭା ସୌଧର ନୂତନ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଓଡ଼ିଆ ଭାଷାରେ ବାଗ୍ମିତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୪ ଜଣ ମନୋନୀତ ଛାତ୍ରୀଛାତ୍ରଙ୍କ ନାମ ବିଧାନସଭା ସଚିବଙ୍କ ନିକଟକୁ ଇ-ମେଲ (OLA@NIC.IN), ଫ୍ୟାକ୍ସ (୦୬୭୪- ୨୩୯୬୬୭୮) କିମ୍ବା ପତ୍ର ମାଧ୍ୟମରେ ପଠାଇବା ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକଙ୍କୁ ବିଧାନସଭା ସଚିବ ଦାଶରଥୀ ଶତପଥୀ ଅନୁରୋଧ କରିଛନ୍ତି।

### ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ବରଗଡ଼ ଅଫିସ୍,୧୯।୨: ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ତେଲମହୁଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷୟିତ୍ରୀ ସେହି ସ୍କୁଲ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିବା ତାଙ୍କୁ ମହଙ୍ଗା ପଡ଼ିଛି। ଛାତ୍ରଙ୍କୁ ମାଡ଼ ଅଭିଯୋଗରେ ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ ଶିକ୍ଷୟିତ୍ରୀ ଅନୀତା ସାଗରଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ବିଇଓ ପାଣିଗ୍ରାହୀ ତାଙ୍କ ପତ୍ରସଂଖ୍ୟା:-୩୪୮ ତା:-୧୮/୨/୨୦୨୦ରେ ଏହା ଉଲ୍ଲେଖ କରିବା ସହିତ ନିଲମ୍ବନ ସମୟରେ ମେଲଛାମୁଣ୍ଡା ନୋଡ଼ାଲ ହାଇସ୍କୁଲରେ ନିୟମିତ ଉପସ୍ଥାନ ଦେବାକୁ ପରାମର୍ଶ ଦେଇଛନ୍ତି। ପ୍ରକାଶଥାଉକି, ନିଲମ୍ବିତ ଶିକ୍ଷୟିତ୍ରୀ ସାଗର ମଙ୍ଗଳବାର ଉକ୍ତ ଛାତ୍ରଙ୍କୁ ମାଡ଼ ମାରିବାକୁ ନେଇ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାସହିତ ଘଟଣାଟି ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏହାପରେ ବିଇଓ ପାଣିଗ୍ରାହୀ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଏବଂ ତଦନ୍ତ ରିପୋର୍ଟ ପାଇବା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ ।

# ସ୍କୁଲ ଅଟୋରିକ୍ସାରୁ ଖସି ପ୍ରଥମ ଶ୍ରେଣୀ ଛାତ୍ର ମୃତ

■ ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ
■ ମୁଖ୍ୟ ରାସ୍ତାରେ ୫ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

ଦିଗପହଣ୍ଡି,୧୯।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ସହର ଉପକଣ୍ଠ ବିଦ୍ୟୁତ ଷ୍ଟେଶନ ନିକଟ ମୁଖ୍ୟ ରାସ୍ତାରେ ବୁଧବାର ସ୍କୁଲ ଅଟୋ ରିକ୍ସାରୁ ଖସି ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଗୁଡ଼ିଆଲି ଗାଁର ବୁଲୁ ପ୍ରଧାନଙ୍କ ପୁଅ ଅଜୟ (୬)। କ୍ଷତିପୂରଣ ଦାବିରେ ଲୋକେ ମୃତଦେହ ରଖି ପ୍ରାୟ ୫ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ପୋଲିସ, ପ୍ରଶାସନ ଓ ଶିଶୁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି।

ଅଜୟ ଦିଗପହଣ୍ଡି ଥାନା ତିଳେଶ୍ୱର ଗାଁରେ ମାମୁ ହରିକୃଷ୍ଣ ବିଷୋୟୀଙ୍କ ଘରେ ରହି ପାଠ ପଢୁଥିଲେ। ସବୁଦିନ ଭଳି ବୁଧବାର ସକାଳ ପ୍ରାୟ ସାଢ଼େ ୯ଟାରେ ସ୍କୁଲ ଅଟୋରିକ୍ସାରେ ସେ ପୁଞ୍ଜିକଁୟା ଛକ ନିକଟ ସରସ୍ୱତୀ ଶିଶୁ ମନ୍ଦିରକୁ ଆସୁଥିଲେ। ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଅଜୟ ଅଟୋ ରିକ୍ସାରୁ ଖସି ପଡ଼ି ଗୁରୁତର ହୋଇଥିଲେ। ଚାଳକ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଅଜୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ।




ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

ଅଜୟଙ୍କ ଫାଇଲ୍ ଫଟୋ ►

ସାମାଜିକ କର୍ମୀ ଇଂ.ଉତ୍ତମ କୁମାର ସ୍ୱାଇଁ, ପରେଶ ଚନ୍ଦ୍ର ରଥ, ଭବାନୀ ଶଙ୍କର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ବିଶ୍ୱନାଥ ବରାଡ, ଜିଲା ପରିଷଦ ସଦସ୍ୟ ଗଦାଧର ସ୍ୱାଇଁ, ସମିତିସଭ୍ୟ ତୋଫାନ ସ୍ୱାଇଁ, ପୂର୍ବତନ ଉପନଗରପାଳ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତା ଅବରୋଧ ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୧ଟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ନ ପହଞ୍ଚିବାରୁ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଞ୍ଜିକଁୟା ଛକରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ଯୋଗୁ ଚିକିଟି-ଦିଗପହଣ୍ଡି ମୁଖ୍ୟରାସ୍ତାରେ ପ୍ରାୟ ୩ ଟା ଯାଏଁ ଗାଡି ଚଳାଚଳ ବନ୍ଦ ରହିଥିଲା। ପରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଥାନା ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ଶିଶୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୧ ଲକ୍ଷ ଟଙ୍କା ଓ ଜିଲା ପରିଷଦ ସଭ୍ୟ ଗଦାଧର ସ୍ୱାଇଁ ୫ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ନଂ.୩୪/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଅଜୟଙ୍କ ବିୟୋଗରେ ଶିଶୁ ମନ୍ଦିରରେ ଶୋକସଭା କରାଯାଇ ଛୁଟି କରାଯାଇଛି।

# ୧୪ ଦିନ ଜାପାନ ଜାହାଜରେ ବ୍ରହ୍ମପୁରର ଇଞ୍ଜିନିୟର

ବ୍ରହ୍ମପୁର ଅଫିସ,୧୯।୨

**କରୋନା ଆତଙ୍କ**



ଜାହାଜରେ ଫସି ରହିଥିବା ବ୍ରହ୍ମପୁରର ଯୁବ ଇଞ୍ଜିନିୟର ଶିବାଶିଷ।

■ ପୁଅକୁ ଫେରାଇ ଆଣିବା ପାଇଁ ସରକାରଙ୍କୁ ନିବେଦନ

ସାରା ବିଶ୍ୱରେ ଏବେ କରୋନା ଆତଙ୍କ ସମସ୍ତଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏବେ ଜାପାନର ୟୋକୋହମା ଜଳ ଜାହାଜରେ ଗଞ୍ଜାମ ଜିଲା ବ୍ରହ୍ମପୁର ପନ୍ଦରା ସାହିର ଜଣେ ଯୁବ ଇଞ୍ଜିନିୟର ଫସିଛନ୍ତି। ସେ ହେଉଛନ୍ତି ଲିଙ୍ଗରାଜ ନାୟକଙ୍କ ସାନ ପୁଅ ଶିବାଶିଷ। ସେ ୧୪ ଦିନ ହେଲା ଉକ୍ତ ଜାହାଜରେ ପଣବନ୍ଦୀ ଭାବେ ଫସି ରହିଛନ୍ତି। ଉକ୍ତ ଜାହାଜରେ ୧୬୦ ଭାରତୀୟଙ୍କ ସମେତ ବିଭିନ୍ନ ଦେଶର ୩୫୦୦ ଯାତ୍ରୀ ଅଛନ୍ତି।

ଜାପାନ ସରକାରଙ୍କ ପ୍ରତିଷେଧମୂଳକ ପଦକ୍ଷେପରେ ଇଞ୍ଜିନିୟର ଶିବାଶିଷ ଏବେ ଭୋକ ଉପାସରେ ଜାହାଜ ଭିତରେ ପଡି ରହିଛନ୍ତି। ଏଣୁ ଭାରତ ଓ ଓଡ଼ିଶା ସରକାର ଏହି ସମ୍ବେଦନଶୀଳ ଘଟଣାରେ ହସ୍ତକ୍ଷେପ କରି ସେଠାରୁ ଶିବାଶିଷଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କ ବାପା ଲିଙ୍ଗରାଜ ନିବେଦନ କରିଛନ୍ତି। ଅନ୍ୟପଟେ ଲିଙ୍ଗରାଜଙ୍କ କହିବା ଅନୁଯାୟୀ, ତାଙ୍କ ପୁଅ ଗୁରଗାଓଁରେ ଥିବା ହ୍ୟୁଗସ ସାଇସଟେକ ପ୍ରାଇଭେଟ ଲିମିଟେଡର ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀ ନିର୍ଦ୍ଦେଶ ଅନୁସାରେ ଜାନୁୟାରୀ ୧୦ ରେ ଶିବାଶିଷ ଓ ଅନ୍ୟ ୫ ଜଣ ସହଯୋଗୀ ମାଲେସିଆ ଅଭିମୁଖେ ବିମାନ ଯୋଗେ ଯାଇଥିଲେ। ସେଠାରୁ କାମ ସାରି ଡାଏମଣ୍ଡ ପ୍ରିନ୍ସେସ୍ ଜାହାଜରେ ଚୀନମେ ୱେ ଅଫ ଭିଏତ୍‌ନାମରୁ ଯାତ୍ରା ଆରମ୍ଭ କରିଥିଲେ। ଜାହାଜରେ ଯାତ୍ରା କରୁଥିବା ୩୭୦୦ ଯାତ୍ରୀଙ୍କ ମଧ୍ୟରୁ ଜଣେ କରୋନା ଭୂତାଣୁରେ ସଂକ୍ରମିତ ଥିବା ଜଣାପଡିଥିଲା। ଜାନୁୟାରୀ ୨୫ରେ ସେହି ଯାତ୍ରୀଙ୍କୁ ହଂକଂରେ ଓହ୍ଲାଇ ଦିଆଯାଇଥିଲା। ସେହି ସମୟରେ ଜାହାଜଟି ୟୋକୋହମାରେ ପହଞ୍ଚି ସେଠାରୁ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିବାର ଥିଲା। କିନ୍ତୁ ସନ୍ଦିଗ୍ଧ କରୋନା ଭୂତାଣୁ ଯୋଗୁ ଉକ୍ତ ଜାହାଜକୁ ଜାପାନ ସରକାରଙ୍କ ନିର୍ଦ୍ଦେଶରେ ଅଟକାଇ ଦିଆଯାଇଥିଲା। ୧୪ ଦିନ ଭିତରେ ସବୁ ଯାତ୍ରୀଙ୍କ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୧୮ ଜଣ ଯାତ୍ରୀ ଓ କର୍ମଚାରୀଙ୍କ ଦେହରେ କରୋନା ଭୂତାଣୁ ପଜିଟିଭ ଥିବା ଜଣାପଡିଥିଲା। ପରେ ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରେ ୩ ଜଣ ଭାରତୀୟଙ୍କ ଦେହରେ ଏହି ଭୂତାଣୁ ଥିବା ଚିହ୍ନଟ ହୋଇଛି। ଜାହାଜରେ ଥିବା ଆମେରିକା ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ସେଠାକାର ସରକାର ନେଇଯିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଉକ୍ତ ଜାହାଜରେ ପଣବନ୍ଦୀ ଜୀବନ ବିତାଉଥିବା ଯାତ୍ରୀମାନଙ୍କୁ ଉଦ୍ଧାର ପାଇଁ ସରକାରଙ୍କୁ ନିବେଦନ କରାଯାଉଛି ବୋଲି ଶିବାଶିଷ ଫୋନ ଜରିଆରେ ସୂଚନା ଦେଇଛନ୍ତି। ଏହାସହିତ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିଛନ୍ତି। ଉକ୍ତ ଜାହାଜର ଏକ ବନ୍ଦ କୋଠରିରେ ସେ ଦୀର୍ଘ ୧୪ ଦିନ ନିର୍ବାସନ ଭଳି ଜୀବନ ବିତାଉଛନ୍ତି। ସେଠାରେ ଯାତ୍ରୀମାନେ କାହା ସହିତ କିଏ କଥା ନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିନ ରାତି ମୁଖା ପିନ୍ଧି ଜାହାଜ ଭିତରେ ସେ ରହୁଥିବା କୋଠରିରେ ରହୁଛନ୍ତି। ତାଙ୍କ ଅନ୍ୟ ୫ ସହଯୋଗୀ ମଧ୍ୟ ଏବେ ପୃଥକ୍ ପୃଥକ୍ କୋଠରିରେ ରହୁଛନ୍ତି। ଆମିଷ ଓ ନିରାମିଷ ଖାଦ୍ୟ ଜାହାଜରେ ମିଳୁଥିବା ବେଳେ ସେ ସବୁ କିଛି ଖାଉନାହାନ୍ତି। କେବଳ ଫଳ ଓ ନୁଡୁଲ୍ସ ଖାଇ ସେ ସେଠାରେ ରହୁଛନ୍ତି। ପୁଣି ଥରେ ଜାପାନ ସରକାର ଚଳିତମାସ ୧୮ ତାରିଖରୁ ୧୪ ଦିନ ପାଇଁ ସବୁ ଯାତ୍ରୀଙ୍କ ପରୀକ୍ଷା ନିରୀକ୍ଷା କରାଯିବାକୁ ଘୋଷଣା କରିଛନ୍ତି। ଶିବାଶିଷ ଓ ତାଙ୍କ ସହଯୋଗୀମାନେ ସେଠାରୁ କେବେ ମୁକ୍ତ ତାହା ଏବେ ଅନିଶ୍ଚିତ ହୋଇପଡିଛି। ଶିବାଶିଷ ଓ ତାଙ୍କ ସହଯୋଗୀଙ୍କ ସାମ୍ପୁଲ ଟେଷ୍ଟରେ କରୋନା ଭାଇରସ ନେଗେଟିଭି ବାହାରିଛି ବୋଲି ସେ ଫୋନ ଯୋଗେ 'ଧରିତ୍ରୀ'କୁ କହିଛନ୍ତି।

## ନିରଞ୍ଜନଙ୍କ ଗସ୍ତ ପୂର୍ବରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ

# ପଦାରେ ପଡ଼ିଲା କଂଗ୍ରେସର ଗୋଷ୍ଠୀ କନ୍ଦଳ

ଭଦ୍ରକ ଅଫିସ, ୧୯।୨

ପୁରୀରେ ରାଜ୍ୟ ପ୍ରଭାରୀ ଓ ପିସିସି ମୁଖିଆଙ୍କ ଉପସ୍ଥିତିରେ କଂଗ୍ରେସର ଦୁଇଗୋଷ୍ଠୀ ହାତାହାତି ହୋଇଥିଲେ। ଏହି ଘଟଣାର ସମାଧାନ ନ ହେଉଣୁ ବୁଧବାର ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗସ୍ତ ପୂର୍ବରୁ ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟରେ କଂଗ୍ରେସର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ପୂର୍ବତନ ଜିଲା ଛାତ୍ର ସଭାପତି ବଳରାମ ରାଉତ ଆହତ ହୋଇଛନ୍ତି। ଏ ନେଇ ଟାଉନ ଥାନାରେ ସେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର ଥିଲା। ଏଥିରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମାଝୀ, ସହପ୍ରଭାରୀ ରୁଦ୍ର ରାଜୁ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ସେମାନଙ୍କ ଗସ୍ତ ପୂର୍ବରୁ କାର୍ଯ୍ୟାଳୟ ପରିସରରେ ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ଓ ତାଙ୍କ ସମର୍ଥକଙ୍କ ଉପରେ ବିପକ୍ଷ ଗୋଷ୍ଠୀ ଆକ୍ରମଣ କରିଥିଲେ। କଂଗ୍ରେସର ଅନ୍ୟ ଏକ ଗୋଷ୍ଠୀ ମାଡ଼ ମାରିଥିଲେ। ଆକ୍ରମଣରେ ବଳରାମଙ୍କ ସମେତ ଅନ୍ୟମାନଙ୍କ ଶାର୍ଟ ଓ ପ୍ୟାଣ୍ଟ ଚିରି ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ପିସିସି ସଭାପତି ପହଞ୍ଚିବା ପରେ ଚାନ୍ଦବାଲିର କେତେଜଣ ନେତା ଓ କର୍ମୀ ପ୍ରଭାରୀ ଜିତେନ୍ଦ୍ରଙ୍କୁ ସଭାପତିଙ୍କ ବିରୋଧରେ ଫେରାଦ ହେବାକୁ ଯାଉଥିବାବେଳେ ସେମାନଙ୍କୁ ମଧ୍ୟ ଠେଲାପେଲା କରାଯାଇଥିଲା। ଅନ୍ୟପକ୍ଷେ ମଙ୍ଗଳବାର ରାତିରେ ଭଦ୍ରକ ଟାଉନରେ କଂଗ୍ରେସ ବିରୋଧରେ ହୋର୍ଡିଂ ମରାଯାଇଥିବା ଦେଖିବାକୁ ମିଳିଥିଲା। ନିରଞ୍ଜନ ହଟାଓ, କଂଗ୍ରେସ ବଞ୍ଚାଓ ଏବଂ ନିରଞ୍ଜନ ଗୋ ବ୍ୟାକ ଲେଖାଯାଇଥିବା କିଛି ହୋର୍ଡିଂ ବିଭିନ୍ନ ସ୍ଥାନରେ ମରାଯାଇଥିଲା। ଏଥିରୁ କଂଗ୍ରେସର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଥିବାବେଳେ ସଭାପତି ନିରଞ୍ଜନ ଏହାକୁ ଖଣ୍ଡନ କରିଛନ୍ତି। ଏହା ଦଳ ବାହାର ଲୋକଙ୍କ କାମ ବୋଲି ସେ କହିଛନ୍ତି। ଦଳୀୟ କର୍ମୀଙ୍କୁ ତୃଣମୂଳସ୍ତରରୁ ସୁଦୃଢ଼ ହେବାକୁ କହି ସେ ଏହାକୁ ହାଲ୍‌କା ଭାବେ ଗ୍ରହଣ କରିଛନ୍ତି।



କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼।

# ରାଜ୍ୟରେ ୨୦ହଜାର ମେଟ୍ରିକ୍ ଟନ୍ ଲିଚୁ ଉତ୍ପାଦନ ହେଉଛି: ମନ୍ତ୍ରୀ

■ ବିହାର, ପଶ୍ଚିମବଙ୍ଗରୁ ଲିଚୁ ଆମଦାନି ହୁଏ
■ ଉତ୍ପାଦନ ବଢ଼ାଇବା ଲାଗି ଗବେଷଣାଗାର, ତାଲିମ ଦେବାକୁ ଦାବି

ଭୁବନେଶ୍ୱର,୧୯।୨(ବ୍ୟୁରୋ)



ଲିଚୁ ଚାଷ ପାଇଁ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଅତ୍ୟନ୍ତ ଉତ୍କୃଷ୍ଟ। ଓଡ଼ିଶାରେ ପ୍ରାୟ ୪,୪୭୭ ହେକ୍ଟର ଜମିରେ ଲିଚୁ ଚାଷ କରାଯାଇ ୨୦,୪୩୧ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଛି। ଓଡ଼ିଶାରେ ସମ୍ବଲପୁର ଜିଲାର କୁଚିଣ୍ଡା, ସୁନ୍ଦରଗଡ଼ ଜିଲାର ପାନପୋଷ, ବଣାଇ, ଖଣ୍ଡାଧାର, ଦେବଗଡ଼ ଜିଲାର ବାରକୋଟ, ତିଳେଇବଣି, ଗଜପତି ଜିଲାର ରା.ଉଦୟଗିରି, ଅନୁଗୋଳ ଜିଲାର ପାଲଲହଡ଼ା, କିଶୋରନଗର, କନ୍ଧମାଳ ଜିଲାର ଟିକାବାଲି, ଜି.ଉଦୟଗିରି, ରାଇକିଆ, କୋଟଗଡ଼, କୋରାପୁଟ ଜିଲାର ଲକ୍ଷ୍ମୀପୁର, ଯଶବନ୍ତପୁର, କୋରାପୁଟ, ରାୟଗଡ଼ା ଜିଲାର କାଶୀପୁର, ବିଷମକଟକ, କଳାହାଣ୍ଡି ଜିଲାର ଥୁଆମୂଳା ରାମପୁର, ବଲାଙ୍ଗୀର ଜିଲାର ନାନ୍ଦୁପଲା ଅଞ୍ଚଳରେ ଲିଚୁ ଚାଷ କରାଯାଉଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ନାକଚିଠାରେ ଏକ ଉଦ୍ୟାନ କୃଷି ଫାର୍ମ ରହିଛି। ସେଠାରେ ପ୍ରାୟ ୧୬ଶହ ଲିଚୁ ଗଛ ରହିଛି। ସେହି ଗଛରୁ କଲମୀ କରାଯାଇ ଉତ୍କୃଷ୍ଟ ଚାରା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆଯାଉଛି। ବୁଧବାର ବିଧାନସଭାରେ ପ୍ରଶ୍ନୋତ୍ତର ବେଳେ କୃଷି ଓ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି।

ମୂଳପ୍ରଶ୍ନରେ ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସାଏ ରାଜ୍ୟର କେଉଁ ଜିଲାର କେଉଁ ଅଞ୍ଚଳରେ ଲିଚୁ ଚାଷ କରାଯାଉଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ନାକଚିସ୍ଥିତ ଉଦ୍ୟାନ କୃଷି ଫାର୍ମକୁ ଉନ୍ନତୀକରଣ କରି ଏକ ଲିଚୁ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀ, ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟ ଏବଂ ସିପିଆଇଏମ୍ ସଭ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଲିଚୁ ଚାଷ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେନେଇ ପ୍ରଶ୍ନ କରିଥିଲେ। ଡେରାଶ ଫାର୍ମ, ଝୁମୁକା ଓ କମାରପତି ଫାର୍ମରେ ଆଗରୁ ବହୁ ଲିଚୁ ଚାଷ ହେଉଥିଲା। ଜମି ଓ ପାଣି ଅଛି। ଲିଚୁ ଚାଷ ପାଇଁ ଯୁବତୀଯୁବକଙ୍କୁ ଟ୍ରେନିଂ ଦେବା ଦରକାର। ଏକ ଗବେଷଣାକେନ୍ଦ୍ର ସ୍ଥାପନ କରି ଏହି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପଦକ୍ଷେପ ନେବେ କି? ଦେବଗଡ଼ ଜିଲାରେ ଏକ ଗବେଷଣାଗାର, ସାକ୍ଷୀଗୋପାଳ ଫାର୍ମର ପୁନରୁଦ୍ଧାର କରିବା ଲାଗି ସଦସ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାର ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୦,୪୩୧ ମେଟ୍ରିକ୍ ଟନ୍ ଲିଚୁ ଉତ୍ପାଦନ ହୁଏ। ଆବଶ୍ୟକ ପଡ଼ିଲେ ବିହାର ଓ ପଶ୍ଚିମବଙ୍ଗରୁ ଆମଦାନି କରାଯାଏ। ଲିଚୁ ଚାଷ ପାଇଁ ଟ୍ରେନିଂ ଦେବାର ବ୍ୟବସ୍ଥା କରାଯିବ। ଡେରାଶ ଫାର୍ମ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ୧୪୦ ହେକ୍ଟର ବିଶିଷ୍ଟ ସାକ୍ଷୀଗୋପାଳ ଫାର୍ମକୁ ପୁନରୁଦ୍ଧାର କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।



## ଜିଲା ଚିଠି
### ଯାଜପୁର

## ସଙ୍କଟରେ ଶିଳ୍ପ

କଳିଙ୍ଗନଗରରେ ସମ୍ପ୍ରତି ଇସ୍ପାତ ଶିଳ୍ପର ଅବସ୍ଥା ଭଲ ନାହିଁ। ଋଣ ପରିଶୋଧ କରି ନ ପାରିବାରୁ ମେସ୍କୋ(ମିଡ଼ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ) ମାଲିକାନାରେ ଥିବା ମୈଥାନ ଇସ୍ପାତ କାରଖାନାକୁ ନିକଟରେ ୭ଟି ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦଖଲକୁ ନେଇଛନ୍ତି। ଏହାବାଦ ଜରିମାନା ଖିଲାପି ଅଭିଯୋଗରେ ଉକ୍ତ କାରଖାନାର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ କେନ୍ଦୁଝର ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ରୋହିତ ଫେରୋଟେକ, କେଜେ ଇସ୍ପାତ, ଭିସା ଷ୍ଟିଲ, ନୀଳାଚଳ ଇସ୍ପାତ ନିଗମ କାରଖାନାର ଆର୍ଥିକ ଅବସ୍ଥା ମଧ୍ୟ ଠିକ ନ ଥିବାରୁ ପରିସ୍ଥିତି ଦୋହଲିବାରେ ଲାଗିଛି। ଯେଉଁଥିପାଇଁ ଶତାଧିକ ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକଙ୍କୁ ଛଟେଇ ମଧ୍ୟ କରାଯାଇଛି। ଏପରି କି ମୈଥାନ, ନୀଳାଚଳ ଓ ମେସ୍କୋ ଷ୍ଟିଲ୍‌ର କର୍ମଚାରୀମାନେ ଦରମା ଦାବିରେ ଆନ୍ଦୋଳନରେ ବସୁଛନ୍ତି। ପ୍ରାୟ ଅଧିକାଂଶ କାରଖାନାରେ ଶ୍ରମିକ ଓ କର୍ମଚାରୀ ଅସନ୍ତୋଷ ବଳବତ୍ତର ରହିଛି। ଗତ ୨ ବର୍ଷ ମଧ୍ୟରେ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଛଟେଇ ହୋଇ ସାରିଛନ୍ତି। ରାଜ୍ୟର ଶିଳ୍ପ ଉପରେ ଟିକସ ଗଡ଼ିବା ସହ ଋଣର ମାତ୍ରା ବଢୁଥିବାରୁ ରାଜକୋଷ ଦୋହଲିବାରେ ଲାଗିଛି। ବିଶ୍ୱ ବଜାରରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। କମ୍ ମୂଲ୍ୟରେ ବାହାର ଦେଶର ଷ୍ଟିଲ୍‌ର ବହୁଳ ଭାବରେ ବିକ୍ରି ଯୋଗୁ ଦେଶର ଅନେକ କର୍ପୋରେଟ ସେକ୍ଟର ହାତ ଟେକି ଦେଇଛନ୍ତି। ଏପରି କି କିଛି କର୍ପୋରେଟ ସେକ୍ଟର ସମୂହ ପୁଞ୍ଜିନିବେଶ ଯୋଜନାକୁ ସାମୟିକ ସ୍ଥଗିତ ରଖିବାକୁ ବାଧ ହେଲେଣି। ଏହାର ପ୍ରଭାବ ଷ୍ଟିଲ୍ ସିଟି କଳିଙ୍ଗନଗରରେ ଅନୁଭୂତ ହେଲାଣି। ବିଶେଷ କରି ବର୍ତ୍ତମାନ କଳିଙ୍ଗନଗରରେ ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଓ ବିଆର୍‌ପିଏଲ୍‌କୁ ବାଦ ଦେଲେ ଅନ୍ୟ ସମସ୍ତ ଶିଳ୍ପ କମ୍ପାନୀ ସେମାନଙ୍କ କ୍ଷତିକୁ ବଞ୍ଚାଇବା ପାଇଁ ଚେଷ୍ଟା କଲେଣି। ରୋହିତ ଫେରୋଟେକ କାରଖାନା ମଧ୍ୟ ଖୁବଶୀଘ୍ର ବ୍ୟାଙ୍କ ଦ୍ୱାରା ଜବତ ହେବ ବୋଲି ଶୁଣିବାକୁ ମିଳିଛି। ଏଭଳିସ୍ଥିତିରେ କର୍ମଚାରୀ ଛଟେଇ ସାମାଜିକ ଅସ୍ଥିରତା ସୃଷ୍ଟି କରୁଛି। ରାଜ୍ୟରେ ଅର୍ଥନୀତିର ମାନ୍ଦାବସ୍ଥାର ପ୍ରଭାବ, ଷ୍ଟିଲ ଓ ସ୍ପଞ୍ଜଆଇରନ କ୍ଷେତ୍ରକୁ ବହୁଳମାତ୍ରାରେ ପ୍ରଭାବିତ କରିଛି। ସରକାର ଅନେକ ଶିଳ୍ପ ସଂସ୍ଥାକୁ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ ଦେଉଥିଲେ ମଧ୍ୟ ଅନେକ ପଛଘୁଞ୍ଚା ଦେଉଛନ୍ତି। ଶିଳ୍ପସଂସ୍ଥା ଠିକ୍‌ଭାବେ ଚାଲିଲେ, ଏହା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର କର୍ମଚାରୀ ଓ ଶ୍ରମିକ ଗୋଷ୍ଠୀର ଜୀବନ ମାନରେ ଉନ୍ନତି ଆସିବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

– ହର୍ଷବର୍ଦ୍ଧନ ବେହେରା

**DAYANAND PLAY/PUBLIC SCHOOL**
Residential & Day Boarding, Raseram Vihar, Padiabahal, Sambalpur, Mob- 7381058813, 8249212113
ADMISSION CONTINUE NURSERY ONWARDS
FEATURES
Recognized by Govt. of Odisha | Own bus facility
Affiliated to be CBSE | Day boarding & Hostel facility
Trained & Experienced Faculties | Hygienic & Nutritious food
Green & Safe Environment | Separate boys & girls hostel
CCTV Surveillance | Sports, Game, Yoga, Dance etc
PLEASE CONTCT AT OFFICE FOR 25% RTE FREE SEATS IN CLASS- I ADMISSION
VISIT OUR BRANCHES:- HLO Colony, Sbp, M-8763032586, Dhanupali, Sbp, M-8763032587, Putiapali, Sbp, M-9439006359, Parmanpur, Sbp, M-9439007359, Dherapada, Sonepur, M-8763032589, Patavadi Sonepur M-9438115772, Palaceline, Bolangir, M-8763032590, Gosala/ Burla, SBP, M-9438117191, Kirei, Sundargarh M-9348018080, Main Road, Jharsuguda M-9438115752

इलाहाबाद बैंक (भारत सरकार का उपक्रम) विश्वास की परम्परा
**ALLAHABAD BANK** (A Govt. of India Undertaking) *A tradition of trust*
www.allahabadbank.in
STAFF TRAINING CENTRE
N.B. Tower, 2260, Nayapalli, Bhubaneswar-751012
Ph.No.: (0674) 2560023, Fax : (0674) 2560351,
e-mail: stc.bbsr@allahabadbank.in
**TENDER NOTICE**
Allahabad Bank, invites Sealed Bids from eligible bidders for Catering Services for the Staff Training Centre, Bhubaneswar. For details please visit Bank's, website: www.allahabadbank.in or Contact: 0674-2560023.
Chief Manager

**DISTRICT RURAL DEVELOPMENT AGENCY, KALAHANDI**
No.XXIV-137 / 2017 / 696 MGNREGS. Dated: 18.02.2020

**NOTICE**

This is for information of general public that as per letter No 341 / OS Dated 19.11.2019 of Director, OSSAAT, The Block Level Public Hearings for FY 2019-20 (Social Audit period of Apr2019 to Sept'2019) in the District of Kalahandi under MGNREGS and NSAP has been scheduled to be held as per the following calendar. The following Officers of the Public Hearing as noted below along with all other members nominated by the Collector-cum-DPC, Kalahandi will attend the Public Hearing on the scheduled dates and time. All Grievances and complaints, if any, under MGNREGA and NSAP will be heard at the concerned Block Headquarter in the said Public Hearings.

| Sl. No. | Name of the Block | Venue | Chairperson to attend the public hearing | |
|---|---|---|---|---|
| 1 | Karlamunda | Block office campus | Sub-Collector-cum-SDM, Bhawanipatna, Kalahandi | 17.03.2020 at 10.30 A.M (Tuesday) |
| 2 | Koksara | Block office campus | Sub-Collector-cum-SDM, Dharamgarh, Kalahandi | |
| 3 | Junagarh | Block office campus | Additional District Magistrate, Kalahandi | 18.03.2020 at 10.30 A.M (Wednesday) |
| 4 | M.Rampur | Block office campus | Addl. Project. Director (Admn.) DRDA, Kalahandi | |
| 5 | Golamunda | Block office campus | Sub-Collector-cum-SDM, Dharamgarh, Kalahandi | 19.03.2020 at 10.30 A.M (Thursday) |
| 6 | Dharmagarh | Block office campus | Addl. Project. Director (Admn.) DRDA, Kalahandi | |
| 7 | Th Rampur | Block office campus | Project Director, DRDA, Kalahandi | |
| 8 | Kesinga | Block office campus | Addl. Project. Director (Admn.) DRDA, Kalahandi | 25.03.2020 at 10.30 A.M (Wednesday) |
| 9 | Jaipatna | Block office campus | Sub-Collector-cum-SDM, Dharamgarh, Kalahandi | |
| 10 | Bhawanipatna | Block office campus | Additional District Magistrate, Kalahandi | 26.03.2020 at 10.30 A.M (Thursday) |
| 11 | Lanjigarh | Block office campus | Sub-Collector-cum-SDM, Bhawanipatna, Kalahandi | |
| 12 | Kalampur | Block office campus | Project Director, DRDA, Kalahandi | 27.03.2020 at 10.30 A.M (Friday) |
| 13 | Narla | Block office campus | Sub-Collector-cum-SDM, Bhawanipatna, Kalahandi | |

Sd./- Collector-Cum-DPC, MGNREGA, Kalahandi

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**PLOT NO : C-71, SECTOR-7, C.D.A, CUTTACK, ODISHA**
**O.A. NO. 141 of 2019**

HDFC BANK LIMITED ..............................Applicant
-Versus-
PAPUN K CHAKRA ..............................Defendant

To,
Papun K Chakra, S/o - Niranjan Chakra, Village/Ward-Saras, GP/Town - Sirishapal, Near Siba Temple, PS/Town / Dist.- Keonjhar, Odisha-758002.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A No. 141/2019 in the court of the Debts Recovery Tribunal, Cuttack for recovery of **Rs.14,02,562.37** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defense to show cause within 30 days from the date of publication or on **19TH March, 2020** at 10.30 am as to why reliefs prayed for should not granted.

Take notice that in case of default the applicant will be heard and determined in his absence.

Given under my hand and seal of this Tribunal on this 24th day of January, 2020.

Sd/-
Registrar

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ।
-ଶ୍ରୀମା

# ଶିଶୁ ଓ ଶାକାହାର

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୋ ନାତୁଣୀ ଅନସୂୟାର ବୟସ ୫ ବର୍ଷ। ସେ ଶାକାହାରୀ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଏ। ପରିବା ବିଶେଷ କରି ବ୍ରକୋଲି ଖାଇବାକୁ ସେ ଭଲପାଏ। କେକ୍ ସମେତ ମଇଦାରେ ତିଆରି ଯେ କୌଣସି ଖାଦ୍ୟ ସେ ଖାଇବାକୁ ପସନ୍ଦ କରେନି। ଆଇସ୍‌କ୍ରିମ ଖାଇବାକୁ ପସନ୍ଦ କରେ, କିନ୍ତୁ ଖୁବ୍ କମ୍ ଖାଏ। ଗୋଟିଏ ସମୟରେ ମୋ ପୁଅ ତାକୁ ଲଲିପପ୍ ଦେଉଥିଲା। ସେ ତା' ବାପାଙ୍କୁ ଖୁସି କରିବା ପାଇଁ ନେଉଥିଲା ସିନା କିନ୍ତୁ ଖାଉ ନ ଥିଲା। ତା' ଚିନ୍ତାଧାରାରେ ଅଧିକ ସାଲାଡ, ଦୁଇଟି ରୁଟି ଓ ଅଳ୍ପ ଭାତ, ଡାଲି, ଛତୁ ଏବଂ ପରିବା ହିଁ ଥିଲା ସବୁଠୁ ଭଲ ଭୋଜନ।

କିଛି ସପ୍ତାହ ପୂର୍ବେ ମୋ ବନ୍ଧୁଙ୍କ ମା' ତାକୁ ଗୋଟିଏ ଅଣ୍ଡା ଦେଇଥିଲେ ଓ ସେ ତାକୁ ଖାଇଥିଲା। ସେ ମୋତେ ଏକଥା କହିଲା ଓ ମୁଁ ରାଗିଗଲି। ମୁଁ ଯେତେବେଳେ ଏ ଘଟଣା ତାଙ୍କୁ ଜଣାଇଲି ସେ ମୋତେ କହିଲେ, ଅନସୂୟା ପୂରା ପତଳା ଏବଂ ସେ ପ୍ରୋଟିନ ଆବଶ୍ୟକ କରୁଛି। ଏହାପରେ ସେ ସାଧାରଣ ଭାବେ ଦୋଷ ଦେଇ କହିଲେ, ତୁମେ କିପରି ଜଣେ ପିଲାକୁ ଶାକାହାରୀ ହେବାକୁ ବାଧ କରୁଛ। ସେ ଯାହା ଚାହିଁବ ତାହା ଖାଇବାକୁ ଅନୁମତି ଦେବା ଉଚିତ। ଯାହା ତୁମେ କରୁଛ ତାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ନୁହେଁ ଓ ଏହା ପିଲା ପାଇଁ କ୍ଷତିକାରକ। ଏହା ସବୁଠୁ ବିରକ୍ତିକର ଯୁକ୍ତି ଓ ଦୁର୍ବଳ ମାନସିକତାର ପରିଚୟ। ଅନ୍ୟମାନେ ସେମାନଙ୍କ ଶିଶୁଙ୍କୁ ପ୍ରତ୍ୟେକ ମିଲ୍‌ରେ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ଦେଉଥିବାବେଳେ ଶାକାହାରୀ ଓ ଶୁଦ୍ଧଶାକାହାରୀମାନେ ସେମାନଙ୍କ ପିଲାଙ୍କୁ ଏମିତି ଖାଇବାକୁ ଦେବା ଲାଗି ନିଶ୍ଚିତ ସଂକୋଚ ପ୍ରକାଶ କରିବେ।

ଆମେ ଜନ୍ମ ହେବା ଦିନଠାରୁ ନାମ ଓ ଧର୍ମରୁ ଆରମ୍ଭ କରି ସବୁ କ୍ଷେତ୍ରରେ ମାତାପିତା ସେମାନଙ୍କ ପସନ୍ଦକୁ ଆମ ଉପରେ ଲଦି ଦିଅନ୍ତି। ପ୍ରତ୍ୟେକ ଅଭିଭାବକ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଖାଇବାକୁ ବାଧ କରନ୍ତି। କିନ୍ତୁ ଯେଉଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଯୁବାବସ୍ଥାରେ ମାଂସ ଖାଇବାକୁ ବାଧ କରନ୍ତି ସେମାନେ ପିଲାମାନଙ୍କର ଅତ୍ୟଧିକ କ୍ଷତି କରିଥାନ୍ତି। କାରଣ, ସେମାନେ ପ୍ରଥମରୁ ପିଲାର ସ୍ୱାସ୍ଥ୍ୟ କ୍ଷୟ କରିବା ଆରମ୍ଭ କରିଥାନ୍ତି ଏବଂ ମେଦବହୁଳତା ଓ ଅଙ୍ଗ ଅଚଳ ହେବାର ମୂଳଦୁଆ ପକାଇଥାନ୍ତି। ଜନ୍ମରୁ ପିଲାଟି ମନରେ ସୃଷ୍ଟିର ଅନ୍ୟସବୁ ବସ୍ତୁ ପ୍ରତି ଥିବା ପ୍ରାକୃତିକ ସମ୍ବେଦନଶୀଳତାକୁ ସେମାନେ ଦୂରେଇ ଦିଅନ୍ତି।

ଗୋଟିଏ ପରିବାର ଖାଦ୍ୟରେ ଏକାଠି ରହିଥାଏ। ସବୁ ସଂସ୍କୃତି, ସବୁ କାର୍ଯ୍ୟ ଖାଦ୍ୟ ପସନ୍ଦରୁ ହିଁ ଆରମ୍ଭ ହୋଇଛି। ମୁଁ ଜାଣେ ଯଦି ମୋ ପୁଅ ମାଂସ ଖାଇଥାନ୍ତା ତେବେ ଏହା ହୁଏତ ଆମ ପାରିବାରିକ ସମ୍ବନ୍ଧରେ ଚାପ ପକାଇଥାନ୍ତା। କିନ୍ତୁ ସେ ଶାକାହାରୀ ହୋଇ ବଡ଼ ହୋଇଛି ଏବଂ ଏହା ତାକୁ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିଛି। ମୋ ଦେଖିବା ଭିତରେ ଅନସୂୟା ହେଉଛି ସବୁଠୁ ନମ୍ର। ରାସ୍ତାରେ ଚାଲୁଥିବା ଗେଣ୍ଡାଗୁଡ଼ିକ ଉପରେ ଯେପରି ଗାଡ଼ି ଚଢ଼ି ନ ଯାଏ ସେଥିପ୍ରତି ଦୃଷ୍ଟି ରଖି ସେଗୁଡ଼ିକୁ ରାସ୍ତାର ଗୋଟିଏ ପାଖକୁ ନେଇଆସେ। ଏହା ଆମେ ତାକୁ ଶିକ୍ଷା ଦେଇନୁ। ଏପରିକି ତା' ଶିକ୍ଷକମାନେ କୁହନ୍ତି, ପ୍ରତ୍ୟେକଙ୍କୁ ସମ୍ମାନ ଦେବାରେ ସେ ଭିନ୍ନ। ମୋତେ ଲାଗୁଛି ଓ ଏହାର ମୂଳକଥା ହେଉଛି, ଆମେ ତାକୁ ଶାକାହାରୀ ହେବାକୁ ଦେଇଛୁ ଏବଂ ତାକୁ ଦୁଇ ବର୍ଷ ବୟସରୁ ଖାଦ୍ୟ ସମ୍ପର୍କରେ ବୁଝାଇଛୁ। କେତେଜଣ ଅଭିଭାବକ ସେମାନଙ୍କ ପିଲାଙ୍କୁ ଖାଦ୍ୟ ସମ୍ପର୍କରେ ବୁଝାଉଛନ୍ତି? କେତେଜଣ ପୌଷ୍ଟିକ ଆହାର ସମ୍ପର୍କରେ ବୁଝିଛନ୍ତି?

ପିଲାଙ୍କ ଉପରେ ଲଦିଦିଆଯାଉଥିବା ଆପଣଙ୍କ ପସନ୍ଦର ପ୍ରତ୍ୟେକ କାର୍ଯ୍ୟ ଭଲ, ଯୁକ୍ତିସଙ୍ଗତ କି ନାହିଁ ନିଶ୍ଚିତ ହୁଅନ୍ତୁ ଏବଂ ପରେ ପିଲାକୁ ତାହା କରିବାକୁ ଦିଅନ୍ତୁ। ମୋ ପୁଅର ଆଇକ୍ୟୁ ୧୫୦। ଅନସୂୟା ଅନେକ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରଥମ ହୋଇଛି ଏବଂ ବହୁବାର ଶ୍ରେଣୀରେ ପ୍ରଥମ ହୋଇଛି। ଯଦି ଆପଣ ଜଣେ ମା' ହୋଇ ପିଲାଠାରେ କିଛି ଅଦ୍ଭୁତ ଦକ୍ଷତା ଦେଖିବାକୁ ଆଶା ରଖିଛନ୍ତି, ତେବେ ତାଙ୍କ ଶରୀର ଓ ମନ ଦରକାର କରୁଥିବା ସ୍ୱାସ୍ଥ୍ୟକର ଖାଦ୍ୟ ଦେବା ଆରମ୍ଭ କରନ୍ତୁ।

ମୋ ଜାଣିବାରେ ଅନେକ ଅଭିଭାବକ ଅଛନ୍ତି ଯେଉଁମାନେ ଗର୍ବର ସହ କୁହନ୍ତି, ମୋ ପିଲା ପରିବା ତରକାରିକୁ ଘୃଣା କରେ। ବାସ୍ତବରେ ପିଲାଙ୍କୁ ଲାଳନପାଳନ କରିବାର ଏହା ଏକ ଖରାପ ଉଦାହରଣ। ଯଦି ତିନିବର୍ଷର ପିଲାଟିଏ କୌଣସି ଏକ ପରିବା ଖାଇବାକୁ ମନା କରେ ସେମାନେ ପ୍ରଥମେ ତାହାକୁ ତା'ର ଖାଦ୍ୟ ତାଲିକାରୁ ବାହାର କରିଦିଅନ୍ତି। କିନ୍ତୁ ଆଜି ପିଲା ଯେଉଁ ଖାଦ୍ୟ ଖାଇବାକୁ ମନା କରୁଛି, ତିନି-ଚାରିଥର ଚେଷ୍ଟା କଲେ ସେ ଖାଦ୍ୟକୁ ସେ ଗ୍ରହଣ କରିନେବ। (ଏଠାରେ ମୁଁ ଚିନି କଥା ଆଦୌ କହୁନାହିଁ।) ଏମାନେ ସେହି ଅଭିଭାବକ ଯେଉଁମାନେ ନିଜେ ସମ୍ଭବତଃ ପରିବା ଖାଇବାକୁ ଭଲ ପାଆନ୍ତିନି ଏବଂ ସେମାନେ ଖାଉଥିବା ଖାଦ୍ୟ ପିଲାମାନଙ୍କୁ ଖାଇବା ପାଇଁ ବାଧ କରିଥାନ୍ତି।

ଯଦି ତୁମ ପିଲା ମେଦବହୁଳତା କିମ୍ବା ମଧୁମେହର ଶିକାର ହୋଇଛି, ତେବେ ସେମାନଙ୍କୁ ସପ୍ତାହରେ ଦୁଇଥର ପିଜା, ମିଠା ଜିନିଷ, ବର୍ଗର ଖାଇବାକୁ ଦେବା କିମ୍ବା ମାଇକ୍ରୋୱେଭରେ ଖାଦ୍ୟ ଗରମ କରି ଖୁଆଇବା ଏହାର ମୁଖ୍ୟ କାରଣ। ଅଭିଭାବକମାନେ ପିଲାମାନଙ୍କୁ ମ୍ୟାକ୍‌ଡୋନାଲ୍ଡସ୍, ଜଙ୍କଫୁଡ୍ ଓ ମିଠା, ଅଧିକ ଚିକେନ କିମ୍ବା ମିଟ୍ ସ୍ୟାଣ୍ଡୱିଚ୍ ଖାଇବାକୁ ବାଧ କରିବା ଉଚିତ ନୁହେଁ। ଏ କ୍ଷେତ୍ରରେ ଅଭିଭାବକମାନେ ସେମାନଙ୍କ ପିଲାକୁ ଶୁଦ୍ଧଶାକାହାରୀ ରଖିପାରନ୍ତି ନାହିଁ। ସେମାନେ ତାକୁ କେବଳ ଫଳ ଖାଇବାକୁ ଦେବା ସ୍ୱାସ୍ଥ୍ୟ ଲାଗି ହାନିକାରକ ଚିକେନ ସୁପ୍ (ପରୀକ୍ଷାଗାରରେ ବ୍ୟାକ୍ଟେରିଆ ବୃଦ୍ଧି କରିବା ଲାଗି ଚିକେନ୍ ସୁପ୍ ବ୍ୟବହାର କରାଯାଏ) ଦେବା ପରି ମୂର୍ଖତା। ଭାରତରେ ବହୁ ପିଲା ସ୍ୱତଃସ୍ଫୂର୍ତ୍ତ ଭାବେ ଶୁଦ୍ଧଶାକାହାରୀ। ଦେଖନ୍ତୁ ସେମାନେ କେତେ ଭଲ କରୁଛନ୍ତି। ପିଲାଙ୍କ ମେଦବହୁଳତା କଥା ସବୁବେଳେ କୁହାଯାଉଛି, କିନ୍ତୁ ଏଥିପାଇଁ ଲଜ୍ଜା ଲାଗୁନି। ଖରାପ ଖାଦ୍ୟ ଖାଇ ଅଙ୍ଗ ଅଚଳ ହେବା ଯୋଗୁ ମୃତ୍ୟୁ ଘଟିଥିବା ପିଲାର ଅଭିଭାବକଙ୍କ ଉପରେ ଖବରକାଗଜରେ ପ୍ରକାଶିତ ଏକ ପ୍ରବନ୍ଧ ପାଇବାକୁ ଚେଷ୍ଟା କରନ୍ତୁ ତ। ଦେଖିବେ ଏହା କେବେ ବି ପ୍ରକାଶ ପାଇ ନ ଥିବ।

ଲୋକଙ୍କ ମଧ୍ୟରେ ଆଉ ଏକ ଅଦ୍ଭୁତ କଥା ମୁଁ ଦେଖେ ଯେ, ଯଦି ଧାର୍ମିକ କାରଣରୁ ପିଲାଟି ଶାକାହାରୀ ହୋଇଛି ତେବେ ଭଲ। କିନ୍ତୁ ଆପଣ ଯଦି ପିଲାର ସ୍ୱାସ୍ଥ୍ୟ, ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାଣୀ ନିର୍ଯାତନାକୁ ଦୃଷ୍ଟିରେ ରଖି ପିଲାକୁ ଶାକାହାରୀ କରିଛନ୍ତି ତେବେ ମୌଳବାଦୀ ଭାବେ ଗଣାଯିବେ। ନୈତିକ ନିଷ୍ପତ୍ତିଠାରୁ ଧାର୍ମିକ ନିଷ୍ପତ୍ତିକୁ ସମାଜ ଗୁରୁତ୍ୱଦେବା ବାସ୍ତବରେ କେତେ ଅଜବ।

ପୃଥିବୀ ବଦଳୁଛି। ଆଗେ ଶୁଦ୍ଧଶାକାହାରୀଙ୍କୁ ଲୋକେ ପୁରୁଣାକାଳିଆ ଓ ପାଗଳ ବୋଲି ବେଶି ଭାବୁଥିଲେ। ଏବେ କିନ୍ତୁ ଶୁଦ୍ଧ ଶାକାହାରବାଦୀମାନେ ଏକ ଶ୍ରେଷ୍ଠ ଶ୍ରେଣୀର ବ୍ୟକ୍ତିଙ୍କ ସମାହାର ଭାବେ ଗଣା ହେଉଛନ୍ତି। ପୃଥିବୀ ପ୍ରତି ପ୍ରତିବଦ୍ଧତା, ସେମାନଙ୍କ ପାଇଁ ଓ ସେମାନଙ୍କ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଆଗ୍ରହ ପ୍ରକାଶ କରିଛି ଶାକାହାରବାଦ। ମାଂସାହାରୀମାନେ ଏବେ ପଛରେ ରହିଯାଇଛନ୍ତି। ନିଜର ସ୍ୱାସ୍ଥ୍ୟ ନଷ୍ଟ ସହ ଅନ୍ୟ ଜୀବଙ୍କୁ ନଷ୍ଟ କରିବା ଆଉ ବେଶି ଦିନ ଚଳିବନି। ଯେତେବେଳେ ପିଲାଙ୍କୁ ଖୁଆଉଛନ୍ତି, ବାଇବେଲର ସେହି 'ଦୟାଳୁ ବ୍ୟକ୍ତି ଧନ୍ୟ କାରଣ ସେମାନେ ଈଶ୍ୱରଙ୍କ ଦୟା ପ୍ରାପ୍ତ ହୁଅନ୍ତି' (Blessed are the merciful, for they will be shown mercy.) ପରି ଅମୃତ ବାଣୀକୁ ସବୁବେଳେ ମନେ ପକାନ୍ତୁ।

Email: gandhim@nic.in

# ଗଣ ପରିବହନ

ଡ. ସୁବାସ ଚନ୍ଦ୍ର ପାତ୍ର

ବିଗତ ୧୫/୨୦ ବର୍ଷ ଭିତରେ ଭାରତ ବିଶେଷକରି ଓଡ଼ିଶାର ଲୋକମାନଙ୍କ ପରିବହନ ଶୈଳୀ ନିରୀକ୍ଷଣ କଲେ ତା' ଭିତରେ ହାଲୁକା ପୁଞ୍ଜିବାଦର ଛାପ ଦେଖିବାକୁ ମିଳେ। ଉଦାରୀକରଣ ପରେ ମଧ୍ୟବିତ୍ତଙ୍କ ଆର୍ଥିକ ସ୍ୱଚ୍ଛଳତା ବଢ଼ିଛି। ତେଣୁ ଯେଉଁମାନେ ସାଇକେଲ ଚଢୁଥିଲେ, ସେମାନେ ବାଇକ ଚଢ଼ିଲେ। ଯେଉଁମାନେ ବାଇକ ଚଢୁଥିଲେ ସେମାନଙ୍କ ମଧ୍ୟରୁ କିଛି କାର୍ ଚଢ଼ିଲେ। ବ୍ୟକ୍ତିଗତ ଗାଡ଼ିରେ ଯିବା ସ୍ୱାଭିମାନ ଓ ସାମାଜିକ ପରିଚୟର ପ୍ରଶ୍ନ ହେଲା। ବ୍ୟକ୍ତିର ମାନସିକ, ଆର୍ଥିକ ସ୍ତରରେ ଏହି ପ୍ରକାର ପରିବର୍ତ୍ତନ ଘଟୁଥିଲା ବେଳେ ସରକାର ତାଙ୍କ ଦାୟିତ୍ୱରୁ ଓହରିଗଲେ ଅର୍ଥାତ୍ ସରକାର ଗଣପରିବହନ କ୍ଷେତ୍ର ବିଶେଷତଃ ବସ୍‌ରେ ଯାତ୍ରୀ ପରିବହନ ବ୍ୟବସ୍ଥାରୁ ଅଦୃଶ୍ୟ ହୋଇଗଲେ।

ଏବେ ସମସ୍ତେ ପରିବେଶ ସଂରକ୍ଷଣ ପାଇଁ ଚିନ୍ତିତ। ବାୟୁମଣ୍ଡଳରେ ଧୂଆଁ, ଧୂଳିର ମାତ୍ରା ବଢ଼ିବା ନେଇ ରାତିଦିନ ବ୍ୟଗ୍ରତା ପ୍ରକାଶ କରାଯାଉଛି। ପେଟ୍ରୋଲିୟମ୍ ଆମଦାନୀ ବିଲ୍ ଦିନକୁ ଦିନ ବଢୁଛି। ଦିଲ୍ଲୀରେ ଯୁଗ୍ମ, ଅଯୁଗ୍ମ ଗାଡ଼ି ନମ୍ବର ନେଇ ବେଶ୍ ଖେଳକସରତ ଚାଲିଛି କିନ୍ତୁ ନା କେନ୍ଦ୍ରୀୟସ୍ତରରେ ନା ପ୍ରାଦେଶିକସ୍ତରରେ ଗଣପରିବହନ ବା ପରିବେଶମୂଳକ ପରିବହନ ପାଇଁ କୌଣସି ନିଷ୍ଠାପର ଉଦ୍ୟମ କରାଯାଉଛି।

ସିଙ୍ଗାପୁରରେ ବାହାର ଖାଦ୍ୟର ମାନ, ଗୁଣାତ୍ମକତା ଓ ବିବିଧତା ଯୋଗୁ ଲୋକେ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟ ଅଧିକ ପସନ୍ଦ କରୁଥିଲା ଭଳି ଏପିରି କି ଅନେକ ଘର ନକ୍ସାରୁ ରୋଷେଇ ବଖରାଟିଏ ଅନ୍ତର୍ହିତ ହୋଇଯାଇଥିଲା ଭଳି ଆମକୁ ଗଣପରିବହନ ବ୍ୟବସ୍ଥାକୁ ଏପରି ଆକର୍ଷଣୀୟ କରିବାକୁ ହେବ ଯେ ଅଧିକରୁ ଅଧିକ ଲୋକ ନିଜର ବ୍ୟକ୍ତିଗତ ପରିବହନ ବ୍ୟବସ୍ଥା ଛାଡ଼ି ବସ୍, ଟ୍ରେନ ବା ଯନ୍ତ୍ରଚାଳିତ ବୋଟରେ ଯିବାକୁ ଅଧିକ ପସନ୍ଦ କରିବେ। ପ୍ରଥମ ପଦକ୍ଷେପ ସ୍ୱରୂପ ରାସ୍ତାଗୁଡ଼ିକ ଯଥାସମ୍ଭବ ସିଧାସଳଖ କରିବାକୁ ପଡ଼ିବ, ଯାହା ବିକଶିତ ଦେଶରେ ଦେଖାଯାଏ। ଖାଲଖମାପୂର୍ଣ୍ଣ ଅଙ୍କାବଙ୍କା ରାସ୍ତାରେ ଯାତ୍ରା ଖାଲି ବିପଦପୂର୍ଣ୍ଣ ନୁହେଁ, ଏହା ଅଧିକ ସମୟସାପେକ୍ଷ। ତା' ଛଡ଼ା ପରିବେଶ ଦୃଷ୍ଟିରୁ ଅହିତକର, କାରଣ ବାରମ୍ବାର ଗାଡ଼ିର ଗତି ପରିବର୍ତ୍ତନ ସହ ଅଧିକ ଧୂଆଁ ନିର୍ଗମନ ହୋଇଥାଏ। ବିଦେଶରେ ଜଣେ ଗାଡ଼ିଚାଳକ ସିଧାସଳଖ ତଥା ଉଚ୍ଚମାନର ରାସ୍ତା ଯୋଗୁ ଦିନକୁ ଯେତିକି ସମୟ ଗାଡ଼ି ଚଳାଇ ଯେତିକି ଦୂର ଅତିକ୍ରମ କରେ ଭାରତବର୍ଷରେ ଗାଡ଼ିଚାଳକମାନେ ସେତିକି ସମୟ ଗାଡ଼ି ଚଳାଇ ପାରନ୍ତି ନାହିଁ କି ସେତିକି ଦୂର ଅତିକ୍ରମ କରିପାରନ୍ତି ନାହିଁ। ଏଥିଯୋଗୁ ଖାଲି ପରିବେଶ ଅଧିକ ପ୍ରଦୂଷିତ ହୁଏ ତା' ନୁହେଁ, ଅଧିକ 'ମାନବ ସମୟ' (ମ୍ୟାନ୍ ଆୱାର) ଏବଂ ଅଧିକ ମାନବ ସମ୍ବଳ କ୍ଷୟହୁଏ।

ଗଣପରିବହନକୁ ଉତ୍ସାହିତ କରିବାକୁ ହେଲେ ରାସ୍ତାର ଉନ୍ନତି ସହିତ କମ୍ ସମୟ ଭିତରେ, କମ୍ ଖର୍ଚ୍ଚରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ହେବ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି କରିବାକୁ ପଡ଼ିବ। ଯଦି ସମୟ, ଅର୍ଥ ସହିତ ପରିବହନକାରୀ ଯାନର ଗୁଣବତ୍ତା ଉତ୍ତମ ରହେ ଲୋକେ ଆପଣାଛାଏଁ ସାଧାରଣ ପରିବହନ ପ୍ରତି ଆକୃଷ୍ଟ ହେବେ। ଯେହେତୁ ଆମ ସମାଜରେ ଯେତେ ଯାହା କଲେ ବି ବିଭିନ୍ନ ଦୃଷ୍ଟିରୁ ବର୍ଗୀକରଣ ରହୁଛି, ପରିବହନ ପାଇଁ ଉଦ୍ଦିଷ୍ଟ ଯାନର ବର୍ଗୀକରଣ କରାଯାଇ ଉଚ୍ଚ ମଧ୍ୟବିତ୍ତ ଲୋକଙ୍କୁ ଏ ବ୍ୟବସ୍ଥା ପ୍ରତି ଆକର୍ଷିତ କରାଯାଇପାରେ।

ସହରୀ ପରିବହନକୁ ଅଧିକ ସମୟାନୁବର୍ତ୍ତୀ, ଅଧିକ ବାଧାମୁକ୍ତ କରିବା ପାଇଁ ବେଶି ଫ୍ଲାଇଓଭର ନିର୍ମାଣ କରିବାକୁ ପଡ଼ିବ ଏବଂ 'ମୋ ବସ୍'ରେ ଯେପରି ସରକାରଙ୍କ ତରଫରୁ ଖବରକାଗଜ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି, ତା' ନ ହେଲେ ବି ମୋବାଇଲ ଚାର୍ଜ ପଏଣ୍ଟ, ୱାଇଫାଇ, ସଙ୍ଗୀତ ଓ ଦୂରଗାମୀ ବସରେ ଶୌଚାଳୟର ବ୍ୟବସ୍ଥା କରାଯାଇପାରେ। ଫଳରେ ଜନସାଧାରଣରେ ପ୍ରତୀୟମାନ ହେବ ଯେ ବ୍ୟକ୍ତିଗତ ବା ଘରୋଇ ପରିବହନ ଅପେକ୍ଷା ଗଣପରିବହନ ଅଧିକ ଉତ୍ତମ ବିକଳ୍ପ। ରେଳ ଷ୍ଟେଶନରେ ଏକ ନିର୍ଦ୍ଦିଷ୍ଟ ସମୟରେ ଗାଡ଼ି ପହଞ୍ଚିବା ଓ ଛାଡ଼ିବା ପରି ଷ୍ଟପେଜଗୁଡ଼ିକରେ ଯଦି ସେପରି ଏକ ସୁସଂହତ ବ୍ୟବସ୍ଥା କରାଯାଇପାରନ୍ତା ଲୋକେ ସମୟାନୁବର୍ତ୍ତିତାକୁ ଏକ ଅଧିକାର ହିସାବରେ ସାବ୍ୟସ୍ତ କରନ୍ତେ ଏବଂ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ନେଇ ଲୋକେ ଆଶଙ୍କାରେ ରହନ୍ତେ ନାହିଁ।

ଯେହେତୁ ଗଣପରିବହନ ଏକ ପରିବେଶ ଉପଯୋଗୀ କାର୍ଯ୍ୟ, ଏଥିରେ ସରକାରଙ୍କୁ ଆବଶ୍ୟକତାଠୁ ଅଧିକ ସକ୍ରିୟ ହେବାକୁ ପଡ଼ିବ। କାରଣ ଘରୋଇ କମ୍ପାନୀ ବିନା ଲାଭରେ କିଛି କରିବେ ନାହିଁ। ଏଥିରେ ଗୋଟିଏ ପ୍ରଦେଶ ବା ଦେଶର ଦୀର୍ଘମିଆଦୀ ମାନବୀୟ ସ୍ୱାର୍ଥ ନିହିତ ଥିବାରୁ ଜନସାଧାରଣ ତଥା ରାଷ୍ଟ୍ର ବା ରାଜ୍ୟକୁ ବଞ୍ଚେଇ ରଖିବା ନ୍ୟାୟରେ ସରକାରଙ୍କୁ ପ୍ରଥମ ଅବସ୍ଥାରେ ଏହାକୁ ସାମାଜିକ କଲ୍ୟାଣ ଯୋଜନା ହିସାବରେ ପ୍ରଚଳନ କରିବାକୁ ପଡ଼ିବ।

ଖାଲି ଟ୍ରେନ କି ବସ୍ ନୁହେଁ ଜଳ ପରିବହନ ଏକ ପରିବେଶ ଅନୁକୂଳ, ଟ୍ରାଫିକ୍‌ମୁକ୍ତ, ଅଳ୍ପ ବ୍ୟୟସାପେକ୍ଷ, ମନୋରମ ପରିବହନ ବ୍ୟବସ୍ଥା। ଜଳ ପରିବହନ ପ୍ରାକୃତିକ ପରିବେଶରେ ଭ୍ରମଣର ଆନନ୍ଦ ହେଉଥିବାରୁ ଏହାକୁ ସୁସଂହତ କରିପାରିଲେ ଏହା ସମ୍ପୃକ୍ତ ଅଞ୍ଚଳ ପାଇଁ ଜୀବନରେଖା ପାଲଟି ପାରିବ। କେରଳ ଏ ଦିଗରେ ମାର୍ଗଦର୍ଶକ। ଉଭୟ ପର୍ଯ୍ୟଟନ ଓ ଯାତ୍ରୀପରିବହନ କ୍ଷେତ୍ରରେ କେରଳରେ ଭୂପୃଷ୍ଠ ପରିବହନ ଅପେକ୍ଷା ଜଳପରିବହନ ଅଧିକ ଆକର୍ଷଣୀୟ ଓ ଗ୍ରହଣୀୟ ହୋଇପାରିଛି। ଓଡ଼ିଶାର ନଦନଦୀ, କେନାଲ, ଡ୍ୟାମ୍‌କୁ ଏ ଦିଗରେ ବ୍ୟବହାର କରାଯାଇପାରେ। କେନାଲ ଦୃଷ୍ଟିରୁ ଦେଖିଲେ ସବୁଠୁ ବଡ଼ ସୁଯୋଗ ରହିଛି ଅବିଭକ୍ତ ବାଲେଶ୍ୱର ଜିଲାର ଭୋଗରାଇଠୁ ବାସୁଦେବପୁର ନିକଟବର୍ତ୍ତୀ ମନ୍ତେଇ ନଦୀ ପର୍ଯ୍ୟନ୍ତ ପାଖାପାଖି ୯୦ କିମି ଜଳପଥ। ବ୍ରିଟିଶ ଅମଳରେ ତିଆରି ଖଣ୍ଡାପରି ସିଧା ଏହି ଜଳପଥକୁ ବିକଶିତ କରିପାରିଲେ ଏହା ପରିବହନ, ପର୍ଯ୍ୟଟନ, ଜଳସେଚନ, ମତ୍ସ୍ୟଚାଷ କ୍ଷେତ୍ରରେ ବିରାଟ ଭୂମିକା ନିଭେଇ ପାରିବ। ପରିବେଶ ସୁରକ୍ଷା ପାଇଁ ସରକାରଙ୍କ ସହିତ ଜନସାଧାରଣ ମଧ୍ୟ ଆଗେଇ ଆସିବା ଆବଶ୍ୟକ।

ଜେଲ୍‌ରୋଡ଼, ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ଏଇ ଭାରତରେ

ଗାଈ ମୃତ୍ୟୁ ସହ ଏକ ଅଜବ ବିଶ୍ୱାସ ଯୋଡିହୋଇ ରହିଛି ମଧ୍ୟପ୍ରଦେଶର ବିଦିଶା ଅଞ୍ଚଳରେ। ଏହି ଅଞ୍ଚଳର ପାଥରି ଥାନା ଅନ୍ତର୍ଗତ ଏକ ଗାଁରେ ଜଣେ ବ୍ୟକ୍ତିଙ୍କ ଭୁଲ୍ ଯୋଗୁ ଗୋଟିଏ ବାଛୁରିର ମୃତ୍ୟୁ ଘଟିଥିଲା। ଏହା ପରେ ପଞ୍ଚାୟତ ବୈଠକ ଡକାଯାଇଥିଲା। ଏହି ବୈଠକରେ ବ୍ୟକ୍ତି ଜଣଙ୍କୁ ପ୍ରାୟଶ୍ଚିତ୍ତ ନିମନ୍ତେ ତାଙ୍କ ନାବାଳିକା କନ୍ୟାର ବାହାଘର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ବ୍ୟକ୍ତି ଜଣକ ମୋଟର ସାଇକେଲ୍‌ରେ ଯାଉଥିବା ସମୟରେ ବାଛୁରିଟି ହଠାତ୍ ରାସ୍ତାକୁ ଚାଲି ଆସିବାରୁ ଧକ୍କାରେ ତା'ର ମୃତ୍ୟୁ ହୋଇଥିଲା। ପରେ ପାପ କ୍ଷୟ ଲାଗି ସେହି ବ୍ୟକ୍ତି ଗଙ୍ଗା ସ୍ନାନ କରି ଗ୍ରାମବାସୀଙ୍କୁ ଭୋଜି ଦେବାକୁ ପ୍ରସ୍ତୁତ ହୋଇଯାଇଥିଲେ, କିନ୍ତୁ ଗ୍ରାମବାସୀ ଏଥିରେ ରାଜି ନ ହୋଇ ତାଙ୍କ ନାବାଳିକା କନ୍ୟାର ବାହାଘର କରିବା ଲାଗି ପଞ୍ଚାୟତ ବୈଠକରେ କହିଥିଲେ। ପଞ୍ଚାୟତର ନିର୍ଦ୍ଦେଶକ୍ରମେ ଝିଅର ବାହାଘର କରିବା ପାଇଁ ବ୍ୟକ୍ତି ଜଣକ ରାଜି ହୋଇ ଯୋଗାଡ଼ରେ ଲାଗିଗଲେ। କିନ୍ତୁ ପଞ୍ଚାୟତର ଫଇସଲା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ପହଞ୍ଚିବା ପରେ ପୋଲିସ ବାହାଘର ବନ୍ଦ କରିଥିଲା। ପରେ କନ୍ୟାଙ୍କୁ ୧୮ ବର୍ଷ ହେବା ଯାଏ ବାହାଘର ନ କରିବା ଲାଗି ପରିବାରଠାରୁ ଲିଖିତ ପ୍ରତିଶ୍ରୁତି ନିଆଯାଇଥିଲା। କୁହାଯାଏ କି, ମଧ୍ୟପ୍ରଦେଶର ଗ୍ରାମାଞ୍ଚଳଗୁଡ଼ିକରେ ଯଦି କାହାର ଭୁଲ୍ ଯୋଗୁ ଗାଈ ମରିଯାଏ ତେବେ ତାଙ୍କ ଉପରେ ସବୁ ପ୍ରକାର ସାମାଜିକ ପ୍ରତିବନ୍ଧକ ଲାଗୁ କରାଯାଏ। ତାଙ୍କୁ ଗଙ୍ଗାସ୍ନାନ କରିବା ଲାଗି କୁହାଯାଏ। ଏମିତିକି ଗ୍ରାମବାସୀଙ୍କୁ ଭୋଜି ଦେବା ସହ ନାବାଳିକାର ବାହାଘର କରିବା ଲାଗି ତାଙ୍କୁ କୁହାଯାଏ। ପାପରୁ ମୁକ୍ତି ପାଇବା ଲାଗି କନ୍ୟାଦାନ ଏକମାତ୍ର ଉପାୟ ବୋଲି ସେମାନଙ୍କ ବିଶ୍ୱାସ ରହିଛି।

## ଚିରନ୍ତନୀ

ଚଳ ଚଳ ଚିତ୍ରୋତ୍ପଳା ହସ ହସ ମୁଖ
ତରଳ ଅନ୍ତରେ ତୋର ନଚାଇ ମୟୂଖ,
ନୀଳ ହେଲା ତୋର ଜଳ
ଧୋଇ ସେ କାହା କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଃଖସୁଖ। (ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଫେବୃୟାରୀ ୧୯୯୫

- ସାତବର୍ଷରୁ କମ ବୟସର ପିଲାମାନେ ଫ୍ଲୋରାଇଡଯୁକ୍ତ ଟୁଥପେଷ୍ଟ ବ୍ୟବହାର କରିବା ଉପରେ କେନ୍ଦ୍ର ସରକାରଙ୍କ କଟକଣା।
- ଚଳିତବର୍ଷ ଏପ୍ରିଲ ମାସରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟମ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ)ର ଶୀର୍ଷ ବୈଠକ ପାକିସ୍ତାନର ଅନୁରୋଧ କ୍ରମେ ସ୍ଥଗିତ ରଖାଯାଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | 8 | | | 4 | | | | D | | | 5 |
| 6 | | | B | | 7 | | | A | | C | | | 0 | |
| | | | | | 3 | | C | | 1 | 5 | | E | | 9 |
| | 8 | | | | C | 5 | | 2 | B | | | | 4 | 1 |
| | | 5 | | 2 | 0 | | | | | A | 3 | C | | |
| | C | | 1 | | | 0 | | | A | 2 | | | 8 | |
| | | | | B | | | | 9 | | | | | 3 | 6 |
| | 5 | 2 | 7 | | A | 1 | | 6 | 3 | | | | D | 4 |
| | | | | C | | | 8 | B | | | | | | |
| 0 | | 1 | | 4 | | | 3 | | | 9 | | | | |
| B | | | | E | | | | | | D | | | | |
| E | 9 | A | | | | 6 | | | | | | | 5 | D |
| C | 3 | | | 6 | | | | | | | 5 | | 7 | 0 |
| | 7 | 8 | | | | | | 4 | | 0 | | 3 | C | |
| | | | | 3 | | | 0 | 5 | | E | 4 | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | C | 9 | 0 | 4 | 3 | A | 7 | 6 | B | 1 | D | E | 2 |
| 6 | 3 | 4 | 8 | 2 | 1 | 9 | 5 | D | A | E | 0 | C | 7 | B |
| 7 | A | 2 | 5 | D | 6 | B | E | 1 | C | 9 | 8 | 0 | 4 | 3 |
| 0 | D | 1 | E | B | A | 2 | 6 | C | 7 | 3 | 4 | 5 | 9 | 8 |
| E | 9 | B | C | 7 | 3 | 4 | 8 | 0 | D | 5 | 2 | A | 6 | 1 |
| A | 2 | 5 | 6 | 4 | 7 | D | 1 | 9 | E | 8 | B | 3 | 0 | C |
| 3 | E | 0 | 1 | 5 | B | C | 4 | 8 | 2 | 6 | 9 | 7 | D | A |
| 9 | B | 6 | D | C | 8 | A | 7 | E | 0 | 1 | 3 | 2 | 5 | 4 |
| C | 7 | 8 | 3 | E | 0 | 5 | 2 | B | 4 | D | A | 6 | 1 | 9 |
| 1 | 4 | D | 2 | A | 9 | 6 | 0 | 3 | 5 | C | 7 | B | 8 | E |
| D | 8 | 3 | 0 | 9 | E | 7 | B | 6 | 1 | A | C | 4 | 2 | 5 |
| 5 | C | 7 | 4 | 6 | D | 8 | 9 | A | B | 2 | E | 1 | 3 | 0 |
| B | 0 | 9 | A | 3 | 5 | 1 | D | 2 | 8 | 4 | 6 | E | C | 7 |
| 4 | 1 | A | 7 | 8 | 2 | E | C | 5 | 3 | 0 | D | 9 | B | 6 |
| 2 | 6 | E | B | 1 | C | 0 | 3 | 4 | 9 | 7 | 5 | 8 | A | D |

ଗତକାଲିର ଉତ୍ତର

# ରାଜ୍ୟ ବଜେଟ: ୨୦୨୦-୨୧

ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୧୮ରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ପ୍ରଥମଥର ପାଇଁ ଅର୍ଥମନ୍ତ୍ରୀ ଇ-ବଜେଟ ଉପସ୍ଥାପନ କରିଛନ୍ତି। ଫଳରେ ବଜେଟ ପୁସ୍ତିକା ଛପାଜନିତ ବ୍ୟୟ ଓ ସମସ୍ୟାରୁ ରାଜ୍ୟ ମୁକ୍ତିପାଇଛି। ବଜେଟକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଜେଟ ଓଡ଼ିଶା ଗଠନ ପ୍ରକ୍ରିୟାରେ ସହାୟକ ହେବ ବୋଲି କହିଲା ବେଳେ ବିରୋଧୀ ଦଳ ଏହାକୁ ନୈରାଶ୍ୟଜନକ, ନୂତନତ୍ୱବିହୀନ ଏବଂ ଏଥିରେ ଲୋକଙ୍କୁ ରୋଜଗାର ଦେବାର ଉଦ୍ୟମ ନାହିଁ ବୋଲି କହିଛନ୍ତି। ଅର୍ଥମନ୍ତ୍ରୀଙ୍କ କହିବାନୁସାରେ ବଜେଟରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଖେଳ, ପର୍ଯ୍ୟଟନ, ପରିବେଶର ଉନ୍ନତି ପାଇଁ ଧ୍ୟାନ ଦିଆଯାଇଛି। ମୋ ସରକାରର ୫-ଟି ମନ୍ତ୍ର ଏଥିରେ ପ୍ରତିଫଳିତ ହୋଇଛି, ଯାହା ଅର୍ଥନୀତିକୁ ପ୍ରଗତି ପଥରେ ନେଇଯିବ। ବିଭିନ୍ନ ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ଅଧିକ ବିନିଯୋଗ ଯୋଗୁ ରାଜ୍ୟର ଆର୍ଥିକ ଅଭିବୃଦ୍ଧି, ପ୍ରଗତି ତ୍ୱରାନ୍ୱିତ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପୂର୍ବପରି ଏଥର ମଧ୍ୟ ଅର୍ଥମନ୍ତ୍ରୀ ସ୍ୱତନ୍ତ୍ର କୃଷି ବଜେଟ ଓ ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି। ଏହା ସହିତ ୟୁନିସେଫ୍ ସହାୟତା, ଶିଶୁ ବଜେଟ, ଜେଣ୍ଡର ବା ଲିଙ୍ଗ ବଜେଟ, ଜଳବାୟୁ ବଜେଟ, ପୁଷ୍ଟି ବଜେଟ ଉପସ୍ଥାପନ କରିଛନ୍ତି। ଭାରତବର୍ଷରେ ଜଳବାୟୁ ଓ ପୁଷ୍ଟି ସମ୍ପର୍କିତ ବଜେଟ ଉପସ୍ଥାପନ କରିବାରେ ଓଡ଼ିଶା ପ୍ରଥମ। ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବା ସ୍ୱାଗତଯୋଗ୍ୟ। କିନ୍ତୁ ଆର୍ଥିକ ସର୍ବେକ୍ଷଣ ପରି ଗୋଟିଏ ପୁସ୍ତିକାରେ ସବୁଯାକ ସନ୍ନିବେଶିତ କରିଥିଲେ କମ୍ ସମୟରେ ଡାଉନଲୋଡ କରିବା ଓ ଅଧ୍ୟୟନ କରିବା ସହଜ ହୋଇଥାନ୍ତା। ପୁନଶ୍ଚ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ ଅର୍ଥ ନୁହେଁ ସେହି କ୍ଷେତ୍ରରେ ଅଧିକ ବ୍ୟୟବରାଦ ଆପେ ଆପେ ହୋଇଯିବ। ସାଧାରଣତଃ ଏକ ବଜେଟକୁ ଯେତେବେଳେ ସମୀକ୍ଷା କରାଯାଏ, ନୋମିନାଲ ମୂଲ୍ୟରେ କେତେ ବୃଦ୍ଧି ପାଇବ ତାହା ବିଚାର କରାଯାଏ ନାହିଁ। କାରଣ ଏହା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଇଥାଏ। ଏଣୁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କେତେ ବ୍ୟୟ ଅଟକଳ ବୃଦ୍ଧି ପାଇଛି, ତାହା ସମୀକ୍ଷା ହେବାକଥା। ରାଜ୍ୟ ଜିଡିପି ଅନୁସାରେ ମୋଟ ବ୍ୟୟ ତଥା ବିଭିନ୍ନ କ୍ଷେତ୍ରରେ ବ୍ୟୟ, ରାଜସ୍ୱ, ଅଣରାଜସ୍ୱ କେତେ ବୃଦ୍ଧି ପାଇଛି ତାହାକୁ ବିଚାରକୁ ନିଆଯାଇଥାଏ। ବଜେଟ ଉପସ୍ଥାପନ ସମୟରେ ଅର୍ଥମନ୍ତ୍ରୀ ୨୦୨୦-୨୧ ବର୍ଷରେ ନୋମିନାଲ ଜିଏସ୍‌ଡିପି ୧୧.୭% ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରିଛନ୍ତି। ଅର୍ଥାତ୍ ବାସ୍ତବ ଜିଏସ୍‌ଡିପି ବୃଦ୍ଧି ୭% ହେବ ବୋଲି ଆକଳନ କରାଯାଇଥିବା ବେଳେ ମୁଦ୍ରାସ୍ଫୀତି ୪.୭% ହେବ ବୋଲି ଆଶା କରାଯାଇଛି। ଅର୍ଥାତ୍ ନୋମିନାଲ ଜିଏସ୍‌ଡିପି ଯାହା ୨୦୧୯-୨୦ ଆର୍ଥିକ ବର୍ଷରେ ଧାର୍ଯ୍ୟ ଅଟକଳ ଅନୁସାରେ ୫,୪୦,୮୧୨ କୋଟି ଟଙ୍କା ଏବଂ ସଂଶୋଧିତ ଅଟକଳରେ ହ୍ରାସ ପାଇ ୫,୩୩,୮୨୨ କୋଟି ଟଙ୍କା ହୋଇଥିଲା, ତାହା ବୃଦ୍ଧି ପାଇ ୨୦୨୦-୨୧ ବର୍ଷରେ ୫,୯୬,୨୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହାକୁ ଭିତ୍ତିକରି ସେ ୨୦୨୦-୨୧ ବର୍ଷ ପାଇଁ ମୋଟ ବଜେଟ ବ୍ୟୟ ଅଟକଳ ୧,୫୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷରେ ଏହା ୧,୩୯,୦୦୦ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୧,୩୫,୦୦୦ କୋଟି ଟଙ୍କା ହୋଇଛି। ଅର୍ଥାତ୍ ୨୦୧୯-୨୦ର ସଂଶୋଧିତ ଅଟକଳ ଉପରେ ୨୦୨୦-୨୧ ବର୍ଷର ବ୍ୟୟବରାଦ ବା ବଜେଟ ଅଟକଳ ୧୧.୧୧% ଅଧିକ।

ଏହା ସତ୍ତ୍ୱେ ଯେତେବେଳେ ଅଭିବୃଦ୍ଧି ହାର ହ୍ରାସ ପାଉଛି ସେତେବେଳେ ଅଧିକ ଅଭିବୃଦ୍ଧି କିପରି ହେବ ତାହା ଅର୍ଥମନ୍ତ୍ରୀ କହିନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮-୧୯ରେ ଆର୍ଥିକ ଅଭିବୃଦ୍ଧି ୮.୨୪% ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ଏହା ୭.୯% ହୋଇଛି। ସେହିପରି ୨୦୧୯-୨୦ରେ ବାସ୍ତବ ଅଭିବୃଦ୍ଧି ୭.୬% ଏବଂ ନାମାଙ୍କନ ଅଭିବୃଦ୍ଧି ୧୧% ହେବ ବୋଲି ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ଏହା ଯଥାକ୍ରମେ ୬.୧% ଏବଂ ୭.୬୬% ହୋଇଛି। ବାସ୍ତବ ଏବଂ ନାମାଙ୍କନ ଅଭିବୃଦ୍ଧି ମଧ୍ୟରେ ପାର୍ଥକ୍ୟ ମାତ୍ର ୧.୫୬% ହେବା ଯୋଗୁ ତଥ୍ୟ ନେଇ ମନରେ କିଛିଟା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବଶ୍ୟ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଗତ ୭ ବର୍ଷରେ ଜାତୀୟ ସ୍ତରରେ ଅଭିବୃଦ୍ଧି ହାର ମାତ୍ର ୬% ହୋଇଥିବା ବେଳେ ଓଡ଼ିଶା କ୍ଷେତ୍ରରେ ଏହା ୮%।

ବଜେଟରେ ମୋଟ ବ୍ୟୟବରାଦ ବୃଦ୍ଧି ସହିତ ତାଳଦେଇ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି ପାଇଛି। କିଛି କ୍ଷେତ୍ରରେ ନାମାଙ୍କନ ମୂଲ୍ୟରେ ମଧ୍ୟ ହ୍ରାସ ପାଇଛି। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କିଛି କ୍ଷେତ୍ରରେ ମଧ୍ୟ ହ୍ରାସ ପାଇଛି। ପ୍ରଶାସନିକ ବ୍ୟୟ ୨୦୧୯-୨୦ରେ ୫୭,୩୧୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏହା ସଂଶୋଧିତ ଅଟକଳରେ ୫୫,୪୯୦ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ଏହି ବଜେଟରେ ଏହା ୬୫,୬୫୫ କୋଟି ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଛି। ସେହିପରି କାର୍ଯ୍ୟକ୍ରମ ବ୍ୟୟ ଯାହା ୨୦୧୯-୨୦ ବର୍ଷରେ ୭୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା, ତାହା ସଂଶୋଧିତ ଅଟକଳରେ ୬୮,୦୦୦ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ଏହି ବଜେଟରେ ଏହା ୭୪,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୩୨୦୦ କୋଟି ଟଙ୍କା ଏବଂ ଲୋକାଲ ବଡିଜ୍ ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ପାଇଁ ୭୧୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ବଜେଟ ବାହାରେ ୬୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ରାଜ୍ୟ ଯୋଜନା ପାଇଁ ୪୪୯୮୮.୧୦କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ କେନ୍ଦ୍ରୀୟ ଯୋଜନା ପାଇଁ ୪୫୬.୨୦କୋଟିଟଙ୍କା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ୨୮୫୫୫.୭୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି।

ସାଧାରଣତଃ ପୁଞ୍ଜି ବ୍ୟୟ ଅଧିକ ହେବା ଭଲ। କାରଣ ଏହା ସମ୍ପଦ ସୃଷ୍ଟି କରିବା ସହିତ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ବଜେଟରେ ଏହା ବୃଦ୍ଧି ପାଇଛି। ୨୦୧୯-୨୦ରେ ସଂଶୋଧିତ ଅଟକଳ ୨୩୬୫୫.୨୪ ଟଙ୍କା ହୋଇଥିଲାବେଳେ ଏହି ବଜେଟ୍‌ରେ ଏହା ୨୬୫୧୩.୪ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି, ଯାହା ରାଜ୍ୟ ଜିଏସ୍‌ଡିପିର ୪.୫%। କାର୍ଯ୍ୟକ୍ରମ ବ୍ୟୟର ମୁଖ୍ୟ ଅଂଶ ପୁଞ୍ଜିବ୍ୟୟ ଆଡକୁ ନିଆଯାଇଛି। କିନ୍ତୁ ବେଶି ଚିନ୍ତାର ବିଷୟ ହେଉଛି ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତିର କୁପ୍ରଭାବ ରାଜ୍ୟ ଉପରେ ଅନୁଭୂତ ହୋଇଛି। ରାଜ୍ୟର ୨୦୧୯-୨୦ ବର୍ଷରେ ଧାର୍ଯ୍ୟ ବ୍ୟୟବରାଦ ଏବଂ ମୋଟ ରାଜସ୍ୱ ପ୍ରାପ୍ତି ୪୦୦୦ କୋଟି ଟଙ୍କା ସଂଶୋଧିତ ଅଟକଳରେ ହ୍ରାସପାଇଛି। ମୋଟ ରାଜସ୍ୱ ପ୍ରାପ୍ତି ୧,୧୫,୨୬୬କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲାବେଳେ ସଂଶୋଧିତ ଅଟକଳରେ ଏହା ୧୧୧୭୦.୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ରାଜ୍ୟର ଏହି ହ୍ରାସ ପାଇଁ କେନ୍ଦ୍ର ଦାୟୀ। କେନ୍ଦ୍ରୀୟ ଟିକସ ହ୍ରାସ ପାଇବା ଯୋଗୁ କେନ୍ଦ୍ରରୁ ରାଜ୍ୟଗୁଡ଼ିକ ଅର୍ଥ କମିଶନ ସୁପାରିସ ଅନୁଯାୟୀ ଯେଉଁ ପାଣ୍ଠି ପାଇଥାନ୍ତି ତାହା ହ୍ରାସ ପାଇଛି। ୨୦୧୯-୨୦ ବର୍ଷରେ ରାଜ୍ୟ ଏ ବାବଦରେ କେନ୍ଦ୍ରରୁ ୩୯୨୦୬.୫୯ କୋଟି ଟଙ୍କା ପାଇବ ବୋଲି ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ୩୦୪୫୩.୨୫ କୋଟି ଟଙ୍କା ମାତ୍ର ପାଇଛି। ରାଜ୍ୟର ନିଜସ୍ୱ ଅଣଟିକସ ଏବଂ କେନ୍ଦ୍ରର ଅନୁଦାନ ପରିମାଣ ବୃଦ୍ଧି ଯୋଗୁ ଏହା କିଛିଟା ଭରଣା ହୋଇଛି।

ରାଜ୍ୟ ସରକାର ସର୍ବଦା ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରୁଛନ୍ତି। କିନ୍ତୁ ଏଥର ପୂର୍ବ ବର୍ଷ ଅପେକ୍ଷା ବ୍ୟୟବରାଦ ହ୍ରାସ ପାଇଛି। ଗତ ବଜେଟରେ ଏହା ୨୦,୭୧୬ କୋଟି ଟଙ୍କା ଥିଲାବେଳେ ଏହି ବଜେଟରେ ୧୯,୪୦୮ କୋଟି ଟଙ୍କାକୁ ହ୍ରାସ ପାଇଛି। ଆର୍ଥିକ ସର୍ବେକ୍ଷଣ ଅନୁଯାୟୀ ଜଳସେଚନ ଅଭାବ ଯୋଗୁ ଚାଷୀମାନେ ବୀତସ୍ପୃହ ହୋଇ କୃଷିକାର୍ଯ୍ୟ ଛାଡୁଛନ୍ତି। ଏବେ ସୁଦ୍ଧା ଅନେକ ଦ୍ରବ୍ୟ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଅଧିକ ଧ୍ୟାନ ଦେବା ଆବଶ୍ୟକ। କିନ୍ତୁ ବେକାରି ସମସ୍ୟାର ସମାଧାନ, ନିଯୁକ୍ତି ବୃଦ୍ଧି, କୃଷି ସଂକଟର ସମାଧାନ, ରୁଗ୍ଣ ଶିଳ୍ପର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ।

ମୋ-୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ଉପରୁ ହଟିବା ଦରକାର

ମହାଶୟ,

ସରକାର ଅନେକ ସମୟରେ କର୍ମଚାରୀମାନଙ୍କ ଆୟବହିର୍ଭୂତ ସମ୍ପତ୍ତି ଠାବ କରୁଛନ୍ତି, ସେଥିପାଇଁ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରୁଛନ୍ତି। ଏହା ନିଶ୍ଚିତ ଉତ୍ତମ ପଦକ୍ଷେପ। କିନ୍ତୁ ସେହି ସରକାର କାହିଁକି ଜନପ୍ରତିନିଧିମାନଙ୍କ ପାଇଁ ସେଇ ଏକା ମନୋଭାବ ପୋଷଣ କରୁନାହାନ୍ତି। ନିର୍ବାଚନରେ ଅଂଶଗ୍ରହଣ କରିଥିବା ତିନି ଚତୁର୍ଥାଂଶ ଜନପ୍ରତିନିଧି କୋଟିପତି। ସେମାନଙ୍କ ସତ୍ୟପାଠରେ ସେମାନେ ନିଜେ ତାହା ପ୍ରକାଶ କରିଛନ୍ତି। ସରକାର ଭାବିବେ କି ରାଜନୀତି କ୍ଷେତ୍ରକୁ ଆସିବା ପୂର୍ବରୁ ସେମାନଙ୍କ ସମ୍ପତ୍ତି କେତେ ଥିଲା ଓ ଗୋଟିଏ ଗୋଟିଏ ଅବଧିରେ ତାହା କେତେ ପରିମାଣରେ ବୃଦ୍ଧି ପାଉଛି ଏବଂ ସେଥିରୁ କେତେ ଆୟବହିର୍ଭୂତ ? କେବଳ ଆୟକର ଦେବା କୌଣସି ସମ୍ପତ୍ତିର ବୈଧତା ପ୍ରମାଣପତ୍ର ନୁହେଁ। ତା'ର ଉତ୍ସ ସ୍ୱଚ୍ଛ ହେବା ଉଚିତ। କେବଳ ଦୁର୍ବଳ ଓ ତଳିଆ କର୍ମଚାରୀଙ୍କ ପ୍ରତି ସରକାର କଠୋର ହେଲେ ଆର୍ଥିକ ସ୍ୱଚ୍ଛତା ଆସିବ ନାହିଁ କି ଭ୍ରଷ୍ଟାଚାର କମିଯିବ ନାହିଁ।

ପ୍ରଭାତ କୁମାର ଦାସ, ୫୮ ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର

### ପଛସିଟ୍‌ବାଲା ପାଇଁ ହେଲ୍‌ମେଟ କଟକଣା

ଜଣେ ବାଇକ୍ ଚାଳକ ନିଜ ସୁରକ୍ଷା ଦୃଷ୍ଟିରୁ ହେଲ୍‌ମେଟ ପିନ୍ଧିବା ଆବଶ୍ୟକ। କିନ୍ତୁ ତା' ପଛ ସିଟ୍‌ରେ ବସୁଥିବା ଲୋକ ପାଇଁ ହେଲ୍‌ମେଟ ପିନ୍ଧିବାକୁ ବାଧ୍ୟତାମୂଳକ କରିବା ମୋ ମତରେ ଠିକ୍ ନୁହେଁ। କାରଣ ପଛ ସିଟ୍‌ରେ ସବୁବେଳେ କେହି ବସନ୍ତିନି। ହୁଏତ ବାଟରେ କିଏ ଜଣେ ବନ୍ଧୁ ଦେଖାହେଲା ଓ କହିଲା ଭାଇ ମୁଁ ତୋ ଗାଡ଼ିରେ ଟିକେ ବସିକି ଯିବି। ସେତେବେଳେ ତା' ପାଇଁ ଆଉ ଗୋଟାଏ ହେଲମେଟ କେଉଁଠୁ ଆସିବ ?

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଖି ବନ୍ଦ ସମୟରେ ସ୍ୱପ୍ନ ତ ନିଶ୍ଚିତ ଆସେ। କିନ୍ତୁ ଏହି ସ୍ୱପ୍ନକୁ ପୂରା କରିବା ପାଇଁ ଆଖିର ଆବଶ୍ୟକତା ଢେର୍ ଅଧିକ। ଆଖି ନ ଥାଇ ସ୍ୱପ୍ନକୁ ସାକାର କରିଛନ୍ତି ଜଣେ ଦିବ୍ୟାଙ୍ଗ ବାଳକ। ତାଙ୍କର ଚକ୍ଷୁ ନ ଥାଇ ମଧ ୩୦ ମିନିଟ୍‌ରେ ୬୦୦ ମିଟର ନଦୀ ପାର୍ ହେବାରେ ସେ ସକ୍ଷମ ହୋଇଛନ୍ତି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଦିବ୍ୟାଙ୍ଗ ଆର୍. ମନୋଜ ମଙ୍ଗଳବାର ମାତ୍ର ୩୦ ମିନିଟ୍‌ରେ ୬୦୦ ମିଟରର ଏକ ନଦୀ ପାରିହୋଇ ରେକର୍ଡ ସୃଷ୍ଟି କରିଛନ୍ତି।

## ବର୍ଜ୍ୟରୁ ପବିତ୍ର ବସ୍ତ୍ର

# ପ୍ଲାଷ୍ଟିକ ପ୍ରେମରେ ବୌଦ୍ଧ ଭିକ୍ଷୁ

**ବ୍ୟାଙ୍କକ୍:** କେଇ ଦଶନ୍ଧି ଧରି ଜରୁରୀ ବ୍ୟବହାର୍ଯ୍ୟ ସାମଗ୍ରୀ ପାଲଟିଥିବା ପ୍ଲାଷ୍ଟିକ୍ ଏବେ ପରିବେଶ ପାଇଁ ସାଜିଛି ଭସ୍ମାସୁର। ସିଙ୍ଗଲ ୟୁଜ୍ଡ (ଥରେ ବ୍ୟବହାର ଉପଯୋଗୀ) ପ୍ଲାଷ୍ଟିକର ସୁପରିଚାଳନା, ପୁନଃଚକ୍ରଣ ଏବେ ସାରା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଛି। ଏଥିରୁ ମୁକୁଳିବାକୁ ଅନେକ ଦେଶ ପ୍ଲାଷ୍ଟିକଜାତ ସାମଗ୍ରୀକୁ ବ୍ୟାନ୍ କରିସାରିଲେଣି। ହେଲେ ଥାଇଲାଣ୍ଡର ବୌଦ୍ଧ ଭିକ୍ଷୁମାନେ ଦାନ ସୂତ୍ରରେ ଗ୍ରହଣ କରୁଛନ୍ତି ବର୍ଜ୍ୟ ପ୍ଲାଷ୍ଟିକ୍। ସବୁଠାରୁ ରୋଚକ କଥା ରେଶମ, ପଶମ ଭଳି ପ୍ଲାଷ୍ଟିକ୍‌ରୁ ବାହାରୁଛି ସୂତା। ଏଥିରୁ ବୌଦ୍ଧ ଭିକ୍ଷୁଙ୍କ ପାଇଁ ପ୍ରସ୍ତୁତ ହେଉଛି ପବିତ୍ର ପୋଷାକ। ବର୍ଜ୍ୟରୁ ବସ୍ତ୍ର ତିଆରି କରି ଭିନ୍ନ ଉଦାହରଣ ସୃଷ୍ଟି କରିଛି 'ୱାଟ ଚକ୍ ଡାଏଙ୍ଗ' ବୌଦ୍ଧ ମନ୍ଦିର।

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ଠାରୁ ମାତ୍ର ୩୦ କିମି ଦୂରରେ ରହିଛି 'ୱାଟ ଚକ୍ ଡାଏଙ୍ଗ' ବୌଦ୍ଧ ବିହାର। ଏଠାକାର ଭିକ୍ଷୁମାନେ ଧର୍ମ ଚର୍ଚ୍ଚାଠାରୁ ପରିବେଶ ସୁରକ୍ଷା ଉପରେ ବେଶି ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି। ମନ୍ଦିରର ଦୈନନ୍ଦିନ ନୀତିରେ ସାମିଲ ହୋଇଛି ପରିବେଶ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ। ସାରା ଦୁନିଆରେ ରହୁଥିବା ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ଦିଗରେ



କାର୍ଯ୍ୟ କରୁଛି 'ୱାଟ ଚକ୍ ଡାଏଙ୍ଗ'। ଏହାର ଅଧିକ ପ୍ରଚାର ପ୍ରସାର କରିବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଠାକୁ ଆମନ୍ତ୍ରିତ ହୋଇ ଆସୁଛନ୍ତି ସେଲିବ୍ରିଟି, ଏନ୍‌ଜିଓର କର୍ମକର୍ତ୍ତା। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଦାନ ସୂତ୍ରରେ ଟଙ୍କା ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଦେଇଥାନ୍ତି। ଏହି ସମୟରେ ଥାଳି ଧରି ବୌଦ୍ଧ ଭିକ୍ଷୁମାନେ ମାଗିଥାନ୍ତି ପ୍ଲାଷ୍ଟିକ୍ ନିର୍ମିତ ବର୍ଜ୍ୟ ସାମଗ୍ରୀ।

ମନ୍ଦିରର ୫୬ ବର୍ଷୀୟ ଭିକ୍ଷୁ ଫ୍ରା ଟିପାକୋର୍ନ ଏରିୟୋ କୁହନ୍ତି, ପ୍ଲାଷ୍ଟିକରୁ ସୂତା ବାହାର କରି ଭିକ୍ଷୁଙ୍କ ଲାଗି ଗେରୁଆ ରଙ୍ଗର ବସ୍ତ୍ର ବୁଣାଯାଉଛି। ଧର୍ମୀୟ ଭାବନା ସହ ଜଡ଼ିତ ଥିବାରୁ ପ୍ଲାଷ୍ଟିକ୍ ଦାନ ପାଇଁ ଲୋକେ ଆଗ୍ରହୀ ହେଉଛନ୍ତି। ଅଦ୍ୟାବଧି ୪୦ ଟନ ପ୍ଲାଷ୍ଟିକ୍ ରିସାଇକେଲ କରା ସରିଲାଣି। ୩ବର୍ଷ ତଳେ ମନ୍ଦିରକୁ ଆସିଥିବା ଜଣେ ବ୍ୟକ୍ତି ନିଜେ ପିନ୍ଧିଥିବା ପୋଷାକ ଦେଖାଇଥିଲେ, ଯାହା ପ୍ଲାଷ୍ଟିକ୍ ସୂତାରେ ନିର୍ମିତ ହୋଇଥିଲା। ଏହାପରେ ଏପରି ମହତ୍ ବିଚାରକୁ କାର୍ଯ୍ୟକାରୀ କରିବା ଭାବନା ମନକୁ ଜୁଟିଥିଲା। ଏଥିଲାଗି ମନ୍ଦିରରେ ବିଶାଳକାୟ ରିସାଇକ୍ଲିଂ ମେଶିନ ସ୍ଥାପନ କରାଯାଇଛି, ଯେଉଁଥିରୁ ଖୁବ୍ ସହଜରେ ପ୍ଲାଷ୍ଟିକ୍‌ରୁ ସୂତା ବାହାର କରାଯାଇପାରୁଛି। ଏହାକୁ ସିଲାଇ କରିବା ଲାଗି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତ କରାଯାଇଛି। ବିଭିନ୍ନ କମ୍ପାନୀ ସହିତ ମିଶି ପେନ୍‌ସିଲଠାରୁ ଆରମ୍ଭ କରି ନୌକା, ସେଡ୍ ମଧ ପ୍ରସ୍ତୁତ କରାଯାଉଛି। ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସି ପ୍ଲାଷ୍ଟିକ୍ ପରିଚାଳନା ସମ୍ପର୍କରେ ବହୁ କଥା ଜାଣିବାକୁ ଆଗ୍ରହୀ ହେଉଛନ୍ତି।

# ଦାରିଦ୍ର୍ୟ ହଟାଇବ ସାମାଜିକ ନ୍ୟାୟ

ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଉଛି। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି,ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏଥିପାଇଁ ୨୬ ନଭେମ୍ବର,୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ୨୦ ଫେବୃୟାରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିବାପରେ ୨୦୦୯ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏକ ନିଷ୍ପକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲ୍‌ଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଏହି ଘୋଷଣାନାମା ୧୦ ଜୁନ୍,୨୦୦୮ରେ କରାଯାଇଥିଲା। ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଏ। ପୂର୍ବରୁ ଆଇଏଲ୍‌ଓ ଦ୍ୱାରା ୧୯୪୪ ଏବଂ ୧୯୯୮ରେ ଦୁଇଟି ଘୋଷଣା କରାଯାଇଥିଲେ ମଧ ୨୦୦୮ ଘୋଷଣାନାମା ଜଗତୀକରଣ ଯୁଗରେ ଏକ ନୂଆ ଦିଶା ଦେଖାଇଛି। ଏକ ଜଟିଳ ରାଜନୈତିକ ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇଥିଲା ଓ ଏଥିପାଇଁ ଏକ ବିସ୍ତୃତ ସହମତି ପ୍ରକାଶ ପାଇଥିଲା। ବିଶ୍ୱରେ ୨୦୦୮ ପରେ ନିଯୁକ୍ତି ହାର ବାର୍ଷିକ ୦.୧ ପ୍ରତିଶତ ବୃଦ୍ଧି ପାଉଛି। ଏହା ୨୦୦୦ରୁ ୨୦୦୭ ମଧ୍ୟରେ ଥିଲା ୦.୯ ପ୍ରତିଶତ। ଏବେ ସୁଦ୍ଧା ୬୦ ପ୍ରତିଶତ ଶ୍ରମିକଙ୍କ ପାଖରେ କୌଣସି ପ୍ରକାର କାମ ଉପଲବ୍ଧ ହୋଇପାରିନି। ୪୫ ପ୍ରତିଶତରୁ ସାମାନ୍ୟ ଅଧିକ ଶ୍ରମିକ ସ୍ଥାୟୀ ଓ ପୂରା ଦରମା



## ବିଶ୍ୱ ସାମାଜିକ ନ୍ୟାୟ ଦିବସ

ପାଉଛନ୍ତି ଏବଂ ଏହା ମଧ ହ୍ରାସ ପାଇବାରେ ଲାଗିଛି। ନିଯୁକ୍ତି ପାଇବା ଯୋଗ୍ୟ ବୟସରେ ୨୦୧୮ରେ ୨୦୧ ମିଲିୟନ ଲୋକ କାମ ପାଇ ନ ଥିବାବେଳେ ୨୦୧୯ରେ ୨୧୨ ମିଲିୟନ ଲୋକ କାମ ନ ପାଇ ରହିଛନ୍ତି। ଏଣୁ ୨୦୩୦ ସୁଦ୍ଧା ୬୦୦ ମିଲିୟନ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସାମାଜିକ ନ୍ୟାୟ ଦ୍ୱାରା ଏହା ସମ୍ଭବ ହୋଇପାରିବ। ବିଶ୍ୱରେ ୫ ଜଣରେ ଜଣେ ଶ୍ରମିକ ଏବେ ଘୋର ଦାରିଦ୍ର୍ୟ ମଧ୍ୟରେ ବଞ୍ଚୁଛନ୍ତି। ଏଣୁ ୨୦୨୦ରେ ଏହି ଦିବସର ସ୍ଲୋଗାନ୍ ରହିଛି ' ସାମାଜିକ ନ୍ୟାୟ ପାଇବା ପାଇଁ ଅସମାନତା ଦୂର କରିବା'। ଗରିବମାନେ ଅର୍ଥନୈତିକ ବିକାଶରୁ ସମାନ ଭାବେ ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। ଦେଶ– ଦେଶ ଓ ମଣିଷ –ମଣିଷଙ୍କ ଭିତରେ ଥିବା ଅସମାନତା ସାମାଜିକ ଏକତା ଦୁର୍ବଳ କରିବାରେ ଲାଗିଛି। ଏହା ସେମାନଙ୍କୁ ସେମାନଙ୍କ ଅଧିକାର ପାଇବାରେ ବାଧା ସୃଷ୍ଟି କରୁଛି ଓ ଅର୍ଥନୀତି ଉପରେ ମଧ ବୋଝ ପାଲଟୁଛି। ଏଣୁ ଅସମାନତା ଦୂର କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରାଯାଇପାରିଲେ ଦାରିଦ୍ର୍ୟ ହଟିଯିବ। ତା' ପାଇଁ ସମୟ ଏବେ ଉପନୀତ। ବିଶ୍ୱର ବିକାଶ ଓ ମାନବିକତାର ପ୍ରତିଷ୍ଠା ପାଇଁ ବିଶ୍ୱ ସମୁଦାୟ ଯତ୍ନବାନ୍ ହେବା ଦରକାର।




**ମୁମ୍ବାଇ:** ସୋସିଆଲ ମିଡିଆରେ ଭାଇରାଲ ହେଉଛି ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ଫଟୋ। ଏମିତିରେ ବି–ଟାଉନ ତାରକାଙ୍କ ଫଟୋ ଭାଇରାଲ ହେବା କିଛି ନୂଆ କଥା ନୁହେଁ। ତେବେ ଚର୍ଚ୍ଚାର କାରଣ ଫଟୋରେ କ୍ରିତିଙ୍କ ବେବି ବମ୍ପ୍ ଦେଖିବାକୁ ମିଳିଛି। ଆପଣ ଦ୍ୱନ୍ଦ୍ୱରେ ପଡ଼ିଗଲେ କି? ତେବେ କ୍ରିତିଙ୍କ ଏହି ବେବି ବମ୍ପର ରହସ୍ୟ ଆମେ ଆପଣଙ୍କୁ କହିଦେଉଛୁ।

ବଲିଉଡ୍ ଫିଲ୍ମ 'ବରେଲୀ କି ବର୍ଫି', 'ଲୁକା ଛିପି', 'ହାଉସ୍‌ଫୁଲ–୪' ଆଦିରେ ବବ୍‌ଲି ଝିଅ ଭୂମିକାରେ ନଜରକୁ ଆସିଥିବା କ୍ରିତିଙ୍କୁ ପ୍ରଥମଥର ପାଇଁ ମା'ଭୂମିକାରେ ଦେଖିବାକୁ ମିଳିବ। ଲକ୍ଷଣ ଉତେକରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମିମି'ରେ ସେ 'ସରୋଗେଟ୍ ମଦର' ଭୂମିକାରେ ନଜରକୁ ଆସିବେ। ଏହି ପରିପ୍ରେକ୍ଷୀରେ ଶୁଟିଂ ସେଟ୍‌ରୁ କ୍ରିତିଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କ୍ରିତିଙ୍କ ଫ୍ୟାନ୍ ପେଜ୍ ହ୍ୟାଣ୍ଡେଲ ଟୁଇଟର୍‌ରେ ଫଟୋଟି ଶେୟାର କରିବା ପରେ ଫିଲ୍ମକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଶୁଟିଂ କରିବା ସମୟର ଏହି ଫଟୋ ବୋଲି କ୍ୟାପ୍‌ଶନରେ କୁହାଯାଇଛି। ଏଥିରେ କ୍ରିତିଙ୍କ ବେବି ବମ୍ପ୍ ସ୍ପଷ୍ଟ ଜଣାପଡୁଛି। ତେବେ ପରଦାରେ ମା' ହେବାକୁ ଅର୍ଥାତ୍ ଏଭଳି ଏକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରିବାକୁ ସେ ୧୫ କିଲୋ ଓଜନ ବଢ଼ାଇଥିବା କୁହାଯାଉଛି। ଏହା ପୂର୍ବରୁ ମଧ ଫିଲ୍ମ 'ମିମି' ଚର୍ଚ୍ଚାରେ ରହିଆସିଛି। ରାଜସ୍ଥାନର ଚୁରୁଠାରେ ପ୍ରଥମେ ଫିଲ୍ମର ଶୁଟିଂ ଚାଲିଥିଲା। ହେଲେ ଫିଲ୍ମ ଶୁଟିଂ ପାଇଁ ପୂର୍ବରୁ ଅନୁମତି ନିଆଯାଇ ନ ଥିବାରୁ ପୋଲିସ ଶୁଟିଂ ଅଟକାଇ ଦେଇଥିଲା। କ୍ରିତିସାନନ୍‌ଙ୍କ ଅଭିନୀତ ଫିଲ୍ମ 'ମିମି' ହେଉଛି ୨୦୧୧ରେ ରିଲିଜ୍ ହୋଇଥିବା ମରାଠୀ ଫିଲ୍ମ 'ମାଲା ଆଇ ହ୍ୱାୟଚେ'ର ହିନ୍ଦୀ ଭର୍ସନ। ଫିଲ୍ମଟି ନ୍ୟାଶ୍‌ନାଲ ଆୱାର୍ଡ ହାସଲ କରିଥିଲା। ଏଭଳି ଏକ ଚ୍ୟାଲେଞ୍ଜିଂ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ କ୍ରିତି ଖୁବ୍ ଉତ୍ସାହିତ ଅଛନ୍ତି। ତାଙ୍କ କ୍ୟାରିୟର୍‌ର ଏହା ସବୁଠାରୁ ଭଲ୍ ସ୍କ୍ରିପ୍ଟ ବୋଲି ସେ କହିଛନ୍ତି। ଫିଲ୍ମରେ କ୍ରିତିଙ୍କ୍ ବ୍ୟତୀତ ପଙ୍କଜ ତ୍ରିପାଠୀ, ସୁପ୍ରିୟା ପାଠକ ଏବଂ ମନୋଜ ପାହୱାଙ୍କ ଭଳି ଅଭିଜ୍ଞ କଳାକାରଙ୍କୁ ଦେଖିବାକୁ ମିଳିବ। ଜୁଲାଇରେ ଏହାକୁ ରିଲିଜ୍ କରିବାକୁ ଯୋଜନା ରହିଛି।

# ମା' ହେବାକୁ ୧୫ କିଲୋ ଓଜନ ବଢ଼ାଇଲେ କ୍ରିତି

# ମନ୍ଦିରରେ ଝିଅ ବାହାକଲେ ମୁସ୍‌ଲିମ୍ ଦମ୍ପତି

**କାସାରଗଡ଼:** କେରଳରେ ଏକ ମୁସ୍‌ଲିମ୍ ପରିବାର ଝିଅର ବିବାହ ହିନ୍ଦୁ ପରମ୍ପରା ଅନୁଯାୟୀ କରାଇ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। କାସାରଗଡ଼ ଜିଲାର କହ୍ନାଂଗଡ଼ ଭଗବତୀ ମନ୍ଦିରରେ ରାଜେଶ୍ୱରୀଙ୍କ ବିବାହ ବିଷ୍ଣୁପ୍ରସାଦ ନାମକ ଯୁବକଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ମୁସ୍‌ଲିମ୍ ଦମ୍ପତିଙ୍କ କହିବା ହେଲା, ରାଜେଶ୍ୱରୀଙ୍କ ବାପା ମୁସ୍‌ଲିମ୍ ଦମ୍ପତିଙ୍କ ଘରେ ଏବଂ ଫାର୍ମରେ କାମ କରୁଥିଲେ। ହେଲେ ରାଜେଶ୍ୱରୀଙ୍କୁ ଯେତେବେଳେ ୭ ବର୍ଷ ହୋଇଥିଲା, ତାଙ୍କ ମା'ବାପାଙ୍କ ମୃତ୍ୟୁ ଘଟିଥିଲା। ଏହା ପରଠାରୁ ମୁସ୍‌ଲିମ୍ ଦମ୍ପତି ରାଜେଶ୍ୱରୀଙ୍କୁ ଘରେ ରଖି ପାଳିଥିଲେ। ନିଜ ୩ ପୁଅଙ୍କ ଭଳି ତାଙ୍କୁ ମଧ ସମାନ ସ୍ନେହ ଦେଇଥିଲେ। ଇତିମଧ୍ୟରେ ଝିଅକୁ ୨୨ ବର୍ଷ ହୋଇଥିବାବେଳେ ପରିବାର ଲୋକେ ତାଙ୍କ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଲ୍ୟାବ୍ ଟେକ୍ନିସିଆନ୍‌ଭାବେ କାମ କରୁଥିବା ବିଷ୍ଣୁ ପ୍ରସାଦଙ୍କ ସହ ଝିଅର ବିବାହ ଠିକ୍ କରିଥିଲେ।



ବର ଘର ଲୋକେ ମନ୍ଦିରରେ ବିବାହ ପାଇଁ ଇଚ୍ଛାପ୍ରକାଶ କରିବାରୁ ଉଭୟ ପରିବାରର ଉପସ୍ଥିତିରେ ମନ୍ଦିରରେ ବିବାହ ଅନୁଷ୍ଠିତ ହୋଇଛି। ରାଜେଶ୍ୱରୀଙ୍କୁ ପାଳିଥିବା ମୁସ୍‌ଲିମ୍ ପରିବାର ବିବାହ ବେଦିଠାରୁ ଦୂରରେ ରହିଥିଲେ ମଧ ବିବାହ ସମୟରେ ବରଙ୍କ ପରିବାର ଲୋକେ ସେମାନଙ୍କୁ କନ୍ୟା–ବରଙ୍କ ନିକଟକୁ ସ୍ୱାଗତ କରିଥିଲେ। ବିବାହ ପରେ ରାଜେଶ୍ୱରୀ ଏବଂ ତାଙ୍କ ସ୍ୱାମୀ ପାଳିଥିବା ମା'ବାପାଙ୍କ ପାଦ ଛୁଇଁ ଆଶୀର୍ବାଦ ମଧ ନେଇଥିଲେ। ଏଭଳି ଏକ ନିଆରା ବିବାହକୁ ଅନେକ ଲୋକ ପସନ୍ଦ କରିବା ସହ ସାମ୍ପ୍ରଦାୟିକ ସଦ୍‌ଭାବର ଏହା ଏକ ନିଚ୍ଛକ ନମୁନା ବୋଲି ମତପ୍ରକାଶ ପାଇଛି।

# ନିଲାମ ହେବ ଆଇନ୍‌ଷ୍ଟାଇନଙ୍କ ପିଲାଦିନର ଖେଳନା

**ନ୍ୟୁୟର୍କ:** ଆଲ୍‌ବର୍ଟ ଆଇନ୍‌ଷ୍ଟାଇନଙ୍କ ପିଲାଦିନର ପ୍ରିୟ ଖେଳନା ମୋଜାଇକ୍ ପର୍ଲ ଗେମ୍ ଆସନ୍ତା ମାସରେ ନିଲାମ ହେବ। ଏହା ୬୦ ହଜାର ଡଲାର ଅର୍ଥାତ୍ ୪୨.୯୨ ଲକ୍ଷ ଟଙ୍କାରେ ନିଲାମ ହେବ। ଏହି ଖେଳନାରେ ୫୨୦ଟି ରଙ୍ଗୀନ ମୋତି ଏବଂ ଛୋଟ ବଲ୍ ରହିଛି। ଯାହା ପାର୍ଟନ ତିଆରି କରିବାରେ ପାଞ୍ଚଟି ହୋଲ୍ ଫ୍ରେମ୍‌ରେ ରଖାଯାଇଛି। ବିକ୍ରେତା ବୋହ୍ନମ୍ସ ନ୍ୟୁୟର୍କରେ କହିଛନ୍ତି, ଆଇନ୍‌ଷ୍ଟାଇନଙ୍କ ଏହି ଖେଳନା ଦୁର୍ଲଭ ଅଟେ। ଏହା ଯୁବପିଢ଼ିଙ୍କ ପାଇଁ ବହୁ ଜରୁରୀ। ଏହାର ଆକାର ୭.୩ ମିଟର ଏବଂ ଚଉଡ଼ା ୧.୫ ମିଟର। ୬ ମାର୍ଚ୍ଚରେ ଏହା ବିକ୍ରି ହେବ। ଏକ ରିପୋର୍ଟରୁ ପ୍ରକାଶ, ଏହାକୁ ଆଇନ୍‌ଷ୍ଟାଇନ୍ ନିଜ ପାଖରେ ଶେଷ ଜୀବନ ପର୍ଯ୍ୟନ୍ତ ରଖିଥିଲେ। ତାଙ୍କ ନିଧନ ସମୟରେ ଏହାକୁ ଉପହାର ସଦୃଶ ଦିଆଯାଇଥିଲା। ପିଲାଦିନେ ଆଇନ୍‌ଷ୍ଟାଇନ ଏହି ଖେଳ ଖେଳିବାକୁ ବହୁ ପସନ୍ଦ କରୁଥିଲେ ବୋଲି




ତାଙ୍କ ଭଉଣୀ ମେଜା ଏପ୍‌ସିଷ୍ଟିନ୍ ଏକ ସାକ୍ଷାତକାରରେ କହିଛନ୍ତି। ଏହି ଖେଳରେ ଅଧିକ ପଜଲ୍ ବା ପହଳିକା, ବିଲ୍ଡିଂ ବ୍ଲକ୍‌ସ ଆଦି ରହିଛି। ଏହି ଖେଳନା ଗୋଟିଏ ବର୍ଷ ସଂଗ୍ରହାଳୟରେ ଥିଲା। ୧୯୫୫ ଏପ୍ରିଲ ୧୮ରେ ତାଙ୍କ ମୃତ୍ୟୁ ପରେ ଜଣେ ବନ୍ଧୁଙ୍କୁ ଏହା ଉପହାର ସଦୃଶ ଦିଆଯାଇଥିଲା। ଆଲବର୍ଟ ଆଇନ୍‌ଷ୍ଟାଇନ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକଙ୍କ ମଧ୍ୟରୁ ଅନ୍ୟତମ। ୧୮୭୯ ମାର୍ଚ୍ଚ ୧୪ରେ ଜର୍ମାନୀରେ ତାଙ୍କର ଜନ୍ମ ହୋଇଥିଲା। ୧୯୧୬ରେ ଆଇନ୍‌ଷ୍ଟାଇନଙ୍କ 'ଜେନେରାଲ ଥିଓରୀ ଅଫ୍ ରିଲେଟିଭିଟି'ରେ ଏହା ପ୍ରକାଶପାଇଥିଲା।ମାତ୍ର୨୬ବର୍ଷବୟସରେଆଇନ୍‌ଷ୍ଟାଇନଏହିବହିଲେଖିଥିଲେ।ଏଥିପାଇଁତାଙ୍କୁ୧୯୨୧ରେ ଗ୍ଲୋବାଲ ପୁରସ୍କାର ମିଳିଥିଲା। ପିଲାଦିନେ ଖେଳ ଏବଂ ସଂଗୀତରେ ଆଇନ୍‌ଷ୍ଟାଇନଙ୍କ ଅଧିକ ରୁଚି ଥିଲା।

**ମାଡ୍ରିଡ୍:** ବିଶ୍ୱର କେତେକ ଦେଶରେ ଲୋକଙ୍କ ଖାଦ୍ୟ–ପାନୀୟ ମଧ ଭିନ୍ନ ହୋଇଥାଏ। ଜୀବନ ଜିଇଁବାଠାରୁ ଆରମ୍ଭ କରି ମରଣ ପର୍ଯ୍ୟନ୍ତ ସବୁ ଧର୍ମର ପ୍ରଥା ପରମ୍ପରା ଅଲଗା ହୋଇଥାଏ। ପରିବର୍ତ୍ତିତ ସମାଜରେ ଲୋକଙ୍କ ରହିବା ଢ଼ଙ୍ଗ ବଦଳୁଛି। ଏଥିସହ ନିଜ ଲୋକଙ୍କ ପ୍ରତି ଥିବା ପ୍ରେମ, ସ୍ନେହକୁ ଜାହିର କରିବା ପାଇଁ ଲୋକେ ନିଆରା ଅନ୍ଦାଜ୍ ମଧ ଆପଣାଉଥିବା ଦେଖିବାକୁ ମିଳେ। ସୋସିଆଲ ମିଡିଆରେ ଏକ ଚକିତ କରିଦେବା ଭଳି ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଜଣେ ବ୍ୟକ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଭଳି ଦେଖାଯାଉଥିବା ଏକ କେକ୍ ତିଆରି କରାଯାଇଥିଲା। ମୃତକ ବ୍ୟକ୍ତିଙ୍କ ପ୍ରତି ଥିବା ପ୍ରେମ ଓ ଭାବାବେଗକୁ ଦେଖାଇବା ପାଇଁ ପରିବାରବର୍ଗ ଓ ସମ୍ପର୍କୀୟ ଉକ୍ତ ବ୍ୟକ୍ତିଙ୍କ ଭଳି ଉଚ୍ଚ ଓ ଲମ୍ବାର କେକ୍ ତିଆରି କରିଥିଲେ। ପ୍ରଥମେ ଏହାକୁ ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ। କିନ୍ତୁ କିଛି ସମୟ ନିରିଖି ଦେଖିଲେ ଏହା କେକ୍ ବୋଲି ଜଣାପଡ଼ିବ। ଭିଡିଓଟିରେ ଜଣେ ମୃତବ୍ୟକ୍ତିଙ୍କୁ ଟେବୁଲରେ ରଖାଯାଇଥିବା ଭଳି ଦେଖାଯାଉଥିବା ବେଳେ କିଛି ସମୟ ପରେ କେତେକ ଛୋଟ ପିଲା ଏହାକୁ କାଟି ଖାଉଥିବାର ଦେଖିବାକୁ ମିଳିଛି। ଏହାପରେ ସେଠାରେ ଉପସ୍ଥିତ ଥିବା ଅନ୍ୟଲୋକ ମଧ ଉକ୍ତ କେକ୍‌କୁ କାଟି ଖାଇଥିଲେ। ଏହି ଭିଡିଓଟି ସ୍ପେନ୍‌ର କୁହାଯାଉଥିବା ବେଳେ ଏହା ଏବେ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଏହି ଭିଡିଓକୁ ଏପର୍ଯ୍ୟନ୍ତ ୧ ବିଲିଅନରୁ ଊର୍ଦ୍ଧ୍ୱ ୟୁଜର୍ସ ଦେଖିଥିବା ବେଳେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



# ଶ୍ରାଦ୍ଧବାର୍ଷିକୀରେ ପ୍ରସ୍ତୁତ ହେଲା ମୃତଦେହ ଭଳି କେକ୍

# ଫିଲ୍ମ '୮୩'ରେ ଦୀପିକାଙ୍କ ପ୍ରଥମ ଫଟୋ ଜାରି

**ମୁମ୍ବାଇ:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ୧୯୮୩ ମସିହା ବିଶ୍ୱକପ ବିଜେତା କପିଲ ଦେବଙ୍କ ଉପରେ ନିର୍ମାଣ ହୋଇଛି ଫିଲ୍ମ '୮୩'। ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ରଣବୀର ସିଂହ। ଏହି ଫିଲ୍ମର ଗୋଟିଏ ପରେ ଗୋଟିଏ କଳାକାରଙ୍କ ନାମ ସାମ୍ନାକୁ ଆସିବାରେ ଲାଗିଛି। ଚଳଚ୍ଚିତ୍ରରେ ଦୀପିକା ପାଦୁକୋନ କପିଲ ଦେବଙ୍କ ସ୍ତ୍ରୀ ରୋମି ଦେବଙ୍କ ଚରିତ୍ରରେ ନଜର ଆସିବେ। ଫିଲ୍ମରେ ଦୀପିକାଙ୍କ ପ୍ରଥମ ଫଟୋ ଜାରି କରାଯାଇଛି। କବୀର ଖାନଙ୍କ ନିର୍ଦ୍ଦେଶିତ '୮୩' ଚଳଚ୍ଚିତ୍ର ୧୯୮୩ରେ କ୍ରିକେଟ ବିଶ୍ୱକପରେ ଭାରତର ବିଜୟ ଉପରେ ଆଧାରିତ। ବିବାହ ପରେ ରଣବୀର ଏବଂ ଦୀପିକା ପ୍ରଥମଥର ପାଇଁ ଫିଲ୍ମରେ ଏକାଠି ନଜର ଆସିବେ। ଏହି ଯୋଡିକୁ ଅନ୍‌ସ୍କ୍ରିନ ଦେଖିବା ପାଇଁ ଦର୍ଶକଙ୍କ ଉତ୍ସୁକତା ବଢିବାରେ ଲାଗିଛି। ଫିଲ୍ମଟି ଚଳିତବର୍ଷ ଏପ୍ରିଲ ୧୦ ରିଲିଜ ହେବ ବୋଲି ଜଣାପଡିଛି।



# ୯ ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ

## ବିଦ୍ୟୁତ୍ ବିଭାଗର ଦେୟ ଅସୁଲି ଅଭିଯାନ

**ପଡିଆବାହାଲ, ୧୯।୨ (ଡି.ଏନ.ଏ)**

ପଡିଆବାହାଲ ଅଞ୍ଚଳରେ ୱେସ୍କୋ ପକ୍ଷରୁ ବକେୟା ଦେୟ ଅସୁଲି ଅଭିଯାନ ଆରମ୍ଭ ହୋଇଯାଇଛି। ବିଭାଗୀୟ କର୍ମଚାରୀମାନେ ଅଧିକ ବାକି ରଖିଥିବା ଉପଭୋକ୍ତାଙ୍କ ଘରେ ପହଞ୍ଚି ଟଙ୍କା ଅସୁଲି କରିଥିଲେ। ଏପରି କି ଟଙ୍କା ଦେଇପାରୁ ନ ଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ କରାଯାଉଥିଲା। ଏପରିପ୍ରେକ୍ଷୀରେ ପଡିଆବାହାଲରେ ୯ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ହେଲେ କର୍ମଚାରୀମାନେ ବକେୟା ଦେଢ଼ଲକ୍ଷ ଟଙ୍କା ଅସୁଲି କରିଥିବା ଜଣାପଡିଛି। ଆଗକୁ ଦେୟ ଅସୁଲି ଅଭିଯାନ ଜାରି ରହିବ ବୋଲି ଏସ୍‌ଡିଓ ସୂଚନା ଦେଇଛନ୍ତି ।

# ସମ୍ବଲପୁର ରେଞ୍ଜର୍ସ ଚାମ୍ପିୟନ

**ସମ୍ବଲପୁର,୧୯।୨(ବ୍ୟୁରୋ)**

ଓଡିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଆନ୍ତଃ କ୍ଲବ ଲିଗ୍ କ୍ରିକେଟ ବୁଧବାର ହୀରାକୁଦ ସୁବାସ ମଇଦାନରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସମ୍ବଲପୁର ରେଞ୍ଜର୍ସ ଚାମ୍ପିୟନ ଓ ଚ୍ୟାଲେଞ୍ଜର୍ସ ରନର୍ସଅପ୍ ହୋଇଛି। ଟସ୍ ଜିତି ରେଞ୍ଜର୍ସ ବ୍ୟାଟିଂ କରି ୨୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା । ଦଳର ରୋହିତ କୁମାର ସିଂ ୩୪ ଓ ହିଦ୍ରିତ ପଟେଲ ୧୪ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ସମ୍ବଲପୁର ଚ୍ୟାଲେଞ୍ଜର୍ସର ବୋଲର ରୋହିତ ବାରିକ ୩ଟି ଉଇକେଟ ନେଇଥିବା ବେଳେ ଧ୍ରୁତ ସାହୁ ଓ ଶ୍ରେୟାଂସ ପଣ୍ଡା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ନିସିଦ୍ଧ ସିଂ ଓ ଆହ୍ୱାନ ସାହୁ ଗୋଟିଏ ଲେଖାଏଁ ଉଇକେଟ ନେବାରେ ସଫଳ ହୋଇଥିଲେ । ୧୦୭ ରନର ବିଜୟ ଲକ୍ଷ୍ୟ ନେଇ ଚ୍ୟାଲେଞ୍ଜର୍ସ ପଡିଆକୁ ଓହ୍ଲାଇଥିଲା। ୧୮.୫ ଓଭରରେ ୯ ଉଇକେଟ ହରାଇ ୭୦ ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ଆକାଶ ମୁଖୀ ୩୮ ବଲ୍‌ରେ ୩୩ ରନ୍ କରିଥିଲେ। ହେଲେ ଅନ୍ୟ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ରେଞ୍ଜର୍ସ ବୋଲର ଆଶିଷ କୁମାର ସିଂ ୨ଟି ଉଇକେଟ ନେଇଥିବାବେଳେ ପ୍ରତୀକ ପାଣ୍ଡେ ୪ଟି ଓ ହରଦୀପ ସିଂ ଗୋଟିଏ ଉଇକେଟ ହାସଲ କରିଥିଲେ। ଅମ୍ପାୟର ମହେଶ କୁମାର ମୁନସୀ ଓ ସଞ୍ଜୟ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ସୌମ୍ୟଦର୍ଶନ ମହାନ୍ତି ଓ ଯୁଧିଷ୍ଠୀର ନାରାୟଣ ସିଂ ସ୍କୋରର ଭାବେ ରହିଥିଲେ । ହୀରାକୁଦ ହିଣ୍ଡାଲକୋ ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ବିକାଶ ସମୂହ ଶିକ୍ଷାନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, କାଉନସିଲ ସଭ୍ୟ ସୁନୀଲ ସାହୁ, ସଚ୍ଚିକାନ୍ତ ମହାନ୍ତି, ଗଣେଶ ପଲେଇ, ସ୍ମୃତିରଞ୍ଜନ ମହାପାତ୍ର, ହୀରାକୁଦ କ୍ରୀଡ଼ା ସଂଘର ପ୍ରତାପ ତାଣ୍ଡି , କାର୍ତ୍ତିକ କଲେତ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂକକମିକା ଗ୍ରହଣ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ୍ ଓ ଜିଲା କ୍ରୀଡା ସଂଘର ମିଳିତ ଆୟୋଜନରେ ଟୁର୍ନାମେଣ୍ଟ ହୋଇଥିଲା ।




ଓସିଏ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ବୁଧବାର ହୀରାକୁଦ ସୁବାସ ମଇଦାନଠାରେ ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

- ପ୍ରତିକ ପାଣ୍ଡେ ମ୍ୟାନ ଅଫ୍ ଦି ମ୍ୟାଚ
- ଅଭିନବ ନନ୍ଦ ମ୍ୟାନ୍ ଅଫ୍ ଦ ସିରିଜ

# କୁଦୋପାଲିରେ ସାପ୍ତାହିକ ବଜାର ଉଦ୍‌ଘାଟିତ

**ସମ୍ବଲପୁର,୧୯।୨(ବ୍ୟୁରୋ)**

ସମ୍ବଲପୁର ଜିଲା ପରମାଣପୁର ନିକଟସ୍ଥ କୁଦୋପାଲି ଗ୍ରାମ ଆମ୍ବ ବଗିଚା ନିକଟରେ ସାପ୍ତାହିକ ବଜାର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘ ଦିନ ପରେ ଅଞ୍ଚଳରେ ସାପ୍ତାହିକ ବଜାର ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉଲ୍ଲାସ ଦେଖାଯାଇଛି । ବୀଣାପାଣି ଯୁବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ବଜାରକୁ ଶୁଭାରମ୍ଭ କରିଥିଲେ। ଆଖପାଖ ଗ୍ରାମର ବହୁ ଚାଷୀ ନିଜ ଉତ୍ପାଦିତ ପରିବା ବଜାରକୁ ଆଣି ବିକ୍ରି କରିଥିଲେ। ଯୁବକ ସଂଘ ସଭ୍ୟ ମୁରଲୀ ବାରିକ, ସୁବାସ ସୁନା, ସୁଶାନ୍ତ ସୁନା, ଅରୁଣ ସୁନା, ଜଗଦୀଶ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ମିଳନ ସୁନା ପ୍ରମୁଖ ଉଦ୍‌ଘାଟନୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ରେମେଡ଼ କମଳେଶ୍ୱର ବାବାଙ୍କ ଶିବରାତ୍ରି ମେଳା ଆରମ୍ଭ

**ସମ୍ବଲପୁର,୧୯।୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ୧୪ନମ୍ବର ୱାର୍ଡ ଅଧୀନ ରେମେଡ଼ ଗ୍ରାମରେ କମଳେଶ୍ୱର ବାବାଙ୍କ ଶିବରାତ୍ରୀ ମେଳା ଆରମ୍ଭ ହୋଇଯାଇଛି। ଶୁକ୍ରବାର ମେଳା ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୪ଦିନ ଧରି ହେବାକୁ ଥିବା ମେଳାରେ ୨୪ପ୍ରହର ନାମଯଜ୍ଞ ହେବ। କର୍ତ୍ତା ଭାବେ ପଞ୍ଚାନନ ମହାପାତ୍ର ଓ ବାସନ୍ତୀ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି। ୧୫ବର୍ଷ ହେଲା ମେଳାରେ ନାମଯଜ୍ଞ ହେଉଛି। ଚଳିତ ବର୍ଷ ନାମଯଜ୍ଞରେ ୩୦ରୁ ଊର୍ଦ୍ଧ୍ୱ ସଂକିର୍ତ୍ତନ ଦଳ ଯୋଗଦେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଆଇନ ସଚେତନତା ଶିବିର

**ସମ୍ବଲପୁର,୧୯।୨(ବ୍ୟୁରୋ)**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ସାଇବର ଆଇନ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଶୀର୍ଷକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ସମେତ ପୋଲିସ ଅଧିକାରୀ, ଆଇନଜୀବୀ ଏବଂ ପିଏଲଭି ପ୍ରମୁଖ ଯୋଗଦେଇଥିଲେ। ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚିପିଲିମା ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।



ଚିପିଲିମା ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠିତ ଏକ ନାଟ୍ୟ ଅଭିନୟର ଏକ ଦୃଶ୍ୟ।

**ଚିପିଲିମା,୧୯।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କର୍ଦୋଲା ପଞ୍ଚାୟତ ଚିପିଲିମା ଫୁଟବଲ ପଡ଼ିଆ ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚପିସି) ଅଧୀନ ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପ ୟୁନିଟ ମୁଖ୍ୟ ଇଂ.ହରପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଜିଏମ୍ ଇଂ. ସନ୍ତୋଷ କୁମାର ବରିହା, ଇଂ. ଅଶୋକ କୁମାର ପଣ୍ଡା, ଫାଇନାନ୍ସ ମ୍ୟାନେଜର ନୀଳମଣି ଓଝା, ଜଗତ ପ୍ରସାଦ ଦାସ, ବରିଷ୍ଠ ନାଗରିକ ସଭାପତି ରାଧାକାନ୍ତ ଦାସ, ସମ୍ପାଦକ ଭୀଷ୍ମଦେବ ପଣ୍ଡା, କମିଟି ସଭାପତି ଏନ୍. କ୍ରିଷ୍ଣା, ଉପସଭାପତି ଗୋପାଳ ଦୋରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଓଏଚ୍‌ପିସି ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷକ ସୁଦର୍ଶନ ତ୍ରିପାଠୀ, ଶିକ୍ଷୟିତ୍ରୀ ସରିତା ଦାସ ପରିଚାଳନା କରିଥିଲେ। ଧନୁଯାତ୍ରା ମହୋତ୍ସବ ଅବସରରେ ଚିପିଲିମା ମଥୁରାନଗରୀ ହୋଇଥିବା ବେଳେ ଚିପିଲିମା ପୁରୁଣା ମାର୍କେଟ ଗୋପପୁର ହୋଇଛି। ଏହି ଅବସରରେ ମଥୁରା ନରେଶ ଉଗ୍ରସେନ ମନ୍ତ୍ରୀ ପରିଷଦଙ୍କ ସହ ନଗର ପରିକ୍ରମା କରି ମଥୁରାନଗରୀ ରାଜଦରବାରରେ ପହଞ୍ଚିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ଦେବକି, ବସୁଦେବଙ୍କ ବିବାହ, ଯୁବରାଜ କଂସଙ୍କ ପ୍ରବେଶ, ଆକାଶବାଣୀ, ଉଗ୍ରେସନଙ୍କ ଗାଦିଚ୍ୟୁତ ଆଦି ନାଟ୍ୟାଭିନୟ ହୋଇଥିଲା। ମହୋତ୍ସବ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହୋତ୍ସବକୁ ନେଇ ଚିପିଲିମା ଉତ୍ସବ ମୁଖର ହୋଇଉଠିଛି।

# କ୍ରିକେଟ ଟୁର୍ନାମେଣ୍ଟ: ଝାରସୁଗୁଡ଼ା ବିଜୟୀ

**ସମ୍ବଲପୁର,୧୯।୨(ବ୍ୟୁରୋ)**

ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ମ୍ୟାଚରେ ଝାରସୁଗୁଡା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ହାୱା ମଇଦାନଠାରେ ଝାରସୁଗୁଡ଼ା ଏବଂ ବଲାଙ୍ଗୀର ଦଳ ମଧ୍ୟରେ ମ୍ୟାଚ ହୋଇଥିଲା । ଝାରସୁଗୁଡା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୨ ଉଇକେଟ ହରାଇ ୨୩୮ ରନ୍ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ପୁଷ୍କର ରାଜ ୫୯ବଲଖରେ ଧୂଆଁଧାର ୧୦୫ ରନ୍ ସଂଗ୍ରହ କରିଥିଲେ । ଏଥିରେ ସେ ୧୬ଟି ଚୌକା ଓ ୩ଟି ଦର୍ଶନୀୟ ଛକା ମାରିଥିଲେ। ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ କେଶବ ସିଂ ୨୭ ବଲ୍‌ରେ ୪୪ ରନ୍ କରିଥିଲେ । ସେ ମଧ୍ୟ ୫ଟି ଚୌକା ଓ ୩ଟି ଚକା ମାରିଥିଲେ । ବଲାଙ୍ଗୀର ଦଳର ବୋଲର ନୀତୀଶ ବାଗ ୫ ଓଭରରେ ୩୯ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିବା ବେଳେ ଆଶୁତୋଷ ପ୍ରଧାନ ୫ ଓଭରରେ ୩୫ ରନ୍ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ୨୩୮ ରନ୍‌ର ପିଛା କରି ବଲାଙ୍ଗୀର ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୮ ରନ୍ କରିବାରେ ସକ୍ଷମ ହୋଇଥିଲା। ଝାରସୁଗୁଡ଼ା ୧୨୦ ରନ୍ ବ୍ୟବଧାନରେ ବିଜୟୀ ହୋଇଥିଲା । ବଲାଙ୍ଗୀର ବ୍ୟାଟ୍ସମ୍ୟାନ ବିଘ୍ନରାଜ ତାଣ୍ଡି ୪୬ ବଲ୍‌ରେ ୬୩ରନ୍ (୧୦ ଚୌକା ଓ ୧ ଛକା), ସ୍ୱପ୍ନ ମହାରଣା ୨୭ ବଲରେ ୨୩ ରନ୍ କରିଥିଲେ । ଝାରସୁଗୁଡ଼ାର ବୋଲର ତରୁଣ ସାହା ୪ ଓଭରରେ ୬ ରନ୍ ଦେଇ ୫ଟି ଉଇକେଟ ନେଇଥିବା ବେବେ ପ୍ରତୀକ ଯାଦବ ୫ ଓଭରରେ ୩୩ ରନ୍ ଦେଇ ୩ଟି ଉଇକେଟ ହାସଲ କରିଥିଲେ। ଅମ୍ପାୟର ମହମ୍ମଦ ଇସାକ ଓ ପ୍ରଭଞ୍ଜନ ବଲ ଖେଳ ପରିଚାଳନା କରିଥିଲେ। ସୂର୍ଯ୍ୟ ତ୍ରିପାଠୀ, ସଞ୍ଜୟ ତ୍ରିପାଠୀ ସ୍କୋରର ଭାବେ ରହିଥିଲେ। ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଆୟୋଜକ ୟୁନିୟନ ସ୍ପୋର୍ଟିଂ ଉପସଭାପତି ଭାଗୀରଥି ସିଂଦେଓ, ସମ୍ପାଦକ ସଞ୍ଜୀବ କୁମାର ନାୟକ ଝାରସୁଗୁଡାର ଖେଳାଳି ତରୁଣ ସାହାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।




ବୁଧବାର ସମ୍ବଲପୁର ହାୱା ମଇଦାନଠାରେ ଅତିଥିମାନେ ତରୁଣ ସାହାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ

**ସମ୍ବଲପୁର, ୧୯।୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସମ୍ବଲପୁର ଜିଲା ଶାଖା ପକ୍ଷରୁ ୭ଦଫା ଦାବିନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨୦୧୯ ଜୁଲାଇରୁ ୫ ପ୍ରତିଶତ ମହଙ୍ଗାଭତ୍ତା, ୨୦୨୦ ଫେବୃୟାରୀ ଦରମାରେ ନଗଦ ଆକାରରେ ଟଙ୍କା ପ୍ରଦାନ କରିବାକୁ ଆନ୍ଦୋଳନକାରୀମନେ ସ୍ଲୋଗାନ ଦେଇଥିଲେ । ଏପରି କି ବର୍ଦ୍ଧିତ ଦରମାର ଗଚ୍ଛିତ ଅବଶିଷ୍ଟ ୬୦ ପ୍ରତିଶତ ନଗଦ ଆକାରରେ ଦେବା, ଅନୁକମ୍ପା ମୂଳକ ନିଯୁକ୍ତି ନିମନ୍ତେ ପ୍ରକାଶିତ ଆଦେଶକୁ ବାତିଲ କରି ପୂର୍ବଭଳି ନିଯୁକ୍ତି ପ୍ରକ୍ରିୟା ଚାଲୁ ରଖିବା, ୨୦୧୬ରୁ ସଂଶୋଧିତ ଘରଭଡା ଭତ୍ତା ପ୍ରଦାନ କରିବା, ସ୍ୱାସ୍ଥ୍ୟ ସେବାରେ ପାରାମେଡିକାଲ କର୍ମଚାରୀଙ୍କୁ ଆଉଟ ସୋର୍ସିଂ ଜରିଆରେ ନିଯୁକ୍ତି ଦେବା ପାଇଁ ପ୍ରକାଶିତ ଆଦେଶକୁ ବାତିଲ କରିବା ଦାବି କରାଯାଇଥିଲା। ସମ୍ବଲପୁର ଶାଖା ସଭାପତି ଗଣେଶରାମ ପାଲ, ସମ୍ପାଦକ ସଦାନନ୍ଦ ବେହେରା, ମାନଭଞ୍ଜନ ବଡପଣ୍ଡା, ଗୌର ସେନାପତି, ସୁନୀଲ କୁମାର ହଂସ, ପ୍ରଭଞ୍ଜନ ପାଲ, ମୀନାକୁମାରୀ ଶର୍ମା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସମ୍ବଲପୁର ଜିଲା ଶାଖା ପକ୍ଷରୁ ୭ଦଫା ଦାବିନେଇ ବୁଧବାର ଜିଲାପାଳଙ୍କ ଅଫିସ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଫଟୋରେ ଖବର





ବୁଧବାର ସମ୍ବଲପୁର କୁଞ୍ଜେଲପଡ଼ା ଛକଠାରେ ଅଭିଭାବକମାନେ ମାଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କୁ ଅପେକ୍ଷା କରିଛନ୍ତି (ବାମ)। ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି ।





ଲେଡ୍ଡୁ ଲୁଇସ ଗାର୍ଲ୍ସ ହାଇସ୍କୁଲପରିସରରେ ପରୀକ୍ଷା ପରେ ଛାତ୍ରୀମାନେ ଆଲୋଚନା (ବାମ)। ଛାତ୍ରମାନେ ମାଟ୍ରିକ ପରୀକ୍ଷାଦେଇ ଫେରୁଛନ୍ତି ।

# ମହକିଲା ଓଡ଼ିଶା ପାରମ୍ପରିକ ଖାଦ୍ୟ



ୟୁନାଇଟେଡ଼ ଆରବ ଏମିରେଟ୍ସ ସ୍ଥିତ ଓଡ଼ିଶା ସମାଜ ଆୟୋଜନରେ ଖାଦ୍ୟମେଳା ହାଣ୍ଡିଶାଳରେ ଲାଗିଥିବା ଭିଡ଼।

**ସମ୍ବଲପୁର,୧୯।୨(ବ୍ୟୁରୋ)**

ଦୁବାଇରେ ଖାଦ୍ୟମେଳା ହାଣ୍ଡିଶାଳ

ୟୁନାଇଟେଡ଼ ଆରବ ଏମିରେଟ୍ସ ସ୍ଥିତ ଓଡ଼ିଶା ସମାଜ ଆୟୋଜନରେ ଖାଦ୍ୟମେଳା ହାଣ୍ଡିଶାଳ ଦୁବାଇର ହରାଇଜନ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କନ୍‌ସୁଲେଟର କନ୍‌ସଲ (ଅର୍ଥନୀତି) ଗିଲୁ ରୋହରା ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳକୁ ଉଦ୍‌ଘାଟନ କରିଥିଲେ। ମେଳାରେ ୨ଶହ ପ୍ରବାସୀ ଓଡ଼ିଆ ପରିବାର ଅଂଶ ଗ୍ରହଣ କରିଥିଲେ। ପ୍ରଦର୍ଶନୀରେ ପ୍ରାୟ ୫୦ଟି ଷ୍ଟଲରେ ବିଭିନ୍ନ ପ୍ରକାର ପାରମ୍ପରିକ ଓ କଣ୍ଟିନେନଟାଲ ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା । ପୋଡ଼ପିଠା, ଆରିସା, ଦହିବରା, ଆଳୁଦମ୍, ଛେନା ପିଠା, ଛେନା ଝିଲି, ମଣ୍ଡା, ମସଲା ମୁଢ଼ି ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଖାଦ୍ୟ ସ୍ଥାନ ପାଇଥିଲା। ପ୍ରଦର୍ଶନୀର ପ୍ରଥମ ୩ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିନାଦ ମାଟେ ଓ ସବିର ଅଲି ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ୟୁଏଇ, ମଧ୍ୟ ପ୍ରାଚ୍ୟ ଦେଶ ସମୂହର ପ୍ରବାସୀ ପରିବାରଙ୍କୁ କାର୍ଯ୍ୟକ୍ରମରେ ଏକତ୍ରିତ ହେବାର ସୁଯୋଗ ଦେବାକୁ ଅନୁଷ୍ଠାନ ପକ୍ଷରୁ ଏହି ସମାବେଶ ଆୟୋଜନ କରାଯାଉଥିବା ଅନ୍ୟତମ ଲକ୍ଷ୍ୟ ବୋଲି ଆୟୋଜନ ସମିତି ପକ୍ଷରୁ ସୂଚନା ଦିଆଯାଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୦ ଫେବୃୟାରୀ, ୨୦୨୦



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ, ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ସମ୍ବଲପୁର,୧୯।୨(ବ୍ୟୁରୋ):** ସମ୍ବଲପୁର ଜିଲା ସଦରଥାନା ଜୟନ୍ତପୁର ନିକଟରେ ଏକ କାର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ହେଲେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷେ ପୋଲିସ ଏକ ମାମଲା ରୁଜୁ କରି କାରକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ସମ୍ବଲପୁର,୧୯।୨(ବ୍ୟୁରୋ):** ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଛି। ଅଭିଯୋଗ ମୁତାବକ, ଏକ ବାଉଣ୍ଡରି କାନ୍ଥ ନିର୍ମାଣବେଳେ ମହିଳାଙ୍କୁ ଏକ ପଡୋଶି ପରିବାର ସଦସ୍ୟମାନେ ଗାଳିଗୁଲଜ କରିଥିଲେ । ଏପରି କି ମହିଳାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### କମନ୍‌ରୁମରୁ ଛାତ୍ରୀଙ୍କ ମୋବାଇଲ ଚୋରି

**ସମ୍ବଲପୁର,୧୯।୨(ବ୍ୟୁରୋ):** ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳରେ ଏକ କଲେଜ କମନ୍‌ରୁମରୁ ମୋବାଇଲ ଫୋନ ଚୋରି ହୋଇଛି । ଏନେଇ ଛାତ୍ରୀ ଜଣଙ୍କ ଥାନାରେ ଏକ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଛାତ୍ରୀ ଜଣକ କମନରୁମରେ ଅନ୍ୟ କଜଣେ ଛାତ୍ରୀଙ୍କ ବ୍ୟାଗରେ ମୋବାଇଲ ଫୋନ ରଖି ପରୀକ୍ଷା ହଲକୁ ଯାଇଥିଲେ। ପରୀକ୍ଷା ସାରି ଛାତ୍ରୀ ଜଣକ କମନରୁମକୁ ଆସିଥିବା ବେଳେ ମୋବାଇଲ ଫୋନ ପାଇ ନ ଥିଲେ। ଏନେଇ ସେ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିବା ବେଳେ କେହି ଜାଣି ନ ଥିବା କହିଥିଲେ। ପରେ ଛାତ୍ରୀଜଣକ ହୀରାକୁଦ ଥାନାକୁ ଆସି ଘଟଣା ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି।

### ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ମକଡ୍ରିଲ

**ବାମରା,୧୯।୨ (ଡି.ଏନ.ଏ):** ସମ୍ବଲପୁର ଜିଲା ବାମରା ହସ୍ତାତୁପାଠାରେ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଏକ ମକଡ୍ରିଲର ଆୟୋଜନ କରାଯାଇଥିଲା। ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡର ତୈଳ ଓ ଗ୍ୟାସ ପାଇପ ଲାଇନ ବିଭିନ୍ନ ଗ୍ରାମ ଦେଇ ଅତିକ୍ରମ କରିଛି। ତୈଳ କିମ୍ବା ଗ୍ୟାସ ଲିକ ପରିସ୍ଥିତିରେ କାହାର କଣ ଭୂମିକା ରହିଛି ଏହିବିଷୟରେ ସମସ୍ତଙ୍କୁ ସଚେତନ କରିବା ସହ ଏହାର ତ୍ୱରିତ ମୁକାବିଲା ବିଷୟରେ ଅବଗତ କରାଯାଇଥିଲା। ଝାରସୁଗୁଡା ଜିଲା ପ୍ରକଳ୍ପ ଅଧିକାରୀ ସଙ୍ଗୀତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପେଟ୍ରୋଲିୟମ ପାଇପଲାଇନ କିମ୍ବା ତୈଳ ଟ୍ୟାଙ୍କରରୁ ଲିକ ଓ ନିଆଁ ଲାଗିବା ପରିସ୍ଥିତିରେ ପୋଲିସ, ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ, ଜିଲା ପ୍ରଶାସନ ଓ ଆଖପାଖ ଉଦ୍ୟୋଗ କିପରି ମୁକାବିଲା କରିବେ ସେଥିପାଇଁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଫ୍ୟାକ୍ଟ୍ରି ଓ ବଏଲର ଉପନିର୍ଦ୍ଦେଶକ ସ୍ୱରୂପ ଜେନା, ସହାୟକ ନିର୍ଦ୍ଦେଶକ ଏ.କେ. ନନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଆଇଓସିଏଲ ଅଧିକାରୀ ଏସ.ସି. ମହାପାତ୍ର ଓ ପ୍ରବୀଣ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜନ ସଙ୍ଗଠନ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

# ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣଧାରଣା

## ଚାଷୀ, ଚାଷ ସମସ୍ୟାର ସମାଧାନ ଦାବି

**ଝାରସୁଗୁଡ଼ା ଅଫିସ,୧୯।୨**

ଝାରସୁଗୁଡା ଜିଲାରେ ଚାଷ ଓ ଚାଷୀଙ୍କ ସମସ୍ୟା ବଢ଼ି ଚାଲିଛି। ହେଲେ ଏ ନେଇ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ଏଭଳି ସମସ୍ୟାର ସମାଧାନ ଦାବି କରି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଜନ ସଙ୍ଗଠନ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି। ଏହି ଗଣଧାରଣା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

ଝାରସୁଗୁଡା ଜିଲାର ଲଇକେରା, ଲଖନପୁର, ଝାରସୁଗୁଡା, କିର୍ମିରା ଓ କୋଲାବିରା ବ୍ଲକରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ୩୨ଟି ଚାଷୀ ସେବା ସମବାୟ ସମିତିରେ ମୋଟ ୧୪ ହଜାର ୪୪୧ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ସେହିପରି କେତେକ ଚାଷୀ ନିଜ ନାମ ପଞ୍ଜୀକରଣ କରିପାରିନାହାନ୍ତି । ଚଳିତ ବର୍ଷ ୧୪ ହଜାର ୪୪୧ ଜଣ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଇଛି। କିନ୍ତୁ ଦ୍ୱିତୀୟ କିସ୍ତି ପାଇଁ ଧାନ ବିକ୍ରି ପାଇଁ ଟୋକନ ବ୍ୟବସ୍ଥା କରାଯାଇନାହିଁ। ଚଳିତବର୍ଷ ଜିଲାରେ ୭ ଲକ୍ଷ ୨୬ ହଜାର ୪୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଜିଲା ଯୋଗାଣ ବିଭାଗ ଲକ୍ଷଧାର୍ଯ୍ୟ କରିଥିଲା। ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୮୦ ହଜାର କୁଇଣ୍ଟାଲ ଧାନକ୍ରୟ ସରିଛି। ତେବେ ବଳକା ଧାନ କ୍ରୟ କରିବା ପାଇଁ ଯୋଗାଣ ବିଭାଗ ତତ୍ପରତା ଦେଖାଉନାହିଁ। ଧାନର ଗୁଣାବତ୍ତା ନାମରେ କୁଇଣ୍ଟାଲ ପ୍ରତି ୨ରୁ ୫ କିଗ୍ରା ପର୍ଯ୍ୟନ୍ତ ଧାନ କଟନି କରାଯାଉଛି। ସେହିପରି ୨୦୧୭-୧୮ ବର୍ଷରେ ଚାଷୀମାନେ ସମ୍ମୁଖୀନ ହୋଇଥିବା ମରୁଡିରେ ବୀମା କ୍ଷତିପୂରଣ ଏପର୍ଯ୍ୟନ୍ତ ପାଇ ନାହାନ୍ତି । ଜିଲାରେ ଥିବା କଳକାରଖାନା ଓ ଖଣି ଖାଦାନରୁ ନିର୍ଗତ ଦୂଷିତ ପାଣି, ପବନ ଓ ଗ୍ୟାସ ଫଳରେ ଚାଷ ନଷ୍ଟ ହେଉଛି। ବିଶେଷ କରି ଭୁର୍କାମୁଣ୍ଡା, କାତିକେଲା, ପରମାଣପୁର, କୁରେବଗା, ଭାଲୁପତ୍ରା, ବୃନ୍ଦମାଲା ଆଦି ଗ୍ରାମରେ ଯେଉଁ ଚାଷୀ ମାନଙ୍କ ଫସଲ ନଷ୍ଟ ହୋଇଛି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ମଞ୍ଚ ଦାବି କରିଛି । ଚାଷୀର ଉତ୍ପାଦିତ ଦ୍ରବ୍ୟର ସଠିକ ମୂଲ୍ୟ ନିର୍ଦ୍ଧାରଣ, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ଖୋଲିବା, ଜିଲାର ସମସ୍ତ ଚାଷଜମିକୁ ଉଠା ଜଳସେଚନ ବ୍ୟବସ୍ଥା, ଗଭୀର ନଳକୂପ, ଚେକ ଡ୍ୟାମ ଓ ପୁରୁଣା ବନ୍ଧକଟା ଗୁଡିକର ମରାମତି, ଉଠା ଜଳସେଚନ ପାଇଁ ବିଦ୍ୟୁତ୍ ବିଲ୍ ଛାଡ, ଜିଲା ଖଣିଜ ପାଣ୍ଠିରୁ ଜଳସେଚନ ବ୍ୟବସ୍ଥା, ଚାଷୀଙ୍କୁ ସୁଲଭ ମୂଲ୍ୟରେ ଠିକ୍ ସମୟରେ ଆବଶ୍ୟକ ଧାନ ବିହନ, କୀଟନାଶକ, ସାର ଆଦି ଯୋଗାଣ, ସମସ୍ତ ଚାଷୀଙ୍କ କୃଷି ଋଣ ଛାଡ ଏବଂ କୃଷି ପରିବାରର ମେଧାବୀ ଛାତ୍ରୀଛାତ୍ରଙ୍କୁ ବିନା ମୂଲ୍ୟରେ ଶିକ୍ଷା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଏହି ଗଣଧାରଣାରେ ଚାଷୀ ନେତା ସୁରେନ୍ଦ୍ର ସାହୁ, ଟଙ୍କଧର ନାଏକ, ବୁନ୍ଦେ ଧରୁଆ, ଗୋପିନାଥ ମାଝୀ, ବାସୁଦେବ ଭୋଇ, ରମାକାନ୍ତ ସାହୁ, ଶାନ୍ତନୁ ପାଣିଗ୍ରାହୀ, ନିର୍ମଳ ପ୍ରସାଦ ମିଶ୍ର, ଆଦିତ୍ୟ ରଥ, ଅସିମ ପଣ୍ଡା, ପ୍ରଶାନ୍ତ ତ୍ରିପାଠୀ, ଅଭିମନ୍ୟୁ ପଟେଲ, ଡମ୍ବରୁଧର ପଟେଲଙ୍କ ସମେତ ଅନ୍ୟ ଚାଷୀ ନେତାମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

**ରେଢାଖୋଲ, ୧୯।୨(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢାଖୋଲ ଥାନା ପୋଲିସ ମଙ୍ଗଳବାର ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ କେଜି ଗଞ୍ଜେଇ, ଏକ ବାଇକ ଓ ୧୯୦୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଏହି ଥାନା ଅନ୍ତର୍ଗତ ରାଇଲ ଗ୍ରାମର ଚିନ୍ମୟ ମାଝୀ ଓ ଉତ୍ତରପ୍ରଦେଶ ବୁଲନ୍ଦସହର ଜିଲା ରାମଘାଟ ଥାନା ମୋନିପୁରାର ଶ୍ୟାମବିର (୨୫) । ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଅଦାଲତକୁ ଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ସବଇନ୍ସପେକ୍ଟର ବୈଜୟନ୍ତିମାଳା ସ୍ୱାଇଁ ପୋଲିସ ଟିମ୍ ସହ ପାଟ୍ରୋଲିଂ କରୁଥିବା ବେଳେ ରେଢାକୋଲରୁ ନାକଟୀଦେଉଳ ଆଡକୁ ବାଇକ ନଂ ଓଆର୧୫ ଆର-୮୮୧୮ ଯୋଗେ ୨ ଜଣ ଯୁବକ ଯାଉଥିବା ଦେଖି ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବାଇକରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏହି ଗଞ୍ଜେଇ ବୌଦ୍ଧ ଅଞ୍ଚଳରୁ ଆଣି ବୁଲନ୍ଦସହରକୁ ଚାଲାଣ କରୁଥିବା ଅଭିଯୁକ୍ତମାନେ ପୋଲିସକୁ କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ




ସମ୍ବଲପୁର ଡିପିଏସ୍ ସ୍କୁଲରେ ସଚେତନ କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀ, ଅତିଥି ଓ ସ୍କୁଲ କର୍ମକର୍ତ୍ତା।

**ସମ୍ବଲପୁର,୧୯।୨(ବ୍ୟୁରୋ)**

ସମ୍ବଲପୁର ଶାସନଠାରେ ଥିବା ଡିପିଏସ୍ ସ୍କୁଲ ପରିସରରେ ଏଲ୍ଏଣ୍ଟି କମ୍ପାନୀ ପକ୍ଷରୁ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ଅଧକ୍ଷ ସୁଜାତା ଲେଙ୍କା ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯିବା ସହ ସ୍କୁଲ ଗାଡି ଚାଳକମାନଙ୍କୁ ଟ୍ରାଫିକ ନିୟମ ଉପରେ ଅବଗତ କରାଯାଇଥିଲା। ଟ୍ରାଫିକ ନିୟମ ମାନି ଗାଡି ଚଳାଇଲେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଏଲ୍ଏଣ୍ଟି କମ୍ପାନୀ ଟୋଲପ୍ଲାଜା ଅଧିକାରୀ ରବି ପାଣ୍ଡେ, ରୁଟ ଅଫିସର ମନୋଜ ପଟ୍ଟନାୟକ, ଅବସରପ୍ରାପ୍ତ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସୀତାଂଶୁ ତ୍ରିପାଠୀ, ବିଭୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରକ୍ତଦାନ ଶିବିର: ୨୩୪ ୟୁନିଟ ରକ୍ତ ସଂଗ୍ରହ




ସମ୍ବଲପୁର ଟାଉନ ଥାନା ପରିସରରେ ଏସ୍‌ପି କନୱର ବିଶାଳ ସିଂ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର,୧୯।୨(ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ଟାଉନ ଥାନା ପରିସରରେ ମୋ ସରକାର କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା, ଏସ୍ଆଇ ପୁଷ୍ପା କିଷାନ ପ୍ରମୁକ ଯୋଗଦେଇଥିଲେ। ଶିବିରରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ସ୍ୱେଚ୍ଛାସେବୀମାନେ ରକ୍ତ ଦାନ କରିଥିଲେ। ଏଥିରେ ୨୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାଶ, ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ଇନ୍ସପେକ୍ଟର ଯୋଗେଶ ଚନ୍ଦ୍ର ପଣ୍ଡା, କମଳ ପଣ୍ଡା, ନମିତା ପ୍ରଧାନ, ଚିନ୍ତାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ରକ୍ତଦାତାମାନଙ୍କୁ ଜିଲା ପୋଲିସ ଓ ଜିଲା ବ୍ଲଡ ବ୍ୟାଙ୍କ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ବ୍ଲଡ ବ୍ୟାଙ୍କ ଅଧିକାରୀ, ଡାକ୍ତର ଏବଂ କର୍ମଚାରୀ ମାନେ ଶିବିର ପରିଚାଳନା କରିଥିଲେ।

# ସମ୍ବଲପୁର ଜିଲାର ୨୬ ସ୍କୁଲରେ ସିସିଟିଭି

## ମାଟ୍ରିକ ପରୀକ୍ଷା

**ସମ୍ବଲପୁର,୧୯।୨(ବ୍ୟୁରୋ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା ବୁଧବାର ଆରମ୍ଭ ହୋଇଯାଇଛି। ସମ୍ବଲପୁର ଜିଲାରେ ୭୧ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେଉଛି। ପରୀକ୍ଷାରେ ରେଗୁଲାର ଏବଂ ଏକ୍ସ ରେଗୁଲାର ଛାତୀଛାତ୍ରଙ୍କୁ ମିଶାଇ ୧୧,୯୦୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନ ପରୀକ୍ଷାରେ ବିଭିନ୍ନ କାରଣରୁ ୨୪୮ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି। ତେବେ ଜିଲାରେ ୧୧,୬୫୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମାଧ୍ୟମାରେ ୪୩ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ୪୩ଜଣ ପରୀକ୍ଷା ଦେଉଛନ୍ତି। ମୁକ୍ତ ବିଦ୍ୟାଳୟର(ଏସ୍ଓଏସ୍ଇ) ୨୮୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୦ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ସହ କପି ମୁକ୍ତ କରିବାକୁ ତ୍ରିସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଜିଲାରେ ୬ଟି ନୋଡାଲ କେନ୍ଦ୍ରରେ ପରୀକ୍ଷା ପ୍ରଶ୍ନ ରଖାଯାଇଛି। ଏହାକୁ ମିଶାଇ ୨୬ଟି ପରୀକ୍ଷା କେନ୍ଦ୍ରରେ ସିସି ଟିଭି ବ୍ୟବସ୍ଥା ରହିଛି। ସମ୍ବଲପୁର ଜିଲାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ବୁର୍ଲା ବାଳକ ହାଇସ୍କୁଲ, କୁଚିଣ୍ଡା ଗାର୍ଲ୍ସ ହାଇସ୍କୁଲ, ରେଢାଖୋଲର ଗୌର ଚନ୍ଦ୍ର ହାଇସ୍କୁଲ, ବାମରା ହାଇସ୍କୁଲ ଓ ରେଙ୍ଗାଲିର ଏନ୍ଆର୍ ହାଇସ୍କୁଲରେ ନୋଡାଲ କେନ୍ଦ୍ର କରାଯାଇଛି ।

# ଆଇନ ସଚେତନତା ଶିବିର

**ରେଢାଖୋଲ, ୧୯।୨(ଡି.ଏନ.ଏ.)**




ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମନେ।

ସମ୍ବଲପୁର ଜିଲା ରେଢାଖୋଲ ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ବୁଧବାର ସିଭିଲ କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ଅଧ୍ୟକ୍ଷା ତଥା ସବଜଜ ଅପୂର୍ବା ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଷ୍ଟେଟବ୍ୟାଙ୍କ ଅଧିକାରୀ ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବହୁଳ ଭାବେ ଘଟୁଥିବା ସାଇବର କ୍ରାଇମ ସଚେତନତା ମାଧ୍ୟମରେ ରୋକି ହେବ ବୋଲି ଶିବରରେ ମତପ୍ରକାଶ ପାଇଥିଲା। ଅନଲାଇନ କାରବାର, ଏଟିଏମର ବହୁଳ ବ୍ୟବହାର ସହିତ ଏଣ୍ଡ୍ରଏଡ ମୋବାଇଲର ବ୍ୟବହାର କରୁଥିବା ଜନସାଧାରଣଙ୍କୁ ଏଥିପାଇଁ ଅଧିକ ସଚେତନ ହେବା ଆବଶ୍ୟକ। ସଚେତନତା ଅଭାବରୁ ଜନସାଧାରଣ ଠକାମିର ଶିକାର ହେଉଛନ୍ତି। ଏଥିପାଇଁ ରହିଥିବା ଆଇନ ଓ ଦଣ୍ଡବିଧାନ ଉପରେ ଆଲୋଚନା ହୋଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ, ରେଢାଖୋଲ ଥାନା ସବଇନ୍ସପେକ୍ଟର ବୈଜୟନ୍ତିମାଳା ସ୍ୱାଇଁ, ଏଏସଆଇ ତ୍ରିବେଣି ପ୍ରଧାନ, ସରକାରୀ ଓକିଲ ପ୍ରେମଚାନ୍ଦ କୁଲୁ, ଆଇନଜୀବୀ ତୁଷାରକାନ୍ତ କର, ସୁଜିତ ପ୍ରଧାନ, ନିମାଇଁ ଚରଣ ବେହେରା,ଅଚ୍ୟୁତାନନ୍ଦ ପୁରୋହିତ, ପାରା ଲିଗାଲ ସ୍ୱେଚ୍ଛାସେବୀ ଶିବରାମ ସାହୁ, ବରିଷ୍ଠ ନାଗରିକ ସମିତିର ବିଜୟ କୁମାର ମହାନ୍ତିଙ୍କ ସମେତ କୋର୍ଟ କର୍ମଚାରୀ ଯୋଗଦେଇଥିଲେ। ଆଇନସେବା ପ୍ରାଧିକରଣ ସମିତିର ରିଟେନର ଉମାକାନ୍ତ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୋଜକ ଫେଡରିକ କାଣ୍ଡୁଲନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କ୍ରାପ୍ ଚାଲାଣ: ଟ୍ରକ୍ ଅଟକ

**ଲଖନପୁର,୧୯।୨ (ଡି.ଏନ୍.ଏ)**

ଓଡିଶା ବିଦ୍ୟୁତ୍‌ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲି ସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପରୁ ବେଆଇନ୍ ଭାବେ ସ୍କ୍ରାପ୍ ଚାଲାଣ ହେଉଥିବାବେଳେ ପୋଲିସ ଗୋଟିଏ ଟ୍ରକ୍ (ନଂ.କେଏ୦୨ଏଏ/୫୦୪୫)କୁ ବନହରପାଲି ଥାନାରେ ଅଟକ ରଖିଛି । ଏ ସମ୍ପର୍କରେ ପୋଲିସ ଏମ୍‌ଭିଆଇ ଓ ବିକ୍ରିକର ବିଭାଗର ଦୃଷ୍ଟି ଆକର୍ଷଣ କରିଛି। ଖବର ପାଇ ଉଭୟ ବିଭାଗୀୟ ଅଧିକାରୀମାନେ ବୁଧବାର ଥାନାରେ ପହଞ୍ଚି ସ୍କ୍ରାପ୍ ବୋଝେଇ ଟ୍ରକ୍‌ର କାଗଜପତ୍ର ଯାଞ୍ଚ କରିଛନ୍ତି। ଯାଞ୍ଚ ବେଳେ ଟ୍ରକ୍‌ରେ ଆବଶ୍ୟକତାଠାରୁ ଅଧିକ ମାଲ୍‌ବୋଝେଇ ହୋଇଥିବା ଜଣାପଡିଥିଲା। ଫଳରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ବିକ୍ରିକର ବିଭାଗ ତରଫରୁ ୧ଲକ୍ଷ ୨ଶହ ଟଙ୍କା ଓ ଏମ୍‌ଭିଆଇ ତରଫରୁ ୪୫ହଜାର ୨୦ଟଙ୍କା ଜରିମାନା କରାଯାଇଛି । ଏ ନେଇ ପୋଲିସ ତଦନ୍ତ ଜାରି ରହିଛି । ଏ ନେଇ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେରଙ୍କୁ ତଦନ୍ତ ଜାରି ରହିଛି ଏବଂ ଏ ସମ୍ପର୍କରେ ଓପିଜିସି କର୍ତ୍ତୃପକ୍ଷଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଏ ନେଇ ଓପିଜିସି ଅଧିକାରୀ ଦୀଲିପ ପଣ୍ଡା କହିଛନ୍ତି ପୋଲିସ୍ ରିପୋର୍ଟ ଆସିଲା ପରେ ଏହାର ତଦନ୍ତ କରାଯାଇ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ।

# ଝୁଝୁମୁରା ବ୍ଲକରେ ମୋ ସରକାର: ୨୬ ଅଭିଯୋଗ, ୧୪ ସମାଧାନ

**ସମ୍ବଲପୁର,୧୯।୨(ବ୍ୟୁରୋ)**



ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ ମୋ ସରକାର ପ୍ରକୋଷ୍ଠରେ ଅଭିଯୋଗ କରୁଛନ୍ତି ।

ସମଗ୍ର ରାଜ୍ୟରେ ୫-ଟି କାର୍ଯ୍ୟକ୍ରମ କରାଯାଉଛି । ସରକାରୀ ଅଫିସକୁ ବିଭିନ୍ନ ସେବା ପାଇଁ ଆସୁଥିବା ଜନସାଧାରଣଙ୍କ ମତାମତ, ଅଭିଯୋଗ ତଥା କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା ନେଇ ମୋ ସରକାର ଯୋଜନା ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ କରାଯାଇଛି। ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକ ପରିସରରେ ମୋ ସରକାର ପାଇଁ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଜନସାଧାରଣ ପ୍ରତିଦିନ ଅଭିଯୋଗ କରିବାକୁ ଆସୁଛନ୍ତି। ବୁଧବାର ମିଳିଥିବା ସୂଚନା ମୁତାବକ, ଅଭିଯୋଗ ପ୍ରକୋଷ୍ଠରେ ୨୬ଟି ଅଭିଯୋଗ ହୋଇଥିଲା। ଏଥିରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ସମସ୍ୟା ଭଳି ଅଭିଯୋଗ ରହିଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଭିଯୋଗକୁ ଛାଡିଦେଲେ ବାକି ୧୪ଟି ଅଭିଯୋଗର ସମାଧାନ କରାଯାଇଛି । ଅନ୍ୟପକ୍ଷେ ଅଭିଯୋଗ ପରେ ଅଭିଯୋଗକାରୀଙ୍କ ପାଖକୁ ଫୋନ କଲ୍ ଆସୁଛି। ଅଭିଯୋଗକାରୀଙ୍କୁ ଉପସ୍ଥିତ କର୍ମଚାରୀ କିଭଳି ବ୍ୟବହାର କଲେ, ହୋଇଥିବା ଅଭିଯୋଗ ଉପରେ କ'ଣ ପ୍ରତିକ୍ରିୟା ଦେଲେ ଏଭଳି ପ୍ରଶ୍ନ ପଚରାଯାଉଛି। ଏହି ପ୍ରକୋଷ୍ଠ ଖୋଲିବା ପରେ ଅଧିକାରୀ ଏବଂ କର୍ମଚାରୀମାନେ ସତର୍କତାର ସହ କାମ କରୁଥିବା ଆଲୋଚନା ହେଉଛି।

# ଆନ୍ତଃ କ୍ଲବ କ୍ରିକେଟ: ମହାବୀର କ୍ଲବ ବିଜୟୀ

**ଦେବଗଡ଼,୧୯।୨ (ଡି.ଏନ.ଏ.)**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ପଞ୍ଚମ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କଲାର ଗୋଲଡେନ ଷ୍ଟାର ଓ ଦେବଗଡ଼ର ମହାବୀର କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ କଲାର ଗୋଲଡେନ ଷ୍ଟାରକୁ ୧୫ ରନରେ ପରାସ୍ତ କରି ଦେବଗଡର ମହାବୀର କ୍ଲବ ବିଜୟୀ ହୋଇଛି। ଦେବଗଡ଼ର ମହାବୀର କ୍ଲବ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା । ଏହାର ଜବାବରେ କଲାର ଗୋଲଡେନ ଷ୍ଟାର କ୍ଲବ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୬୪ ରନ ସଂଗ୍ରହ କରିବା ସହ ୧୫ ରନରେ ପରାଜିତ ହୋଇଥିଲା । ମ୍ୟାଚକୁ ଅମ୍ପାୟାର ଭାବେ ଅଜିତ କୁମାର ମୋଦୀ ଓ ସୁମନ ବେହେରା ପରିଚାଳନା କରିଥିଲେ।



ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକଙ୍କ ସହ ଖେଳାଳିମାନେ।




## ବଲିଉଡ୍ ହାଲଚାଲ

▶ଅକ୍ଷୟ କୁମାରଙ୍କ ମୁହଁରେ ଏବେ କ୍ୟାଟ୍ରିନା କୈଫଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଦୁହେଁ ଏବେ ନିର୍ମାଣାଧୀନ ‘ସୂର୍ଯ୍ୟବଂଶୀ’ରେ ଅଭିନୟ କରୁଛନ୍ତି।

▶ଅନୁଷ୍କା ଶର୍ମା ଏବେ ଅଧିକାଂଶ ସମୟ କ୍ରିକେଟ ପ୍ରାକ୍ଟିସ କରୁଛନ୍ତି। କାରଣ ଲୋକପ୍ରିୟ କ୍ରିକେଟ ଖେଳାଳି ତଥା ଭାରତୀୟ ମହିଳା କ୍ରିକେଟ ଟିମ୍‌ର ବୋଲର୍ ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ନିର୍ମିତ ହେଉଥିବା ହିନ୍ଦୀ ସିନେମାର ଟାଇଟଲ ଭୂମିକାରେ ସେ ଅଭିନୟ କରିବେ। ଏହାର ଟାଇଟଲ ‘ଚକଧା ଏକ୍ସପ୍ରେସ’ ରହିଛି ବୋଲି ଶୁଣିବାକୁ ମିଳୁଛି।

▶‘ହିରୋପନ୍ତି–୨’ରେ ଟାଇଗର ଶ୍ରଫ ଅଭିନୟ କରିବେ ବୋଲି ଜଣାପଡିଛି।

▶‘ବଣ୍ଟି ଔର ବବ୍‌ଲି–୨’ ଚଳିତବର୍ଷ ଜୁନ୍ ୨୬ରେ ରିଲିଜ ହେବାକୁ ଯାଉଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ସୈଫ ଅଲ୍ଲୀ ଖାଁ ଏବଂ ରାଣୀ ମୁଖାର୍ଜୀ।

▶ଶାହରୁଖ ଖାଁଙ୍କ ପ୍ରଯୋଜିତ ‘କାମୟାବ’ରେ ମେଲ୍ ଲିଡ୍‌ରେ ସଞ୍ଜୟ ସିଂଙ୍କୁ ଦେଖିବାକୁ ମିଳିବ।

## ବାଜିବଲୋ ସାହାନାଇ

ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା’ପରେ କ’ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ‘ବାଜିବଲୋ ସାହାନାଇ’ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବେଶ୍ କିଛିବର୍ଷ ପୂର୍ବେ ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ ‘ବାଜିବଲୋ ସାହାନାଇ’ ସୁପରହିଟ୍ ହୋଇଥିଲା। ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟରେ ଭରି ରହିଥିଲା ଫୁଲ୍ ଏଣ୍ଟରଟେନମେଣ୍ଟ। ହେଲେ ଏବେ ବଡ଼ ପରଦାରେ ଆଶୁତୋଷଙ୍କ ସାହାନାଇ ପୁଣି ଥରେ ବାଜିବାକୁ ଯାଉଛି। ଅପରପକ୍ଷରେ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୂରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଅପେରା ଜଗତର ଆଗଧାଡିର ନିର୍ଦ୍ଦେଶକ ଆଶୁତୋଷ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ବିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ।






ଅଂଶୁମାନ

## ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି ଏମନ ଖୋଜୁ ଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଏପରି ଏକ ଦମ୍‌ଦାର ଭୂମିକା ପାଇବା ପରେ ସେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ’ଣ କି ପ୍ରସନ୍ନ ପୃଷ୍ଟିଙ୍କ ଆଗାମୀ ଅନଟାଇଟଲ୍‌ଡ ଫିଲ୍ମରେ ତାଙ୍କୁ ଏଭଳି ଏକ ମନଲାଖି ଭୂମିକା ମିଳିଛି। ସେ ହେଲେ ଅଂଶୁମାନ ସାମନ୍ତରାୟ। ଏ ସମ୍ପର୍କରେ ସେ କହନ୍ତି, ‘ଏହି ଫିଲ୍ମର ମୁଖ୍ୟ ଖଳନାୟକ ଭାବରେ ମୁଁ ଦେଖାଦେବି। କାହାଣୀ ଏବଂ ଭୂମିକା ବିଷୟରେ ଜାଣିବା ପରେ ନିଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। ଏ ପର୍ଯ୍ୟନ୍ତ ମୁଁ ୮ଟି ଓଡ଼ିଆ ସିନେମାରେ ଭିନ୍ନ ଭିନ୍ନ ରୋଲ୍‌ରେ ଅଭିନୟ କରିଛି। ହେଲେ ଏହି ଫିଲ୍ମର ଭୂମିକା ସମ୍ପୂର୍ଣ୍ଣ ଭିନ୍ନ। ମୋ ବାପା ଆର.କେ. ସାହୁ, ମା’ ନିରୁପମା ସାମନ୍ତରାୟ, ସ୍ତ୍ରୀ ରୋଜାଲିନା ଏବଂ ଝିଅ ସିଲ୍‌ଭି ଶ୍ୱେତାଲିନାଙ୍କ ପ୍ରେରଣା ମୋତେ ଆକ୍ଟିଂ ଲାଇନ୍‌ରେ ଆଗେଇବାରେ ବେଶ୍ ସହାୟକ ହୋଇଛି।’ ତେବେ ଏଥର ଅଂଶୁମାନ ବଡ଼ ପରଦାରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ରିଲିଜ ଅପେକ୍ଷାରେ

# ପୁଷ୍ପା ଆଇ ହେଟ୍ ଟିୟର୍ସ

ଓଡିଆ ପ୍ରଯୋଜକ ଅମୂଲ୍ୟ କୁମାର ଦାସଙ୍କ ଦ୍ୱିଭାଷୀ ଫିଲ୍ମ ‘ପୁଷ୍ପା ଆଇ ହେଟ୍ ଟିୟର୍ସ’ ଚଳିତ ମାସ ୨୮ରେ ପରଦା ଉପରକୁ ଆସୁଛି। ସୁପରଷ୍ଟାର ରାଜେଶ ଖାନ୍ନାଙ୍କ ଚର୍ଚ୍ଚିତ ଡାଏଲଗ (ଅମର ପ୍ରେମ) ‘ପୁଷ୍ପା ଆଇ ହେଟ୍ ଟିୟର୍ସ’କୁ ଆଧାର କରି ଏହାର ଶୀର୍ଷକ ରଖାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଦୀନକର କପୁର। କ୍ରିଷ୍ଣା ଅଭିଷେକ, ଅର୍ଜୁନ ମୁଗଲ, କାର୍ତ୍ତିକ ଜୟରାମ ଏବଂ ଅନୁସ୍କୃତି ସରକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହି ସିନେମାଟି ଉଭୟ ହିନ୍ଦୀ ଏବଂ କନ୍ନଡ ଭାଷାରେ ନିର୍ମିତ ହୋଇଛି। ବାରିପଦାରେ ଜନ୍ମିତ ଅମୂଲ୍ୟ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ ପରେ ସେ ସିନେମା ପ୍ରଯୋଜନା କ୍ଷେତ୍ରରେ ମନ ବଳାଇଥିଲେ। ତା’ପରେ ହୋମ୍ ବ୍ୟାନର ‘ଫିଲ୍ମ ଆଟ୍ ଦ ରେଟ୍ ଫିଫ୍ଟି’ରେ ସେ ଏହି ସିନେମାଟିକୁ ନିର୍ମାଣ କରିଛନ୍ତି।



‘ପୁଷ୍ପା ଆଇ ହେଟ୍ ଟିୟର୍ସ’ ଚଳଚ୍ଚିତ୍ରର ଏକ ଦୃଶ୍ୟ।

## ଆନ୍ନାଙ୍କ ଲେଉଟାଣି

କିଛି ବର୍ଷ ପୂର୍ବରୁ ଏକ୍ସସେଲ ମୁଭିଜ ବ୍ୟାନରରେ ନିର୍ମିତ ହୋଇଥିଲା ‘ଆଇନ୍ କାନୁନ୍’। ଏଥିରେ ଆନ୍ନା ଭୂମିକାରେ ଅଭିନୟ କରିଥିବା ରଫି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସଂଯୋଗ ବଶତଃ ପୁଣି ଥରେ ଏହି ବ୍ୟାନରରେ ନିର୍ମାଣାଧୀନ ଓଡ଼ିଆ ସିନେମା ‘କିଏ ହେବ ମୋ ହିରୋଇନ’ରେ ତାଙ୍କୁ ସେହି ଏକା ଭୂମିକାରେ ଦେଖିବାକୁ ମିଳିବ। ଫରକ୍ ଏତିକି ଯେ ସେଥିର ସେ ଗୋରା ଆନ୍ନା ଭାବରେ ଦର୍ଶକଙ୍କ ସାମନାକୁ ଆସିଥିଲେ, ହେଲେ ଏବେ ତାଙ୍କର ଚରିତ୍ରଟି ହେଲା କଳା ଆନ୍ନା। ଏ ସମ୍ପର୍କରେ ରଫି କହନ୍ତି, ‘କଳା ଆନ୍ନାକୁ ଗୋଟିଏ ଜିନିଷରୁ ମଜା ମିଳିଥାଏ। ତାହା ହେଲା ଆଣ୍ଟିସୋସିଆଲ କାମ। ତାହାର ଫଳ ଯାହା ହେଉନା କାହିଁକି ଏପରି କାମରେ ନିଜକୁ ନିୟୋଜିତ ରଖିବାକୁ ସେ ପଛଘୁଞ୍ଚା ଦେଇନି। ତେବେ ଏହି ଭୂମିକାରେ କ’ଣ ସ୍ପେଶାଲ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।’ ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶିତ ‘କିଏ ହେବ ମୋ ହିରୋଇନ୍’ର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ସଂଳାପକାର ଡ. ରଜନୀ ରଞ୍ଜନ। ଏହାର ମେଲ୍ ଲିଡ୍‌ରେ ଅସିତ ଅଭିନୟ କରୁଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ମହିମା।

ଅପେରା ହାଲ୍‌ଚାଲ୍

## ତାପସଙ୍କ ସଜବାଜ

ଜଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ତାପସ ସ୍ୱାଇଁ। ଚଳିତବର୍ଷ ତାଙ୍କ ନିର୍ଦ୍ଦେଶିତ ନାଟକ ‘ମୁଁ ସେହି ଭଦ୍ରକିଆ ଟୋକା (ରଙ୍ଗମହଲ) ଖଣ୍ଡଗିରି ଅପେରା ମେଳାରେ ବାଜିମାତ କରିଛି। ଅନ୍ୟପକ୍ଷରେ ଆସନ୍ତା ଯାତ୍ରା ସିଜନକୁ ନେଇ ଏବେଠାରୁ ଅଣ୍ଟା ଭିଡିଲେଣି ସେ। ଆସନ୍ତାବର୍ଷ ତାଙ୍କ ହାତରେ ୬ଟି ନାଟକ ରହିଛି। ତେଣୁ ସବୁ ନାଟକକୁ କିପରି ଦର୍ଶକାଦୃତ କରାଯାଇପାରିବ



ସେ ନେଇ ନିଜକୁ କିପରି ପ୍ରସ୍ତୁତ କରିଛନ୍ତି ସେ ସମ୍ପର୍କରେ ତାପସ କହନ୍ତି, ‘ନାଟକର କାହାଣୀକୁ ମୁଁ ପ୍ରଥମେ ଭଲ ଭାବରେ ବିଶ୍ଳେଷଣ କରେ। ନିର୍ଦ୍ଦେଶନା ସମୟରେ ନାଟକର ପ୍ରତିଟି ବିଷୟକୁ ସରିୟସ୍‌ଲି ନେଇଥାଏ, ଯାହାଫଳରେ ମୋ ନାଟକରେ ସବୁବେଳେ ସ୍ପେଶାଲ ଚାର୍ମ ରହିଥାଏ। ଦର୍ଶକ ମୋ ନାଟକକୁ ଭଲ ରେସପନ୍ସ ଦେଉଛନ୍ତି ତାହା ମୋ ପାଇଁ ବଡ କଥା।’ ଆସନ୍ତାବର୍ଷ ପାଇଁ ତାପସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଥିବା ନାଟକଗୁଡିକ ମଧ୍ୟରେ ରହିଛି–‘ଲୁହକୁ କହିଛି ରହିଯା ଟିକେ’ (ରଙ୍ଗମହଲ), ‘ଲାଗିଲାରେ ପ୍ରୀତି ରଙ୍ଗ ଲାଗିଲା’ (ସ୍ୱର୍ଣ୍ଣମହଲ), ‘କୋଟିଏ ତାରାରେ ଗୋଟିଏ ଜହ୍ନ’ (ବିଶ୍ୱଦରବାର), ‘ରାଜା ଝିଅ ତମେ କ’ଣ କଲ’ (ତୁଳସୀ), ‘କଳଙ୍କ ମୋ ପାଇଁ ଚନ୍ଦନ ଟିକା’ (ଧଉଳି) ଏବଂ ‘ବାଟରେ କନିଆ ହାଟରେ ବର’ (ପାର୍ବତୀ)।

## ଟିକି ଟିକି ମୋର ଟିକିଣି ଗାଲ..

‘ଟିକି ଟିକି ମୋର ଟିକିଣି ଗାଲ, ରଙ୍ଗବତୀ ରସବତୀ ଜାଇଫୁଲ’। ଏପରି ଏକ ଆଇଟମ୍ ଗୀତକୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା ଜୋର୍ ଧରିଛି। ଡ. ନିର୍ମଳ ନାୟକଙ୍କ ରଚିତ ଏବଂ ଅମରେନ୍ଦ୍ର ମହାନ୍ତିଙ୍କ ସ୍ୱର ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା। ଖାସ୍ କଥା ହେଲା, ଏଥିରେ ଡ୍ୟାନ୍ସ ତଡକା ଲଗାଇଛନ୍ତି ଚର୍ଚ୍ଚିତ ଆଇଟମ ଗର୍ଲ ରାନୀ ପଣ୍ଡା। ଫିଲ୍ମଟି ହେଲା ‘ଗାଁ ନାଁ ଗାଲୁଆପୁର’। ଅର୍ଥାତ୍, ରାନୀ ଖୁବ୍‌ଶୀଘ୍ର ବଡ଼ ପରଦାରେ ଆଇଟମ୍ ନମ୍ବରରେ ଦେଖାଦେବେ। ତାଙ୍କୁ ଏପରି ସୁଯୋଗ ଦେଇଛନ୍ତି ନିର୍ଦ୍ଦେଶକ ଜିତେନ୍ଦ୍ର ମହାପାତ୍ର। । ତାଙ୍କ ନିର୍ଦ୍ଦେଶନାରେ ଫିଲ୍ମର ଶୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱଚ୍ଛ ଭାରତ ଅଭିଯାନ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏଥିରେ ପ୍ରୟାସ କରାଯାଇଛି। କାହାଣୀ ଅନୁସାରେ ଫିଲ୍ମର ନାୟକ ପପୁ ପମପମ ଜଣେ ପ୍ଲମ୍ବର ଭୂମିକାରେ ଅଭିନୟ କରୁଛନ୍ତି। ହେଲେ ସେ ଏକ ବଡ଼ ଚାକିରି କରିଛି ବୋଲି କହି ବୁଲୁଛି। ତେବେ ଏହାର ଶେଷ ପରିଣତି କ’ଣ ହେଉଛି ତାହା ନିକଟରେ ଶୁଟିଂ ଶେଷ ହୋଇଥିବା ସିନେମାରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏପରି ଆଇଟମ ନମ୍ବରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ରାନୀ।







## ଖବର ଟବର

▶ଖୁବ୍‌ଶୀଘ୍ର ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ସବ୍ୟସାଚୀ–ଅର୍ଚ୍ଚିତାଙ୍କୁ ବଡ଼ ପରଦାରେ ପୁଣି ଥରେ ଦେଖିବାକୁ ମିଳିବ। ଏହି ଅନଟାଇଟଲ୍‌ଡ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁରହିଛି।

▶ନୂଆ ଓଡ଼ିଆ ସିନେମା ‘ମାମା ୱେଡ୍‌ସ ପାପା’ର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀହାନ୍ କ୍ରିଏସନ୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି। ‘ସାତ ସୁରେ ବନ୍ଧା ଏ ଜୀବନ’ ଏବଂ ‘ଡ୍ୟାଡି’ ପରେ ଏହାର ନିର୍ଦ୍ଦେଶନା ଦେବେ ଆପୁ କାନୁନ୍‌ଗୋ। ଚିନ୍ମୟ ଦାସପଟ୍ଟନାୟକ ସଂଳାପ ରଚନା କରିଥିବା ବେଳେ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆସଦ୍ ନିଜାମ୍। ଫିଲ୍ମର ବିଭିନ୍ନ ଭୂମିକାରେ ଅଙ୍କିତ, ନବାଗତା ମନସ୍ୱିନୀ ପତି, ପପୁ ପମପମ, ପୁଷ୍ପା ପଣ୍ଡା, ଐଶ୍ୱର୍ଯ୍ୟା ଏବଂ ନାଗଜା ନିରଞ୍ଜନାଙ୍କୁ ଦେଖିବାକୁ ମିଳିବ।

▶ସବ୍ୟସାଚୀଙ୍କ ଅଭିନୀତ ‘ଯେତେ ଗୋରୀ ସେତେ ଷ୍ଟୋରି’ ରିଲିଜ ଅପେକ୍ଷାରେ ରହିଛି।

▶ପୁଣି ଥରେ ଏକ ସତ୍ୟ ଘଟଣାକୁ ନେଇ ଆଉ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଅଣ୍ଟା ଭିଡିଛନ୍ତି ପ୍ରଯୋଜକ ଶ୍ରୀଧର ମାର୍ଥା। ରେଞ୍ଜି ରୟାଲ ସିନେ ଲ୍ୟାବ ବ୍ୟାନରରେ ଏହାର ଟାଇଟଲ ରହିଛି ‘ମାୟାବିନୀ’। ଏକ ଜଘନ୍ୟ ହତ୍ୟାକାଣ୍ଡ ଉପରେ ଏହାର କାହାଣୀ ଆଧାରିତ ଏବଂ ବଲିଉଡ୍‌ର ଜଣେ ନାମୀ ନିର୍ଦ୍ଦେଶକ ଏହାର ନିର୍ଦ୍ଦେଶନା ଦେବେ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି। ଏହାପୂର୍ବରୁ ସେ ‘କଥା ଦେଲି ମଥା ଛୁଇଁ’, ‘ଯୋଗୀ’ ଏବଂ ପାର୍ସଲ ବୋମା ଉପରେ ଆଧାରିତ ‘ପାଟଣାଗଡ’। ନୂଆ ସିନେମାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି।

# 'ରାଉଡି' ହେବାକୁ ଇଚ୍ଛା

**ଧରିତ୍ରୀ ଆଳାପ**


ଶିବାନୀ

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ସେ ବବ୍ଲି ଓ ଚୁଲ୍‌ବୁଲି ନାୟିକା। ଦିନେ ଶିଶୁ କଳାକାରଭାବେ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରୁଥିଲେ। ଆଜି ଫିଲ୍ମର ମୁଖ୍ୟ ନାୟିକା ଭାବେ ଜବରଦସ୍ତ ଅଭିନୟରେ କେତେବେଳେ ଦର୍ଶକଙ୍କୁ ସେ ହସାଉଛନ୍ତି ତ ପୁଣି କେତେବେଳେ କନ୍ଦାଉଛନ୍ତି। ପ୍ରଥମ ଫିଲ୍ମରୁ ହିଁ ଇଣ୍ଡଷ୍ଟ୍ରୀରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିବା ଏହି ଅଭିନେତ୍ରୀ ହେଲେ ଶିବାନୀ ସଙ୍ଗୀତା। 'ସିଷ୍ଟର ଶ୍ରୀଦେବୀ', 'ପ୍ରେମ୍ କୁମାର' ଭଳି ହିଟ୍ ଫିଲ୍ମରେ ଅଭିନୟକରି ଦର୍ଶକଙ୍କ ନିକଟତର ହୋଇଥିବା ଶିବାନୀଙ୍କ ସହ ଆଳାପ।

**ଶିଶୁ କଳାକାରରୁ ଲିଡ୍ ଚରିତ୍ରରେ ଅଭିନୟ କରିବାର ଅନୁଭୂତି କିଭଳି ଥିଲା?**

● ଶିଶୁ କଳାକାର ଭାବେ ମୁଁ ପ୍ରଥମେ 'ମିତରେ ମିତ' ଫିଲ୍ମରେ ଅଭିନୟ କରିଥିଲି। ଏହା ପୂର୍ବରୁ 'ଉତ୍ତରଦାୟୀ', 'ଦେବୀ' ଓ 'ବଧୂ' ଭଳି କେତେକ ଧାରାବାହିକରେ ଅଭିନୟ କରିବାର ସୁଯୋଗ ମିଳିଥିଲା। 'ଉତ୍ତରଦାୟୀ'ରେ ମୋ ଅଭିନୟ ଦେଖି ପ୍ରଶାନ୍ତ ପାଢୀ ସାର୍ 'ମିତରେ ମିତ' ଫିଲ୍ମ ପାଇଁ ଡାକିଥିଲେ। ଏହାପରେ 'ପହିଲି ରଜ', 'ଗୁଡ୍ ବୟ', 'ମିତ ବସିଛି ମୁଁ ଭୂତ ସାଥିରେ', 'ଲେଖୁ ଲେଖୁ ଲେଖିଦେଲି' ଭଳି ଫିଲ୍ମ କରିଥିଲି। ତେବେ 'ସିଷ୍ଟର ଶ୍ରୀଦେବୀ'ରେ ଲିଡ୍ ରୋଲ୍‌ରେ ଅଭିନୟ କରିବାର ସୁଯୋଗ ମିଳିଲା। ସେ ଅନୁଭୂତି ଭିନ୍ନ ଥିଲା।

**ପ୍ରଥମ ଫିଲ୍ମରୁ ବାବୁଶାନଙ୍କ ଭଳି ଜଣେ ସୁପରଷ୍ଟାର୍‌ଙ୍କ ସହ ଅଭିନୟ କରିବାର ସୁଯୋଗ ପାଇଥିଲେ। ସେ ନେଇ କ'ଣ କହିବେ?**

● 'ସିଷ୍ଟର ଶ୍ରୀଦେବୀ' ପାଇଁ ଯେତେବେଳେ ଅଶୋକ ପତି ସାର୍ ଡାକିଥିଲେ ସେବେ ମୁଁ ଷ୍ଟୋରି ବିଷୟରେ କିଛି ଜାଣି ନଥିଲି କି ହିରୋ କିଏ ବି ଜାଣିନଥିଲି। ବାବୁଶାନ୍‌ଙ୍କ ସହ କାମ କରିବାର ଅଛି ଜାଣିବା ପରେ ପ୍ରଥମେ ବହୁତ ଖୁସି ଲାଗିଥିଲା। ହେଲେ ମନରେ ଡର ଥିଲା ଯେ ଏତେ ଅଭିଜ୍ଞ କଳାକାରଙ୍କ ସହ କାମ କରିବି। ଭୁଲ୍ ହୋଇଗଲେ କ'ଣ ହେବ ଭାବିକି ଡର ଲାଗୁଥିଲା। ଫିଲ୍ମ କଲାପରେ ଜାଣିଲି ତାଙ୍କ ସହ କାମ କରିବା କେତେ ସହଜ। ବହୁତ କିଛି ଶିଖିବାକୁ ମିଳେ। ଯଦି ଆଜି ଦର୍ଶକ ଭାବୁଥାନ୍ତି ଯେ ମୁଁ ଟିକେ ଭଲ ଆର୍ଟିଷ୍ଟ ତା'ହେଲେ ସେଥିରେ ବାବୁଶାନଙ୍କର ପ୍ରମୁଖ ଅବଦାନ ରହିଛି।

**କେଉଁ ନାୟକଙ୍କ ସହ କାମ କରିବା ଏକ ଡ୍ରିମ୍?**

● ମୁଁ ବହୁତ ଭାଗ୍ୟବାନ୍ ଯେ, ଏବେସୁଦ୍ଧା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ୩ ଜଣ ସୁପରଷ୍ଟାର୍‌ଙ୍କ ସହ କାମ କରିସାରିଛି। ବାବୁଶାନଙ୍କ ସହ ଡେବ୍ୟୁ କରିଥିଲି। ତା'ପରେ ସ୍ୱରାଜ ଓ ଅନୁଭବଙ୍କ ସହ କାମ କରିବାର ସୁଯୋଗ ମିଳିଲା। ଭଗବାନ ଓ ଦର୍ଶକଙ୍କ ଆଶୀର୍ବାଦ ଯୋଗୁ ଆଜି ମୁଁ ଏଠାରେ ପହଞ୍ଚିଛି।

**ରୋମାଣ୍ଟିକ୍, ସସ୍‌ପେନ୍ସ, କମେଡି, ଡ୍ରାମା ନା ଥ୍ରୀଲର, କେଉଁଭଳି ଫିଲ୍ମ କରିବାକୁ ଭଲଲାଗେ?**

● ରାଉଡି କ୍ୟାରେକ୍ଟର କରିବାକୁ ମୋର ବହୁତ ଇଚ୍ଛା। ଏମିତି କାନ୍ଦକଟା ଚରିତ୍ର କରିବାକୁ ବହୁତ ମିଳେ ଓ ଦର୍ଶକଙ୍କୁ ବି ତାହା ପସନ୍ଦ ହୁଏ। ହେଲେ ତାହା ସବୁବେଳେ ଚାଲିଥିବ। କିନ୍ତୁ ବୁଲେଟ୍ ଚଲାଉଥିବା, ଘୋଡ଼ା ଚଢୁଥିବା ଭଳି ଏକ ଚରିତ୍ରରେ ଅଭିନୟ କରିବାକୁ ଆଗ୍ରହ ଅଛି। ବିଲ୍‌କୁଲ ଗର୍ଲି ନ ହୋଇ 'ଟମ୍ ବୟ' ହେବାକୁ ଇଚ୍ଛା ଅଛି।

**ପାଟଣାଗଡ଼ ଓ ନିକଟରେ ହୋଇଥିବା କଳ୍ପନା ଦାଶ ହତ୍ୟାକାଣ୍ଡ ଭଳି କିଛି ବାସ୍ତବ ଘଟଣା ଉପରେ ଏବେ ଓଡ଼ିଆ ଫିଲ୍ମ ହେଉଛି। ସେମିତି ଯଦି ଏକ କ୍ରାଇମ୍ ଥ୍ରୀଲର୍ କିମ୍ବା ବାୟୋପିକ୍ ହୁଏ ତା'ହେଲେ କାହା ଚରିତ୍ରରେ ଅଭିନୟ କରିବାକୁ ଚାହିଁବେ?**

● ଯାହାର ଜୀବନ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିବ ତାଙ୍କ ଉପରେ ଏକ ବାୟୋପିକ୍ କରିବାକୁ ଇଚ୍ଛା ଅଛି। ଦୀପିକା ପାଦୁକୋନ ଯେମିତି 'ଛପାକ୍'ରେ ଲକ୍ଷ୍ମୀ ଅଗ୍ରୱାଲଙ୍କ ଚରିତ୍ରରେ ଅଭିନୟ କରିଥିଲେ ସେମିତି ଏକ ଚରିତ୍ରରେ ଅଭିନୟ କରିବା ମୋର ସ୍ୱପ୍ନ। ଯେଉଁ ଚରିତ୍ରରେ ଶିବାନୀ ଅଭିନୟ କରିପାରିବ ବୋଲି ଦର୍ଶକ କେବେ ଭାବି ନ ଥିବେ ସେମିତି ଏକ ଚରିତ୍ରରେ ଅଭିନୟ କରିବି।



**ଶୁଟିଂ ସେଟ୍‌ର ଏକ ସ୍ମରଣୀୟ ମୁହୂର୍ତ୍ତ?**

● ମୋର ପ୍ରତ୍ୟେକଟି ଫିଲ୍ମର ପ୍ରତ୍ୟେକଟି ଦିନ ସ୍ମରଣୀୟ। ସବୁ ଦିନ କିଛି ନା କିଛି ନୂଆ ହୁଏ ଓ ନୂଆ ଅନୁଭବ ମିଳେ। ବିଶେଷକରି ପ୍ରଥମ ଫିଲ୍ମର ପ୍ରଥମ ଦିନ ନିଶ୍ଚିନ୍ତଭାବେ ସ୍ପେଶାଲ।

**ଓଡ଼ିଆ ଫିଲ୍ମକୁ ଯେଉଁ ନବାଗତମାନେ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ?**

● ମୁଁ ନିଜେ ଜଣେ ନ୍ୟୁକମର୍। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଅବସ୍ଥା କ'ଣ ତାହା ସମସ୍ତେ ଜାଣିଛନ୍ତି। ତେଣୁ ଏଭଳିସ୍ଥଳେ ଇଣ୍ଡଷ୍ଟ୍ରୀକୁ ଆଗକୁ ନେବାର ଦାୟିତ୍ୱ ଆମ ମୁଣ୍ଡ ଉପରେ ହିଁ ଅଛି। ମୋତେ ଯେଉଁମାନେ ପଚାରନ୍ତି ଆପଣ ବଲିଉଡ୍ କି ଟଲିଉଡ୍‌କୁ କେବେ ଯିବେ, ସେମାନଙ୍କୁ ମୁଁ କୁହେ, ଆମେ ଆମ ଇଣ୍ଡଷ୍ଟ୍ରୀକୁ ଏମିତି ସ୍ତରକୁ ନେବା ଯେମିତି ଅନ୍ୟ ଇଣ୍ଡଷ୍ଟ୍ରୀର କଳାକାରମାନେ ଓଲିଉଡ୍‌କୁ ଆସିବାକୁ ଚାହିଁବେ। ସେ ଦିନ ଦୂର ହୋଇପାରେ ଓ କଷ୍ଟ ହୋଇପାରେ, ହେଲେ ଆମକୁ ହିଁ କରିବାକୁ ପଡ଼ିବ।

**ମଡେଲିଂ ପ୍ରତି ଆପଣଙ୍କର ୱିକ୍‌ନେସ୍ ଅଛି। ଆଗକୁ ସେଥିରେ କିଛି କରିବାକୁ ଯୋଜନା ଅଛି କି?**

● ମଡେଲିଂ ପ୍ରତି ଆଗରୁ ଆଗ୍ରହ ନଥିଲା। ଏବେ ନୂଆ ନୂଆ ଜାଗ୍ରତ ହୋଇଛି। ଫ୍ୟାଶନ ଶୋ' କରିବାର ବହୁତ ଇଚ୍ଛା ଅଛି। ଅଭିନୟ ମୋର ପ୍ରାଥମିକତା। ତେଣୁ ମଡେଲିଂରେ ଏତେ ଧ୍ୟାନ ଦେଉନି।

**ଶିବାନୀଙ୍କୁ ରୋଷେଇ କରିବା ଜଣା ଅଛି ?**

● ହଁ, କାମ ଚଳାଇ ଦେଇପାରେ। କେବଳ ମ୍ୟାଗି, ଚା' ନୁହେଁ, ବହୁତ ଭଲ କରି ନପାରିଲେ ବି ଅଟିକମ୍‌ରେ ରୁଟି, ଡାଲ୍ମା କରିପାରେ।

**କ'ଣ ଖାଇବାକୁ ଭଲଲାଗେ?**

● ମୁଁ ବହୁତ ଫୁଡି। ସ୍ମୋକ୍ ଫିସ୍ ବହୁତ ପସନ୍ଦ। କଦଳୀ ପତ୍ରପୋଡ଼ା ମାଛ, ଚିକେନ୍ ଲଲିପପ୍, ପନିର୍ ମଞ୍ଚୁରିଆନ୍ ଖାଇବାକୁ ଭଲଲାଗେ। ପନିର୍‌ର ସବୁକିଛି ଭଲଲାଗେ।

**କ'ଣ ପିନ୍ଧିବା ପସନ୍ଦ?**

● ଇଣ୍ଡିଆନ୍ ୱେର୍ ମୋତେ ଭଲଲାଗେ।

– ସସ୍ମିତା ପାଇକରାୟ

---

**ଖାଦ୍ୟ ରୁଚି**

# ଲଭ୍‌ଲି କୁପ୍ତା

ପୁରୀରେ ଥିବ। ବିଭିନ୍ନ ହୋଟେଲ ଏବଂ ରେସ୍ତୋରାଁ ମାଲିକମାନେ ବିଭିନ୍ନ ପ୍ରକାର ରୁଚିପୂର୍ଣ୍ଣ ଖାଦ୍ୟକୁ ପ୍ରାଥମିକତା ଦେଇଥାନ୍ତି। ଏହିଭଳି ଏକ ହୋଟେଲ ହେଉଛି ସିଟିରୋଡ଼ସ୍ଥିତ ପାନ୍ଥନିବାସ ନିକଟରେ ଥିବା ଜମିଦାର ପ୍ୟାଲେସ। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ତେବେ ନିରାମିଷ ଖାଦ୍ୟ ମଧ୍ୟରେ ଏକ ଚାହିଦାଯୁକ୍ତ ଡିଶ୍ ହେଉଛି ଲଭ୍‌ଲି କୁପ୍ତା। ଏହି ଇଣ୍ଡିଆନ ଡିଶ୍ ପ୍ଲେଟର ଦାମ୍ ୧୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ଜମିଦାର ପ୍ୟାଲେସର ମୁଖ୍ୟ ଶେଫ୍ ହିମାଂଶୁ ସାହାଣୀ କୁହନ୍ତି...



## ଆବଶ୍ୟକ ସାମଗ୍ରୀ

ପନିର୍: ୨୦୦ ଗ୍ରାମ୍
ମଇଦା: ୧୦ ଗ୍ରାମ୍
କର୍ନଫ୍ଲାୱାର: ୧୦ ଗ୍ରାମ୍
ଚିନି: ୫ ଗ୍ରାମ୍
ଗୁଜୁରାତି ଗୁଣ୍ଡ: ୧ ଗ୍ରାମ୍
କାଜୁ ଚପ୍: ୫ଗ୍ରାମ୍
କିସ୍‌ମିସ୍ ଚପ୍: ୫ ଗ୍ରାମ୍
ସେଓ, ଅଙ୍ଗୁର ଓ ଚେରି ଚପ୍: ୫୦ ଗ୍ରାମ୍
ଅମୁଲ କ୍ରିମ୍: ୧୦ ଗ୍ରାମ୍
ସନ୍‌ଫ୍ଲାୱାର ତେଲ: ୧୦ଗ୍ରାମ୍
ହଳଦୀଗୁଣ୍ଡ: ୫ ଗ୍ରାମ୍
ଜିରା ପାଉଡର : ୫ ଗ୍ରାମ୍
ଧନିଆ ପାଉଡର: ୫ ଗ୍ରାମ୍
ଲଙ୍କାଗୁଣ୍ଡ: ୫ ଗ୍ରାମ୍
ପିଆଜ୍ ଚପ୍: ୫୦ ଗ୍ରାମ୍
କଟା କଞ୍ଚାଲଙ୍କା: ୫ ଗ୍ରାମ୍
ଟମାଟୋ ଚପ୍: ୩୦ ଗ୍ରାମ୍
ରସୁଣ ପେଷ୍ଟ: ୧୦ ଗ୍ରାମ୍
ଅଦା ପେଷ୍ଟ: ୧୦ ଗ୍ରାମ୍
ବଟର: ୫ ଗ୍ରାମ୍
ଗରମ ମସଲା : ୫ ଗ୍ରାମ୍
କାଜୁ ଓ ଚାରୁମଗଜ ପେଷ୍ଟ: ୫୦ ଗ୍ରାମ
ସ୍ୱାଦ ଅନୁଯାୟୀ ଲୁଣ

## ପ୍ରସ୍ତୁତି ପ୍ରଣାଳୀ


ମୁଖ୍ୟ ଶେଫ୍ ହିମାଂଶୁ ସାହାଣୀ

ରିପୋର୍ଟ– ହେମନ୍ତ ନାୟକ
ଫଟୋ– ଯଜ୍ଞେଶ୍ୱର ମହାନ୍ତି

ପ୍ରଥମେ ଗୋଟିଏ ପାତ୍ରରେ ପନିର, ମଇଦା, କର୍ନଫ୍ଲାୱାର, ଚିନି, ଗୁଜୁରାତି ପାଉଡର ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ ଚପ୍ ହୋଇଥିବା କିସ୍‌ମିସ୍, ସେଓ, ଅଙ୍ଗୁର ଓ ଚେରିକୁ ତା' ଭିତରେ ଭରି ଗୋଲ ଗୋଲ ଆକାର କରନ୍ତୁ। ହାଲୁକା ଆଞ୍ଚରେ ଅଳ୍ପ ତେଲରେ ଏହାକୁ ଫ୍ରାଏ କରନ୍ତୁ। ଅନ୍ୟ ଏକ ଫ୍ରାଏ ପ୍ୟାନ୍ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ପିଆଜ ଏବଂ କଞ୍ଚାଲଙ୍କା ଚପ୍ ପକାଇ ଈଷତ୍ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ ଅଦା ଏବଂ ରସୁଣ ପେଷ୍ଟ ପକାଇ ୨ ମିନିଟ୍ କଷନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ ପକାଇ ଅଳ୍ପ ପାଣି ଦେଇ ଟମାଟୋ ଚପ୍ ପକାଇ ଗୋଳାଇ ଘୋଡାଇ ଦିଅନ୍ତୁ। ପ୍ରାୟ ୫ ମିନିଟ୍ ପରେ ଘୋଡଣି ଖୋଲି କାଜୁ ଏବଂ ଚାରୁ ମଗଜ ପେଷ୍ଟ ପକାଇ କଷନ୍ତୁ। କଷା ହୋଇଗଲା ପରେ ପୂର୍ବରୁ ଫ୍ରାଏ କରାଯାଇଥିବା କୁପ୍ତାକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ ଧନିଆପତ୍ର ଚପ୍, ଗରମ ମସଲା, ବଟର ଓ ଅମୁଲ କ୍ରିମ୍ ପକାଇ ପାତ୍ରରେ କାଢିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଲଭ୍‌ଲି କୁପ୍ତା। ଏହାକୁ ଭାତ କିମ୍ବା ତନ୍ଦୁରି ଆଇଟମ୍ ସହିତ ପରଷି ଦିଅନ୍ତୁ।

---

## ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ନେତ୍ରାନନ୍ଦ


ସନ୍ତୋଷ


ସୁନୀଲ


ତୁହିନକାନ୍ତ


ରୋଶନ

---

**ଫିଟ୍‌ନେସ୍**

# ସକାଳେ ଜୁସ ସନ୍ଧ୍ୟାରେ ସୁପ୍

ଓଡ଼ିଆ ସଙ୍ଗୀତ ଜଗତରେ ଅସୀମା ପଣ୍ଡା ଜଣେ ଚର୍ଚ୍ଚିତ ଚେହେରା। ଗତ କିଛି ବର୍ଷ ହେବ ଏହି କଣ୍ଠଶିଳ୍ପୀଙ୍କ ସ୍ୱର ଓଡ଼ିଆ ଶ୍ରୋତାଙ୍କୁ ମତୁଆଲା କରି ରଖିଛି। ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ପରିବେଷଣ କରୁଥିବା ଅସୀମା ଫିଟ୍‌ନେସ୍ ପାଇଁ ବି ସମୟ କାଢ଼ନ୍ତି। ବ୍ୟସ୍ତବହୁଳ ଜୀବନ ଭିତରୁ ନିଜକୁ ଫିଟ୍ ରଖିବା ପାଇଁ ବି ଚିନ୍ତା କରନ୍ତି..

### ଭେଜ୍ ଖାଇବାକୁ ଭଲ ପାଏ

ଅଧିକ ସମୟ ଭେଜ୍ ତରକାରି ଖାଇବାକୁ ପସନ୍ଦ କରେ। ଘରେ ମା'ଙ୍କ ହାତରନ୍ଧା ସମସ୍ତ ଭେଜ ତରକାରି ମୋର ଅତିପ୍ରିୟ। ଆମିଷ ତଥା ନନ୍‌ଭେଜ ଖାଦ୍ୟ ବହୁତ ଖାଉଥିଲି। ଆମିଷ ଖାଦ୍ୟ ପ୍ରତି ଦୁର୍ବଳତା ଅଛି। ହେଲେ କେବଳ ଘରେ ତିଆରି ହେଉଥିବା ଆମିଷ ଖାଦ୍ୟ ଖାଏ। ବାହାରେ ତେଲମସଲାରେ ଭର୍ତ୍ତି ତରକାରି ଖାଇବାକୁ ଆଦୌ ପସନ୍ଦ କରେନି। ବାହାରେ ଥିଲେ ଭେଜ୍ ଖାଇବାକୁ ପଡ଼େ।

### ନିୟମିତ ବ୍ୟବଧାନରେ ପାଣି ପିଏ

ଷ୍ଟେଜ ପ୍ରୋଗ୍ରାମ ହେଉ ଷ୍ଟୁଡ଼ିଓରେ ଡବିଂ। ଯେଉଁଠି ଥିଲେ ବି ନିୟମିତ ସମୟ ବ୍ୟବଧାନରେ ପାଣି ପିଏ। ପ୍ରଚୁର ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ତ୍ୱଚା ମଧ୍ୟ ଉଜ୍ଜ୍ୱଳ ହୁଏ। ପାଣି ପିଇବାକୁ କେବେ ଭୁଲେନାହିଁ। ଘରୁ ବାହାରିବା ମାତ୍ରେ ମୋ ସହିତ ପାଣି ବୋତଲ ଥାଏ। କଣ୍ଠଶିଳ୍ପୀ ହୋଇଥିବାରୁ ଥଣ୍ଡା ପାଣି କି କୋଲ୍ଡ ଡ୍ରିଙ୍କସ ପିଏ ନାହିଁ। ସକାଳେ ଅଦା ମିଶା ଚା' ପିଏ।


ଅସୀମା ପଣ୍ଡା

### ମନକୁ ତାଜା ରଖେ ଜୁସ୍, ସୁପ୍

ସକାଳେ ଉଠିବା ପରେ ଅଳ୍ପ ସମୟ ଯୋଗ କରେ। ଯୋଗ ଦ୍ୱାରା ମନକୁ ଫୁର୍ତ୍ତି ମିଳେ। ବ୍ରେକ୍‌ଫାଷ୍ଟରେ ଘର ତିଆରି ଖାଦ୍ୟ ସହିତ ଫ୍ରୁଟ୍ ଜୁସ ସାମିଲ ଥାଏ। ଏହାବ୍ୟତୀତ ସନ୍ଧ୍ୟା ସମୟରେ ଘରେ ଥିଲେ ପ୍ରାୟ ସମୟ ସୁପ୍ ପିଏ। ବାର ଅନୁସାରେ ଭେଜ୍ କିମ୍ବା ନନଭେଜ ସୁପ୍ ପିଇଥାଏ। ଚିକେନ୍ ଓ ଏଗ୍ ଫ୍ଲାୱାର ସୁପ୍ ଭଲପାଏ।

– କୁମାରଶ୍ରୀ ସାହୁ

" ଦୁଇ ଭାରତୀୟ ଓପ୍‌ନର୍ ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ' ଅନଭିଜ୍ଞ ହୋଇପାରନ୍ତି, କିନ୍ତୁ ଆଗାମୀ ଟେଷ୍ଟ ସିରିଜରେ ଭିନ୍ନତା ଆଣିବାର ଚ୍ୟାଲେଞ୍ଜ ସେମାନଙ୍କ ପାଖରେ ରହିଛି ।

–ଟିମ୍ ସୌଦୀ, ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର



" ଖେଲୋ ଇଣ୍ଡିଆ ଗେମ୍ସ ଯୋଗୁ ଦେଶରେ ଅଧିକାଂଶ ପିଲା କ୍ରୀଡ଼ାକୁ ଗ୍ରହଣ କରିବା ପାଇଁ ଅନୁପ୍ରାଣିତ ହୋଇଛନ୍ତି ।

–ରାହି ସର୍ନୋବତ୍, ଭାରତୀୟ ମହିଳା ଶୁଟର୍



# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଖେଳାଳିଙ୍କ ଅପେକ୍ଷାରେ କ୍ରୀଡ଼ାଗ୍ରାମ।





କିଟ୍‌ରେ ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି।

(ଫଟୋ : ବିକାଶ ନାୟକ)







ଭୁବନେଶ୍ୱରରେ ପହଞ୍ଚିଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।

## ଭାରତରେ ହେବ ୨୦୨୨ ଏଏଫ୍‌ସି ମହିଳା ଏସିଆନ୍ କପ

କୁଆଲାଲମ୍ପୁର,୧୯।୨(ପି.ଟି.)

ଭାରତରେ ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଦେଶରେ ମହିଳା ଫୁଟବଲର ପ୍ରସାର କରିବା ପାଇଁ ଏହି ଇଭେଣ୍ଟର ଆୟୋଜନ ଅଧିକାର ବୁଧବାର ଭାରତକୁ ଦିଆଯାଇଛି। ଏସିଆନ ଫୁଟବଲ କନଫେଡେରେଶନର ମହିଳା କମିଟି ଏହି ଅଧିକାର ପ୍ରଦାନ କରିଛି। ଟୁର୍ନାମେଣ୍ଟ ପାଇଁ ଭାରତ ବ୍ୟତୀତ ଚାଇନିଜ ତାଇପେ ଓ ଉଜବେକିସ୍ତାନ ମଧ୍ୟ ବିଡ୍ ଦାଖଲ କରିଥିଲେ। କିନ୍ତୁ ଚଳିତବର୍ଷ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ଥିବା ଭାରତରେ ଉନ୍ନତମାନର ଭିତ୍ତିଭୂମି ରହିଛି। ଭାରତ ପକ୍ଷରୁ ଡି. ୱାଇ. ପାଟିଲ ଷ୍ଟାଡିୟମ, ଟ୍ରାନ୍ସ ଷ୍ଟାଡିଆ ଏରିନା ଓ ଫାଟୋର୍ଡା ଷ୍ଟାଡିୟମକୁ ଭେନ୍ୟୁ ରୂପେ ଦାଖଲ କରାଯାଇଥିଲା। ଏହି ସମସ୍ତ ଗ୍ରାଉଣ୍ଡରେ ପୂର୍ବରୁ ଫିଫା ଟୁର୍ନାମେଣ୍ଟ ଖେଳାଯାଇସାରିଥିବା ଏଏଫ୍‌ସି ପକ୍ଷରୁ କୁହାଯାଇଛି।

## କେଆଇୟୁଜି ଟ୍ରଫି ଉନ୍ମୋଚନ ଆଜି

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଓ କଟକରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ଟ୍ରଫି ଉନ୍ମୋଚନ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ। କିଟ୍ ପରିସରରେ ଥିବା ରଗ୍‌ବୀ ଗ୍ରାଉଣ୍ଡରେ ଅପରାହ୍ନ ୨ଟା ୪୫ରେ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥିଭାବେ ଟ୍ରଫି ଉନ୍ମୋଚନ କରିବେ। ଖେଳାଳିମାନେ ରହିବା ପାଇଁ ସ୍ୱତନ୍ତ୍ର କ୍ରୀଡ଼ାଗ୍ରାମ ପ୍ରସ୍ତୁତ ହୋଇଥିବାବେଳେ ବିଭିନ୍ନ ପଡ଼ିଆ ଓ ଇନ୍‌ଡୋର ହଲ୍‌ର ପ୍ରସ୍ତୁତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବ। କେଆଇୟୁଜିରେ ଭାଗ ନେବା ପାଇଁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୁବନେଶ୍ୱରରେ ପହଞ୍ଚିବାରେ ଲାଗିଛନ୍ତି। ଚଳିତ ମାସ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ପ୍ରତିଯୋଗିତା ଆୟୋଜିତ ହେବ। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ(କିସ୍) ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍)ର ପାଖାପାଖି ୫୦୦ ଛାତ୍ରୀଛାତ୍ର ଏହି କ୍ରୀଡାରେ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇବେ। ଏମାନଙ୍କ ମଧ୍ୟରେ ଅଧିକାଂଶ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଆଦିବାସୀ ଛାତ୍ରୀଛାତ୍ର ଅଟନ୍ତି। ''ସ୍ୱେଚ୍ଛାସେବୀ ଟିମ୍‌ରେ ସାମିଲ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ପ୍ରଦର୍ଶନ କରିବାକୁ ଥିବା ଆଥ୍‌ଲେଟ୍‌ମାନଙ୍କୁ ନିକଟରୁ ଦେଖିପାରିବେ ଓ ଭବିଷ୍ୟତରେ ଖେଳକୁ କ୍ୟାରିୟର ଭାବେ ବାଛିବା ପାଇଁ ପ୍ରେରଣା ପାଇପାରିବେ। ପୂର୍ବରୁ କିଟ୍‌ରେ ହୋଇଥିବା ଅନ୍ୟ ପ୍ରତିଯୋଗିତା ଗୁଡ଼ିକରେ ମଧ୍ୟ ଏହି ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବକ ଭାବେ କାର୍ଯ୍ୟ କରିଛନ୍ତି। ସ୍ୱେଚ୍ଛାସେବୀ ଟିମ୍ ପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ରମାନଙ୍କର ବୟସ ୧୮ ବର୍ଷରୁ ଅଧିକ ହୋଇଥିବା ବେଳେ ସେମାନେ ସମସ୍ତେ ଗ୍ରାଜୁଏଟ'' ବୋଲି କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ରାଉଣ୍ଡରେ ସାଇନା

ବାର୍ସିଲୋନା, ୧୯।୨ (ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ଏକ ଲକ୍ଷ ୭୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ବାର୍ସିଲୋନା ସ୍ପେନ ମାଷ୍ଟର୍ସ ବ୍ୟାଡ଼୍‌ମିଣ୍ଟନ ପ୍ରତିଯୋଗିତାରେ ଷ୍ଟାର୍ ଭାରତୀୟ ଖେଳାଳି ସାଇନା ନେହ୍ୱାଲ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମ୍ୟାଚ୍‌ରେ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୨୧-୧୬, ୨୧-୧୪ ସିଧାସଳଖ ଗେମ୍‌ରେ ବିଶ୍ୱ ମାନ୍ୟତାର ୪୨ ନମ୍ବର ସ୍ଥାନରେ ରହିଥିବା ଜର୍ମାନୀର ଭୋନେ ଲି'ଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସାଇନାଙ୍କୁ ମାତ୍ର ୩୫ ମିନିଟ୍ ସମୟ ଲାଗିଥିଲା। ତେବେ ପୁରୁଷ ସିଙ୍ଗଲ୍ସରେ ଏଚ୍.ଏସ୍. ପ୍ରଣୟଙ୍କୁ ନିରାଶ ହେବାକୁ ପଡ଼ିଛି। ପ୍ରଣୟ ୧୮-୨୧, ୧୫-୨୧ ସିଧାସଳଖ ଗେମ୍‌ରେ ମାଲେସିଆର ଲିଓ ଡାରେନଙ୍କ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମିକ୍ସଡ ଡବଲ୍ସରେ ଭାରତକୁ କିନ୍ତୁ ସଫଳତା ମିଳିଛି। ପ୍ରଣବ ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ୧୦-୨୧, ୨୧-୧୬, ୨୧-୧୭ ଗେମ୍‌ରେ ମାଥିଆସ କ୍ରିଷ୍ଟିଆନସେନ ଓ ଆଲେକ୍ସଜାଣ୍ଡ୍ରା ବୋଜେ ଯୋଡ଼ିଙ୍କୁ ହରାଇ ଦେଇଛନ୍ତି।

## ପ୍ରତ୍ୟାବର୍ତ୍ତନ କରିବା ନେଇ ନିଶ୍ଚିତ ଥିଲି: ଚିଙ୍ଗଲେନସାନା

ଭୁବନେଶ୍ୱର,୧୯।୨ (ସ୍ପୋର୍ଟ୍ସ ବ୍ୟୁରୋ)



ହକି ପ୍ରୋ ଲିଗ୍‌ର ପ୍ରଥମ ୪ଟି ମ୍ୟାଚ୍‌ରେ ମିଡ୍‌ଫିଲ୍ଡରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଏହା ପଛରେ ଅବଶ୍ୟ ଟିମ୍ ମ୍ୟାନେଜମେଣ୍ଟର ସୁଚିନ୍ତିତ ଯୋଜନା ଓ ରଣନୀତି ରହିଛି। ୪ଟି ମ୍ୟାଚ୍ ଖେଳି ଭାରତ ଏପର୍ଯ୍ୟନ୍ତ ୮ ପଏଣ୍ଟ ହାସଲ କରିବା ସହ ତାଲିକାର ତୃତୀୟ ସ୍ଥାନରେ ରହିଛି। ଭାରତ ଏହି ସଫଳତା ପଛରେ ଅଭିଜ୍ଞ ମିଡ୍‌ଫିଲ୍ଡର ଚିଙ୍ଗଲେନସାନ ସିଂ କାଙ୍ଗୁଜାମଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଚିଙ୍ଗଲେନସାନାଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ମିଡ୍‌ଫିଲ୍ଡରେ ଆହୁରି ଦୃଢ଼ ହୋଇଛି। ତେବେ ଏହାପୂର୍ବରୁ ୨୮ ବର୍ଷୀୟ ଏହି ମିଡ୍‌ଫିଲ୍ଡର ୨୦୧୮ ଡିସେମ୍ବରରେ ଶେଷଥର ପାଇଁ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଭାରତ ହକି ବିଶ୍ୱକପ୍‌ରେ ନେଦରଲାଣ୍ଡଠାରୁ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲା ଓ ସେ ଏହି ମ୍ୟାଚ୍‌ରେ ଖେଳିଥିଲେ। ଅର୍ଜୁନ ପୁରସ୍କାର ପ୍ରାପ୍ତ ଏହି ଖେଳାଳି ୨୦୧୯ରେ ଡାହାଣ ଗୋଇଠିରେ ଆଘାତ ପାଇବା ପରେ ସେ ଗତ ବର୍ଷ କୌଣସି ଟୁର୍ନାମେଣ୍ଟ ଖେଳିପାରି ନ ଥିଲେ।

୨୦୧୯ରେ ହକି ଇଣ୍ଡିଆ ସିନିୟର ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲା। ସେତେବେଳେ ଡାହାଣ ଗୋଇଠିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିଥିଲି। ସ୍କାନ କଲାପରେ ଫାକ୍‌ଚର ହୋଇଥିବା ଜାଣିବାକୁ ପାଇଥିଲି। ସେତେବେଳେ କିଛି ସପ୍ତାହ ମୋ ପାଇଁ ବେଶ୍ କଷ୍ଟକର ଥିଲା। ପୁଣି ଥରେ ଦେଶ ପାଇଁ ଖେଳିବା ନେଇ ସନ୍ଦେହରେ ଥିଲି। କିନ୍ତୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଦୃଢ ନିଶ୍ଚିତ ଥିଲି। କିନ୍ତୁ ସେତେବେଳେ ସାଥୀ ଖେଳାଳି, ପରିବାର ଓ କୋଚ୍‌ମାଙ୍କଠାରୁ ସମର୍ଥନ ପାଇଥିଲି ବୋଲି ଚିଙ୍ଗଲେନସାନା କହିଛନ୍ତି।

ଯେତେବେଳେ ଚିକିତ୍ସାଧୀନ ଥିଲି ସେତେବେଳେ ପିଚ୍‌ରେ ସାଥୀ ଖେଳାଳିଙ୍କୁ ଖେଳୁଥିବାର ଦେଖୁଥିଲି। ଏହା ମୋତେ ଦୁଃଖ ଦେଇଥିଲା। କାରଣ ସାରା ଜୀବନ ହକି ଖେଳିବାକୁ ସବୁବେଳେ ଭଲ ପାଇଥାଏ। ତେବେ ଧୀରେଧୀରେ ଆଘାତ ସମସ୍ୟାରୁ ମୁକୁଳିଥିଲି। ଏହାପରେ ଗତ ନଭେମ୍ବରରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଖେଳିବାକୁ ଲକ୍ଷ୍ୟ ରଖିଥିଲି। କିନ୍ତୁ କେତେ ସମସ୍ୟା କାରଣରୁ ଏହା ହୋଇପାରି ନ ଥିଲା ବୋଲି ସେ କହିଛନ୍ତି। ଶେଷରେ ନେଦରଲାଣ୍ଡ ବିପକ୍ଷ ହକି ପ୍ରୋ ଲିଗ୍ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ପାଇଥିଲି। ଏହା ମୋ ଜୀବନର ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା।

ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଭାରତ ପଦକ ହାସଲ କରୁ ଓ ଏଥିପାଇଁ ଦଳକୁ ସାହାଯ୍ୟ କରିବାକୁ ଚାହେଁ ବୋଲି ୨୦୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଚିଙ୍ଗଲେନସାନା କହିଛନ୍ତି। ଯୁବ ଖେଳାଳିଙ୍କୁ ସହଯୋଗ କରିବାକୁ ମଧ୍ୟ ସବୁବେଳେ ଚାହିଁଥାଏ। ଦଳରେ ଏକାଧିକ ପ୍ରତିଭାସମ୍ପନ୍ନ ଯୁବ ଖେଳାଳି ରହିଛନ୍ତି। ଏଫ୍‌ଆଇଏଚ୍ ଉଦୀୟମାନ ଖେଳାଳି ବିବେକ, ରାଜକୁମାର ପଲ ଓ ହାର୍ଦ୍ଦିକ ସିଂ ଏବେ ବିଶ୍ୱହକିରେ କିଛି ପ୍ରମାଣ କରିବାକୁ ଚାହୁଁଛନ୍ତି। ଏହି ଯୁବ ଖେଳାଳିଙ୍କୁ ସାହାଯ୍ୟ କରି ବହୁତ ଖୁସି ଅନୁଭବ କରୁଛି। ଏମାନଙ୍କ ବିଭିନ୍ନ ଟିପ୍ସ ଦେବା ସହ ହକି ସମ୍ପର୍କରେ ବିଭିନ୍ନ ଜ୍ଞାନ ପ୍ରଦାନ କରିଥାଏ ବୋଲି ମଣିପୁର ଜନ୍ମିତ ଏହ ଅଭିଜ୍ଞ ଖେଳାଳି କହିଛନ୍ତି।

ଗତଥରର ଚାମ୍ପିୟନ ତଥା ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଗତ କୋଟୋଟି ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଚିଙ୍ଗଲେନସାନା ଦଳରେ ନିଜର ଗୁରୁତ୍ୱ ବଢାଇବାରେ ସକ୍ଷମ ହୋଇଛନ୍ତି। ନେଦରଲାଣ୍ଡ ଓ ବେଲଜିୟମ ବିପକ୍ଷ ପ୍ରଦର୍ଶନ ସମସ୍ତଙ୍କ ପାଇଁ ସନ୍ତୋଷଜନକ ଥିଲା। ମୁଖ୍ୟ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ରଣନୀତି ଅନୁସାରେ ଆମେ ଖେଳି ସଫଳତା ପାଇଛୁ। ଏବେ ଅଷ୍ଟ୍ରେଲିଆ ଉପରେ ଆମେ ନଜର କେନ୍ଦ୍ରୀଭୂତ କରିଛୁ। ଅଷ୍ଟ୍ରେଲିଆ ଏକ ଚାମ୍ପିୟନ ଓ ବିଶ୍ୱସ୍ତରୀୟ ଦଳ। ଆକ୍ରମଣାତ୍ମକ ହକି ଖେଳିବାକୁ ଅଷ୍ଟ୍ରେଲିଆ ଖେଳାଳି ଭଲ ପାଆନ୍ତି। ତେବେ ଏହାକୁ ସାମ୍ନା କରିବାକୁ ଆମେ ପୂରା ପ୍ରସ୍ତୁତ ଅଛୁ। ଯୋଜନା ଅନୁସାରେ ଆମେ ଖେଳିଲେ ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାରେ ସମର୍ଥ ହେବୁ ବୋଲି ଚିଙ୍ଗଲେନସାନ କହିଛନ୍ତି।

## ଟେଷ୍ଟ ସିରିଜ ରୋମାଞ୍ଚକ ହେବ

ଭିଭିଏସ୍ ଲକ୍ଷ୍ମଣ

ଦିନିକିଆ ବିପର୍ଯ୍ୟୟ ପରେ ଭାରତ ଟେଷ୍ଟ ସିରିଜ ଜିତି ନ୍ୟୁଜିଲାଣ୍ଡ ଗସ୍ତ ଶେଷ କରିବାକୁ ଚାହିଁବ। ଗସ୍ତ ଆରମ୍ଭରେ ଟି୨୦ ସିରିଜରେ ଭାରତ ୫-୦ରେ କ୍ଲିନ୍ ସୁଇପ୍ କରିବା ଭଳି ଟେଷ୍ଟରେ ମଧ୍ୟ ଅନୁରୂପ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଥିବ। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରୁଛି। ନ୍ୟୁଜିଲାଣ୍ଡକୁ ତା'ର ଘରୋଇ ପରିବେଶ ହରାଇବା ନିହାତି କଷ୍ଟକର ହେବ। ତେବେ ଭାରତ ଗତ କିଛି ବର୍ଷ ହେବ ବିଶ୍ୱର ସବୁ ସ୍ଥାନ ଗସ୍ତକରି ଟେଷ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଭାରତୀୟ ଦ୍ରୁତ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରି ବିଦେଶରେ ଭାରତ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଏଥର ବ୍ୟାଟ୍ସମ୍ୟାନଙ୍କୁ ମଧ୍ୟ ଭଲ ପ୍ରଦର୍ଶନ କରିବା ସହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ହେବ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ଖାସ୍ କରି ଓପନର ଓ ୩ ନମ୍ବର ବ୍ୟାଟ୍ସମ୍ୟାନଙ୍କୁ କ୍ରିଜ୍‌ରେ ବେଶ୍ କିଛି ସମୟ ବିତାଇବାକୁ ପଡିବ। ବିଦେଶରେ ଭଲ ପ୍ରଦର୍ଶନ କରିବାକୁ ହେଲେ ପ୍ରଥମ ଇନିଂସରେ ବଡ଼ ସ୍କୋର ହାସଲ କରିବାକୁ ହେବ ଓ ଏପରି କରିବା ନିହାତି ଆବଶ୍ୟକ।





ପ୍ରାୟ ସବୁ ଦଳ ନ୍ୟୁଜିଲାଣ୍ଡରେ ଟେଷ୍ଟ ଖେଳିଛନ୍ତି। ତେଣୁ ନ୍ୟୁଜିଲାଣ୍ଡର ପିଚ୍, ପରିବେଶ ଓ ବୋଲିଂ ଆକ୍ରମଣ ସଂକ୍ରାନ୍ତରେ ସମସ୍ତଙ୍କର ଜ୍ଞାନ ନିଶ୍ଚିତ ଥିବ। ଓପନର ମୟଙ୍କ ଅଗ୍ରୱାଲ ଫର୍ମକୁ ଫେରିବା ନିଶ୍ଚିତ ଭାବେ ଖୁସିର କଥା। ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟରେ ସେ ରନ ସଂଗ୍ରହ କରି ଲୟକୁ ଫେରିଛନ୍ତି। ଅଗ୍ରୱାଲଙ୍କ ସହ ପୃଥ୍ୱୀ ଶ ଇନିଂସ ଓପନ କରିବେ। କାରଣ ୱାର୍ମ ଅପ୍ ମ୍ୟାଚ୍‌ରେ ସେ ଉଭୟ ଇନିଂସରେ ଓପନର ଦାୟିତ୍ୱ ତୁଲାଇଥିଲେ। ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ଯୁବ ଓପନର ଶୁଭମନ ଗିଲ୍‌ଙ୍କ ସହ କଥା ହୋଇଥିବେ। ତାଙ୍କଠାରୁ କି ପ୍ରକାର ଭୂମିକା ଆଶା କରାଯାଉଚି ସେ ସଂକ୍ରାନ୍ତରେ ଆଲୋଚନା କରିଥିବେ ବୋଲି ଆଶା କରୁଛି। ମାତ୍ର ଗୋଟିଏ ଦିନରେ ଜଣେ ଭଲ ଓପନର ହେବା ଓ ପର ଦିନ ଜଣେ କ୍ଷମତା ସମ୍ପନ୍ନ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହେବା ସହଜ ନୁହେଁ।

ହମିଲଟନରେ ଅଭ୍ୟାସ ମ୍ୟାଚ୍‌ରେ ହନୁମା ବିହରୀ ଶତକ ହାସଲ କରିବା ନେଇ ବେଶ୍ ଖୁସି ଅଛି। ଯେତେବେଳେ ଭାରତ ୫ଜଣ ବୋଲରଙ୍କୁ ଖେଳାଇଛି ବିହାରୀଙ୍କୁ ବାହାରେ ବସିବାକୁ ପଡିଛି। ତେବେ ଏହି ସିରିଜରେ ତାଙ୍କୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ମିଡଲ ଅର୍ଡରରେ ବ୍ୟାଟିଂ କରିବା ସହିତ ସମୟ ବିତାଇବାର ସୁଯୋଗ ମିଳିବ। ଛୋଟିଆ ଆଓ୍ୱେ ସିରିଜରେ ଭାରତ ୬ ଜଣ ବ୍ୟାଟ୍ସମ୍ୟାନ ସହିତ ଉଇକେଟକିପର ହିସାବରେ ରିଦ୍ଧିମାନ ଶାହ, ୩ଜଣ ପେସରଙ୍କ ସମେତ ୪ଜଣ ବୋଲରଙ୍କୁ ଖେଳାଇବା ଉଚିତ୍ ବୋଲି ଭାବୁଛି।

ଯଦି ଟିମ୍ ମ୍ୟାନେଜମେଣ୍ଟ ଉଚିତ୍ ମନେ କରେ ତା'ହେଲେ ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯିବାରେ କୌଣସି ସମସ୍ୟା ନାହିଁ। ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ସହ ସେ ଭାରତୀୟ ବୋଲିଂ ଆଟାକ୍‌ରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ। ଗତ ଦିନିକିଆ ସିରିଜରେ ଅବଶ୍ୟ ବୁମ୍‌ରା ସାମାନ୍ୟ ଲୟ ହରାଇଲା ପରି ମନେ ହେଉଥିଲେ। ତେବେ ଟେଷ୍ଟ ପ୍ରଦର୍ଶନରେ ଏହାର ପ୍ରଭାବ ପଡିବ ନାହିଁ ବୋଲି ଭାବୁଛି। ଦୀର୍ଘ ୬ ମାସ ପରେ ବୁମ୍‌ରା ଟେଷ୍ଟ ଖେଳିବାକୁ ଯାଉଛନ୍ତି। ଯଦି ବି ଇଶାନ୍ତଙ୍କ ଫିଟ୍ ନେସ୍ ନେଇ କିଛି ସମସ୍ୟା ଥାଏ ତା'ହେଲେ ଉମେଶ ଯାଦବଙ୍କୁ ସୁଯୋଗ ଦିଆଯିବାରେ କୌଣସି ଅସୁବିଧା ନାହିଁ। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ନ୍ୟୁଜିଲାଣ୍ଡ ଅଧିକ ପଏଣ୍ଟ ହାସଲ କରିବାକୁ ଚାହିଁବ। ଭାରତ ମଧ୍ୟ ସୁଯୋଗର ସଦ୍ ଉପଯୋଗ କରିବାକୁ ଚାହିଁବ। ଫଳରେ ଏହି ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ।

(ଗେମ୍ ପ୍ଲାନ୍)

> ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଯେକୌଣସି ଟିମ୍ ଉପରେ ଚାପ ସୃଷ୍ଟି କରିପାରିବାର ଦକ୍ଷତା ଭାରତୀୟ ଦଳର ରହିଛି ।
> –ହରମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା



> ଯଦି ଆମେ କେବଳ ଯଶପ୍ରୀତ୍ ବୁମ୍‌ରାଙ୍କ ଉପରେ ଧ୍ୟାନ ନିବେଶ କରୁ ତେବେ ଅସୁବିଧାରେ ପଡ଼ିପାରୁ। ଭାରତୀୟ ଦଳର ପୂରା ବୋଲିଂ ଲାଇନ୍‌ଅପ୍ ବହୁତ ଭଲ ରହିଛି।
> –ରସ୍ ଟେଲର, ଅଭିଜ୍ଞ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ମ୍ୟାଟ୍ ହେନ୍‌ରୀଙ୍କୁ ଡକରା



ୱେଲିଂଟନ,୧୯।୨- ଆସନ୍ତା ୨୧ ତାରିଖରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ନ୍ୟୁଜିଲାଣ୍ଡ ଦଳରେ ପେସର ମ୍ୟାଟ ହେନ୍‌ରୀ ଯୋଗ ଦେବେ। ତାଙ୍କୁ ନିଲ ୱାଗନରଙ୍କ ବଦଳ ଖେଳାଳି ଭାବେ ଡକାଯାଇଛି। ୱାଗନର ପ୍ରଥମ ଥର ପାଇଁ ବାପା ହେବାକୁ ଯାଉଛନ୍ତି। ତାଙ୍କ ଅନୁପସ୍ଥିତିରେ ନ୍ୟୁଜିଲାଣ୍ଡ ଦଳରେ ଟ୍ରେଣ୍ଟ ବୋଲ୍ଟ ଓ ଟିମ ସୌଦିଙ୍କ ଭଳି ସିନିୟର ପେସରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ବାମହାତୀ ପେସର ୱାଗନରଙ୍କ ରେକର୍ଡ ଟେଷ୍ଟରେ ଉଲ୍ଲେଖନୀୟ ରହିଛି। ସେ ୪୭ ମ୍ୟାଚ୍‌ରେ ୨୬.୩୩ ହାରରେ ୨୦୪ ଉଇକେଟ ନେଇଛନ୍ତି। ୱାଗନର ୱେଲିଂଟନ ଟେଷ୍ଟରେ ଦଳ ସହ ଯୋଗଦେବେ ନାହିଁ। କାରଣ ସେ ଓ ତାଙ୍କ ପତ୍ନୀ ପ୍ରଥମ ସନ୍ତାନର ଜନ୍ମକୁ ଅପେକ୍ଷା କରିଛନ୍ତି। ସେ ଟାଉରଙ୍ଗଠାରେ ଅଛନ୍ତି। ତାଙ୍କ ବଦଳରେ ହେନ୍‌ରୀ ଦଳରେ ଯୋଗଦେବେ ବୋଲି ବ୍ଲାକ କ୍ୟାପ୍ସ ପକ୍ଷରୁ ଟୁଇଟ୍ କରାଯାଇଛି। ହେନରୀ ନ୍ୟୁଜିଲାଣ୍ଡ ପକ୍ଷରୁ ୧୨ ଟେଷ୍ଟ ଓ ୫୨ ଦିନିକିଆ ଖେଳିସାରିଛନ୍ତି। ତାଙ୍କ ବାଦ୍ କାଇଲ ଜମିସନଙ୍କୁ ମଧ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବାର ସମ୍ଭାବନା ରହିଛି। ସେ ଏପର୍ଯ୍ୟନ୍ତ କ୍ରିକେଟର ଲମ୍ବା ଫର୍ମାଟରେ ପର୍ଦାପଣ କରିନାହାନ୍ତି।

### ଓସିଏ ଭିଜନ ୨୦୨୪
### ଟାଉନ୍ କ୍ଲବ ୮ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)- ଓସିଏ ଭିଜନ ୨୦୨୪ ଅନ୍ତର୍ଗତ ବୁଧବାର ଅନୁଷ୍ଠିତ ସିନିୟର ଆନ୍ତଃ ଜିଲା କ୍ଲବ ଲିଗ୍ (ଭୁବନେଶ୍ୱର) ମ୍ୟାଚରେ ଟାଉନ୍ କ୍ଲବ ୮ ଉଇକେଟରେ ବାପୁଜୀ କ୍ରିକେଟ କ୍ଲବକୁ ପରାସ୍ତ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାପୁଜି କ୍ଲବ ୨୪.୫ ଓଭରରେ ୧୦୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରବି ସାହୁ ସର୍ବାଧିକ ୩୫ ରନ କରିଥିଲେ। ପ୍ରତିପକ୍ଷ ଦଳର ଶୁଭସଙ୍କେତ ଧଳ ୪ଟି, ଶୁଭାଶିଷ ଖଣ୍ଡାୟତରାୟ ୨ଟି ଉଇକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୧୭.୩ ଓଭରରେ ୨ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ରାକେଶ କୁମାର ବେହେରା ୪୨ ଓ ପ୍ରତ୍ୟୁଷ ଦାସ ୩୬ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଶୁଭ ସଙ୍କେତ ଧଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଆଜିଠାରୁ ଓଡ଼ିଶା-ବେଙ୍ଗଲ କ୍ୱାର୍ଟର ଫାଇନାଲ

**ରଣଜୀ ଟ୍ରଫି**

କଟକ ଅଫିସ,୧୯।୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ରାଉଣ୍ଡ ଗୁରୁବାରଠାରୁ ଆରମ୍ଭ ହେବ। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳର ମୁକାବିଲା ହେବ ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ନେତୃତ୍ୱାଧୀନ ବେଙ୍ଗଲ ସହିତ। ହାତଗଣତି ତାରକା ଖେଳାଳିଙ୍କୁ ନେଇ ଆସିଥିବା ବେଙ୍ଗଲ ବିପକ୍ଷ ଏହି ମ୍ୟାଚ ରୋମାଞ୍ଚକର ହେବ। ରଣଜୀ ଇତିହାସରେ ଓଡ଼ିଶା-ବେଙ୍ଗଲ ମୋଟ୍ ୫୦ଥର ସାମ୍ନାସାମ୍ନି ହୋଇଥିବା ବେଳେ ଓଡ଼ିଶା କେବଳ ୨ଟି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। କ୍ୱାର୍ଟର ମୁକାବିଲାରେ ଘରୋଇ ଗ୍ରାଉଣ୍ଡ ଓ ପରିବେଶ ଓଡ଼ିଶାକୁ ଭରପୂର ଫାଇଦା ଦେବ ବୋଲି ଆଶା କରାଯାଉଛି।



ଡ୍ରିମ୍ସ ଗ୍ରାଉଣ୍ଡରେ ଅଭ୍ୟାସରତ ବେଙ୍ଗଲ କ୍ରିକେଟ ଦଳ।

### ୪ ବର୍ଷ ପରେ ସାମ୍ନାସାମ୍ନି

ଓଡ଼ିଶା ଓ ବେଙ୍ଗଲ ଗତ ୨୦୧୫-୧୬ ରଣଜୀ ସିଜନରେ ଶେଷ ଥର ପାଇଁ ସାମ୍ନାସାମ୍ନି ହୋଇଥିଲେ। ବେଙ୍ଗଲ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯାଇଥିଲା। ଏକ ଲୋ-ସ୍କୋରିଂ ମ୍ୟାଚ୍‌ରେ ବେଙ୍ଗଲଠାରୁ ୧୩୩ ରନରେ ଓଡ଼ିଶା ହାରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ୧୪୨ ରନରେ ଅଲଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ୧୦୭ ରନରେ ସୀମିତ ରହିଥିଲା। ବେଙ୍ଗଲ ଦ୍ୱିତୀୟ ଇନିଂସରେ ୧୩୫ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ସମ୍ମୁଖରେ ୧୭୦ରନର ବିଜୟ ଲକ୍ଷ୍ୟ ଥିବା ବେଳେ ଦଳ ମାତ୍ର ୩୬ରନରେ ସମସ୍ତ ଉଇକେଟ ହରାଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଆ ଖେଳାଳି ପ୍ରଜ୍ଞାନ ଓଝା ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ।

### ୧୬ ବର୍ଷର ସେମି ସ୍ୱପ୍ନ

ଗତ ୨୦୦୪ ମସିହାରେ ଓଡ଼ିଶା ଶେଷଥର ପାଇଁ ସେମି ଫାଇନାଲରେ ପ୍ରବେଶ କରିଥିଲା। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ମଧ୍ୟପ୍ରଦେଶଠାରୁ ହାରି ଫାଇନାଲରୁ ବଞ୍ଚିତ ହୋଇଥିଲା। ୧୬ ବର୍ଷ ପରେ ପୁଣି ଥରେ ସେମିଫାଇନାଲ ଖେଳିବାର ସୁଯୋଗ ସୃଷ୍ଟି ହୋଇଛି। ବାରବାଟୀରେ ଖେଳାଯାଇଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାର ନେତୃତ୍ୱ ନେଉଥିଲେ ସଞ୍ଜୟ ରାଉଳ। ପ୍ରଭଞ୍ଜନ ମଲ୍ଲିକଙ୍କ ୧୪୨ରନର ଉପଯୋଗୀ ଇନିଂସ ସହାୟତାରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୩୧୮ରନ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୨୫୮ ରନରେ ଅଲଆଉଟ ହୋଇଥିଲା। ସଞ୍ଜୟ ଶତପଥୀ ୪ଟି ଓ ଦୀପକ ମଙ୍ଗରାଜ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ୨୫୩ ରନରେ ସୀମିତ ରହିଥିଲା। ଅଧିନାୟକ ସଞ୍ଜୟ ସର୍ବାଧିକ ୮୭ରନ କରିଥିଲେ। ୫ ଉଇକେଟ ହରାଇ ମଧ୍ୟପ୍ରଦେଶ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

### ବେଙ୍ଗଲର ଦଳଗତ ପ୍ରଦର୍ଶନ

ଚଳିତ ସିଜନରେ ବେଙ୍ଗଲର ଉଭୟ ବ୍ୟାଟିଂ ଓ ବୋଲିଂ ଲାଇନଅପକୁ ନଜର ପକାଇଲେ, ବ୍ୟକ୍ତିଗତ ପ୍ରଦର୍ଶନ ଅପେକ୍ଷା ଦଳଗତ ପ୍ରଦର୍ଶନ ହିଁ ଦଳକୁ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପହଞ୍ଚାଇଛି। ଦଳର ତାରକା ଖେଳାଳି ମନୋଜ ତିୱାରୀ ଲିଗ ପର୍ଯ୍ୟାୟରେ ମୋଟ୍ ୬୪୧ରନ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ତ୍ରିଶତକୀୟ ଇନିଂସ ରହିଛି। ମନୋଜଙ୍କୁ ବାଦ୍ ଦେଇ ଲିଗ ପର୍ଯ୍ୟାୟରେ ଶତକ ହାସଲ କରିଥିବା ଅନ୍ୟ ବ୍ୟାଟ୍ସମ୍ୟାନ ହେଲେ ଅଭିଷେକ ରମଣ। ସେହିପରି ବୋଲିଂରେ ସାହାବାଜ ନଦିମ୍ ସର୍ବାଧିକ ୨୯ଟି ଉଇକେଟ ଅକ୍ତିଆର କରିଛନ୍ତି। ଆକାଶଦୀପ ୨୫ଟି ଉଇକେଟ ନେଇଥିବା ବେଳେ ମୁକେଶ କୁମାରଙ୍କୁ ୧୯ଟି ଉଇକେଟ ମିଳିଛି।

### ଲକି ଗ୍ରାଉଣ୍ଡ ଡ୍ରିମ୍ସ

ଲିଗ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିଛି। ଏଠାରେ ହିଁ କ୍ୱାର୍ଟର ମୁକାବିଲା ହେବ। ୪ଟି ମ୍ୟାଚ୍‌ରୁ ଓଡ଼ିଶା ୩ଟି ଜିତିଥିବା ବେଳେ ଗୋଟିଏ ପରାସ୍ତ ହୋଇଛି। ସର୍ଭିସେସକୁ ଇନିଂସ ଓ ୧୦ରନରେ, ଉତ୍ତରାଖଣ୍ଡକୁ ୧୦ ଉଇକେଟରେ, ଆସାମକୁ ଇନିଂସ ଓ ୩ରନରେ ହରାଇଛି ଘରୋଇ ଓଡ଼ିଶା। ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ୍‌ରେ ଦଳ ୪ ଉଇକେଟରେ ପରାସ୍ତ ହୋଇଥିଲା।

### ଦୃଢ଼ ମନୋବଳ ଫାଇଦା ଦେବ

ବେଙ୍ଗଲ ଏକ ଶକ୍ତିଶାଳୀ ଦଳ। ହେଲେ ଓଡ଼ିଶା ଖେଳାଳିଙ୍କ ଦୃଢ଼ ମନୋବଳ ଫାଇଦା ଦେବ ବୋଲି କହିଛନ୍ତି ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି। ପ୍ରତ୍ୟେକ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଘରୋଇ ପରିବେଶରେ ବେଙ୍ଗଲ ବିପକ୍ଷ ଏହି ମ୍ୟାଚ୍ ରୋମାଞ୍ଚକର ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି(ଅଧିନାୟକ), ବିପ୍ଳବ ସାମନ୍ତରାୟ(ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଙ୍କିତ ଯାଦବ, ପ୍ରୀତ କନୱର ସିଂ ଚୌହାନ, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ପପୁ ରାୟ। କୋଚ୍:ରଶ୍ମି ରଞ୍ଜନ ପରିଡ଼ା।

## ଅଲିମ୍ପିକ୍ସ ପଦକ ବିନା ସ୍ୱପ୍ନ ଅଧୁରା ରହିଥାନ୍ତା: ପେସ୍

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

"ମୁଁ କ୍ୟାରିୟରରେ ଅନେକ ସଫଳତା ପାଇଛି। ବର୍ଷର ୪ଟି ଗ୍ରାଣ୍ଡସ୍ଲାମ (ଅଷ୍ଟ୍ରେଲିଆନ, ଫ୍ରେଞ୍ଚ, ୱିମ୍ବେଲଡନ, ୟୁଏସ ଓପନ) ଜିତି କ୍ୟାରିୟର ସ୍ଲାମ ହାସଲ କରିଛି। ଦୀର୍ଘ ବର୍ଷ ଖେଳିବା ମଧ୍ୟରେ ଅନେକ ପ୍ରତିଷ୍ଠିତ ଖେଳାଳିଙ୍କ ସହିତ ଖେଳିଛି, ଡେଭିସ୍ କପ୍ ଟେନିସରେ ସର୍ବାଧିକ ମ୍ୟାଚ ବିଜୟ ଏବଂ ସର୍ବାଧିକ ଅଲିମ୍ପିକ୍ସ ଖେଳିବାର ବିଶ୍ୱ ରେକର୍ଡ ବହନ କରୁଛି। ଏହା ସତ୍ତ୍ୱେ ଅଲିମ୍ପିକ୍ସରେ ପଦକ ହାସଲ କରିବା ବିନା ସ୍ୱପ୍ନ ଅଧୁରା ରହିଥାନ୍ତା" ବୋଲି ବୁଧବାର ଖବରକାଗଜ ସମ୍ବାଦର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରକାଶ କରିଛନ୍ତି କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସର ଟେନିସ ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିଲେ ଲିଆଣ୍ଡର। ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ କୌଣସି ଭାରତୀୟ ଆଥଲେଟ୍‌ଭାବେ ସେ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ପଦକ ଜିତି କୀର୍ତ୍ତିମାନ ସ୍ଥାପନ କରିଥିଲେ। ବିଶ୍ୱର ଏକମାତ୍ର ଖେଳାଳିଭାବେ ସେ୧୯୯୨ରୁ ୨୦୧୬ ପର୍ଯ୍ୟନ୍ତ ୭ଟି ଅଲିମ୍ପିକ୍ସ ଖେଳିବାର ରେକର୍ଡ ବହନ କରୁଛନ୍ତି। ସର୍ବାଧିକ ଅଲିମ୍ପିକ୍ସ ଖେଳିବାରେ ସେ ସ୍ପେନର ଆରାଞ୍ଚା ସାଞ୍ଚେଜ୍ ଭିକାରିଓ(୫ଟି)ଙ୍କ ରେକର୍ଡ ଅନେକ ଦିନ ଆଗରୁ ଭାଙ୍ଗି ସାରିଛନ୍ତି। ସେହିପରି ସର୍ବାଧିକ ୪୪ଟି ଡେଭିସ୍ କପ୍ ମ୍ୟାଚ ଜିତି ଇଟାଲୀର ନିକୋଲା ପିତ୍ରାଙ୍ଗେଲି(୪୨ ବିଜୟ)ଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଅବସର ନେବାକୁ ଯାଉଥିବା ଲିଆଣ୍ଡର ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଖେଳିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ପରିଚାଳନା ନିର୍ଦ୍ଦେଶକ ମୋନିକା ନୈୟର ପଟ୍ଟନାୟକ ଉପସ୍ଥିତ ଥିଲେ।

# ହାଇକମିଶନରଙ୍କୁ ଭେଟିଲା ବିରାଟ ବାହିନୀ

ୱେଲିଂଟନ, ୧୯।୨

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଶୁକ୍ରବାରଠାରୁ ଘରୋଇ ଦଳ ବିପକ୍ଷରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏଥିପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବୁଧବାର ୱେଲିଂଟନରେ ଅବସ୍ଥାପିତ ଭାରତୀୟ ହାଇକମିଶନରଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଭାରତୀୟ ଦଳ ସହ ସପୋର୍ଟ ଷ୍ଟାଫ୍ ଯାଇଥିଲେ। 'ମୁଁ ଏଠାକୁ ଆସି ବହୁତ ସମ୍ମାନିତ ମନେକରୁଛି। ଆମର ସମସ୍ତ ଗସ୍ତବେଳେ ହାଇକମିଶନରଙ୍କୁ ସାକ୍ଷାତ୍ କରିଥାଏ। ଏହା ବହୁତ ସ୍ୱତନ୍ତ୍ର ସନ୍ଧ୍ୟା ଥାଏ, କାରଣ ଆମେ ଭାରତୀୟ ଲୋକଙ୍କ ସହ ସମୟ ଅତିବାହିତ କରିଥାଉ। ପ୍ରକାଶଯୋଗ୍ୟ, ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ଭାରତ ୩-୦ରେ କ୍ଲିନ୍‌ସୁଇପ୍ କରିବା ପରେ ଦିନିକିଆ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଦିନିକିଆ ସିରିଜକୁ ନ୍ୟୁଜିଲାଣ୍ଡ ୩-୦ରେ ଜିତି ଟି୨୦ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା।



ହାଇ କମିଶନରଙ୍କୁ ଭେଟିବାକୁ ଯାଇଥିବା ଭାରତୀୟ ଖେଳାଳିମାନେ।

# ୨ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୮ ପଦକ

**ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ମିଟ୍**

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

ମଣିପୁରର ଇମ୍ଫାଲରେ ଗତ ୯ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ୪୧ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ମିଟ୍‌ରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ୪୫ ବର୍ଷରୁ ଊର୍ଦ୍ଧ୍ୱ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଛୋଟୁ ସିଂ ଏବଂ ଏହି ବୟସ ବର୍ଗର ଜାଭେଲିନ ଥ୍ରୋରେ ମଦନ କୁମାର ଶର୍ମା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୫ ବର୍ଷରୁ ଊର୍ଦ୍ଧ୍ୱ ୧୦୦ ମିଟର ରେସ୍ ଓ ଲଙ୍ଗଜମ୍ପରେ କିଶୋର ଚନ୍ଦ୍ର ରଥ ୨ଟିରେ ରୌପ୍ୟ ପଦକଲାଭ କରିଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରି ୧୦୦୦ ମିଟର ରେସ୍‌ରେ ଦୁଃଖିଶ୍ୟାମ ପାଢ଼ୀ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱ ୪୦୦ ମିଟର ରେସ୍‌ରେ ବି.ଏସ.କେ. ସାମଲ ରୌପ୍ୟ ପଦକ ପାଇଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ୨୦୦ ମିଟର ରେସ୍‌ରେ ସୁନୀଲ କୁମାର ସ୍ୱାଇଁ ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ଜାଭେଲିନ୍ ଥ୍ରୋରେ ସଞ୍ଜୟ କୁମାର ମହାରଣା ବ୍ରୋଞ୍ଜ ପଦକ ପାଇଛନ୍ତି। ପଦକ ବିଜେତା ଆଥଲେଟ୍‌ମାନେ ମାଷ୍ଟର୍ସ ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ ଦ୍ୱାରା ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି ବୋଲି ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରକାଶ କରିଛନ୍ତି। ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ କାନାଡାର ଟରଣ୍ଟୋଠାରେ ୨୦୨୦ ଜୁଲାଇ ୨୦ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## କାଉଣ୍ଟି କ୍ରିକେଟ ଖେଳିବେ ପୂଜାରା

ଲଣ୍ଡନ,୧୯।୨- ଭାରତୀୟ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ବୁଧବାର ଗ୍ଲୁଷ୍ଟରଶାୟର ସହ ଚୁକ୍ତି କରିଛନ୍ତି। ସେ ଦଳ ପାଇଁ ଏପ୍ରିଲ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ଇଲିଂଶ କାଉଣ୍ଟି ଚାମ୍ପିୟନଶିପର ପ୍ରଥମ ୬ ମ୍ୟାଚ୍ ଖେଳିବେ। ପୂଜାରା ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ଖେଳାଳି। ତାଙ୍କ କାଉଣ୍ଟି କ୍ରିକେଟ ଅଭିଯାନ ଏପ୍ରିଲ ୧୨ରୁ ମେ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ସିଜନରେ ଗ୍ଲୁଷ୍ଟରଶାୟର ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ମୁଁ ଅତ୍ୟନ୍ତ ଖୁସି। କ୍ଲବର ଲମ୍ବା କ୍ରିକେଟ ଇତିହାସ ରହିଛି ବୋଲି କ୍ଲବ ପକ୍ଷରୁ ପ୍ରକାଶିତ ବିବୃତିରେ ପୂଜାରା କହିଛନ୍ତି।

## ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ
## ରୋମାନିଆକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୯।୨ (ପି.ଟି.)

୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍‌ରେ ରୋମାନିଆକୁ ପରାସ୍ତ କରିଛି। ତୁର୍କୀର ତର୍କଲର ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଭାରତୀୟ ଦଳ ୧-୦ ଗୋଲରେ ବାଜିମାତ୍ କରିନେଇଥିଲା। ମ୍ୟାଚ୍‌ର ୨୯ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି ସୁଯୋଗକୁ କୌଣସି ତ୍ରୁଟି ନ କରି ପ୍ରିୟଙ୍କା ଦେବୀ ଦଳ ପାଇଁ ଏହି ବିଜୟସୂଚକ ଗୋଲଟି ଦେଇଥିଲେ। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ୩-୩ ଗୋଲରେ ଅମୀମାଂସିତ ରହିଥିଲା।

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

## ହର୍‌ଦୀପ, ଆଦିତ୍ୟ, ଆଶୁଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀ, ୧୯।୨ (ପି.ଟି.)- ଏଠାରେ ଅନୁଷ୍ଠିତ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ୨ୟ ଦିନରେ ବୁଧବାର ଭାରତୀୟ ରେସଲର୍ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ହର୍‌ଦୀପ ସିଂ, ଆଦିତ୍ୟ କୁଣ୍ଡୁ ଓ ଆଶୁଙ୍କୁ ବ୍ରୋଞ୍ଜ ପଦକ ସଫଳତା ମିଳିଛି। ହର୍‌ଦୀପ, ଆଦିତ୍ୟ ଓ ଆଶୁ ଯଥାକ୍ରମେ ଗ୍ରୀକୋ-ରୋମାନ ବର୍ଗର ୯୭, ୭୨ ଓ ୬୭ କିଗ୍ରା ବର୍ଗରେ ଏହି ସଫଳତା ପାଇଛନ୍ତି। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହର୍‌ଦୀପ ୩-୧ରେ କିର୍ଗିସ୍ତାନ ରେସ୍‌ଲରଙ୍କୁ ପରାସ୍ତ କରିଥିଲେ। ୬୭ କିଗ୍ରା ଗ୍ରୀକୋ-ରୋମାନ ବର୍ଗରେ ଆଶୁ ୮-୧ରେ ସିରିଆର ଅବଦୁଲକରିମ ମହମ୍ମଦଙ୍କୁ ହରାଇଥିଲେ। ସେହିଭଳି ଆଦିତ୍ୟ ୮-୦ରେ ଏକପାଖିଆ ଭାବେ ଜାପାନର ନାଓ କୁସ୍କାଙ୍କୁ ମାତ୍ ଦେଇଛନ୍ତି। ଚଳିତ ଚାମ୍ପିୟନଶିପ୍‌ରେ ଭାରତ ଏଥିସହ ୫ମ ପଦକ ଜିତିଛି। ଏଥିପୂର୍ବରୁ ପ୍ରଥମ ଦିବସରେ ସୁନୀଲ କୁମାର (୮୭ କିଗ୍ରା) ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଅର୍ଜୁନ କାଲାକୁର୍କୀ (୫୫ କିଗ୍ରା)ଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ମୋଟେରା ଷ୍ଟାଡିୟମ ପ୍ରସ୍ତୁତ



ନୂଆଦିଲ୍ଲୀ, ୧୯।୨

ଅହମ୍ମଦାବାଦରେ ନବନିର୍ମିତ ମୋଟେରା କ୍ରିକେଟ୍ ଷ୍ଟାଡିୟମର ଏକ ଫଟୋ ବିସିସିଆଇ ବୁଧବାର ଏହାର ଟୁଇଟର୍ ପୃଷ୍ଠାରେ ଶେୟାର କରିଛି। ବିଶ୍ୱର ଏହାକୁ ସବୁଠାରୁ ବଡ଼ କ୍ରିକେଟ୍ ଷ୍ଟାଡିୟମ ବୋଲି କୁହାଯାଉଛି। ଏହାର ଦର୍ଶକ ଧାରଣ କ୍ଷମତା ଏକ ଲକ୍ଷ ୧୦ ହଜାର ରହିଛି, ଯାହାକି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (୯୦ ହଜାର)ଠାରୁ ଅଧିକ। ଭାରତ ଗସ୍ତରେ ଆସିବାକୁ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଉଦ୍‌ଘାଟନ କରିବେ ବୋଲି ଚର୍ଚ୍ଚା ହେଉଛି।

# ଭାରତ ଟେଷ୍ଟ ଜିତିବା ସମ୍ଭାବନା ରହିଛି

ଗୌତମ ଗମ୍ଭୀର

ବିଫଳତା ଓ ବିପର୍ଯ୍ୟୟକୁ ଆମେ କିଭଳି ଭାବେ ସାମ୍ନା କରୁଛେ ଓ ପ୍ରତିକ୍ରିୟା ପ୍ରକାଶ କରୁଛେ ତାହା ଆମ ଚରିତ୍ରକୁ ଦର୍ଶାଇଥାଏ। ଯେତେବେଳେ ଆମେ ହାରୁ ସେତେବେଳେ ଦଳରେ ଜଣକୁ ଦାୟୀ କରିଥାଉ। ପୂର୍ବରୁ ଏହା ଦେଖିଆସିଛି। କେତେଜଣ ଏହାକୁ ଆତ୍ମଚିନ୍ତନ କରିଥାନ୍ତି। କିନ୍ତୁ ଏହାକୁ ମୁଁ ଆତ୍ମବିଶ୍ୱାସର ଅଭାବ ବୋଲି କହିବି। ଏପରି କି ଆମେ ଏତିକିବେଳେ ସମ୍ପୂର୍ଣ୍ଣ ପ୍ରକ୍ରିୟା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥାଉ। ଏଥିପାଇଁ ବଡ଼ ପରିବର୍ତ୍ତନର ଦାବି ମଧ ଆରମ୍ଭ ହୋଇଯାଇଥାଏ। ଦିନିକିଆ ସିରିଜରେ ଭାରତ ୩-୦ରେ ନ୍ୟୁଜିଲାଣ୍ଡଠାରୁ ହାରିବା ପରେ ମଧ ଏହା ଦେଖିବାକୁ ମିଳିଥିଲା। ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ୫-୦ରେ ହରାଇବା ସତ୍ତ୍ୱେ ମଧ ଦଳକୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଆମେ କାହିଁକି ପ୍ରତିପକ୍ଷ ଦଳକୁ ଗ୍ରହଣ କରିପାରୁନାହୁଁ ଓ କ୍ରିକେଟର ଭବିଷ୍ୟତ ନେଇ ଚିନ୍ତା କରୁନାହୁଁ, ସେ ନେଇ ପ୍ରଶ୍ନ ଉଠେ। ପ୍ରତିପକ୍ଷ ଦଳ ଆମଠାରୁ ଭଲ ବୋଲି ଆମେ କାହିଁକି ଗ୍ରହଣ କରିପାରୁନାହୁଁ?

ଟେଷ୍ଟ ସିରିଜ ଖେଳିବା ପୂର୍ବରୁ ସେଭଳି କୌଣସ ବଡ଼ଧରଣର ପରିବର୍ତ୍ତନ ହେବନାହିଁ ବୋଲି ଭାବୁଛି। ଭୁଲ୍‌ରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଶିକ୍ଷା କରି ବେଶ୍ ସକାରାତ୍ମକ ଭାବେ ଟେଷ୍ଟ ସିରିଜ ଖେଳିବା ମନସ୍ଥ କରିଛି। ଏହା ନିଶ୍ଚିତ ଭାବେ ଖୁସିର କଥା। ଭାରତ ଏକ ନୂଆ ଓପନିଂ ଯୋଡି ନେଇ ପଡିଆକୁ ଓହ୍ଲାଇବ। ଦୁଇ ଯୁବ ଓପନର ପୃଥ୍ୱୀ ଶ ଓ ଶୁବମନ ଗିଲ୍ କିପରି ସୁଯୋଗର ସଦ୍‌ବ୍ୟବହାର କରୁଛନ୍ତି ତାହା ନିଶ୍ଚିତ ଭାବେ ମଜାଦାର ହେବ। ମୟଙ୍କ ଅଗ୍ରୱାଲଙ୍କ ଉପରେ ମୋର ବିଶ୍ୱାସ ରହିଛି। ସେ ସ୍ୱତଃ ଜଣେ ବଡ଼ ପ୍ରତିଭାସମ୍ପନ୍ନ ଖେଳାଳି ହୋଇ ନ ଥିଲେ ମଧ ସେ ଜଣେ ବ୍ୟବସ୍ଥିତ ଖେଳାଳି। ବୀରେନ୍ଦ୍ର ସେହ୍ୱାଗ ଓ ଡେଭିଡ ୱାର୍ନରଙ୍କ ଭଳି ସେ ବୋଲରଙ୍କୁ ହେୟ ମନେ କରନ୍ତି ନାହିଁ। ତେବେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଭାବେ ସେ ବେଶ୍ ଖୋଲା ସ୍ୱଭାବର।

ପୃଥ୍ୱୀ ଓ ଶୁବମନଙ୍କ ପାଇଁ ମୋ ପାଖରେ ବହୁତ ସମୟ ରହିଛି। ନ୍ୟୁଜିଲାଣ୍ଡ ପରିବେଶରେ ବୋଲରମାନେ ଭଲ ସହାୟତା ପାଇଥାନ୍ତି। ଏପରିସ୍ଥଳେ ବ୍ୟାଟ୍ସମ୍ୟାନମାନେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହୋଇଥାନ୍ତି। ଏତେ ଶୀଘ୍ର ଏହି ଦୁଇ ଯୁବ ବ୍ୟାଟ୍ସମ୍ୟାନଙ୍କୁ ଆମେ ଜଜ୍ କରିବା ଠିକ୍ ହେବନାହିଁ। ମୟଙ୍କ ଓ ଚେତେଶ୍ୱର ପୂଜାରା କିପରି ଇନିଂସ ଗଢିବାରେ ସଫଳ ହେଉଛନ୍ତି ତାହା ପୃଥ୍ୱୀ ଶିକ୍ଷା କରିପାରିବେ। ଇଶାନ୍ତ ଶର୍ମା ଫେରିବା ପରେ ଭାରତୀୟ ବୋଲିଂ ଆଟାକ ଆହୁରି ଦୃଢ ହୋଇଛି। ନ୍ୟୁଜିଲାଣ୍ଡର ସଫ୍ଟ ଗ୍ରାଉଣ୍ଡ ଭାରତୀୟ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ମୋଟାମୋଟି ଉପରେ ଦେଖିବାକୁ ଗଲେ ଟେଷ୍ଟ ସିରିଜରେ ଭାରତ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଭାବୁଛି।

(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା)

#WhatDrivesYou
EXIDE

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ନନ୍ଦ କୁମାର ଚୌଧୁରୀ
ପୋଲିସ୍ ଲାଇନ୍, ପୁରୀ
ତିରୋଧାନ: ୦୨।୦୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ପରିବାରବର୍ଗ:
ପତ୍ନୀ: ଡ.ବୀଣାପାଣୀ ମହାପାତ୍ର, ପୁଅ: ମନୋଜ, ବୋହୂ: ବବିତା, ଜ୍ୱାଇଁ: ଭାଗୀରଥି, ଝିଅ: ଅନିତା, ସୋନୁ ଓ ମୋନୁ (ନାତି), ପାୟଲ ଓ ନୂପୁର (ନାତୁଣୀ)
ଧ-୧୬୭୯୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ଯଶଶ୍ରୀ ପାଢ଼ୀ
ବି-୮, ହାଉସିଂବୋର୍ଡ଼ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୩
ଆବିର୍ଭାବ : ୨୩.୦୩.୧୯୫୦
ତିରୋଧାନ : ୧୧.୦୨.୨୦୨୦
ବିଧିର ନିର୍ଦ୍ଦେଶେ ଛାଡ଼ି ଚାଲିଗଲ
ଭୁଲି ସ୍ନେହ ପ୍ରୀତି ଅଳି
ବିଭୁ କୃପାବଳେ ଶାନ୍ତି ଲଭୁଥାଅ
ଏଇ ଆମ ଶ୍ରଦ୍ଧାଞ୍ଜଳି
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ମା' ତାରିଣୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ-ବଳରାମ ସାହୁ, ପୁତ୍ର-କୁନାଳ, ପୁତ୍ରବଧୂ-ସୋନା, ନାତି- ଆରଭ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୮୫୯୧

# ଭିଖ୍ ମାଗି ପେଟ୍ ପାଳୁଛନ୍ ତିନ୍ ଦିବ୍ୟାଙ୍ଗ ଭାଇ

ସୁବାସ ଚନ୍ଦ୍ର ବାଗ
ପର୍ଲା, ୧୯।୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଳ ଅଧୀନ ଜୟନ୍ତପୁର ପଁଚେତ୍ ବାରିକପଡ଼ା ଗାଁର ସ୍ୱର୍ଗତ ମା'ବାପ୍ ଦିଆଲୁ ଦୁର୍ଗା ଆର କେନ୍ଦୁବୁଢ଼ୀଙ୍କର ୪ ପୁଓ ଗୌରୀଆ(୭୮), ରାମଦାସ(୭୫), ଦମ (୭୧), ରାମଜିଲା(୬୨)। ପୁଓମାନେ ୟୁଆନ ବେଳେ ପରହର କାମ୍‌ବୁତା କରି ଦୁଇପଏସା ରୁଜ୍‌ଗାର କରୁଥିଲେ। ପରିବାରଟା ହଁସ୍‌ଖୁସିରେ ଚଲିଯାଉଥିଲା। ହେଲେ କେହେନ୍‌ସି ଅଜନା ରୋଗ୍‌ରେ ପଡ଼ି ୩ ପୁଓ ନିଜର ଦୃଷ୍ଟିଶକ୍ତି ହରାଲେ। ଆଏଜ୍ ବି ୩ ଭାଇ ଚିକିଛା ଅଭାବୁ ଅଁଧ୍ ଜୀବନ୍ ବିତଉଛନ୍।

ସୂଚନା ଅନ୍‌ସାରେ ବାରିକପଡ଼ାର ସ୍ୱର୍ଗତ ଦିଆଲୁ ଦୁର୍ଗା ଆର କେନ୍ଦୁବୁଢ଼ୀଙ୍କର ଦୁଇ ନମ୍ବର ପୁଓ ରାମଦାସଙ୍କୁ ୨୫ ବଛର ହେଲାବେଳେ ସେ ଜରେ ପଡ଼ଲେ। ସଖାଲ ପାଏଲା ବେଲେ ଆର ତାକର ଆଏଁଖ୍ ନାଇଁ ଦିଶ୍‌ଲା। ସେନ୍‌ତା ଦମକୁଁ ୨୧ ବଛର ହେଲା ବେଲେ କେହେନ୍‌ସି କାରନ୍‌ରୁ ତାକର ଆଏଁଖ୍‌ରେ ସଂକରମନ୍ ହେଲା। ଦୁଇଦିନ୍ ଉତାରୁ ତାକର ବି ଆଏଁଖ୍ ନାଇଁ ଦିଶ୍‌ଲା। ରାମଜିଲାକୁଁ ୨୩ ବଛର ହେଲାବେଲେ ସେ ଜରେ ପଡ଼ଲେ। ଜର ପରଭାବରେ ତାକର ବି ଆଏଁଖ୍ ନାଇଁ ଦିଶ୍‌ଲା। ଏନ୍‌ଥେଇ ଭିନେ ଭିନେ ସମିଆରେ ୩ ଭାଇ କେହେନ୍‌ସି ଅଜନା ରୋଗ୍ ପରଭାରୁ ଅଁଧ୍ ପାଲଟିଗଲେ। ୪୦ରୁ ୪୫ ବଛର ତଲେ କଳାହାଣ୍ଡି ଜିଲାରେ ଆଏଜ୍‌କାଲି ଲେଖେଁ ଚିକିଛା ସୁବିଧା ନାଇଁଥାଇ। ଗରିବ୍ ମା'ବାପ୍ ସେ ସମିଆରେ ଫୁଁକାଝରା, ଚେରମୂଳି ଉଷୋକଷା କରିଥିଲେ। ହେଲେ କିଛି ଲାଭ୍ ନାଇଁହେଲା। ଏହେଦେ ମା'ବାପ୍ ଆରପାରେ, ତିନି ଭାଇ ବୁଢ଼ା ହେଲେନ। ହେଲେ ସେ ପୂରବର କଥାକେ ଆଏଜ୍ ବି ହେଜି ଆଏଁଖରୁ ଲହ ଗଡ଼ଉଛନ୍। ଚିକିଛା ଅଭାବୁ ସତେ ଯେନ୍‌ତା ସେମାନକର ଜୀବନ୍ ଅଭିଶାପ ପାଲଟିଯାଇଛେ। ରାମଦାସ ଆଏଁଖ୍ ଭଲ ଥିଲାବେଲେ ବିହା ହେଇଥିଲେ। ତାକର ମାଏକିନା, ଦୁଇ ପୁଓ ଆର ଗୁଟେ ଝି' ରହିଛନ୍। ହେଲେ ଦମ ଆର ରାମଜିଲା ଦୁଇ ଭାଇକର ଘର ସଁସାର ବଲି କିଛି ନାଇଁ। ଦୁଇ ଭାଇ ବଡ଼ ଭାଇ ଘରେ ଆଶ୍‌ରେ ନେଇଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ରାଶନକାର୍ଡରେ ମାସିକ ୫ କେ.ଜି. ଚାଉଲ ଆର ୫ଶହ ଟଁକା ଭତା ମିଲୁଛେ। ହେଲେ


ଅଜନା ରୋଗ୍‌ରେ ଦୃଷ୍ଟିଶକ୍ତି ହରେଇଥିବା ତିନ୍ ଭାଇ ରାମଦାଶ, ଦମ ଆର ରାମଜିଲା ।

## ଅଭିଶାପ ପାଲଟିଛେ ଜୀବନ୍

ଅଭାବ ଅନାଟନ ଲାଗି ଦମ ଆର ରାମଜିଲା ବାଟ ଅଁଡ଼ାଲି ଅଁଡ଼ାଲି ଆସର ପାସର ଗାଁମାନକେ ଭିଖ୍ ମାଗୁଛନ୍। ସେନ୍‌ତା ରାମଦାସ ବି ମାଏକିନାର ସାହାରା ନେଇ ଭିଖ୍ ମାଗି କୁଟୁମ ପୁଷୁଛନ୍। ପରଶାସନ ଇମାନକୁ ଭିନ୍ନକ୍ଷମ ପରମାନପତର, ଭତା, ଚାଉଲ ଦେଉଛେ ସତ୍। ହେଲେ କେଭେ ଚିକିଛା ସାହାଯ୍ ନାଇଁ ଦେଇ ବଲି ତିନି ଭାଇ ମନ୍‌ଦୁଖ କରି କହିଛନ୍। ହୁଏତ ଆଏଜ୍ ବି ଚିକିଛା କଲେ ତିନିଭାଇ ଦୃରୁଷ୍ଟି ଶକ୍ତି ଫିରିପାଏତେ, ଆଘର ଲେଖେଁ ଦୁନିଆଁର ରଂଗ ଦେଖିପାରତେ। ଇ ତିନି ଭାଇକର ଉପରେ ଜିଲା ପରଶାସନ ଆର ସ୍ୱାସ୍ଥ୍ୟ ବିଭାଗ ଦୃରୁଷ୍ଟି ଦେଇ ଚିକିଛା ସାହାଯ୍, ମାସିକ ୩୫ କେ.ଜି. ଲେଖେଁ ଚାଉଲ ଜୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଜିଲା ମୁଖିଆ ଚିକିଛା ଅଧିକାରୀ ଜଗୁଲାଲ ଅଗ୍ରୱାଲଙ୍କୁ ପଚ୍‌ରାଲାରୁ ଆମେ ଖାଲି ଭିନ୍ନକ୍ଷମ ପରମାନପତର ଦେଇ ପାରମୁ, ଇଥିରେ ସେମାନେ ଭତା ପାଇପାରବେ। ବାକି କିଛି ସୁବିଧା ଯୁଗେଇ ଦେବାର ସମ୍ଭବ ନୁହେ ବଲି ସେ କହିଥିଲେ।

# ପୋଲିସ-ମାଓବାଦୀ ଗୁଳି ବିନିମୟ: ଯବାନ ଶହୀଦ

ମାଲକାନଗିରି, ୧୯।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକୁମା ଜିଲାରେ ବୁଧବାର ପୋଲିସ-ଲାଲବାହିନୀ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଇ.ଇ.ଡି.ବିସ୍ଫୋରଣରେ ଜଣେ ଯବାନ ଶହୀଦ୍ ହୋଇଛନ୍ତି। ଶହୀଦ ଯବାନଙ୍କ ନାମ କନେୟା ମାଝି ସୁକୁମା ଏସପି ପ୍ରଲ୍ଲବଙ୍କ ସୂଚନା ଅନୁଯାୟୀ ବୁଧବାର କିଷ୍ଟାରାମ ଅଞ୍ଚଳରେ କୋବ୍ରା ଓ ଏସଟିଏଫ ବାହିନୀ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିଲା। ଏହି ସମୟରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଏଥିରେ ୨୦୮ କୋବ୍ରା ବାଟାଲିୟାନ୍‌ର କନେୟା ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି।

# ହୀରାକୁଦ୍ ଡ୍ୟାମ୍ ପୁରସ୍କୃତ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ସମ୍ବଲପୁରସ୍ଥିତହୀରାକୁଦ୍ ଡ୍ୟାମ୍‌କୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ଉତ୍ତମ ଭିତ୍ତିଭୂମି ପାଇଁ ପୁରସ୍କୃତ କରାଯାଇଛି। କେନ୍ଦ୍ରୀୟ ଜଳସେଚନ ଓ ଶକ୍ତି ବୋର୍ଡ (ସିବିଆଇପି)ପକ୍ଷରୁ ଓଡ଼ିଶାକୁ ଏହି ସମ୍ମାନ ମିଳିଛି। ଏଥିପାଇଁ ଜଳସମ୍ପଦ

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ବିଭାଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ସିବିଆଇପି କର୍ତ୍ତୃପକ୍ଷଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିବା ଜଣାପଡ଼ିଛି।






# ବିରୋଧୀଙ୍କ ଅଭିଯୋଗ: ଧନୀଙ୍କୁ ମିଳୁଛି ପ୍ରଧାନମନ୍ତ୍ରୀ ଆବାସ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଆମେମାନେ ଜନ ପ୍ରତିନିଧି । ଲୋକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ରହିଛୁ। ଯେଉଁ ଗରିବ ଲୋକ ଘର ଖଣ୍ଡେ ପାଇ ନାହିଁ ସେମାନେ ଆମକୁ ଅଭିଯୋଗ କରୁଛନ୍ତି। ଆମେ ସେମାନଙ୍କ ପାଇଁ କିଛି କରି ପାରୁ ନାହୁଁ। ଲୋଗୋ ପଛେ ଯାହାର ଲାଗୁଛି ଲାଗୁ ବିଧାୟକମାନଙ୍କୁ କିଛି ଘର ବାଣ୍ଟିବାର ଅଧିକାର ଦିଆଯାଉ। ବୁଧବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ସରକାରଙ୍କୁ ବିରୋଧୀ ଦଳ ସଦସ୍ୟମାନେ ଗୁହାରି କରିଛନ୍ତି । 'ସରକାର ତୁମେ ଏ କି କଲ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର କାହିଁକି କଲ' ଶୀର୍ଷକ ମୁଲତବୀ ଆଲୋଚନାରେ ଅଂଶ ଗ୍ରହଣ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ ହିତାଧିକାରୀଙ୍କୁ ଘର ଦେଇ ମାର୍ବଲରେ କେବଳ ପ୍ରଧାନମନ୍ତ୍ରୀଙ୍କ ଫଟୋ କାହିଁକି ସେଥିରେ ବିଜୁ ପକ୍କାଘର ଲୋଗୋ ମଧ୍ୟ ଲଗାଯାଉ। ବିଜୁ ପଟ୍ଟନାୟକଙ୍କ ଲୋଗୋ ମଧ୍ୟ ଲଗାଇ ଦିଆଯାଉ ସେଥିରେ କିଛି ଅସୁବିଧା ନାହିଁ ହେଲେ ବିଧାୟକମାନଙ୍କ ହାତରେ କିଛି ଘର ବାଣ୍ଟିବାର ସୁବିଧା ରଖାଯାଉ। କାହା ଘର ପୋଡ଼ିଗଲେ କିମ୍ବା କୌଣସି କାରଣରୁ ଭାଙ୍ଗିଗଲା ପରେ ସେମାନଙ୍କ ପାଖରେ ପହଞ୍ଚୁଛୁ । ଗରିବ ଲୋକମାନେ ଭାବୁଛନ୍ତି ଏତେବଡ଼ ନେତା ଆସିଛନ୍ତି । ଆମକୁ ଘର ମାଗୁଛନ୍ତି, ମାତ୍ର ଆମେ ଅସହାୟ ହୋଇଯାଉଛୁ। ତେଣୁ ଏସବୁକୁ ଗୁରୁତ୍ୱ ଦେଇ ଆମ ହାତରେ ୩୦୦ଘର ବାଣ୍ଟିବାର ବ୍ୟବସ୍ଥା କରାଯାଉ। ସରକାର ଏ ଦିଗରେ ଗୁରୁତର ସହ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଦୁର୍ନୀତି ହେଉଛି। ଉତ୍ତର ଓଡ଼ିଶାର ବହୁ ନେତା ଗରିବଙ୍କୁ ବାଦ୍ ଦେଇ ଧନୀଙ୍କୁ ସରକାରୀ ଘର ବଣ୍ଟନ କରୁଛନ୍ତି। ଏମିତି ବହୁତ ଅଭିଯୋଗ ଆସି ସାରିଛି।

## ମୁଲତବୀ ଆଲୋଚନା

### ବିଧାୟକମାନଙ୍କ ହାତରେ ଘର ବାଣ୍ଟିବା ବ୍ୟବସ୍ଥା ରଖିବାକୁ ଦାବି

ପଶ୍ଚିମ ଓଡ଼ିଶା ନେତାମାନେ କେବେ ହେଲେ ଏମିତି କରିବେ ନାହିଁ। ଅଯୋଗ୍ୟଙ୍କୁ ବାଦ୍‌ଦେଇ ଯୋଗ୍ୟ ହିତାଧିକାରୀ ଚୟନ ଠିକ୍ ଢଙ୍ଗରେ କରାଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ଗାଁ ଗହଳିରେ ଲୋକମାନେ ଏବେ ମଧ୍ୟ ଗୋଟିଏ ନାଁ କହୁଛନ୍ତି ତାହା ହେଲା ଇନ୍ଦିରା ଆବାସ ଯୋଜନା। କେବଳ ଓଡ଼ିଶା ନୁହେଁ ସବୁ ରାଜ୍ୟର ଲୋକଙ୍କ ମୁଣ୍ଡରେ ଅଛି ଇନ୍ଦିରା ଆବାସ ଯୋଜନା ଦରକାର। କେନ୍ଦ୍ରରେ ଉପା ସରକାର ଥିବାବେଳେ କେନ୍ଦ୍ର ୭୫ ପ୍ରତିଶତ ଅଂଶଧନ ଏବଂ ରାଜ୍ୟକୁ ୨୫ପ୍ରତିଶତ ଅଂଶ ଧନ ଦେବାକୁ ପଡୁଥିଲା। ଭାଜପା ସଦସ୍ୟମାନେ ଏଠି ଲୋଗୋ ବାବଦରେ କଳି କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିପରି ଅଂଶଧନ ୯୦ ପ୍ରତିଶତ ଏବଂ ରାଜ୍ୟର ୧୦ପ୍ରତିଶତ ହେବ ସେ ଦିଗରେ ଦାବି କରନ୍ତୁ। ନାଁ ପାଇଁ ବିଜେଡି ଓ ଭାଜପା ଯେତେ କଳି କଲେ ମଧ୍ୟ ଲୋକେ ଇନ୍ଦିରା ଆବାସ ଯୋଜନା ବୋଲି କହିବେ। ଆବାସ ଯୋଜନାରେ ଲୋକମାନେ ଠିକ୍ ସମୟରେ ଅର୍ଥ ପାଉନାହାନ୍ତି ବ୍ୟାଙ୍କ ଆଗରେ ଦୌଡି ଦୌଡି ହଇରାଣ ହେଉଛନ୍ତି। ବହୁ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ପଡୁଛନ୍ତି। ଘର ମିଳିବା କଥା ଉଠିଲେ ସମସ୍ତେ ଆବେଦନ କରିବାକୁ ବାଦ୍ ପଡୁଛନ୍ତି। ବହୁ ଗରିବ ଘର ଖଣ୍ଡେ ନ ପାଇ ବିଧାୟକଙ୍କ ପାଖକୁ ଆସୁଛନ୍ତି। ଆଗରୁ ବିଧାୟକଙ୍କ ହାତରେ ୨୦୦ ଘର ବାଣ୍ଟିବାର ସୁବିଧା ଥିଲା। ମାତ୍ର ବର୍ତ୍ତମାନ ତାହା ଉଠାଇ ଦିଆଯାଇଛି। ଏବେ ସେମିତି ସୁବିଧା ରଖାଯାଉ। ରାଜନେତା ଯେମିତି ମନଇଚ୍ଛା ଅଯୋଗ୍ୟ ହିତାଧିକାରୀଙ୍କୁ ନ ଦେଇପାରିବେ ସେଥିଲାଗି ଏକ ଗାଇଡ ଲାଇନ ପ୍ରସ୍ତୁତ ହେଉ ବୋଲି ସାଲୁଜା କହିଛନ୍ତି। ଭାଜପା ସଦସ୍ୟ ମୋହନ ମାଝୀ, ମୁକେଶ ମହାଲିଙ୍ଗ ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି କଥା କହି ସରକାରଙ୍କ ଉପରେ ବର୍ଷିଥିଲେ । ଯୋଗ୍ୟ ହିତାଧିକାରୀ କିପରି ଏଥିରେ ସାମିଲ ହୋଇପାରିବେ ସେଦିଗରେ ସରକାର ସଚେତନ ହୁଅନ୍ତୁ ବୋଲି କହିଥିଲେ। ଭାସ୍କର ମଢ଼ାଇ କହିଲେ ପଞ୍ଚାୟତସ୍ତରରେ ରହୁଥିବା ଗରିବ ଏବଂ ଆଦିବାସୀମାନେ ସଚେତନତା ଅଭାବରୁ ଶୋଷଣର ଶିକାର ହେଉଛନ୍ତି। ବହୁ ସାଧାରଣ ଲୋକ ଏସ୍‌ଇସିସି ତାଲିକାରୁ ବାଦ୍ ପଡିଛନ୍ତି। ସେମାନଙ୍କୁ ତାଲିକାରେ ସାମିଲ କରାଯାଉ ନଚେତ୍ ଗରିବଙ୍କ ଅଭିଶାପ ପଡିଯିବ ବୋଲି ସେ କହିଛନ୍ତି। କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନା ନେଇ ଲଢ଼େଇ ଚାଲୁ ସେଥିରେ କିଛି କଥା ନାହିଁ ମାତ୍ର ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ। ଭାଜପା ସଦସ୍ୟମାନେ ଯଦି ନାଁକୁ ନେଇ ଲଢ଼େଇ କରୁଛନ୍ତି ତେବେ ଏହି ଯୋଜନାରେ ଅନୁଦାନ ବୃଦ୍ଧି ପାଇଁ ମଧ୍ୟ କେନ୍ଦ୍ର ନିକଟରେ ଦାବି କରନ୍ତୁ। ବିଜେଡି ଯଦି ନିଜ ଯୋଜନାର ଲୋଗୋ ଲଗାଇବାକୁ ଏତେ ବ୍ୟାକୁଳ ତେବେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ରଖିବାକୁ ଚେଷ୍ଟା କରୁ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ବିଧାୟକଙ୍କ ହାତରେ ୫୦୦ ଘର ବାଣ୍ଟିବାର ବ୍ୟବସ୍ଥା କରିବା ଲାଗି ଦାବି କରିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ମାସଲ, ଧ୍ରୁବ ସାହୁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଅଂଶଧନ ସମ୍ପର୍କରେ ବିବରଣୀ ଦେଇ ପଲଟା ଟାର୍ଗେଟ କରିଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କାଘର ଲୋଗୋ ଲଗାଇବା ଯଥାର୍ଥ ବୋଲି ଯୁକ୍ତି ବାଢିଛନ୍ତି।






# କଂଗ୍ରେସ ଗଡ଼ରେ ବାଜିଲା ଶଙ୍ଖ

## ଜିଲା ପରିଷଦ ଅଧକ୍ଷ ପଦ ହାତେଇଲେ ବିଜେଡିର ଗଙ୍ଗାଧର ପୁଆଲା

ରାୟଗଡ଼ା ଅଫିସ,୧୯।୨

କଂଗ୍ରେସ ଗଡ଼ରେ ବାଜିଲା ଶଙ୍ଖ। ରାୟଗଡ଼ା ଜିଲା ପରିଷଦ ଅଧକ୍ଷ ପଦ ପାଇଁ ବୁଧବାର ହୋଇଥିବା ଉପନିର୍ବାଚନରେ ବିଜେଡିର ଗଙ୍ଗାଧର ପୁଆଲା ବିଜୟୀ ହୋଇଛନ୍ତି। କଂଗ୍ରେସ ପାଖରେ ସଂଖ୍ୟା ବଳ ଥିଲା। ବିଜେଡି ପାଖରେ ଥିଲେ ମାତ୍ର ୭ ସଦସ୍ୟ। କିନ୍ତୁ ଏହା ସତ୍ତ୍ୱେ ଗଙ୍ଗାଧର ୧୩ ଖଣ୍ଡ ଭୋଟ ପାଇ ଅଧକ୍ଷ ପଦ ହାତେଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଆଶୁତୋଷ କିଲାକାଙ୍କୁ ମିଳିଛି ୫ଟି ଭୋଟ୍। ବିଜୟୀ ହେବା ପରେ ଗଙ୍ଗାଧର ପୁଆଲା କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବିଜେଡିର ଉନ୍ନୟନ କାମରେ ଭରସା ରଖି ସଦସ୍ୟମାନେ ତାଙ୍କୁ ଜିତାଇଛନ୍ତି।

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ବୁଧବାର ନିର୍ବାଚନ ହୋଇଥିଲା। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସର କୋଲନରା ବ୍ଲକ ସମିତି ସଭ୍ୟ ଆଶୁତୋଷ କିଲାକା ଓ ବିଜେଡି ରାୟଗଡ଼ା ଜୋନର ଗଙ୍ଗାଧର ପୁଆଲା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ଥିଲା। କିନ୍ତୁ ସକାଳ ୭ ଟାରୁ ଭାଜପା ଓ କଂଗ୍ରେସର କେତେକ ସଦସ୍ୟ ନିର୍ବାଚନ କାର୍ଯ୍ୟାଳୟରେ ପ୍ରବେଶ କରିବାରୁ ୩ ଦଳର ସଦସ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ସ୍ଥିତି ଶାନ୍ତ ପଡ଼ିବା ସହ ନିର୍ବାଚନ ହୋଇଥିଲା। ପୂର୍ବ ନିର୍ବାଚନରେ କ୍ରସ ଭୋଟିଂର ତିକ୍ତ ଅନୁଭୂତି ଯୋଗୁ ଭୋଟଦାନରୁ ବିରତ ରହିବା ପାଇଁ ମଙ୍ଗଳବାର ହୁଇପ୍ ଜାରି କରିଥିଲା ଭାଜପା। କିନ୍ତୁ ଦଳର ୨ ସଦସ୍ୟ ପୁଷ୍ପାଞ୍ଜଳି ମୁଢିକା ଓ ନେତ୍ରାନନ୍ଦ କୈବର୍ତ୍ତ ଏହାକୁ ନ ମାନି ଭୋଟ୍ ଦେଇଥିଲେ। ସେହିପରି କଂଗ୍ରେସର ୪ ଜଣ ସଦସ୍ୟ କ୍ରସ ଭୋଟିଂ କରିଛନ୍ତି। ବିଜେଡି ଘୋଡ଼ା ବେପାର କରିଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଓ ଭାଜପା। ଉଭୟ ଦଳର ଜିଲା ସଭାପତି ଓ କର୍ମୀ ଜିଲାପାଳ ପ୍ରମୋଦ ବେହେରାଙ୍କୁ ଭେଟି ଏ ନେଇ ଅଭିଯୋଗ ରଖିଛନ୍ତି। କିନ୍ତୁ ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ। ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜ କହିଛନ୍ତି, ଶୃଙ୍ଖଳାର ସହ ନିର୍ବାଚନ ସରିଛି। ୨୧ ଜଣ ସଦସ୍ୟଙ୍କ ମଧ୍ୟରୁ ୨ ଜଣ ଭୋଟଦାନରୁ ବିରତ ଥିବାବେଳେ ୧୯ ଜଣ ଭୋଟ ଦେଇଥିଲେ। ଏଥିରୁ ଗୋଟିଏ ନାକଚ ହୋଇଛି। ନିର୍ବାଚନ କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଜିଲା ପଞ୍ଚାୟତ ଅଧିକାରୀ ରାମକୃଷ୍ଣ ଗଣ୍ଡ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



# ପ୍ରଥମ ଦିନ ୩୫୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ମାଟ୍ରିକ ପରୀକ୍ଷା**

**ବରଗଡ଼ ଅଫିସ୍,୧୯।୨**

ବୁଧବାରଠାରୁ ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମାତୃଭାଷା ପରୀକ୍ଷା ରହିଥିବାବେଳେ ବରଗଡ଼ ଜିଲାରେ ପରୀକ୍ଷା ପରିଚାଳନା ଶୃଙ୍ଖଳିତ ରହିଥିଲା। ଏଥିପାଇଁ ଗଠନ ହୋଇଥିବା ସ୍କ୍ୱାଡ୍ ୧୭ଟି ପରୀକ୍ଷାକେନ୍ଦ୍ରକୁ ବୁଲି ଦେଖିଥିଲେ। ମାତ୍ର କୌଣସି ପରୀକ୍ଷାକେନ୍ଦ୍ରରେ କିଛି ଅନିୟମିତତା ପରିଲକ୍ଷିତ ହୋଇ ନ ଥିଲା। ଅନ୍ୟପଟେ ଏହି ପରୀକ୍ଷାରେ ୩୫୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଥିଲା।

ସୂଚନା ଅନୁଯାୟୀ, ଏଥର ବରଗଡ଼ ଜିଲାରେ ୧୭ ହଜାର ୩୩୩ ମାଟ୍ରିକ ପରୀକ୍ଷାର୍ଥୀ ରହିଥିବାବେଳେ ସେମାନଙ୍କ ପାଇଁ ୮୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ତେବେ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ବ୍ୟତୀତ ଅନ୍ୟ ୧୬ହଜାର ୮୮୫ ପରୀକ୍ଷାର୍ଥୀଙ୍କ ପାଇଁ ୮୬ଟି ପରୀକ୍ଷାକେନ୍ଦ୍ର ରହିଛି। ତେବେ ସେମାନଙ୍କ ମଧ୍ୟରୁ ପ୍ରଥମ ଦିବସରେ ୧୬ହଜାର ୫୩୦ଜଣ ପରୀକ୍ଷା ଦେଇଥିବା ବେଳେ ଅନ୍ୟ ୩୫୫ଜଣ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

ବରଗଡ଼ ବ୍ଲକ/ପୌରାଞ୍ଚଳରେ ରହିଥିବା ପରୀକ୍ଷାକେନ୍ଦ୍ର ଗୁଡ଼ିକରେ ସର୍ବାଧିକ ୬୦ଜଣ ଅନୁପସ୍ଥିତ ଥିଲେ। ଏଠାରେ ୧୨ଟି ପରୀକ୍ଷାକେନ୍ଦ୍ରରେ ୨୬୩୦ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ବ୍ୟବସ୍ଥା ହୋଇଥିବା ବେଳେ ୨୫୭୦ଜଣ ଉପସ୍ଥିତ ଥିଲେ। ସେହିପରି ଅମ୍ବାଭୋନା ବ୍ଲକରେ ୪ଟି ପରୀକ୍ଷାକେନ୍ଦ୍ର ରହିଥିବାବେଳେ ୭୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୯୦ଜଣ ପରୀକ୍ଷା ଦେଇଥିଲେ। ଅତାବିରା ବ୍ଲକ/ପୌରାଞ୍ଚଳରେ ୯ଟି ପରୀକ୍ଷାକେନ୍ଦ୍ରରେ ୧୬୩୧ ପରୀକ୍ଷାର୍ଥୀଙ୍କ ବ୍ୟବସ୍ଥା ହୋଇଛି। କିନ୍ତୁ ୧୬୦୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ବାକି ୨୮ଜଣ ଅନୁପସ୍ଥିତ ଥିଲେ। ବରପାଲି ବ୍ଲକ/ପୌରାଞ୍ଚଳରେ ୭ଟି ପରୀକ୍ଷାକେନ୍ଦ୍ର ରହିଛି। ଏଠାରେ ସମୁଦାୟ ୧୨୮୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୫୨ଜଣ ପରୀକ୍ଷା ଦେଇଥିଲେ ଏବଂ ୩୭ ଜଣ ଅନୁପସ୍ଥିତ ଥିଲେ। ଭଟଲି ବ୍ଲକର ୫ଟି ପରୀକ୍ଷାକେନ୍ଦ୍ରରେ ୮୫୩ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ହୋଇଥିବାବେଳେ ୮୪୭ଜଣ ପରୀକ୍ଷା ଦେଇଥିଲେ। ସେହିପରି ଭେଡ଼େନ ବ୍ଲକର ୭ଟି ପରୀକ୍ଷାକେନ୍ଦ୍ରର ୧୩୩୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୮୭ଜଣ ଉପସ୍ଥିତ ଥିବାବେଳେ ବାକି ୪୮ଜଣ ପରୀକ୍ଷାକେନ୍ଦ୍ରକୁ ଆସି ନ ଥିଲେ। ବିଜେପୁର ବ୍ଲକ/ପୌରାଞ୍ଚଳର ୭ଟି ପରୀକ୍ଷାକେନ୍ଦ୍ରରେ ୧୨୦୮ ପରୀକ୍ଷାର୍ଥୀଙ୍କ ବ୍ୟବସ୍ଥା ହୋଇଛି । କିନ୍ତୁ ଏଠାରେ ୧୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ବାକି ୧୧୯୬ଜଣ ପରୀକ୍ଷା ଦେଇଥିଲେ। ଗାଇସିଲେଟ ବ୍ଲକରେ ୬ଟି ପରୀକ୍ଷାକେନ୍ଦ୍ରରେ ୧୧୯୩ ଜଣଙ୍କ ପରୀକ୍ଷା ବ୍ୟବସ୍ଥା ହୋଇଛି। କିନ୍ତୁ ୧୧୫୪ଜଣ ପରୀକ୍ଷା ଦେଇଥିବାବେଳେ ବାକି ୩୯ଜଣ ଅନୁପସ୍ଥିତ ଥିଲେ। ଝାରବନ୍ଧ ବ୍ଲକରେ ମଧ୍ୟ ୬ଟି ପରୀକ୍ଷାକେନ୍ଦ୍ର ରହିଛି। ଏଠାରେ ସମୁଦାୟ ୧୧୪୬ ପରୀକ୍ଷାର୍ଥୀ ରହିଥିବାବେଳେ ୧୧୧୯ଜଣ ପରୀକ୍ଷା ଦେଇଥିଲେ। ପାଇକମାଳ ବ୍ଲକର ୬ଟି ପରୀକ୍ଷାକେନ୍ଦ୍ରର ୧୩୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୬୪ ଏବଂ ସୋହେଲା ବ୍ଲକର ୭ଟି ପରୀକ୍ଷାକେନ୍ଦ୍ରର ୧୩୫୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୪୫ଜଣ ପରୀକ୍ଷା ଦେଇଥିଲେ। ସେହିପରି ପଦ୍ମପୁର ବ୍ଲକ/ପୌରାଞ୍ଚଳରେ ୧୦ଟି ପରୀକ୍ଷାକେନ୍ଦ୍ରରେ ୨୨୪୧ଜଣଙ୍କ ପାଇଁ ପରୀକ୍ଷା ଦେବା ବ୍ୟବସ୍ଥା ହୋଇଛି। ମାତ୍ର ଏଠାରେ ୨୨୦୩ଜଣ ପରୀକ୍ଷା ଦେଇଥିବାବେଳେ ବାକି ୩୮ଜଣ ପରୀକ୍ଷାକେନ୍ଦ୍ରକୁ ଆସି ନ ଥିଲେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।




ବରଗଡ଼ ଏକତା ମଞ୍ଚ ପକ୍ଷରୁ ଦିଆଯାଇଥିବା ଧାରଣା।

## ଦ୍ୱିତୀୟ ଦିନରେ ଏକତା ମଞ୍ଚର ଧାରଣା

**ବରଗଡ଼ ଅର୍ବାନ ସିଏଚ୍‌ସି ପ୍ରସଙ୍ଗ**

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ସହରସ୍ଥିତ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଦାବିରେ ମଙ୍ଗଳବାରଠାରୁ ବରଗଡ଼ ଏକତା ମଞ୍ଚ ଆହ୍ୱାନରେ ଗଣଧାରଣା ଆରମ୍ଭ ହୋଇଛି। ବୁଧବାର ଏହି ଧାରଣା ଦ୍ୱିତୀୟ ଦିବସରେ ପହଞ୍ଚିଛି। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ହୋଇଥିବା ଏହି ଧାରଣା କାର୍ଯ୍ୟକ୍ରମରେ ନିପନ କୁମାର ଦାଶ, ଲିପ୍‌ସିତ ମିଶ୍ର, ଭବାନୀ ପ୍ରସାଦ ସାହୁ, ରବି ନାରାୟଣ ପଣ୍ଡା, ବ୍ରହ୍ମାନନ୍ଦ ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଧାରଣା ଦିଆଯାଇଥିଲା। ଆସନ୍ତା ୭ଦିନ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଏକତା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ବାଇକ୍ ଡିକି ଭାଙ୍ଗି ୫୦ ହଜାର ଟଙ୍କା ଚୋରି

**ମନମୁଣ୍ଡା,୧୯।୨(ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡାରେ ବୁଧବାର ଦୁର୍ବୃତ୍ତମାନେ ଏକ ବାଇକ୍ ଡିକି ଭାଙ୍ଗି ୫୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଏକ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ, ଗୁଡଭେଲିପଦରର ଶୁଭ୍ରକାନ୍ତ ମେହେର ମଧ୍ୟାହ୍ନରେ ମନମୁଣ୍ଡାସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଆସିଥିଲେ। ସେ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ପରେ ସେ ସ୍ଥାନୀୟ ଦୈନିକ ବଜାରକୁ ଆସିଥିଲେ। ବଜାର ନିକଟରେ ବାଇକ୍ ରଖି କୌଣସି ଏକ ସାମଗ୍ରୀ କିଣିବାକୁ ବଜାର ଭିତରକୁ ଯାଇଥିଲେ। ସେଠାରୁ ଆସି ଦେଖିଲା ବେଳକୁ ବାଇକ୍ ଡିକି ଭାଙ୍ଗି ହେବା ସହ ୫ ହଜାର ଟଙ୍କା କେହି ଦୁର୍ବୃତ୍ତ ନେଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ଶୁଭ୍ରକାନ୍ତ ମନମୁଣ୍ଡା ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ, ଯୁବକ ଅଟକ

**ମନମୁଣ୍ଡା, ୧୯।୨ (ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ଜଣ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ନେଇ ପୀଡିତାଙ୍କ ବାପା ଥାନାରେ ଏକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ଅଧିକ ପଚରାଉଚୁରା ଚଳାଇଛି। ମିଳିଥିବା ସୂଚନା ମୁତାବକ, ନାବାଳିକା ଜଣକ ଗତ ୨୪ ତାରିଖ ରାତ୍ରିରୁ ଘରୁ ନିଖୋଜ ହୋଇଯାଇଥିଲା। ଏନେଇ ପରିବାରବର୍ଗ ତାଙ୍କୁ ଖୋଜାଖୋଜି କରୁଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ପୀଡିତାଙ୍କ ବାପା ଏବଂ ସମ୍ପର୍କୀୟ ଭାଇ ଝିଅକୁ ଖୋଜିବା ପାଇଁ ଘରୁ ମନମୁଣ୍ଡା ଆସୁଥିଲେ। ସେତିକିବେଳେ ସେକାମାଲ ଗ୍ରାମର ଜଣେ ଯୁବକ ନାବାଳିକାକୁ ଏକ୍ ବାଇକରେ ବସାଇ ନେଉଥିଲେ। ହେଲେ ପୀଡିତାଙ୍କ ବାପା ଗୁଡଭେଲିପଦର ଛକରେ ସେମାନଙ୍କୁ ଅଟକାଇଥିଲେ। ହେଲେ ଯୁବକ ଜଣକ ପୀଡିତାଙ୍କ ବାପା ଏବଂ ସମ୍ପର୍କୀୟ ଭାଇଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ପରେ ସେ ନାବାଳିକାଙ୍କୁ ଛାଡି ଫେରାର ହୋଇଯାଇଥିଲେ। ହେଲେ ପିଡିତାଙ୍କ ବାପା ନାବାଳିକା ଝିଅକୁ ଜୋରଜବରଦସ୍ତ ଘରୁ ଅପହରଣ କରି ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଆଇପିସିର ଦଫା ୩୭୬, ୩୬୩ରେ ଏକ ମାମଲା(ନଂ.୨୬/୨୦) ରୁଜୁକରି ଘଟଣାର ଅଧିକ ତଦନ୍ତ ଚାଲିଥିବା ମନମୁଣ୍ଡା ଥାନା ଆଇଆଇସି ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି।

## ବରପାଲି ଏନଏସିର ପ୍ରଥମ ଅଧକ୍ଷଙ୍କ ପରଲୋକ

**ବରପାଲି, ୧୯।୨ (ଡି.ଏନ.ଏ):** ବରପାଲି ଏନଏସିର ପ୍ରଥମ ଅଧକ୍ଷ ତଥା ଜଣାଶୁଣା ଡାକ୍ତର ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ମଙ୍ଗଳବାର ସକାଳେ ହାଇଦ୍ରାବାଦଠାରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ସେ ହାଇଦ୍ରାବାଦ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରାତି ପ୍ରାୟ ୧୧ଟାରେ ତାଙ୍କ ମରଶରୀରକୁ ବରପାଲି ବାସଭବନକୁ ଅଣାଯାଇଥିଲା। ବୁଧବାର ସକାଳେ ଏକ ଶୋଭାଯାତ୍ରାରେ ନେଇ ମହୁଲପାଲି ସ୍ଥିତ ନିଜ ଚାଷଜମିରେ ତାଙ୍କ ଶବସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସନ୍ତୋଷ ମୁଣ୍ଡ ମୁଖାଗ୍ନି ଦେଇଥିଲେ। ଖବର ପାଇ ଡା. ରାଧେଶ୍ୟାମ ଅଗ୍ରୱାଲ, ଡା. ସରୋଜ ସେଠ, ଡା. ଅବଧୂତ ପଧାନ, ଡା. ଦୁର୍ଗାପ୍ରସାଦ ସାହୁ, ଡା. କାଳୀ ଦାଶ, ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ବିଧାୟିକା ରୀତା ସାହୁ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ମୁଣ୍ଡ ୧୯୫୬ ମସିହାରେ ଡାକ୍ତରି ପାସ୍ କରି କିଛି ବର୍ଷ ଆସିଷ୍ଟାଣ୍ଟ ସର୍ଜନ ଭାବେ କାମ କରି ଅବ୍ୟାହତି ନେଇଥିଲେ। ପରେ ବରପାଲିଠାରେ ଘରୋଇ ଚିକିତ୍ସା କରି ଶିଶୁରୋଗ ଡାକ୍ତର ଭାବେ ଖ୍ୟାତି ଅର୍ଜନ କରିଥିଲେ । ୧୯୭୧ ମସିହାରେ ବରପାଲି ଏନଏସି ଗଠନ ହେବା ପରେ ସେ ପ୍ରଥମ ଏନଏସି ଅଧକ୍ଷ ହୋଇଥିଲେ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ସିନେଟ ସଭ୍ୟ ମଧ ଥିଲେ ।



ଝରାଫୁଲ କାର୍ଯ୍ୟକ୍ରମରେ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଝରାଫୁଲରେ କଳାକାର ସମ୍ବର୍ଦ୍ଧିତ

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନ, ଭାରତୀ ଶିଶୁ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଝରାଫୁଲ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ତଳିପଡ଼ା (ୱାର୍ଡ଼ ନଂ-୪) ନିବାସୀ ବିଶିଷ୍ଟ କଳାକାର ପ୍ରମୋଦ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ତରଣୀସେନ ଦେବତା, ସୁରେନ୍ଦ୍ର ଭୋଇ, ହିମାଂଶୁ ଶେଖର ପ୍ରଧାନ, ଡାକ୍ତର ଭୋଇ ପ୍ରମୁଖ ସମ୍ମାନିତ ଥିି ଭାବେ ଯୋଗଦାନ କରିଥିଲେ।




ଗୁଦୁରାମୁଣ୍ଡାରେ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବିତରଣ କରାଯାଉଛି।

## ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**ଭେଡ଼େନ,୧୯।୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଗୁଦୁରାମୁଣ୍ଡାଠାରେ ବୁଧବାର ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ଦିବସ ପାଳିତ ହୋଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ଆନନ୍ଦ ଭୋଇଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ଆତ୍ମା କମିଟି ସଭାପତି ହରିଶଙ୍କର ବେହେରା ମୁଖ୍ୟ ଅତିଥି, ବ୍ଲକ କୃଷି ଅଧିକାରୀ ପୁରୁଷୋତ୍ତମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଆଲୋଚନା କରିଥିଲେ। ଏହାସହ ମାଟି ପରୀକ୍ଷା କରି ଗୁଣାବତ୍ତା ଅନୁସାରେ ଉପଯୁକ୍ତ ମାତ୍ରାର ସାର ବ୍ୟବହାର ଏବଂ ଜୈବିକ କୃଷି ପଦ୍ଧତି ଉପରେ ଗୁରୁତ୍ୱ ଦେବାକୁ ସଭାରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ବିତରଣ କରାଯାଇଥିଲା। ବିପିଏମ ଦେବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ ସିନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ମହାନଦୀ ସ୍ପୋର୍ଟିଂ ବିଜୟୀ

**ବୌଦ୍ଧ,୧୯।୨(ସ୍ୱ.ପ୍ର.)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ବୌଦ୍ଧ ସିନିୟର ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିବା ପଞ୍ଚମ ଦିନ। ମ୍ୟାଚ ଜେବିସି ବୌଦ୍ଧ ଓ ମହାନଦୀ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାନଦୀ ସ୍ପୋର୍ଟିଂ ବିଜୟ ଲାଭ କରିଛି। ମହାନଦୀ ସ୍ପୋର୍ଟିଂ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜେବିସି କ୍ଲବ ୩୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅବିନାଶ ନାୟକ ୩୦ ବଲ୍‌ରେ ୪୩ ରନ୍ କରିଥିବାବେଳେ ପଞ୍ଚାନନ ପରିଡା ୫୦ ବଲ୍‌ରେ ୨୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ମହାନଦୀ ସ୍ପୋର୍ଟିଂ ୨୮.୧ ଓଭରରେ ୪ ଉଇକେଟ ହରାଇ ୧୭୮ ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟର ଭାବେ ଦେବାଶିଷ କୁମାର ସେଠୀ, ତୁଷାର ତ୍ରିପାଠୀ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱରେ ଓସିଏର ସାଇପ୍ରିୟ ଦାସ ରହିଥିଲେ। ଗୁରୁବାର ମ୍ୟାଚ ପ୍ରଗତି କଣ୍ଟାମାଳ ଓ ବିପିସି ବୌଦ୍ଧ ମଧରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଲମ୍ବରଜୁନାରେ ବିଶ୍ୱଶାନ୍ତି ମହାଯଜ୍ଞ

**ପଦ୍ମପୁର, ୧୯।୨ (ଡି.ଏନ.ଏ):** ପଦ୍ମପୁର ନିକଟ ଲମ୍ବରଜୁନା ହାଇସ୍କୁଲ ପଡିଆଠାରେ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ବିବେକାନନ୍ଦ ମହାରାଜ (ମେରଠ), ସ୍ୱାମୀ ସୁରେଶ୍ୱରାନନ୍ଦ, ସ୍ୱତନ୍ତ୍ରପାଳଶାସ୍ତ୍ରୀ (ଗୁରୁଗ୍ରାମ), ଅଧ୍ୟକ୍ଷ ଭଗବାନ ଦେବ, ପଣ୍ଡିତ ଧୀରେନ୍ଦ୍ର ଶାସ୍ତ୍ରୀ, ପୁରନ୍ଦର ଶାସ୍ତ୍ରୀ ପ୍ରମୁଖ ବିଦ୍ୱାନ ଓ ସାଧୁସନ୍ଥ ଯୋଗଦାନ କରିଥିଲେ। ନବପ୍ରଭାତ ଆଶ୍ରମ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ଓ ବେଦପାଠୀ ବ୍ରହ୍ମଚାରୀମାନଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭାନୁଶଙ୍କର ବିଶ୍ୱାଳ, ଟିକେଶ୍ୱର ବିଶ୍ୱାଳ, ମିନିକେତନ ବିଶ୍ୱାଳ, ଅମୃତଲାଲ ସାହୁ, ସାନନ୍ଦା ଗଡତିଆ, ରଣଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ପୋଲ ତଳୁ ବାଇକ୍ ସହ ଯୁବକଙ୍କ ମୃତଦେହ ଉଦ୍ଧାର

**ଥାନାରେ ଏତଲା: ହତ୍ୟା ମାମଲା ରୁଜୁ**

**ମନମୁଣ୍ଡା/ଗୁଡ଼ଭେଲିପଦର, ୧୯।୨(ଡି.ଏନ୍.ଏ.)**

ବୌଦ୍ଧ ଜିଲା ଗୁଡ଼ଭେଲିପଦର ନିକଟସ୍ଥ ଏକ ନାଳ ପୋଲତଳୁ ମନମୁଣ୍ଡା ଥାନା ପୋଲିସ ବୁଧବାର ସକାଳେ ବାଇକ ସହ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ବାଉଁଶୁଣୀ ଥାନା ବାଦୀକଟାର ଚିନ୍ମୟ ମହାକୁଡ(୪୧)। ମିଳିଥିବା ସୂଚନା ମୁତାବକ, ଚିନ୍ମୟ ପରିବାର ସହ ପଦରପଡ଼ା ମାମୁଁଘରକୁ ଏକ ବାହାଘର ଉତ୍ସବକୁ ଯୋଗଦେବାକୁ ଆସିଥିଲେ। ହେଲେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ସେ ତାଙ୍କ ସ୍ତ୍ରୀ ଯଶୋଦାଙ୍କୁ ସୋନପୁର ଯାଉଥିବା କହିଥିଲେ। ହେଲେ ସେ ପରବର୍ତ୍ତୀ ସମୟରେ ଘରକୁ ଫେରି ନ ଥିଲେ। ଏନେଇ ଯଶୋଦା ଚିନ୍ତିତ ଅବସ୍ଥାରେ ରହିଥିଲେ। ହେଲେ ମଙ୍ଗଳବାର ସକାଳ ସ୍ଥାନୀୟ ବାସିନ୍ଦା ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏପରି କି ସମ୍ପର୍କୀୟ ଜଣେ ଭାଇ ମୃତଦେହ ଚିହ୍ନଟ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଚିନ୍ମୟଙ୍କ ବଡ ଭାଇ ହୃଦୟ ମହାକୁଡ଼ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଏନେଇ ସେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ଚିନ୍ମୟଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଥିବା ଦର୍ଶାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣା ସ୍ଥଳରୁ ଏକ ବାଇକ୍(ନଂ.ଓଡି୩୧ସି-୦୬୫୭)କୁ ଜବତ କରିଛି। ଅନ୍ୟପକ୍ଷେ ଅଭିଯୋଗ ଭିତ୍ତି କରି ପୋଲିସ ଆଇପିସିର ଦଫା ୩୦୨ରେ ଏକ ହତ୍ୟା ମାମଲା(ନଂ.୨୭/୨୦) ରୁଜୁକରି ଘଟଣାର ଛାନଭିନ ଚଳାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଟଙ୍କା ଲୁଟ ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଚିନ୍ମୟଙ୍କ ୨ବର୍ଷର ଜାଆଁଳା ଝିଅ ଅଛନ୍ତି। ଚିନ୍ମୟଙ୍କ ମୃତ୍ୟୁରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଘଣ୍ଟାପଡ଼ାର ୩ କେନ୍ଦ୍ରରେ ୭୫୦ ପରୀକ୍ଷାର୍ଥୀ ପରୀକ୍ଷା ଦେଲେ

**ଘଣ୍ଟାପଡ଼ା,୧୯।୨(ଡି.ଏନ.ଏ.)**



ସମଲେଶ୍ୱରୀ ହାଇସ୍କୁଲ ଘଣ୍ଟାପଡ଼ା ପରୀକ୍ଷା କେନ୍ଦ୍ରରେ ପୋଲିସ କର୍ମଚାରୀମାନେ ଜଗି ରହିଛନ୍ତି।

**ମାଟ୍ରିକ ପରୀକ୍ଷା ଆରମ୍ଭ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଜୋନର ୩ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ହୋଇଥିଲା। ସମଲେଶ୍ୱରୀ ହାଇସ୍କୁଲ ଘଣ୍ଟାପଡ଼ାରେ ୧୬୦ଜଣରୁ ୧୫୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଆଦିବାସୀ ହାଇସ୍କୁଲ ନୂଆଁପାଲିରେ ୩୦୨ଜଣରୁ ୨୯୮ଜଣ ଏବଂ ଜନତା ହାଇସ୍କୁଲ ଆମ୍ବଗାଁରେ ୨୯୮ଜଣଙ୍କ ମଧ୍ୟରୁ ୨୯୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ହୋଇଥିବା ଜଣାପଡିଛି। ଜୋନରେ ସର୍ବମୋଟ ୮ଟି ସ୍କୁଲର ୭୬୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୫୦ ଜଣ ପରୀକ୍ଷା ଦେଇଥିବା ବେଳେ ୧୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଘଣ୍ଟାପଡା କେନ୍ଦ୍ରରେ କଣ୍ଟାମାଳ ବ୍ଲକ ଭିଏଲ୍‌ଡବ୍ଲ୍ୟୁ ପ୍ରମୋଦ ପାଢ଼ୀ, ଆମ୍ବଗାଁ କେନ୍ଦ୍ରରେ ଯନ୍ତ୍ରୀ ସୋମନାଥ ଭୂୟାଁ, ନୂଆଁପାଲି କେନ୍ଦ୍ରରେ ଇଡବ୍ଲ୍ୟୁଇଓ ଜ୍ୟୋତିରଞ୍ଜନ ବେହେରା ପରୀକ୍ଷା ତଦାରଖ ଦାୟିତ୍ୱରେ ଥିବା ବେଳେ ଦିଗାମ୍ବର ସାହୁ, ଦେବରାଜ ସାହୁ ଓ ଅନନ୍ତଚରଣ କ୍ଷେତି ସୁପରିଣ୍ଟେଣ୍ଡେଣ୍ଟ ଭାବେ ରହିଛନ୍ତି। ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ସଙ୍ଗଠନ କର୍ମଶାଳା

**ବୌଦ୍ଧ,୧୯।୨(ସ୍ୱ.ପ୍ର.)**

ନେହେରୁ ଯୁବକେନ୍ଦ୍ର ବୌଦ୍ଧ ପକ୍ଷରୁ ହରଭଙ୍ଗା ବ୍ଲକ ବୀରନରସିଂହପୁର ନର୍ସରିଠାରେ ଏକ ଯୁବ ସଂଗଠନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଗୁରୁ ତଥା ସାମାଜିକ କର୍ମୀ ଦେବାଶିଷ ପୁରୋହିତ ଯୋଗଦେଇ ଯୁବକମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ହରଭଙ୍ଗା ଏବଂ ବୌଦ୍ଧ ବ୍ଲକର ବିଭିନ୍ନ ସଂଗଠନର ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ତୋଫାନ ପରିଡ଼ା ପରିଚାଳନା କରିଥିଲେ।

# ବିକାଶ କ୍ରିକେଟ କ୍ଲବ, ବ୍ଲୁ ଡାଇମଣ୍ଡ ବିଜୟୀ

**ବରଗଡ଼ ଅଫିସ୍,୧୯।୨**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚରେ ବିକାଶ କ୍ରିକେଟ କ୍ଲବ ଏବଂ ବ୍ଲୁ ଡାଇମଣ୍ଡ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବିକାଶ କ୍ରିକେଟ କ୍ଲବ ଏବଂ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଛିନ୍ଦେଇକେଲା ମଧ୍ୟରେ ମ୍ୟାଚ ହୋଇଥିଲା। ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୫୩ରନ ସଂଗ୍ରହ କରିଥିଲା। ଦଳର ଚିନ୍ମୟ ବାଗ ୧୩ରନ ସଂଗ୍ରହ କରିଥିବାବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଅନ୍ୟପଟେ ବିକାଶ କ୍ରିକେଟ କ୍ଲବର ରମେଶ ଚୌହାନ, ପ୍ରଶାନ୍ତ ପାଇକରାୟ, ନିଖିଳ ପାଢ଼ୀ, ଅଭିଷେକ ଶର୍ମା ୨ଟି ଲେଖାଏଁ ଉଇକେଟ ନେଇଥିବାବେଳେ ଗୌରବ ପଣ୍ଡା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବିକାଶ କ୍ରିକେଟ କ୍ଲବ ମଇଦାନକୁ ଓହ୍ଲାଇଥିଲା। ଦଳ ମାତ୍ର ୬ଓଭରରେ ୫୬ରନ ସଂଗ୍ରହ କରି ୯ଉଇକେଟ୍‌ରେ ମ୍ୟାଚକୁ ଜିତିଥିଲା। ଦଳର ରାଜେଶ ୩୬ ଏବଂ ବଲ୍ଲଭ ଓଦାର ୧୩ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ରାଇଜିଂ ଷ୍ଟାରର ଗଜେନ୍ଦ୍ର ବରିହା ଗୋଟିଏ ଉଇକେଟ ନେଇଥିଲେ। ଆନନ୍ଦ ହୋତା, ପ୍ରୟାସ ବଗାର ଅମ୍ପାୟାର ଥିବାବେଳେ ମନୋଜ କୁମାର ପାତ୍ର ଅନଲାଇନ ଓ ଅଶୋକ ସାହୁ ମାନୁଏଲ ସ୍କୋରର ରହିଥିଲେ। ସେହିପରି ବିକାଶ ଖେଳ ପଡ଼ିଆରେ ବରଗଡ଼ର ଆରୱାଇଏସ ଏବଂ ବ୍ଲୁ ଡାଇମଣ୍ଡ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆରୱାଇଏସ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୨.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ରନ ସଂଗ୍ରହ କରିଥିଲା। ଦଳର ପିଣ୍ଟୁ କାଲସା ୩୩ ରନ୍(୫ଚୌକା), କିଶନ ଯାଦବ ୨୭ ରନ୍(୪ଚୌକା) ଏବଂ ନୀଳାଚଳ ୧୪ରନ (୧ଚୌକା) ସଂଗ୍ରହ କରିଥିଲେ। ଅନ୍ୟପଟେ ବ୍ଲୁ ଡାଇମଣ୍ଡର ଜି.ରେହମାନ ସର୍ବାଧିକ ୫ଟି ଉଇକେଟ ନେଇଥିବାବେଳେ ଶ୍ରୀକାନ୍ତ ପ୍ରଧାନ ୩ଟି ଏବଂ ଦିନେଶ ନାୟକ ଓ ରୂପକ ପ୍ରଧାନ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ବ୍ଲୁ ଡାଇମଣ୍ଡ ୧୫.୫ଓଭରରେ ୪ଉଇକେଟ ହରାଇ ୧୦୯ ସଂଗ୍ରହ କରି ମ୍ୟାଚ୍ ଜିତିଥିଲା। ଶ୍ରୀକାନ୍ତ ପ୍ରଧାନ ୪୧ରନ୍ (୬ଚୌକା, ୧ଛକ୍କା), ରୂପକ ପ୍ରଧାନ ୨୯ରନ୍ (୬ଚୌକା), ଲୋକନାଥ ମହାପାତ୍ର ୧୪ରନ୍ (୨ଚୌକା) ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଆରୱାଇଏସର ପ୍ରଶାନ୍ତ ଷଡ଼ଙ୍ଗୀ ୨ଟି ଉଇକେଟ୍ ନେଇଥିବାବେଳେ ନୀଳାଞ୍ଚଳ ପ୍ରଧାନ ଓ ସୁଲତାନ ଖାନ୍ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ପ୍ରଦୀପ କୁମାର ଦାଶ ମ୍ୟାଚ୍ ପରିଚାଳନା କରିଥିବାବେଳେ ରଜତ ଦାଶ ସ୍କୋରର ଦାୟିତ୍ୱରେ ରହିଥିଲେ।

## ବକେୟା ଅସୁଲି, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଆରମ୍ଭ



ବରଗଡ଼ରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କଲାବେଳେ ଉପସ୍ଥିତ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟମାନେ।

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ୱେସ୍କୋ ଡିଭିଜନ ପକ୍ଷରୁ ବକେୟା ବିଦ୍ୟୁତ ବିଲ୍ ଅସୁଲି ଆରମ୍ଭ କରାଯାଇଛି। ଯେଉଁ ଉପଭୋକ୍ତାଙ୍କ ମାତ୍ରାଧିକ ବିଲ୍ ବକେୟା ରହିଛି, ତାଙ୍କ ବିଦ୍ୟୁତ୍ କାଟ୍ କରାଯାଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୧୪ଟି ସ୍କ୍ୱାଡ଼ ସାମିଲ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ବ୍ୟବସାୟିକ (କମର୍ସିଆଲ) ଉପଭୋକ୍ତାଙ୍କ ଉପରେ ନଜର ରଖାଯାଇଛି। ଯେଉଁମାନଙ୍କ ବକେୟା ବିଦ୍ୟୁତ ଦେୟ ୨୫ହଜାର ଟଙ୍କାରୁ ଅଧିକ ରହିଛି, ସେମାନଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଛି ଏବଂ ପରବର୍ତ୍ତୀ ସମୟରେ ଅନ୍ୟ ଉପଭୋକ୍ତାଙ୍କ ଉପରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ୱେସ୍କୋର ନିର୍ବାହୀ ଯନ୍ତ୍ରୀ ଅନୁପମ ଦାଶ କହିଛନ୍ତି।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ସାହିତ୍ୟରେ କପି କରି ଧରାପଡିଲେ ୧୬ ପରୀକ୍ଷାର୍ଥୀ

- ଅନୁପସ୍ଥିତ ରହିଲେ ୧୮୫
- କପି ରୋକିବାକୁ ୧୭ କେନ୍ଦ୍ରରେ ସିସିଟିଭି କ୍ୟାମେରା

ସୋନପୁର,୧୯।୨(ନି.ପ୍ର.): ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି । ପରୀକ୍ଷାକୁ କପିମୁକ୍ତ ଓ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କପି ରୋକିବା ପାଇଁ ଜିଲାର ୧୭ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ବୁଧବାର ଓଡିଆ ଭାଷା(ସାହିତ୍ୟ)ରେ ପରୀକ୍ଷା ଥିଲା। କପି କରିବା ଅଭିଯୋଗରେ ୧୬ ପରୀକ୍ଷାର୍ଥୀ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କ ନେତୃତ୍ୱରେ ଗଠିତ ଫ୍ଲାଇଂ ସ୍କ୍ୱାଡ ଟିମ୍ ହାତରେ ଧରା ପଡିଛନ୍ତି। ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଏହି ଟିମ୍‌ରେ ସାମିଲ ଥିଲେ। ତେବେ ୧୮୫ ପରୀକ୍ଷାର୍ଥୀ କୌଣସି କାରଣରୁ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିଲେ। ପ୍ରଥମ ଦିନରେ ୪୭ ପରୀକ୍ଷା କେନ୍ଦ୍ରରେ ଜିଲାର ମୋଟ ୮ ହଜାର ୫୦୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରତି ପରୀକ୍ଷା କେନ୍ଦ୍ରରେ ନିରାପତ୍ତା ଦୃଷ୍ଟିରୁ ୧/୪ ସେକ୍ସନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ପ୍ରଶ୍ନପତ୍ର ଦେଖିଲା ପରେ ଭୟ ଦୂର ହେଲା

## ଭାଷା ପରୀକ୍ଷା ପରେ ମାଟ୍ରିକ ପରୀକ୍ଷାର୍ଥୀ



ବୀରମହାରାଜପୁର ବାଳକ ହାଇସ୍କୁଲରେ ପରୀକ୍ଷାର୍ଥୀ ।

ଅମରପାଲି, ୧୯।୨ (ଡି.ଏନ.ଏ.)

ଆରମ୍ଭ ହୋଇଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ପରୀକ୍ଷା ପାଇଁ ବର୍ଷତମାମ ପ୍ରସ୍ତୁତ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବା ପୂର୍ବରୁ ଆଶା ଆଶଙ୍କାରେ ଥିଲେ। ପରୀକ୍ଷାରେ ସଫଳତା ପାଇଁ ବିଭିନ୍ନ ସମୟରେ ଶିକ୍ଷକ, ଅଭିଭାବକ, ବିଭିନ୍ନ ପତ୍ରପତ୍ରିକାରୁ ଟିପ୍ସ ମଧ୍ୟ ଦେଉଥିଲେ। ଏସବୁ ଭିତରେ ବୁଧବାର ଥିଲା ମାଟ୍ରିକ ପରୀକ୍ଷାର୍ଥୀଙ୍କ ପ୍ରଥମ ଦିନ। ପ୍ରଥମ ଦିବସରେ ଭାଷା ପରୀକ୍ଷା ଥିଲା। ପରୀକ୍ଷା କେନ୍ଦ୍ରରୁ ବାହାରିଲା ପରେ କେମିତି ହୋଇଛି ପରୀକ୍ଷା ଏବଂ ପରୀକ୍ଷା ଦେଲା ପରେ କଣ ଅନୁଭୂତି ଥିଲା ବଖାଣିଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ପରୀକ୍ଷାର୍ଥୀ ।

### ଛାତ୍ରୀଛାତ୍ରମାନେ ଯାହା କୁହନ୍ତି...



"ମୁଁ ଅମରପାଲି ହାଇସ୍କୁଲରେ ପଢୁଥିଲି । ସ୍କୁଲଠାରୁ ୬କିମି ଦୂର ଲୁତୁରପଙ୍କ ହାଇସ୍କୁଲରେ ମୋର ପରୀକ୍ଷା କେନ୍ଦ୍ର ହୋଇଛି। ପରୀକ୍ଷା ନେବା ପୂର୍ବରୁ ଟିକିଏ ଆଶଙ୍କାରେ ଥିଲି। ପ୍ରଶ୍ନପତ୍ର ପାଇଲା ପରେ ସେହି ଆଶଙ୍କା ଦୂର ହେଲା। ପ୍ରଶ୍ନପତ୍ର ଖୁବ ସହଜ ଥିଲା । ମୁଁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇଛି। ଆଗକୁ ସବୁ ପରୀକ୍ଷା ଭଲ ହେବ ବୋଲି ଆଶା କରୁଛି ।

-ନିଗମ ପ୍ରଧାନ, ଛାତ୍ର, ଅମରପାଲି ହାଇସ୍କୁଲ



"ସୁବଳୟା ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଉଛି। ଉତ୍ସାହର ସହିତ ପରୀକ୍ଷାକୁ ଅପେକ୍ଷା କରିଥିଲି । ପ୍ରଥମ ଦିନରେ ଭାଷା ପରୀକ୍ଷା ଭଲ କରିଛି । ପ୍ରାୟ ୭୫ ପ୍ରତିଶତ ନମ୍ବର ରଖିବି ବୋଲି ଆଶା କରୁଛି ।

ଶ୍ରଦ୍ଧା ଅଗ୍ରୱାଲ, ଛାତ୍ର, ରାଧାମୋହନ ହାଇସ୍କୁଲ ଡୁଲେଶ୍ୱର



"ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଉଛି। ଏହି କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିଛି। ଖୁବ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ହେଉଛି। ଅବଜେକଟିଭ ତୁଳନାରେ ସବଜେକଟିଭ ପ୍ରଶ୍ନ ଖୁବ ସହଜ ହୋଇଥିଲା । ନିର୍ଦ୍ଧାରିତ ସମୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି । ଫଳ ପ୍ରକାଶ ପରେ କେମିତି ନମ୍ବର ଆସିବ ଅପେକ୍ଷା କରିଛି ।

-ବୈଜୟନ୍ତୀ କଂସାରୀ, ଛାତ୍ରୀ କେଞ୍ଜିରିଆପାଲି ହାଇସ୍କୁଲ



"ଖଣ୍ଡହତା ସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛି । ପରୀକ୍ଷାରେ ଭଲ କରିବା ପାଇଁ ଶିକ୍ଷକଙ୍କ ପରାମର୍ଶ ନେବା ସହିତ ବିଭିନ୍ନ ପତ୍ର ପତ୍ରିକାରୁ ପରୀକ୍ଷା ପାଇଁ ଟିପ୍ସ ନେଉଥିଲି । ତେଣୁ ମୋର ପ୍ରଥମ ଦିନର ଭାଷା ପରୀକ୍ଷା ଭଲ ହୋଇଛି । ପ୍ରାୟ ୮୦ ପ୍ରତିଶତ ନମ୍ବର ରହିବ ବୋଲି ଆଶା କରୁଛି ।

ମଧୁସୂଦନ ସାହୁ, ଛାତ୍ର ବାପୁଜୀ ହାଇସ୍କୁଲ କମିରା

### ବରିଷ୍ଠ ନାଗରିକ, ଉଲୁଣ୍ଡା ପୋଲିସର ବୈଠକ

ଉଲୁଣ୍ଡା, ୧୯।୨(ଡି.ଏନ.ଏ.)

ଉଲୁଣ୍ଡା ଥାନା ପରିସରରେ ବରିଷ୍ଠ ନାଗରିକଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବିଦ୍ୟୁଭୂଷଣ ପୁଟାଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଥାନା ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଦିଆଯାଇଥିବା ପ୍ରମାଣ ପତ୍ର ଦ୍ୱାରା କି ସୁବିଧା ପାଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ରାମହରୀ ପାଣ୍ଡିଆ, ସୌମିତ୍ରୀ ପୁରୋହିତ, ଶିତାରାମ ପାଣଗ୍ରାହୀ, ଛନ୍ଦାଚରଣ ଦାସ, ଏସଆଇ ଏସ.କେ ଆଚାର୍ଯ୍ୟ, ପ୍ରହ୍ଲାଦ ପାଢୀ, ଅଭିମନ୍ୟୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କୂଅରେ ପଡ଼ି ବ୍ୟକ୍ତି ମୃତ

ଡୁଙ୍ଗୁରିପାଲି, ୧୯।୨(ଡି.ଏନ.ଏ.)

ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ଗ୍ରାମର ଜଣେ ବ୍ୟକ୍ତି ମଙ୍ଗଳବାର ରାତିରେ କୂଅରେ ପଡିଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍କିପାଲି ଗ୍ରାମର ମାଘୁ ଭୁଏ(୫୫)। ରାତିରେ ସେ ଘରକୁ ଫେରୁଥିବା ବେଳେ ରାସ୍ତା କଡରେ ଥିବା ଏକ କୂଅରେ ପଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ କୂଅରୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାମପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# କିଷାନ କ୍ରେଡ଼ିଟ୍ କାର୍ଡ଼ରେ ଅନ୍ତର୍ଭୁକ୍ତ ହେବେ ହିତାଧିକାରୀ

ବରଗଡ଼ ଅଫିସ୍,୧୯।୨

ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ସମସ୍ତ ହିତାଧିକାରୀଙ୍କୁ କିଷାନ କ୍ରେଡ଼ିଟ କାର୍ଡ଼ରେ ଅନ୍ତର୍ଭୁକ୍ତ କରାଯିବ। ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ନାବାର୍ଡ଼ ଓ କୃଷି ବିଭାଗ ପକ୍ଷରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଆହୁରି ସୂଚନା ଦିଆଯାଇଥିଲା, ବରଗଡ଼ ଜିଲାର ୧ଲକ୍ଷ ୬୩ହଜାର ୪୨୨ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେଥିମଧ୍ୟରୁ ୧ଲକ୍ଷ ୪୬ହଜାର ୧୨୮ଜଣ ପ୍ରଥମ କିସ୍ତି ୨ହଜାର ଟଙ୍କା ଲେଖାଏଁ ପାଇଛନ୍ତି । ୮୮ହଜାର ୨୭୧ଜଣ ଚାଷୀ ତୃତୀୟ କିସ୍ତି ପାଇଛନ୍ତି। ସମସ୍ତ ପିଏମ କିଷାନ ଯୋଜନାର ହିତାଧିକାରୀଙ୍କୁ କିଷାନ କ୍ରେଡ଼ିଟ କାର୍ଡ଼ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସରକାରଙ୍କ ଆଭିମୁଖ୍ୟ। ଏହାଦ୍ୱାରା ସେମାନେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଫ୍ରି ଲୋନ ନେଇ ପାରିବେ ଏବଂ ଚାଷକାର୍ଯ୍ୟରେ ଲଗାଇ ତାର ସଦୁପଯୋଗ କରିପାରିବେ। ଉକ୍ତ ଖବରଦାତା ସମ୍ମିଳନୀରେ ନାବାର୍ଡ଼ର ଏଜିଏମ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଏସଡ଼ିସିସି ବ୍ୟାଙ୍କର ମୁଖ୍ୟ ନିର୍ବାହୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଏବଂ ସିନିୟର ବ୍ୟାଙ୍କ ମ୍ୟାନେଜରମାନେ ଉପସ୍ଥିତ ଥିଲେ।

## ସିନ୍ଧୁରପୁର ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ: ପ୍ରାର୍ଥିପତ୍ର ଫର୍ମ ପ୍ରଦାନ ଆରମ୍ଭ

ବିନିକା,୧୯।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଧୁରପୁର ପଞ୍ଚାୟତ ସରପଞ୍ଚ ପଦବୀ ନେଇ ମାର୍ଚ୍ଚ ୨୦ରେ ଉପନିର୍ବାଚନ ହେବ। ଏନେଇ ବୁଧବାର ପ୍ରାର୍ଥିପତ୍ର ଫର୍ମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ବିନିକା ବିଡିଓ ବିଶ୍ୱ ରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବ୍ଲକ କାର୍ଯ୍ୟାଳୟରେ ସିନ୍ଦୂରପୁର ପଞ୍ଚାୟତ ଉପନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ଫର୍ମ ପ୍ରଦାନ କରାଯାଇଛି। ସିନ୍ଦୂରପୁର ପଞ୍ଚାୟତ ମଣିଗାଁ ଗ୍ରାମର ସୁଭଦ୍ରା ପଧାନ ନାମକ ଜଣେ ମହିଳା ଆବଶ୍ୟକ କାଗଜପତ୍ର ଦେଇ ପ୍ରାର୍ଥୀପତ୍ର ଫର୍ମ ନେଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ପଞ୍ଚାୟତ ନିର୍ବାଚନରେ ସିନ୍ଧୁରପୁର ସରପଞ୍ଚ ଭାବେ ତପସ୍ୱିନୀ ପଣ୍ଡା ବିଜୟୀ ହୋଇଥିଲେ। ହେଲେ ସରପଞ୍ଚ ପଣ୍ଡାଙ୍କ ୩ଟି ସନ୍ତାନ ଥିବା ପ୍ରମାଣିତ ହେବାରୁ କୋର୍ଟ ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିଥିଲେ। ଏନେଇ ସିନ୍ଧୁରପୁର ପଞ୍ଚାୟତର ସରପଞ୍ଚ ପଦବୀ ଖାଲି ପଡିଛି।

# ବ୍ଲକ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ତରଭା, ୧୯।୨(ଡି.ଏନ.ଏ.)

### ଜେଲଗଲେ ଅଙ୍ଗନୱାଡି କର୍ମୀ



ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଡିଏସଡବ୍ଲୁଓ ଅକ୍ଷେରିଆ କେର୍କେଟାଙ୍କୁ ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ଜରାଜାରିଙ୍ଗି ପଞ୍ଚାୟତ ଅନ୍ତର୍ଗତ ତିଲେସରା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ରରେ ଛୁଆଙ୍କୁ ଖାଦ୍ୟ ଦେବାରେ ଅନିୟମିତତା ଦେଖି ଅଙ୍ଗନୱାଡି କର୍ମୀ ନିରୂପମା ବାଗଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତରଭା ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ସିଡିପିଓ ସବିତା ଦୋରା ମଙ୍ଗଳବାର ସନ୍ଧ୍ୟାରେ ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଦଫା ୪୦୯ରେ ଏକ ମାମଲା (ନଂ. ୨୭/୨୦) ରୁଜୁ କରି ଅଙ୍ଗନୱାଡି କର୍ମୀଙ୍କୁ ଆଶ୍ରିତ ଉଜ୍ୱଳା ଗୃହରେ ରଖାଯାଇଥିଲା। ବୁଧବାର ତରଭା ଥାନା ଆଇଆଇସି ଡୋଳାମଣୀ ଭୋଇ ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ନିରୂପମାଙ୍କୁ ତରଭା ଜେଏମଏଫସି କୋର୍ଟକୁ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ସଭାପତି ତଥା ତିଲେସରା ଅଙ୍ଗନୱାଡି କେନ୍ଦ୍ରର କର୍ମୀ ନିରୂପମା ବାଗଙ୍କୁ ସୋନପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଙ୍ଗନୱାଡି କର୍ମଚାରୀ ଜେଲ ଯିବା ଘଟଣାକୁ ବିରୋଧ କରି ବୁଧବାର ତରଭା ବ୍ଲକରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କର୍ମୀ ଓ ହେଲପରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଆଇସିଡିଏସ୍ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତରଭାକୁ ଆସିଥିବା ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସଡବ୍ଲୁଓ) ଅକ୍ଷେରିଆ କେର୍କେଟାଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବର୍ତ୍ତମାନ ବଜାରରେ ମିଳୁଥିବା ଅଣ୍ଡା ସରକାରୀ ଦରଠାରୁ ଅଧିକ ଦର ରହିଛି ଏବଂ ଚାଉଳ ଯୋଗାଣ ସମୟରେ କମ ପରିମାଣରେ ଚାଉଳ ଯୋଗାଣ ହେଉଛି । ରନ୍ଧାଖାଦ୍ୟ ପାଇଁ ଜାଳେଣୀ ଯୋଗାଇ ଦେବା ସହ ବଜାର ଦରରେ ଖର୍ଚ୍ଚ ଦିଆଯାଉ। ଏଥିସହିତ ଜିଲାପାଳ ନିଜେ ରନ୍ଧାଖାଦ୍ୟ ଦାୟିତ୍ୱ ବହନ କରନ୍ତୁ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ କେନ୍ଦ୍ର ବନ୍ଦ ରହିବ ବୋଲି ପ୍ରକାଶ କରିଛନ୍ତି । ଏ ନେଇ ଡିଏସଡବ୍ଲୁଓ କେର୍କେଟାଙ୍କୁ ପଚାରିବାରୁ ଅଙ୍ଗନୱାଡି ହେଲପରମାନେ ରନ୍ଧାଖାଦ୍ୟ ଶିଶୁଙ୍କୁ ଯୋଗାଇଦେବା ସହ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବେ ବୋଲି ସୂଚନା ଦେଇଥିଲେ । ଆଜିର ଧାରଣାରେ ସଂଘ ସମ୍ପାଦକ ନମିତା ମଞ୍ଜରୀ ଶତପଥୀ, କସ୍ତୁରୀ ବୁଧିଆ, ପଙ୍କଜିନି ନାଏକ, ଦମୟନ୍ତୀ ହୋତା, ଆରତୀ ମେହେରଙ୍କ ସମେତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକା, ମିନି ଅଙ୍ଗନୱାଡି କର୍ମୀ ସାମିଲ ଥିଲେ।

# ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲା ପ୍ରଶାସନ

ଉଲୁଣ୍ଡା, ୧୯।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଢେଲେଇ ଗ୍ରାମର ସୁରେନ୍ଦ୍ର ଭରାସାଗର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ନିର୍ଯାତନାର ଶିକାର ହୋଇଥିବା ଜିଲା ଶ୍ରମ କାର୍ଯ୍ୟାଳୟରେ ତାଙ୍କ ଭାଇ ଅଭିଯୋଗ କରିଥିଲେ। ପରେ ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାକା ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ସହ ଉକ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଫଳରେ ତେଲେଙ୍ଗାନା ବାଇଗନପେଟ ଅଞ୍ଚଳର ଏକ ଇଟାଭାଟିରୁ ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ବୁଧବାର ଘରକୁ ଫେରାଇ ଆଣିଛି ପ୍ରଶାସନ । ସୂଚନା ମୁତାବକ ସୁରେନ୍ଦ୍ର ପରିବାର ଲୋକଙ୍କ ଗୁଜୁରାଣ ମେଣ୍ଟାଇବା ପାଇଁ ଦାଦନ ଖଟି ଯାଇଥିଲେ। ମାତ୍ର ଉକ୍ତ ଅଞ୍ଚଳର ଏକ ଇଟାଭାଟିରେ ଦୀର୍ଘ ୩ ମାସ କାମ କଲାପରେ ପାରିଶ୍ରମିକ ବଦଳରେ ନିର୍ଯାତନାର ଶିକାର ହୋଇଥିଲେ। ଇଟାଭାଟି ମାଲିକ ମୋବାଇଲ ଜବତ କରିନେବା ସହ ପାରିଶ୍ରମିକ ବାବଦକୁ ସର୍ଦ୍ଦାରଙ୍କୁ ଟଙ୍କା ଦିଆଯାଇଥିବା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ସୁରେନ୍ଦ୍ର କାମ ଛାଡି ଚାଲିଯିବାର ସନ୍ଦେହ କରି ଜଗୁଆଳୀଙ୍କୁ ନଜର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଅନ୍ୟୁପାୟ ନ ପାଇ ସୁରେନ୍ଦ୍ର କିଛିଦିନ ସେଠାରେ କାମ କଲାପରେ ସ୍ଥାନୀୟ ଜଣେ ଯୁବକଙ୍କ ସାହାଯ୍ୟରେ ନିଜ ପରିବାର ଲୋକଙ୍କୁ ସମସ୍ୟା ବିଷୟରେ ଫୋନ ଯୋଗେ ଅବଗତ କରାଇଥିଲେ। ପରେ ତାଙ୍କ ସାନଭାଇ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ପ୍ରଶାସନ ସୁରେନ୍ଦ୍ରଙ୍କୁ ଉଦ୍ଧାର କରିବା ପାଇଁ ତତ୍ପରତା ଦେଖାଇଥିଲା। ତେଲେଙ୍ଗାନର ଜଣେ ଓଡିଆ ଅଫିସରଙ୍କ ସହାୟତାରେ ସ୍ଥାନୀୟ ଆରକ୍ଷୀ ଅଧିକ୍ଷକ ଏକ ଟିମ ଗଠନ କରି ଦାଦନ ଖଟୁଥିବା ସୁରେନ୍ଦ୍ରଙ୍କୁ ଇଟାଭାଟିରୁ ଉଦ୍ଧାର କରି ଟ୍ରେନ ଯୋଗେ ବଲାଙ୍ଗୀର ପଠାଇ ଦେଇଥିଲେ। ବଲାଙ୍ଗୀର ରେଳ ଷ୍ଟେଶନରୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଆଣି ଗାଡି ଯୋଗେ ତାଙ୍କ ଘରକୁ ଆଣିଥିଲେ। ପରେ ଜିଲା ଶ୍ରମ ଅଧିକାରୀ ଖାକା ସୁରେନ୍ଦ୍ରଙ୍କ ବାସଭବନରେ ପହଞ୍ଚି ଆଲୋଚନା କରିବା ସହିତ ନିଜ ଜିଲାରେ କାମ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ଜଉଁରାଭଉଁରା ପଞ୍ଚାୟତ ଢେଲେଇ ସ୍ଥିତ ନିଜ ବାସଗୃହ ଭାଙ୍ଗିଯିବା ପରେ ଉଲୁଣ୍ଡା ସଦର ଗଣ୍ଡାବାହାଲର ଜଣେ ସମ୍ପର୍କୀୟଙ୍କ ଘରେ ସୁରେନ୍ଦ୍ର ନିଜ ପରିବାର ସହ ଆଶ୍ରୟ ନେଇଥିବା ଜଣାପଡିଛି। ତେବେ ସୁରେନ୍ଦ୍ରଙ୍କ ସ୍ତ୍ରୀ, ମାଆ, ଭାଇ ଏବଂ ୨ ଝିଅଙ୍କୁ ଦାନା ଯୋଗାଇବାରେ ଅସମର୍ଥ ହେବାରୁ ଦାଦନ ଯିବାକୁ ବାଧ ହୋଇଥିବା ପ୍ରକାଶ କରିଛନ୍ତି।

# ମହଙ୍ଗା ଭତ୍ତା ଜୁଲାଇରୁ ଲାଗୁ କରିବାକୁ ଓଷ୍ଟାର ଦାବି

ସୋନପୁର,୧୯।୨(ନି.ପ୍ର.)

ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ୫% ମହଙ୍ଗା ଭତ୍ତା ୨୦୨୦ ଜାନୁୟାରୀ ପହିଲା ପରିବର୍ତ୍ତେ ୨୦୧୯ ଜୁଲାଇ ପହିଲାରୁ ଲାଗୁ କରିବା ପାଇଁ ସଂଘ ଦାବି କରିଛି । ସେହିପରି ଅନୁଦାନରୁ ବାଦ୍ ପଡିଥିବା ସମସ୍ତ ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କରିବା, ସପ୍ତମ ବେତନ ପ୍ରଦାନରୁ ବାକିଥିବା ୫୦% ତୁରନ୍ତ ପ୍ରଦାନ କରିବା। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ସପ୍ତମ ବେତନ, ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ତୁରନ୍ତ ପ୍ରଦାନ କରିବା, ୪୮ବର୍ଷ ବୟସରେ ପଦାର୍ପଣ କରିଥିବା ଓ ସ୍ନାତ୍ତୋକତ୍ତର ଡିଗ୍ରୀଧାରୀ ହିନ୍ଦୀ ସଂସ୍କୃତ ଶିକ୍ଷକମାନଙ୍କୁ ଟିଜିଟି ସ୍କେଲ ପ୍ରଦାନ, ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଖାଲିଥିବା ସହକାରୀ ଶିକ୍ଷକ ନିଯୁକ୍ତି ଓ ଅବସର ବୟସ ସୀମାକୁ ୬୨କୁ ବୃଦ୍ଧି କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି । ଓଷ୍ଟା ସୁବର୍ଣ୍ଣପୁର ଜିଲା ଶାଖାର କାର୍ଯ୍ୟକାରୀ ସଭାପତି ମୁରଲୀଧର ବଡମାଳୀ, ସମ୍ପାଦକ ସୁଶୀଲ କୁମାର ବିଶି, ଉପଦେଷ୍ଟା ପ୍ରମୋଦ କୁମାର ପଣ୍ଡା, ଅମୀୟ ମହାନ୍ତି, ସଂଗ୍ରାମ ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର ଓ ପ୍ରହ୍ଲାଦ ସାହୁ ପ୍ରମୁଖ ସ୍ମାରକପତ୍ର ଉପସ୍ଥିତ ଥିଲେ ।



ଶିକ୍ଷକ ସଂଘର କର୍ମକର୍ତ୍ତା ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ଆହାର ନିଶ୍ଚିତ କରିବ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ

ସୋନପୁର,୧୯।୨(ନି.ପ୍ର.)



ଦିବସ ପାଳନ ଅବସରରେ କୃଷି ଅଧିକାରୀମାନେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପୁସ୍ତିକା ପ୍ରଦର୍ଶିତ କରୁଛନ୍ତି ।

ମାଟି ହେଉଛି ଉଦ୍ଭିଦ ଖାଦ୍ୟର ଗନ୍ତାଘର। ଯୁଗଯୁଗ ଧରି ଏକ ନିର୍ଦ୍ଦିଷ୍ଟ ମାଟିରେ ଏକ ପ୍ରକାର ଫସଲ ଉତ୍ପାଦନ ଯୋଗୁଁ ଉଦ୍ଭିଦର ଉପାଦାନ କମିବାରେ ଲାଗିଛି। ଅବିଚାରିତ ଭାବେ ରାସାୟନିକ ସାର ପ୍ରୟୋଗ ଫଳରେ ମାଟିରେ ଅମ୍ଳତା ତଥା କ୍ଷାରତା ବଢିଚାଲିଛି। ଭବିଷ୍ୟତରେ ଏମିତି ଦିନ ଆସିବ ଏହି ଅମ୍ଳତା ଓ କ୍ଷାରତା ଯୋଗୁଁ ମାଟି ମୃତ ହୋଇଯିବାର ସମ୍ଭାବନା ଅଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ ଜେନା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିବସ ପାଳନ ଅବସରରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜେନା କହିଥିଲେ ଯେ, ଏହାକୁ ଲକ୍ଷ୍ୟ ରଖି ଫେବୃୟାରୀ ୨୦୧୫ମସିହା ୧୯ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରାଜସ୍ଥାନର ସୁରତଗଡଠାରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ଆରମ୍ଭ ହୋଇଥିଲା। ଦେଶର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବୁଧବାର ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିବସ ପାଳନ କରାଯାଉଛି । ମାଟି ଭଳି ଅମୂଲ୍ୟ ସମ୍ପଦକୁ ରକ୍ଷା କରିବା ଓ ଭବିଷ୍ୟତ ବଂଶଧରଙ୍କ ଆହାର ନିଶ୍ଚିତ କରିବା ପାଇଁ ମାଟିର ଯତ୍ନ ନେବା ଉଚିତ। ମାଟିର ସ୍ୱାସ୍ଥ୍ୟକାର୍ଡ ଆଧାରିତ ପରାମର୍ଶ ଅନୁସାରେ ସନ୍ତୁଳିତ ସାର ପ୍ରୟୋଗ ନିମନ୍ତେ ଅଧିକ ସଚେତନ ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ଜେନା କହିଥିଲେ। ବୁଧବାର ଜିଲାର ସୋନପୁର, ତରଭା, ବିନିକା, ଡିଙ୍ଗୁରିପାଲି, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଆଦର୍ଶ ଗ୍ରାମ ମଧୁପୁର, ଡୁମେରପାଲି, ଘୋଡାଧାର, ଚିନାଜୁରି, ପଥରଘାଟ ଓ ଲସ୍ତଲାରେ ଏହି ଦିବସଟିକୁ ପାଳନ କରାଯାଇଛି। ଶିବିରରେ ଅଧିକ ଉତ୍ପାଦନ ପାଇଁ ମାତ୍ରାଧିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ମୃତ୍ତିକାର କିପରି ସ୍ୱାସ୍ଥ୍ୟହାନୀ ହୋଇଥାଏ । ଫସଲର ପୋଷକତତ୍ତ୍ୱ ଧାରଣ କରିଥିବା ମାଟିର ସ୍ୱାସ୍ଥ୍ୟ ରକ୍ଷା କରିବା କେତେ ଜରୁରୀ ତାହା ବିଶେଷଜ୍ଞ ମାନେ ଚାଷୀମାନଙ୍କୁ ବୁଝାଇଥିଲେ ବୋଲି ସୂଚନା ଦିଆ ଯାଇଥିଲା । ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ଏଲଡିଏମ ସରୋଜ କୁମାର ଦାଶ, ସୋନପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ, ମୃତ୍ତିକା ରସାୟନବିତ୍ ଡ. ପ୍ରତାପ କୁମାର ସାହୁ, ସୋନପୁର କୃଷି ଉପନିର୍ଦ୍ଦେଶକ ଶ୍ରୀନିବାସ ମଲ୍ଲିକ ଓ ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ନରେନ୍ଦ୍ର ସାହୁ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### କୂଅରେ ପଡ଼ି ବ୍ୟକ୍ତି ମୃତ

ଡୁଙ୍ଗୁରିପାଲି, ୧୯।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ଗ୍ରାମର ଜଣେ ବ୍ୟକ୍ତି ମଙ୍ଗଳବାର ରାତିରେ କୂଅରେ ପଡିଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରାମପୁର ଥାନା ତଥା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ଗ୍ରାମର ମାଘୁ ଭୁଏ(୫୫)। ଗତ ରାତିରେ ସେ ଘରକୁ ଫେରୁଥିବା ବେଳେ ରାସ୍ତା କଡରେ ଥିବା ଏକ କୂଅରେ ପଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ କୂଅରୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ତାନାରେ ଏକ ଅପମୃତ୍ୟୁ ମାମଲା ( ନଂ. ୧/୨୦) ରୁଜୁ ହୋଇଛି।

### ବରିଷ୍ଠ ନାଗରିକ, ଉଲୁଣ୍ଡା ପୋଲିସର ବୈଠକ

ଉଲୁଣ୍ଡା, ୧୯।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପରିସରରେ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ବୈଠକ ବୁଧୁବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବିଦ୍ୟୁଭୂଷଣ ପୁଟାଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏଥିରେ ଥାନା ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଦିଆଯାଇଥିବା ପ୍ରମାଣ ପତ୍ର ଦ୍ୱାରା କି ସୁବିଧା ପାଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷ କରି ସେମାନେ ସ୍ୱାସ୍ଥ୍ୟ, ଗମନାଗମନ, ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ଆଗ୍ରାଧିକାର ଭିତିରେ ପାଇପାରିବେ। ଯଦି ପରିବାରରେ ବରିଷ୍ଠ ବ୍ୟକ୍ତି ଏକାକି ରହୁଥିବେ କିମ୍ବା ପରିବାରରେ ଯଦି କୌଣସି ସମସ୍ୟା ଥାଏ ତାହାହେଲେ ଥାନର ଆଶ୍ରୟ ନେଇପାରିବେ ବୋଲି ଆଇଆଇସି ସୂଚନା ଦେଇଥିଲେ।

# ମାଟ୍ରିକ ପରୀକ୍ଷା କେନ୍ଦ୍ରରୁ ସିସିଟିଭି ଅପସାରଣ ନେଇ ଘେରିଲେ

**ଅଭିଭାବକଙ୍କ ବିଚିତ୍ର ଦାବି**

ବଲାଙ୍ଗୀର ଅଫିସ,୧୯।୨

କପି କରିବା ପାଇଁ ପରୀକ୍ଷା କେନ୍ଦ୍ରରୁ ସିସିଟିଭି ଅପସାରଣ କରାଯିବାର ବିଚିତ୍ର ଦାବି ନେଇ କେତେକ ଅଭିଭାବକ ଦୀର୍ଘ ଅଧଘଣ୍ଟା କାଳ ପରୀକ୍ଷା କେନ୍ଦ୍ରକୁ ଘେରାଉ କରି ରଖିବା, ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ, ଓ ପରୀକ୍ଷକଙ୍କୁ ଧମକ ଚମକ ଦେବା ଘଟଣା ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ସରଗାଡ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ, ସୁନିୟନ୍ତ୍ରିତ, ସ୍ୱଚ୍ଛ, ଅବାଧ ଓ ଚାପମୁକ୍ତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି । ଏହିକ୍ରମରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ସରଗାଡ ସ୍ଥିତ ଲାଲବାହଦୁର ସରକାରୀ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷ ସିସି ଟିଭି ଲଗାଯାଇଛି । ଏହି ପରୀକ୍ଷା କେନ୍ଦ୍ରରେ ଲାଗିଥିବା ସିସି ଟିଭି ସବୁକୁ ତୁରନ୍ତ ଅପସାରଣ କରାଯିବାକୁ ବୁଧବାର ମାଟ୍ରିକ ପରୀକ୍ଷାର୍ଥୀଙ୍କ କେତେକ ଅଭିଭାବକ ଦାବି କରି ପରୀକ୍ଷା କେନ୍ଦ୍ରକୁ ଘେରାଇ କରିଥିଲେ । ବୁଧବାର ପ୍ରଥମ ଦିନର ମାଟ୍ରିକ ପରୀକ୍ଷା ଆରମ୍ଭ ହେବା ପରେ ପରୀକ୍ଷା କେନ୍ଦ୍ର ବାହାରେ ପରୀକ୍ଷାର୍ଥୀଙ୍କ କେତେକ ଅଭିଭାବକ ପାଟିତୁଣ୍ଡ କରି ନାରାବାଜି କରିଥିଲେ। ସେଠାରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଆଡିସନାଲ ତହସିଲଦାର ପାଟିତୁଣ୍ଡ କରୁଥିବା ଅଭିଭାବକଙ୍କୁ ବୁଝାଇଥିଲେ। ଏହାପରେ ସେମାନେ ଚୁପ୍ ରହିଥିଲେ । ତେବେ ପରୀକ୍ଷା ସରିବା ପରେ ଦିନ ପ୍ରାୟ ସାଢ଼େ ୧୨ଟାରେ ବହୁ ସଂଖ୍ୟାକ ଅଭିଭାବକ ପରୀକ୍ଷା କେନ୍ଦ୍ରକୁ ବାହାର ପଟୁ ଘେରି ରହିଥିଲେ । ଗେଟ୍ ଖୋଲିବାକୁ ଦେଇ ନ ଥିବାରୁ ପରୀକ୍ଷା ସରିବା ପରେ ମଧ ପରୀକ୍ଷାର୍ଥୀମାନେ ବାହାରି ପାରି ନ ଥିଲେ। ସିସିଟିଭି ଅପସାରଣ କରା ନ ଗଲେ ପରିସ୍ଥିତି ଭୟାବହ ହେବ ବୋଲି କିଛି ଅଭିଭାବକ ଧମକ ଚମକ ଦେଇଥିଲେ । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗା ନ ଯାଇ ସରଗାଡ କେନ୍ଦ୍ରରେ କାହିଁକି ସିସିଟିଭି ଲଗାଯାଇଛି ବୋଲି ପ୍ରଶ୍ନ କରିଥିଲେ । ତେବେ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ, ପରୀକ୍ଷକ କେହି ବାହାରକୁ ନ ବାହାରିବାରୁ ପ୍ରାୟ ଅଧ ଘଣ୍ଟା ଧରି ସ୍କୁଲ ଗେଟ୍‌କୁ ବନ୍ଦ କରିବା ପରେ ଅଭିଭାବକମାନେ ସେଠାରୁ ଚାଲିଯାଇଥିଲେ । ଆଗାମୀ ପରୀକ୍ଷା ପୂର୍ବରୁ ସିସିଟିଭି ଅପସାରଣ କରାନ ଗଲେ ଅଡୁଆ ପରିସ୍ଥିତି ହେବ ବୋଲି ଧମକ ଦିଆଯାଇଛି ଏହି ବିଦ୍ୟାଳୟର ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ ବେହେରା ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଧ୍ରୁବଚରଣ ବେହେରାଙ୍କୁ ଅବଗତ କରିଥିବା ଜଣାପଡିଛି । ଏନେଇ ଡିଇଓ ବେହେରାଙ୍କୁ ପଚରାଯିବାରୁ ଆଜିର ପରୀକ୍ଷା ଶାନ୍ତିଶୃଙ୍ଖଳାରେ ସରିଛି । ସରଗାଡଠାରେ କେତେକ ଅଭିଭାବକ ପରୀକ୍ଷା କେନ୍ଦ୍ରରୁ ସିସି ଟିଭି ଅପସାରଣ କରିବାକୁ ଦାବି କରି ହୋହଲ୍ଲା କରିଥିବା ସୂଚନା ମିଳିଥିବା ଜଣାଇଥିଲେ। ଏନେଇ ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି ସେ ଜଣାଇଛନ୍ତି ।

### ଗଛରେ ପିଟି ହେଲା ବାଇକ, ଆରୋହୀ ମୃତ

ଦେଓଗାଁ, ୧୯।୨(ଡି.ଏନ.ଏ.)

ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଦେଷଣ୍ଡ ଖଲିଆମୁଣ୍ଡାରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ବାଇକ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ବ୍ଲକ କୁମପଥର ଗାଁର ବିଶିକେଶନ ଧରୁଆ(୩୦)। ଆହତ ଜିତୁ ଗୁରୁଙ୍କୁ ଚିକିତ୍ସା ପାଇଁ ବଲାଙ୍ଗୀର ପଠାଯାଇଛି ବୋଲି ପୋଲିସ ସୂଚନା ଦେଇଛି । ଖବରପାଇ ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀ ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସାମ୍ବିଧାନିକ ମାନ୍ୟତା ନେଇ କୋଶଲୀ ଭାଷା ସଂଗ୍ରାମୀଙ୍କ ଦିଲ୍ଲୀ ଯାତ୍ରା

ଟିଟିଲାଗଡ଼, ୧୯।୨ (ଡି.ଏନ.ଏ)




ଦିଲ୍ଲୀ ଅଭିମୁଖେ ବାହାରିଥିବା କୋଶଲୀ ଭାଷା ସୁରକ୍ଷା ଅଭିଯାନର କର୍ମକର୍ତ୍ତା।

କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ ଦିଲ୍ଲୀରେ ଧାରଣା କାର୍ଯ୍ୟକ୍ରମ ନେଇ ଟିଟିଲାଗଡ କୋଶଲି ଭାଷା ସୁରକ୍ଷା ଅଭିଯାନ ସମିତିର ଏକ ଟିମ ବୁଧବାର ମଧ୍ୟାହ୍ନରେ ସମତା ଏକ୍ସପ୍ରେସ ଯୋଗେ ଟିଟିଲାଗଡ ଛାଡିଛନ୍ତି। ଏହି ଦଳରେ ସମିତିର ସଭ୍ୟ କବି ଚର୍ତୁଭୁଜ ସାଆନ୍ତ, ସୁଶାନ୍ତ ବାଗ, ଅଧାପକ ଦିଲୀପ ପଶାୟତ, ପୁଲସ୍ତି ବେହେରା, ଚୈତନ୍ୟ ଭୋଇ, ସାହିତ୍ୟିକ ନିମାଇଁ ଚରଣ ପାଣିଗ୍ରାହୀ, ଗାଇସିଲେଟର ଭାଷା ସଂଗ୍ରାମୀ ଗଜପତି ସାହୁ, ଅରବିନ୍ଦ ଚନ୍ଦ୍ର ପଣ୍ଡା, ସରୋଜ ସାହୁ ସାମିଲ ଅଛନ୍ତି। ସଂଗ୍ରାମୀଙ୍କ ଦିଲ୍ଲୀ ଯାତ୍ରା ପୂର୍ବରୁ ଅନୁଷ୍ଠିତ ଏକ ସଂକ୍ଷିପ୍ତ ସଭାରେ ସମିତି ସଭାପତି ଭିକାରି ମିଶ୍ର, ସମ୍ପାଦକ ନିଲମଣୀ ସାହୁ, ବରିଷ୍ଠ ଶିକ୍ଷାବିତ ସେବକ ଚରଣ ଦାଶ, କବି ଦୁବ ହରପାଲ ପ୍ରମୁଖ ବହୁ ଭାଷାବିତ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପରେ ରେଳ ଷ୍ଟେଶନ ଯାଇ ସଂଗ୍ରାମୀଙ୍କୁ ବିଦାୟ ତଥା ଶୁଭେଚ୍ଛା ଜଣାଇଥିଲେ। ୨୧ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ପଶ୍ଚିମ ଓଡିଶା କୋଶଲୀ ଭାଷା କ୍ରିୟାନୁଷ୍ଠାନ କମିଟିଙ୍କ ନେତୃତ୍ୱରେ ଦିଲ୍ଲୀ ଜନ୍ତରମନ୍ତରରେ ଧାରଣା ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ରାଜ୍ୟ ସରକାର କୋଶଲୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ନେଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରିଥିବା ବେଳେ କେନ୍ଦ୍ର ସରକାର ତୁରନ୍ତ ଏନେଇ ବିହିତ ପଦକ୍ଷେପ ଗ୍ରହଣ କରୁ ବୋଲି ସଭାପତି ମିଶ୍ର କହିଛନ୍ତି।

## ୩ ପଞ୍ଚାୟତରେ ରୋଜଗାର ଦିବସ ପାଳିତ

ଟିଟିଲାଗଡ଼, ୧୯।୨ (ଡି.ଏନ.ଏ)

ଟିଟିଲାଗଡ ବ୍ଲକ ପ୍ରଶାସନ ଏବଂ ଆଶା ଅନୁଷ୍ଠାନ କୁର୍ସୁଡର ମିଳିତ ଆନୁକୂଲ୍ୟରେ ବ୍ଲକ ଅନ୍ତର୍ଗତ ଶଗଡଘାଟ, ସିଲୁଆଁ ଏବଂ ପରାସରା ପଞ୍ଚାୟତ କାର୍ଯ୍ୟାଳୟରେ ରୋଜଗାର ଦିବସ ବୁଦବାର ପାଳିତ ହୋଇଯାଇଛି। ବିଡିଓ ନବୀନ ଚନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ନବୀନ ଅଗସ୍ତି, ଯନ୍ତ୍ରୀ ବିଭୁତିଭୂଷଣ ନାୟକ, ଆଶା ସମ୍ପାଦକ ସଞ୍ଜିବ ପଟ୍ଟନାୟକ ପ୍ରମୁଖ ଗସ୍ତ କରି ଏମଜିଏନଆରଇଜିଏ ଯୋଜନାରେ କର୍ମ ନିଯୁକ୍ତି ନେଇ ଶ୍ରମିକଙ୍କୁ ଉତ୍ସାହିତ କରିଛନ୍ତି। ଶଗଡଘାଟ ପଞ୍ଚାୟତରେ ଅନୁଷ୍ଠିତ ସଭାରେ ନାଏବ ସରପଞ୍ଚ ତହସିଲ ସାହୁ, ଇଓ ସୁରେଶ ମିଶ୍ର, ଜିଆରଏସ ବିଭୁଦତ ପୁରୋହିତ, କର୍ମକର୍ତ୍ତା ପ୍ରଦୀପ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ୧୩୭ ଜଣ ଅଣକୁଶଳି ଶ୍ରମିକ ନାମ ପଞ୍ଜିକରଣ ସହ କାର୍ଯ୍ୟ ଆବେଦନ କରିଥିଲେ। ପରାସରା ପଞ୍ଚାୟତରେ ୬୧ ଜଣ ଶ୍ରମିକ ପଞ୍ଜିକରଣ ସହ କାର୍ଯ୍ୟ ଆବେଦନ କରିଥିଲେ। ସରପଞ୍ଚ ଲୟ ଜାନୀ, ଇଓ ପଞ୍ଚାନନ ସାମଲ, ଆଶା କର୍ମକର୍ତା ପରମେଶ୍ୱର ରଣା, ଶ୍ରାବଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସିଲୁଆଁ ପଞ୍ଚାୟତରେ ୮୩ ଜଣ ନାମ ପଞ୍ଜିକରଣ ସହ କାର୍ଯ୍ୟ ଆବେଦନ କରିଥିଲେ। ଜିଆରଏସ ରମେଶ ମାଝୀ, ଆଇଏନଆରଏମ ବିଶେଷଜ୍ଞ କଲ୍ପନା କୁମାରି ବିଦ୍ୟା ନାଗ, ଆଶା କର୍ମକର୍ତ୍ତା ଡଉଲ ମହାନନ୍ଦ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଦାଦନ ପ୍ରବଣ ଭାବରେ ଏହି ବ୍ଲକରେ ରାଜ୍ୟ ସରକାର ଦୁଇ ଶହ ଦିନର କାର୍ଯ୍ୟ ପ୍ରଦାନ ସହ ଶ୍ରମିକ ମଜୁରି ୨୮୬ଟଙ୍କାକୁ ବୃଦ୍ଧି କରିଛନ୍ତି। ଶ୍ରମିକ ପରିବାର ଯୋଜନାରେ ଲାଭାନ୍ୱିତ ହେବାକୁ ବିଡିଓ ବିଭିନ୍ନ ସଭାରେ ଉତ୍ସାହିତ କରିଥିଲେ।

# ଓଡ଼ିଶା ପାୱାର ଲିଫ୍ଟିଂ ଫେଡେରେଶନକୁ ୭ ସ୍ୱର୍ଣ୍ଣ

ଟିଟିଲାଗଡ଼, ୧୯।୨ (ଡି.ଏନ.ଏ)




ଟିଟିଲାଗଡରେ ପହଞ୍ଚିବା ପରେ କୃତୀ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଗୁରଗାଁଓ ହରିୟାନାଠାରେ ଅନୁଷ୍ଠିତ ଭାରତଶ୍ରୀ ନ୍ୟାଶନାଲ ଦେଡଲିଫ୍ଟ ଏବଂ ବଡି ବିଲଡିଙ୍ଗ ଓ ପାୱାର ଲିଫ୍ଟି ପ୍ରତିଯୋଗିତାରେ ଓଡିଶା ପାୱାର ଲିଫ୍ଟିଂ ଫେଡେରେସନ କ୍ରୀଡାବିତ ବିଭିନ୍ନ କିଲୋଗ୍ରାମ ବର୍ଗରେ ୭ ସ୍ୱର୍ଣ୍ଣ ଏବଂ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୂର୍ବରୁ ୧୪ ଥର ରାଜ୍ୟ ତଥା ଜାତୀୟ ଜୁନିୟର ଏବଂ ସିନିୟର ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଆସିଥିବା ସୁଦାମ ସାହୁ ଚଳିତ ପ୍ରତିଯୋଗିତାରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପୂର୍ବ ସ୍ୱର୍ଣ୍ଣ ପଦକ ବିଜେତା ଚୈତନ୍ୟ ଘିବେଲା, କରୁନା ବିଭାର, ସାହାଦ ଖାନ, ମିନା ସୁନା, କେ. ସନ୍ତୋଷ, ସୁଧାଂଶୁ ଶେଖର ବାରିକ ପ୍ରମୁଖ ପାୱାର ଲିଫ୍ଟିଂ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସୁଧାଂଶୁ ଏବଂ ଚୈତନ୍ୟ ଏସିଆ ପାୱାର ଲିଫ୍ଟିଂ ଚାମ୍ପିୟନଶିପରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ଏମଡି ସକିଲ ଖାନ, ରବିନ୍ଦ୍ର ଟୁଡୁ ବଡି ବିଲଡଙ୍ଗ ବିଭାଗରେ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି। କୋଚ ସୁଦାମ ସାହୁ ଏବଂ ସହକାରୀ କୋଚ କାଞ୍ଚନ ମହାରଣା ଏହି ଦଳର ନେତୃତ୍ୱ ନେଇଥିଲେ। ଫେଡେରେସନ (ଏନପିଏଫ)ର ଜାତୀୟ ସଭାପତି ରବି ଶର୍ମାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ରୀଡାବିତ ଫେଡେରେସନ ସଭାପତି ରୁପନାରାୟଣ ସିଂ ଏବଂ ପୂର୍ବ ଭାରତ ସଭାପତି ଆର୍ତ୍ତତ୍ରାଣ ପ୍ରଧାନଙ୍କୁ ଏହି ଅବସରରେ ଏନପିଏଫ ପକ୍ଷରୁ ଖେଳରତ୍ନ ଏବଂ ଭାରତଶ୍ରୀ ଖେଳ ସ୍ୱାଭିମାନ ସମ୍ମାନ ପ୍ରଦାନ କରାଯାଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଚିନି ମୋନିକା, ଉପସଭାପତି ଆଇନଜୀବୀ ବିରେନ୍ଦ୍ର ବାଗ, ନିତିଶ କୁମାର, ଦେବାଶିଷ ମହାନ୍ତି, ବିକ୍ରମ ସ୍ୱାଇଁ, ରବିନାରାୟଣ ମିଶ୍ର, ରାମଦେବ ଦୀପ, ମିଚେଲ ଜନ କ୍ରୀଡାବିତଙ୍କ ସଫଳତା ନେଇ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। କ୍ରୀଡାବିତ ଦିଲ୍ଲୀରୁ ରେଳ ଯୋଗେ ଟିଟିଲାଗଡରେ ପହଞ୍ଚିଥିଲେ। ଟିଟିଲାଗଡ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ବରିଷ୍ଠ ଆଇନଜୀବୀ ଶ୍ୟାମାପ୍ରସାଦ ଗରିଆ, ସାରଙ୍ଗଧର ବାଗ, ଯୋଗେଶ ସାହୁ, ବିଦ୍ୟାଧର ଭରାସାଗର, ଶ୍ୟାମ ସୁନା, ଗୁଖରାଙ୍ଗ ମିର୍ଜା, ପିନ୍ଟୁ ବାଗ, ସନ୍ତୋଷ ସିହ୍ନା ପ୍ରମୁଖ ବହୁ ଉପସ୍ଥିତ ରହି କ୍ରୀଡାବିତ୍‌ମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଦୁଇ ବାଲ୍ୟ ବିବାହ ରୋକିଲା ପ୍ରଶାସନ

ବଲାଙ୍ଗୀର ଅଫିସ/ଲୋଇସିଂହା, ୧୯।୨ (ଡି.ଏନ୍.ଏ.)

ଲୋଇସିଂହା ବ୍ଲକ ରେଙ୍ଗାଲିରେ ହେବାକୁ ଥିବା ଦୁଇଟି ବାଲ୍ୟ ବିବାହକୁ ଜିଲା ପ୍ରଶାସନ ରୋକିଛି। ଗାଁର ଦୁଇ ନାବାଳିକା ଝିଅଙ୍କ ବିବାହ ତାଙ୍କ ପରିବାର ଲୋକେ ସ୍ଥିର କରିଥିଲେ । ଗୋଟିଏ ଝିଅର ବିବାହ ଫେବୃୟାରୀ ୨୯ରେ ହେବାର ଥିଲା । ଏହି ଝିଅକୁ ୧୭ ବର୍ଷ ବୋଲି ଜଣାପଡିଥିଲା । ସେହିପରି ଏହି ଗାଁର ଅନ୍ୟ ଜଣେ ୧୭ବର୍ଷୀୟା ଝିଅର ବିବାହ ମାର୍ଚ୍ଚ ୧୨ରେ ସ୍ଥିରୀକୃତ ହୋଇଥିଲା । ନାବାଳିକା ବିବାହ ଆଇନସିଦ୍ଧ ହୋଇ ନ ଥିବାବେଳେ ବେଆଇନ ଭାବେ ଏହି ଦୁଇ ଝିଅଙ୍କ ବିବାହ କରାଯାଉଥିବା ନେଇ ଚାଇଲ୍ଡ ଲାଇନ୍ ସୂଚନା ପାଇ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଅବଗତ କରିଥିଲେ । ଏହାପରେ ଜିଲାପାଳ ତୁରନ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ଙ୍କୁ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ଡିଏସ୍‌ଡବ୍ଲ୍ୟୁଓ ଲୋଇସିଂହା ସିଡିପିଓଙ୍କୁ ନିର୍ଦ୍ଦେଶ ଦେବାରୁ ବୁଧବାର ସିଡିପିଓ ପ୍ରଜ୍ଞାରାଣୀ ବାରିକ, ଡିସିପିୟୁର ସାରିକା ପୁରୋହିତ ଓ ସଦର ଥାନା ପୋଲିସ ଟିମ୍ ରେଙ୍ଗାଲୀ ଗାଁକୁ ଯାଇ ଉଭୟ ନାବାଳିକା ଝିଅଙ୍କ ପରିବାର ଲୋକଙ୍କୁ ସାକ୍ଷାତ୍ କରି ସେମାନଙ୍କୁ ସୁପରାମର୍ଶ ଦେଇ ନାବାଳିକା ଝିଅଙ୍କୁ ବିବାହ ନ କରିବାକୁ ବୁଝାଇଥିଲେ । ଏହାପରେ ଗାଁ ଲୋକେ ମଧ ଉଭୟ ପରିବାରକୁ ବାଲ୍ୟ ବିବାହ ନ କରିବାକୁ କହିଥିଲେ । ଶେଷରେ ଉଭୟ ପରିବାର ବାଲ୍ୟ ବିବାହ ନକରିବାକୁ ରାଜି ହୋଇଥିବା ଜଣାପଡିଛି। ଏନେଇ ସିଡିପିଓ ବାରିକଙ୍କୁ ପଚରାଯିବାରୁ ଜିଲାପାଳ ଓ ଡିଏସ୍‌ଡବ୍ଲ୍ୟୁଙ୍କ ନିର୍ଦ୍ଦେଶକ୍ରମେ ରେଙ୍ଗାଲି ଗାଁକୁ ଆସି ବାଲ୍ୟ ବିବାହ କରିବାକୁ ଥିବା ଦୁଇ ପରିବାରକୁ ବୁଝାସୁଝା କରାଯାଇଛି। ସେମାନେ ତାଙ୍କର ନାବାଳିକା ଝିଅଙ୍କୁ ଏବେ ବିବାହ ନ କରିବାକୁ ରାଜି ହୋଇଥିବା ସେ ଜଣାଇଛନ୍ତି । ଠିକଣା ସମୟରେ ଉଚିତ୍ ପଦକ୍ଷେପ ଯୋଗୁଁ ଜିଲାର ଦୁଇଟି ନାବାଳିକା ଝିଅଙ୍କ ବିବାହ ରୋକିବାରେ ପ୍ରଶାସନ ସଫଳ ହୋଇଥିବାରୁ ଗ୍ରାମବାସୀ ମଧ ଖୁସି ବ୍ୟକ୍ତ କରିଥିବା ଜଣାପଡିଛି।

## ମହଙ୍ଗା ଭତ୍ତା ଜୁଲାଇରୁ ଲାଗୁ କରିବାକୁ ଓଷ୍ଟାର ଦାବି

ସୋନପୁର,୧୯।୨(ନି.ପ୍ର.)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ୫% ମହଙ୍ଗା ଭତ୍ତା ୨୦୨୦ ଜାନୁୟାରୀ ପହିଲା ପରିବର୍ତ୍ତେ ୨୦୧୯ ଜୁଲାଇ ପହିଲାରୁ ଲାଗୁ କରିବା ପାଇଁ ସଂଘ ଦାବି କରିଛି । ସେହିପରି ଅନୁଦାନରୁ ବାଦ୍ ପଡିଥିବା ସମସ୍ତ ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କରିବା, ସପ୍ତମ ବେତନ ପ୍ରଦାନରୁ ବାକିଥିବା ୫୦% ତୁରନ୍ତ ପ୍ରଦାନ କରିବା। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ସପ୍ତମ ବେତନ, ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ତୁରନ୍ତ ପ୍ରଦାନ କରିବା, ୪୮ବର୍ଷ ବୟସରେ ପଦାର୍ପଣ କରିଥିବା ଓ ସ୍ନାତ୍ତୋକତ୍ତର ଡିଗ୍ରୀଧାରୀ ହିନ୍ଦୀ ସଂସ୍କୃତ ଶିକ୍ଷକମାନଙ୍କୁ ଟିଜିଟି ସ୍କେଲ ପ୍ରଦାନ, ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଖାଲିଥିବା ସହକାରୀ ଶିକ୍ଷକ ନିଯୁକ୍ତି ଓ ଅବସର ବୟସ ସୀମାକୁ ୬୨କୁ ବୃଦ୍ଧି କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି । ଓଷ୍ଟା ସୁବର୍ଣ୍ଣପୁର ଜିଲା ଶାଖାର କାର୍ଯ୍ୟକାରୀ ସଭାପତି ମୁରଲୀଧର ବଡମାଲୀ, ସମ୍ପାଦକ ସୁଶୀଲ କୁମାର ବିଶି, ଉପଦେଷ୍ଟା ପ୍ରମୋଦ କୁମାର ପଣ୍ଡା, ଅମୀୟ ମହାନ୍ତି, ସଂଗ୍ରାମ ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର ଓ ପ୍ରହ୍ଲାଦ ସାହୁ ପ୍ରମୁଖ ସ୍ମାରକପତ୍ର ଉପସ୍ଥିତ ଥିଲେ ।



ଶିକ୍ଷକ ସଂଘର କର୍ମକର୍ତ୍ତା ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ଆହାର ନିଶ୍ଚିତ କରିବ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ

ସୋନପୁର,୧୯।୨(ନି.ପ୍ର.)

ମାଟି ହେଉଛି ଉଦ୍ଭିଦ ଖାଦ୍ୟର ଗନ୍ତାଘର। ଯୁଗଯୁଗ ଧରି ଏକ ନିର୍ଦ୍ଦିଷ୍ଟ ମାଟିରେ ଏକ ପ୍ରକାର ଫସଲ ଉତ୍ପାଦନ ଯୋଗୁଁ ଉଦ୍ଭିଦର ଉପାଦାନ କମିବାରେ ଲାଗିଛି। ଅବିଚାରିତ ଭାବେ ରାସାୟନିକ ସାର ପ୍ରୟୋଗ ଫଳରେ ମାଟିର ଅମ୍ଳତା ତଥା କ୍ଷାରତା ବଢିଚାଲିଛି। ଭବିଷ୍ୟତରେ ଏମିତି ଦିନ ଆସିବ ଏହି ଅମ୍ଳତା ଓ କ୍ଷାରତା ଯୋଗୁଁ ମାଟି ମୃତ ହୋଇଯିବାର ସମ୍ଭାବନା ଅଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ ଜେନା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିବସ ପାଳନ ଅବସରରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜେନା କହିଥିଲେ ଯେ, ଏହାକୁ ଲକ୍ଷ୍ୟ ରଖି ଫେବୃୟାରୀ ୨୦୧୫ମସିହା ୧୯ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରାଜସ୍ଥାନର ସୁରତଗଡଠାରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ଆରମ୍ଭ ହୋଇଥିଲା। ଦେଶର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବୁଧବାର ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିବସ ପାଳନ କରାଯାଉଛି। ମାଟି ଭଳି ଅମୂଲ୍ୟ ସମ୍ପଦକୁ ରକ୍ଷା କରିବା ଓ ଭବିଷ୍ୟତ ବଂଶଧରଙ୍କ ଆହାର ନିଶ୍ଚିତ କରିବା ପାଇଁ ମାଟିର ଯତ୍ନ ନେବା ଉଚିତ। ମାଟିର ସ୍ୱାସ୍ଥ୍ୟକାର୍ଡ ଆଧାରିତ ପରାମର୍ଶ ଅନୁସାରେ ସନ୍ତୁଳିତ ସାର ପ୍ରୟୋଗ ନିମନ୍ତେ ଅଧିକ ସଚେତନ ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ଜେନା କହିଥିଲେ। ବୁଧବାର ଜିଲାର ସୋନପୁର, ତରଭା, ବିନିକା, ଡିଙ୍ଗୁରିପାଲି, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଆଦର୍ଶ ଗ୍ରାମ ମଧୁପୁର, ଡୁମେରପାଲି, ଘୋଡାଧାର, ଚିନାଜୁରି, ପଥରଘାଟ ଓ ଲସ୍ତଲାରେ ଏହି ଦିବସଟିକୁ ପାଳନ କରାଯାଇଛି। ଶିବିରରେ ଅଧିକ ଉତ୍ପାଦନ ପାଇଁ ମାତ୍ରାଧିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ମୃତ୍ତିକାର କିପରି ସ୍ୱାସ୍ଥ୍ୟହାନୀ ହୋଇଥାଏ । ଫସଲର ପୋଷକତ୍ୱ ଧାରଣ କରିଥିବା ମାଟିର ସ୍ୱାସ୍ଥ୍ୟ ରକ୍ଷା କରିବା କେତେ ଜରୁରୀ ତାହା ବିଶେଷଜ୍ଞ ମାନେ ଚାଷୀମାନଙ୍କୁ ବୁଝାଇଥିଲେ ବୋଲି ସୂଚନା ଦିଆଯାଇଥିଲା । ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ଏଲଡିଏମ ସରୋଜ କୁମାର ଦାଶ, ସୋନପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ, ମୃତ୍ତିକା ରସାୟନବିତ୍ ଡ. ପ୍ରତାପ କୁମାର ସାହୁ, ସୋନପୁର କୃଷି ଉପନିର୍ଦ୍ଦେଶକ ଶ୍ରୀନିବାସ ମଲ୍ଲିକ ଓ ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ନରେନ୍ଦ୍ର ସାହୁ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ ।



ଦିବସ ପାଳନ ଅବସରରେ କୃଷି ଅଧିକାରୀମାନେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପୁସ୍ତିକା ପ୍ରଦର୍ଶିତ କରୁଛନ୍ତି ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଗୁଡଭେଲା ବ୍ଲକ: ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

**ଗୁଡଭେଲା, ୧୯।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ୭ଟି କେନ୍ଦ୍ରରେ ବୁଧବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମଦିନ ମାତୃଭାଷା ପରୀକ୍ଷା ହୋଇ ଯାଇଥିବା ବେଳେ ଏକ ହଜାର ସାତ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଚଳିତ ପରୀକ୍ଷା ପାଇଁ ୧୦୨୮ ଜଣ ପରୀକ୍ଷା ଦେବାର ଥିବା ବେଳେ ୨୧ଜଣ ଅନୁପସ୍ଥିତ ରହିଥିବା ବିଭାଗ ପକ୍ଷରୁ ପ୍ରକାଶ । ତୁଷୁରା ବାଳକ ଉଚ୍ଚ ବିଦ୍ୟାଳୟ, ଗୋପୀନାଥ ଏକାଡେମୀ ବଡଙ୍ଗୋମୁଣ୍ଡା ଉଚ୍ଚ ବିଦ୍ୟାଳୟ ଓ ଗୁଡଭେଲା ଉଚ୍ଚ ବିଦ୍ୟାଳୟରେ ସିସିସି କ୍ୟାମେରା ଲଗାଯାଇଥିବା ବେଳେ ଦୁଇଟି ସ୍କାଡ ଗଠନ କରାଯାଇଥିବା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରମେଶ ସାର୍ଥକ ପ୍ରକାଶ କରିଛନ୍ତି।

### ଟିକ୍ରାପଡ଼ା ନୋଡାଲ ହାଇସ୍କୁଲ: ୪ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଟିକ୍ରାପଡା,୧୯।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ନୋଡାଲ ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି । କେନ୍ଦୁଉଡାର ଅଖିଳ ଭାରତୀୟ ଅଦିବାସୀ ହାଇସ୍କୁଲର ୫୬ ଓ କେଓମାଲ ହାଇସ୍କୁଲର ୩୪ଜଣ ଏହିପରି ୯୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାର ଥଲା । ତେବେ ୪ ଜଣ ଅନୁପସ୍ଥିତ ରହିବାରୁ ୮୬ ଜଣ ପରୀକ୍ଷା ଦେଇଥିଲେ । କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ବିନାୟକ କୁମାର ଦାୟିତ୍ୱ ତୁଲାଇଥିଲେ ।

### ଟିଟିଲାଗଡ଼ ମହାଶିବରାତ୍ର ମେଳା ଚୂଡାନ୍ତ ପ୍ରସ୍ତୁତି ବୈଠକ

**ଟିଟିଲାଗଡ, ୧୯।୨ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚଳିତ ମାସ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମହାଶିବରାତ୍ର ମେଳା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ପାନୀୟ ଜଳ, ପରିମଳ, ସଫେଇ, ଶୌଚାଳୟ, ଅଗ୍ନିଶମ, ସ୍ୱାସ୍ଥ୍ୟ, ବିଦ୍ୟୁତିକରଣ, ଶାନ୍ତିଶୃଙ୍ଖଳା, ଷ୍ଟଲ, ଦୋଳି, ମୀନାବଜାର, ଟ୍ରାଫିକ, ସୂଚନାକେନ୍ଦ୍ର, ସାଇକେଲ, ବାଇକ ଓ କାର ଷ୍ଟାଣ୍ଡ, କୀର୍ତ୍ତନ ମଣ୍ଡପ, ଜାଗର ଉପରେ ଆଲୋଚନା ହୋଇଥିଲା। ପୌର ପରିଷଦ ତରଫରୁ ପ୍ରତିଦିନ ସଫେଇ ସହ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ, ଆଲୋକ ଓ ଶୌଚାଳୟ ବ୍ୟବସ୍ଥା କରାଯିବ। ୱେସ୍କୋ ତରଫରୁ ସାମୟିକ ଟ୍ରାନ୍ସଫର୍ମର ସହ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆମ୍ବୁଲାନ୍ସ ସହ ପ୍ରାଥମିକ ଚିକିତ୍ସା ଓ କେନ୍ଦ୍ର ସ୍ଥାପନ, ଅଗ୍ନିଶମ ସଂସ୍ଥା ଦ୍ୱାରା ଅଗ୍ନିଶମ କର୍ମଚାରୀ ଓ ଗାଡି ବ୍ୟବସ୍ଥା, ସହରରେ ଟ୍ରାଫିକ ନିୟନ୍ତ୍ରଣ ଓ ମେଳା ସ୍ଥାନରେ ୧ ପ୍ଲାଟୁନ ପୋଲିସ ମୁତୟନ, ରାହାଜାନି ରୋକିବା ପାଇଁ ବ୍ୟବସ୍ଥା ସହ ଶୃଙ୍ଖଳିତ ଦର୍ଶନ ଉପରେ ଆଲୋଚନା ହୋଇ ସମ୍ପୃକ୍ତ ଅଧିକାରୀ ଏବଂ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ମେଳାରେ ୬୬୨ଟି ଷ୍ଟଲ ଖୋଲିବ । ବୈଠକରେ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ, ଟ୍ରଷ୍ଟି ସଭ୍ୟ ଭବାନୀ ପ୍ରସାଦ ହୋତା, ସଞ୍ଜିବ ପାଢ଼ୀ, ସୁଧିର ମିଶ୍ର, ରଣଜିତ ପୃଷ୍ଟି, ଧବଳେଶ୍ୱର ଦଳବେହେରା, ପ୍ରଶାନ୍ତ ଷଡଙ୍ଗୀ, ସୁବୋଧ ଦାସ, ବିଶ୍ୱଜିତ ପାତ୍ର, ଅଶୋକ ପଣ୍ଡା, ଭୁପତି ବାରିକ, ଅଗ୍ନିଶମ ଅଧିକାରୀ, ଏସଡିଆଇପିଆରଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଶାନ୍ତିଶୃଙ୍ଖଳାର ସହ ସରିଲା ପ୍ରଥମ ଦିନ ପରୀକ୍ଷା

**ବଲାଙ୍ଗୀର ଅଫିସ, ୧୯।୨**

- ବଲାଙ୍ଗୀର ଜିଲାରେ ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା
- କପି କରି ଧରାପଡିଲେ ୩ ଜଣ ପରୀକ୍ଷାର୍ଥୀ
- ପ୍ରଶ୍ନପତ୍ର ଭାଇରାଲ ଖବର ଏକ ଗୁଜବ: ଡିଇଓ



ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଯିବାପୂର୍ବରୁ ପରୀକ୍ଷକମାନେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରୁଛନ୍ତି ।

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବଲାଙ୍ଗୀର ଜିଲାରେ ଶାନ୍ତିଶୃଙ୍ଖଳାର ସହ ଜିଲାର ୧୫୪ଟି ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷା କେନ୍ଦ୍ର, ୩ଟି ମଧ୍ୟମା ଓ ୩ଟି ରାଜ୍ୟ ମୁକ୍ତ ସ୍କୁଲ ସାର୍ଟିଫିକେଟ ପରୀକ୍ଷା କେନ୍ଦ୍ର ଏଭଳି ସମୁଦାୟ ଜିଲାରେ ୧୬୦ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ସମ୍ପନ୍ନ ହୋଇଛି। ନିର୍ଦ୍ଧାରିତ ସମୟରେ କଡା ସୁରକ୍ଷା ବଳୟ ଭିତରେ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚା ଯାଇଥିଲା । ଛାତ୍ରୀଛାତ୍ରମାନେ ମଧ ପୂର୍ବାହ୍ନ ପ୍ରାୟ ୯ଟାରେ ନିଜ ନିଜ ପରୀକ୍ଷା କେନ୍ଦ୍ରକୁ ପହଞ୍ଚିଥିଲେ । ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କଲାବେଳେ ପରୀକ୍ଷାର୍ଥୀଙ୍କୁ କଡାକଡି ଯାଞ୍ଚ କରାଯାଇଥିଲା । କୌଣସି ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଯେଭଳି କପି, ମୋବାଇଲ, ଡିଜିଟାଲ ଘଣ୍ଟା ବା ଅନ୍ୟ କୌଣସି ଅଦାରକାରୀ ଜିନିଷ ନେବେ ନାହିଁ ପରୀକ୍ଷକମାନେ ତାହା ଯାଞ୍ଚ କରିଥିଲେ । ପ୍ରଥମ ଦିନ ଭାଷା ସାହିତ୍ୟ ବିଷୟ ପରୀକ୍ଷା ଥିଲା ଓ ଜିଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତିଶଙ୍ଖଳାର ସହ ପରୀକ୍ଷା ହୋଇଥିବା ଜଣାପଡିଛି । ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ପାଇଁ ଗଠିତ ସ୍କ୍ୱାଡଗୁଡିକ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । ଏହା ସହିତ ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ମଧ୍ୟ ଅବସ୍ଥାପିତ କରାଯାଇଥିଲା । ପ୍ରଥମ ଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ହୋଇଥିବାରୁ ପରୀକ୍ଷାର୍ଥୀମାନେ ସହଜବୋଧ କରିଥିବା ଜଣାପଡିଛି । ପରୀକ୍ଷା ପୂର୍ବରୁ ଥିବା ଚାପ ବା ଭୟ ସାମାନ୍ୟ ଦୂର ହୋଇଛି ।

ଚଳିତବର୍ଷ ବଲାଙ୍ଗୀର ଜିଲାରେ ୧୫୪ଟି ପରୀକ୍ଷା କେନ୍ଦ୍ରରେ ୨୩ ହଜାର ୩୦୮ ରେଗୁଲାର ପରୀକ୍ଷାର୍ଥୀ ଓ ୧୧୪୬ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଏଭଳି ଜିଲାରେ ସର୍ବମୋଟ ୨୪ ହଜାର ୪୫୪ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି । ମଧ୍ୟମା ସଂସ୍କୃତ ପରୀକ୍ଷା ୩ଟି କେନ୍ଦ୍ର ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ, ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ପାଟଣାଗଡ ରମାଇ ହାଇସ୍କୁଲରେ ୧୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମର ୩ଟି ପରୀକ୍ଷା କେନ୍ଦ୍ର ବଲାଙ୍ଗୀର ଟାଉନ ଉଚ୍ଚ ବିଦ୍ୟାଳୟ, କଅଁସିଲ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଓ ଯୋଗୀମୁଣ୍ଡା ଉଚ୍ଚ ବିଦ୍ୟାଳୟଠାରେ ସମୁଦାୟ ୨୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପତ୍ର ବିନିମୟ ପାଠ୍ୟକ୍ରମରେ ୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ଜିଲାର ବଙ୍ଗୋମୁଣ୍ଡା ଅଞ୍ଚଳରେ ପ୍ରଶ୍ନପତ୍ର ଭାଇରାଲ ହେଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା । ତେବେ ଏହା ଏକ ଗୁଜବ ଥିଲା ବୋଲି ଜଣାପଡିଛି । ଜିଲାରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସୂଚନା ଦେଇଛନ୍ତି । ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ନେଇ କିଛି ଛାତ୍ରୀଛାତ୍ର ସେମାନଙ୍କ ମତାମତ ଦେଇ କଡାକଡି ପରୀକ୍ଷା ହେଲେ ଉତ୍ତମ ଛାତ୍ରୀଛାତ୍ରମାନେ ଉପକୃତ ହେବେ ଓ ଏହାଦ୍ୱାରା ପରୀକ୍ଷାରେ ମଧ ସଂସ୍କାର ଆସିପାରିବ ବୋଲି କହିଥିଲେ ।

### ଲୋଇସିଂହାକୁ ଆଞ୍ଚଳିକ ପରିଷଦ ଦାବିରେ ସ୍ମାରକ ପତ୍ର ପ୍ରଦାନ

**ଲୋଇସିଂହା,୧୯।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାକୁ ଆଞ୍ଚଳିକ ବିକାଶ ପରିଷଦ ମାନ୍ୟତା ଲାଗି ରାଜ୍ୟ ସରକାରଙ୍କଠାରେ ଅନେକ ସମୟରେ ଦାବି ହୋଇଆସିଛି। ହେଲେ ସରକାରଙ୍କ ପକ୍ଷରୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏହିକ୍ରମରେ ମଙ୍ଗଳବାର ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ବରିହା, ଲାଲମନ ନାଗ, ଯୁବରାଜ ସାହୁ, କୁନା ଭୋଇ, ବିଭୁପ୍ରସାଦ ବେହେରା, ସୁଦାମ ଖମାରୀ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । କେତେକ ନୂତନ ପ୍ରସ୍ତାବିତ ଆଞ୍ଚଳିକ ପରିଷଦରେ ଲୋଇସିଂହାର ସ୍ଥାନ ରହିଛି । ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଲୋଇସିଂହା ଗସ୍ତରେ ଯାଇ ଘୋଷଣା କରିବେ ବୋଲି ଉକ୍ତ ପ୍ରତିନିଧି ଦଳକୁ ମନ୍ତ୍ରୀ ଜେନା କହିଛନ୍ତି। ଏ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଅଞ୍ଚଳବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ନାଇକେନଯୋରରେ ଚେକ୍‌ଡ୍ୟାମ ଉଦ୍‌ଘାଟିତ

### ରିଲାଏନ୍ସ ଫାଉଣ୍ଡେଶନ, ଗ୍ରାମବାସୀଙ୍କ ଶ୍ରମଦାନରେ ନିର୍ମାଣ ହେଲା



ଚେକଡ୍ୟାମ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ଗ୍ରାମବାସୀ ଓ ରିଲାଏନ୍ସ ଫାଉଣ୍ଡେଶନର କର୍ମକର୍ତ୍ତା ।

**ଦେଓଗାଁ, ୧୯।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ ଭୂତିଆରବାହାଲ ପଞ୍ଚାୟତ ନାରାୟଣପୁରରେ ରିଲାଏନ୍ସ ଫାଉଣ୍ଡେସନ ସହଯୋଗ ଓ ଗ୍ରାମବାସୀଙ୍କ ଶ୍ରମଦାନରେ ସ୍ଥାନୀୟ ନାଇକେନଯୋରରେ ଏକ ବୃହତ ଚେକଡ୍ୟାମ ନିର୍ମାଣ ହୋଇଛି । ଏହି ଚେକଡ୍ୟାମକୁ ବୁଧବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଲକ୍ଷ୍ମୀନାରାୟଣ କୃଷକ ସମିତି ସଭାପତି ପ୍ରଦୀପ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସିଆରପି ଅଶୋକ କୁମାର ଭଣ୍ଡାଙ୍କ ସଂଯୋଜନା ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇଥିଲେ । ଏହି ଅବସରରେ ରିଲାଏନ୍ସ ଫାଉଣ୍ଡେସନ ଜଳବିଭାଗ ଦାୟିତ୍ୱରେ ଥିବା ସନ୍ତୋଷ ଖଣ୍ଡେଇ, ଟିମ୍ ଲିଡର ଏ.ଡି. ନାଏକ ଓ ପ୍ରୋଜେକ୍ଟ ମ୍ୟାନେଜର ସୁଶାନ୍ତ ଦାଶ ଯୋଗଦେଇ ରିଲାଏନ୍ସ ଫାଉଣ୍ଡେସନର ୨୦ଲକ୍ଷ ଟଙ୍କା ସହାୟତା ଓ ଗ୍ରାମବାସୀଙ୍କ ପୂର୍ଣ୍ଣଶ୍ରମ ଦାନରେ ଏହି ଚେକଡ୍ୟାମ ନିର୍ମାଣ ହୋଇଛି ବୋଲି କହିଥିଲେ। ଏହି ଚେକଡ୍ୟାମ ନିର୍ମାଣ ହେବା ଦ୍ୱାରା ଗାଁର ୫୦ ଚାଷୀଙ୍କ ସମେତ ଆଖପାଖ ଗାଁର ଚାଷୀ ମାନେ ମଧ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ । ଏଥିସହ ଫାଉଣ୍ଡେସନ ତରଫରୁ ୨ଟି ଉଠା ଜଳସେଚନ ପଏଣ୍ଟ କରାଯାଇଛି। ଉକ୍ତ ପଏଣ୍ଟଦ୍ୱୟକୁ ବିଦ୍ୟୁତ୍ ସଂଯୋଗ ହେଲେ ନାରାୟଣପୁର ଗାଁର ୫୦ଜଣ ଚାଷୀ ରବି ଓ ଖରିଫ ଉଭୟ ଋତୁରେ ଧାନ ସହିତ ଅନ୍ୟାନ୍ୟ ଚାଷ କରିପାରିବେ ବୋଲି ସୂଚନା ଦେଇଥିଲେ । ଏହି ଅବସରରେ କୃଷକ ସମିତି ଉପସଭାପତି ଉମେଶ କୁମାର ମାଝୀ, ପୂର୍ବତନ ସଭାପତି ମହେନ୍ଦ୍ର ମାଝୀ, ଗୋପାଳ ସାହୁ, ପାଣ୍ଡେଲ ଗ୍ରାମର ସୁଦାମ ପଧାନ, ଶ୍ରମ ଦାନରେ ମହିଳା ଗୋଷ୍ଠୀର ସକ୍ରିୟ ସଦସ୍ୟା ସୁଲୋଚନା ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅଞ୍ଚଳରେ ଜଳସେଚନ ଅଭାବରୁ ଚାଷୀମାନେ ଗୋଟିଏ ଋତୁରେ ମଧ ଧାନଚାଷ କରିବା କଷ୍ଟକର ହେଉଥବାରୁ ଗତ ୨୦୧୭ରେ ନାଇକେନଯୋରରେ ଏକ ଚେକଡ୍ୟାମ ନିର୍ମାଣର ପରିକଳ୍ପନା କରାଯାଇଥିଲା । ନିର୍ମାଣ ପାଇଁ ସରକାରୀ ଆକଳନ ହିସାବରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଗ୍ରାମବାସୀଙ୍କ ଶ୍ରମଦାନ ଯୋଗୁଁ କମ୍‌ଅର୍ଥରେ ଏହା ସମ୍ଭବ ହୋଇଛି ବୋଲି ଫାଉଣ୍ଡେସନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ତେଜରାଜ ଭୋଇ, ଜଥୁନ ମାଝୀ,ରୂପା ଭୋଇ, ଭାଗ୍ୟ ଛତ୍ରିଆ, ତୋଫାନ ମାଝୀ, ମିଥୁନ ମାଝୀ, ଭଗବାନ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

### ଆନ୍ତର୍ଜାତିକ ମହିଳା ଦିବସ ପାଳନ ପାଇଁ କରଣ ସମାଜର ପ୍ରସ୍ତୁତି

**ବଲାଙ୍ଗୀର ଅଫିସ, ୧୯।୨**

ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ତଥା କରଣ ସମାଜ ମହିଳା ଶାଖା ପକ୍ଷରୁ ଆସନ୍ତା ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଚିତ୍ରଗୁପ୍ତ ମନ୍ଦିରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ମହିଳା ଶାଖା ଆବାହିକା କାଞ୍ଚନମଣି ଦାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ କର୍ମକର୍ତ୍ତା ଓ ସମାଜ ସଭାପତି ଅସୀମ ପଟ୍ଟନାୟକ ଯୋଗଦାନ କରିଥିଲେ। ମହିଳା ଦିବସରେ ମହିଳାମାନଙ୍କ ଅଧିକାରକୁ ନେଇ ଏକ ଶୋଭାଯାତ୍ରା କରାଯିବ । ଭୀମଭୋଇ ମେଡିକାଲ କଲେଜରେ ମଦର ଟେରେସାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ମହିଳା ଶାଖା ପକ୍ଷରୁ ସ୍ଥିର କରାଯାଇଛି । ସେଦିନ ଅପରାହ୍ଣରେ ସ୍ଥାନୀୟ ନରସିଂହ ମନ୍ଦିର ପ୍ରାଙ୍ଗଣରେ ମହିଳାମାନଙ୍କ ସମାନତା ଓ ସୁରକ୍ଷାର ଅଧିକାର ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ବୈଠକରେ ନମିତା ବକ୍ସି, ସୁଷମା ଚୌଧୁରୀ, ସସ୍ମିତା କୁଅଁର, ସୁଜାତା ବହିଦାର, ମୀନାକ୍ଷୀ ପଟ୍ଟନାୟକ, ବିଷ୍ଣୁପ୍ରିୟା ବହିଦାର, ସୁମିତା ପଟ୍ଟନାୟକ, ପ୍ରଭାତି ବକ୍ସି, ସମାପିକା ବହିଦାର, ଜ୍ୟୋତ୍ସ୍ନା ପୃଷେଠ, ପରମେଶ୍ୱରୀ ପଟ୍ଟନାୟକ, ବିସ୍ମିତା ପଟ୍ଟନାୟକ, ଛନ୍ଦା ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ ଓ ସଂଗ୍ରାମ କେଶରୀ ବହିଦାର୧ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ମତ ଉପସ୍ଥାପନ କରିଥିଲେ ।

## ଶ୍ରମିକ ଅଧିକାର ମଞ୍ଚର ବ୍ଲକ ଅଫିସ ସମ୍ମୁଖରେ ଧାରଣା

**ଖପ୍ରାଖୋଲ, ୧୯।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଶ୍ରମିକ ଅଧିକାର ମଞ୍ଚ ତରଫରୁ ୧୭ ଦଫା ଦାବି ନେଇ ବୁଧବାର ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗତ ୩ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ର ସପ୍ତାହେ ପରେ ମଧ୍ୟ ପୂରଣ ହୋଇ ନ ଥିବାରୁ ସେମାନେ ଆଜି ଆନ୍ଦୋଳନକୁ ଓହ୍ଲାଇ ଥିବା କହିଛନ୍ତି। ବିଡିଓ ତରଣୀ ସୁନା ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦାବିଗୁଡିକ ଶ୍ରମ ବିଭାଗ ସହ ଜଡିତ ହୋଇଥିବାରୁ ଏ ନେଇ ଶ୍ରମ ବିଭାଗକୁ ଜଣାଯାଇଥିବା ବିଡିଓ ସୁନା ପ୍ରକାଶ କରିଛନ୍ତି। ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ନିର୍ମାଣ ଶ୍ରମିକମାନେ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଅନୁସାରେ ପଞ୍ଜୀକୃତ ହୋଇଥିଲେ ହେଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶ୍ରମ ବିଭାଗର ଉଦାସୀନତା ପ୍ରତିବାଦରେ ୧୭ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରିଥିଲେ` ଆଗାମୀ ଦିନରେ ଦାବିଗୁଡିକ ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଶ୍ରମିକ ଅଧିକାର ମଞ୍ଚର ଆବାହକ ତ୍ରିଲୋଚନ ପୁଞ୍ଜି କହିଛନ୍ତି।



ଶ୍ରମିକ ଅଧିକାର ମଞ୍ଚ ପକ୍ଷରୁ ବିଡିଓଙ୍କ ସହ ଆଲୋଚନା କରାଯାଉଛି।

### ଛିନ୍ନ ହେଲା ୧୫ ବିଦ୍ୟୁତ୍ ସଂଯୋଗ

**ଗୁଡଭେଲା, ୧୯।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ୱେସ୍କୋ ଏସ୍‌ଡିଓ କାର୍ଯ୍ୟାଳୟ ଅଧିନରେ ଥିବା ଦେଓଗାଁ ଓ ତୁଷୁରା ସେକ୍ସନରେ ବିଦ୍ୟୁତ ବିଭାଗ ପକ୍ଷରୁ ବାକେୟା ଦେୟ ଅସୁଲି ଆରମ୍ଭ ହୋଇଛି । ଦୁଇ ଦିନ ଧରି ଚାଲିଥିବା ଏହି ଦେୟ ଅସୁଲିରେ ପ୍ରାୟ ୪ଲକ୍ଷ ଟଙ୍କା ଆଦାୟ ହୋଇଥିବା ବେଳେ ୧୫ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ କଟି ଦିଆଯାଇଥିବା ତୁଷୁରା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଶିବ ପାଢୀ ସୂଚନା ଦେଇଛନ୍ତି।

## ତେଲେଙ୍ଗାନାରୁ ୧୨ ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ/ଲାଠୋର, ୧୯।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର କେତେକ ଶ୍ରମିକ ତେଲେଙ୍ଗାନା ରାଜ୍ୟ ବେଗମ୍‌ପେଟ ଜିଲା ପେିଦାପଲ୍ଲିର ଏକ ଇଟାଭାଟିରେ ନିର୍ଯାତିତ ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଶ୍ରମ ବିଭାଗ ଚାରି ଶିଶୁଙ୍କ ସମେତ ୧୨ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ମସିଣା ଗାଁରେ ଜିଲା ଶ୍ରମ ଅଧିକାରୀ ସୁରେଶ କୁମାର ବେହେରା ପହଞ୍ଚି ଶ୍ରମିକ ମାନଙ୍କ ସହ ଆଲୋଚନା କରିବା ସହିତ ସମସ୍ୟା ପଚାରି ବୁଝିଥିଲେ । ଏହି ଅବସରରେ ବଲାଙ୍ଗୀର ଗ୍ରାମୀଣ ଶ୍ରମ ନିରୀକ୍ଷକ ନିରଞ୍ଜନ ଭୁୟାଁ, ଖପ୍ରାଖୋଲ ଗ୍ରାମୀଣ ଶ୍ରମ ନିରୀକ୍ଷକ ସୁଧିର କୁମାର ସାହୁ ଉପସ୍ଥିତ ଥିଲେ ।



ଉଦ୍ଧାର ଶ୍ରମିକମାନେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବଲାଙ୍ଗୀର ଅଫିସ,୧୯।୨**

- ଆକ୍ସନ କମିଟି ପକ୍ଷରୁ ଦୁଇଦିନିଆ ଅଫିସ ବନ୍ଦ ଆନ୍ଦୋଳନ
- ହାଇକୋର୍ଟ ସ୍ଥାୟୀବେଞ୍ଚ, ଲୋୟର ସୁକ୍‌ତେଲ ଓ ବାଇପାସ୍ ରାସ୍ତା ଦାବି
- ସରକାରୀ ଅଫିସ, କୋର୍ଟ କଚେରି ବନ୍ଦ କଲେ



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆକ୍ସନ କମିଟି ପକ୍ଷରୁ ଧାରଣା ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା, ପ୍ରସ୍ତାବିତ ଲୋୟର ସୁକ୍‌ତେଲ ଡ୍ୟାମ ନିର୍ମାଣ ଓ ବଲାଙ୍ଗୀର ସହରର ବାଇପାସ ରାସ୍ତା ଶୀଘ୍ର ନିର୍ମାଣ ଦାବି ନେଇ ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ବୁଧବାରଠାରୁ ଦୁଇଦିନିଆ ସରକାରୀ ଅଫିସ, ସିଭିଲକୋର୍ଟ, ବ୍ୟାଙ୍କ ବନ୍ଦ ଡାକରା ଦିଆଯାଇଛି। ଏହି ଆନ୍ଦୋଳନ ଯୋଗୁଁ ବୁଧବାର ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା ଶିଳ୍ପ ଓ କୋର୍ଟ କଚେରୀ ବନ୍ଦ ରହିଥିଲା । ଆନ୍ଦୋଳନକାରୀ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରି ବିଚାରପତିମାନଙ୍କୁ ସେଠାରୁ ଫେରାଇଥିଲେ । ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀ ଧାରଣାରେ ବସିଥିଲେ । ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ ଏବଂ ଉପସଭାପତି ମୁନା ପଟ୍ଟନାୟକଙ୍କ ନେତୃତ୍ୱରେ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ତିନି ଦଫା ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିଲା । ବଲାଙ୍ଗୀର ପ୍ରତି ଆଞ୍ଚଳିକ ବୈଷମ୍ୟ କରାଯାଉଛି ବୋଲି ବକ୍ତାମାନେ କହିଥିଲେ । ପୂର୍ବ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ମାସର ତୃତୀୟ ବୁଧବାର ଓ ଗୁରୁବାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିବା ସହ ଜିଲାପାଳଙ୍କ ଅଫିସ ଓ ସିଭିଲ କୋର୍ଟ ଆଗରେ ଧାରଣା ଦିଆଯିବାକୁ ସ୍ଥିର ହୋଇଥିଲ। ଏହିକ୍ରମରେ ବୁଧବାର ସକାଳେ ବଲାଙ୍ଗୀର ୟୁଥ ଆକ୍ସନ କମିଟିର ଶତାଧିକ ସଭ୍ୟ ଓ ଓକିଲ ମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୁପ୍ରିମକୋର୍ଟଙ୍କ ଚେତାବନୀ ତଥା ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗତ ୧୫ ତାରିଖ ଦିନ ବଲାଙ୍ଗୀର ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଥିଲେ । ତେବେ ଆନ୍ଦୋଳନର ରୂପରେଖ ପରିବର୍ତ୍ତନ କରାଯିବ ବୋଲି ଓକିଲ ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଜିର ଧାରଣାରେ କଂଗ୍ରେସ ନେତା ବୁଲୁ ଦାନୀ, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆର ଦିନେଶ ନାଗ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ସିଭିଲ ସୋଇସାଇଟି ସଭାପତି ନୀଳମଣି ମିଶ୍ର, ନାଗରିକ କମିଟି ସଭାପତି ବିକ୍ରମ ବହିଦାର, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଜନମୋର୍ଚ୍ଚାର ବାସୁଦେବ ରଥ, ଚାଷୀନେତା ଅରୁଣ ମିଶ୍ର, ବିଭୂତି ଭୂଷଣ ପାଣିଗ୍ରାହୀ, ବଲାଙ୍ଗୀର ୟୁଥ ଆକ୍ସନ କମିଟିର ବିନୋଦ କାଲସାଏ, ସନ୍ତୋଷ ସାହୁ, ରିଲୁ ରଥ ଉଦ୍‌ବୋଦନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋସଲବାଦୀ ନେତା ମନୋରଞ୍ଜନ ସାହୁ, ବିଭୁଦତ୍ତ ମିଶ୍ର, ନିରୂପମା ଉଦ୍‌ଗାତା, ଡ. ବିପିନ କୁଶଳିଆ, ଟଙ୍ଗିଆ ଜାମ୍ କମିଟିର ଗୋପାଳ ହୋତା, ଶରତ କୁମାର ହୋତା, ଆରତୀ ଗୁରୁ, ବାସନ୍ତୀ ଜେନା, ସୌଦାମିନୀ ମିଶ୍ର, ସରିତା ମୁଗ୍ରୀ, ଆଦିବାସୀ ନେତ୍ରୀ ବନଲତା ମାଝି, ଗୋପଭୂଷଣ ନାଥ, ଆଦିବାସୀ ସଂଘ ସଭାପତି ବ୍ରଜକିଶୋର ସିଂଭୋଇଙ୍କ ସହ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ତ୍ରିପାଠୀ, ଉପସଭାପତି ବାସୁଦେବ ବାରିକ, ସମରେନ୍ଦ୍ର ମିଶ୍ର, ରତନ ମହାରଣା, ସ୍ୱର୍ଣ୍ଣଭୂଷଣ ସାହୁ, ସୁରେନ୍ଦ୍ର ମିଶ୍ର, ସରୋଜ ଗୁପ୍ତା, ଅରବିନ୍ଦାକ୍ଷ ପୂଜାରୀ, ଭବାନୀ ଶତପଥୀ ବକ୍ତବ୍ୟ ରଖିଥିଲେ । ରାଜ୍ୟ ବାର କାଉନସିଲର କାଳକ୍ଷେପଣ ନୀତିକୁ ସମାଲୋଚନା କରିଥିଲେ । ବଲାଙ୍ଗୀର ବାଇପାସ ରାସ୍ତା ନିର୍ମାଣ ଓ ଲୋୟର ସୁକତେଲ କାମକୁ ତ୍ୱରାନ୍ୱିତ କରିବା ପାଇଁ ଦାବି କରାଯାଇଥିଲା ।

## ସଂକ୍ଷେପରେ

### କୋକସରା ବ୍ଲକ ୭ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ୫୦ ପରୀକ୍ଷାର୍ଥୀ ଅନୁପସ୍ଥିତ

**କୋକସରା,୧୯।୨ (ଡି.ଏନ.ଏ.):** ବୁଧବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ କଳାହାଣ୍ଡି ଜିଲା କୋକସରା ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ୧୩୭୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆଡମିଟ କାର୍ଡ ପାଇଥିଲେ। ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ୭ଟି ପରୀକ୍ଷା କେନ୍ଦ୍ରରେ ୫୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି । କୋକସରା ଜବାହାର ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୭ ଜଣ, ଆମପାଣି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭, ଲଡୁଗାଁ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨, କାଉଡୋଲା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୭, ଡହଗାଁ ହାଇସ୍କୁଲରେ ୪ ଓ ଇନ୍ଦ୍ରାବତୀ ହାଇସ୍କୁଲରେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ନେଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତୋଫାନ ମାଝି ସୂଚନା ଦେଇଛନ୍ତି। ଅନ୍ୟ ପରୀକ୍ଷା କେନ୍ଦ୍ରଗୁଡିକରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ହୋଇଥିବା ଜଣାପଡିଛି ।



### ଏଟିଏମ୍ କାର୍ଡ ଲୁଟେରା କୋର୍ଟ ଚାଲାଣ

**ଜୁନାଗଡ,୧୯।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ପକ୍ଷରୁ ମଙ୍ଗଳବାର ଜଣେ ଏଟିଏମ କାର୍ଡ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜୁନାଗଡ ଥାନା ଅନ୍ତର୍ଗତ ବରଗାଁର ରାଜୀବ ଲୋଚନ ହରିଜନ ଗତ ୨୯ ତାରିଖରେ ଜୁନାଗଡ ଷ୍ଟେଟ ବ୍ୟାଙ୍କ ଏଟିଏମକୁ ଟଙ୍କା ଚେକ୍ କରିବା ପାଇଁ ଆସିଥିଲେ। ଦିନ ୧୨ଟାରେ କେସିଙ୍ଗା ୱାର୍ଡ ନଂ. ୬ର ଟୁଲୁ ତାଣ୍ଡି (୨୭) ଓ ଜୁନାଗଡ ବ୍ଲକ ପଡାର କାହ୍ନୁ ନାଏକ ୨ଜଣ ରାଜୀବଙ୍କ ଏଟିଏମକୁ ପକେଟ୍ମାର କରିଥିଲେ। ପରେ କାହ୍ନୁ ନାଏକ ରାଜୀବଙ୍କ ଏଟିଏମରୁ ୨୦ ହଜାର ଟଙ୍କା ବାହାର କରିଥିଲେ। ଦୁଇ ଦୁର୍ବୃତ୍ତ ୧୦ ହଜାର ଟଙ୍କା ଲେଖାଏଁ ଭାଗ କରି ନେଇଥିଲେ। ଏଟିଏମ ପକେଟମାର ନେଇ ରାଜୀବ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୪/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୋଲିସ କେସିଙ୍ଗାର ଟୁଲୁ ତାଣ୍ଡିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୮ ହଜାର ୨ ଶହ ଟଙ୍କା ଜବତ କରିଥିଲା। ମଙ୍ଗଳବାର ଟୁଲୁଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କାହ୍ନୁ ନାଏକ ଅନ୍ୟ କୌଣସି ମାମଲାରେ ଜେଲ ଯାଇଥିବା ନେଇ ଜୁନାଗଡ ଥାନାଧିକାରୀ ଉତ୍ତମ ସାହୁ ପ୍ରକାଶ କରିଥିଲେ।

# ଜିଲାପାଳ ଅଫିସ ସମ୍ମୁଖରେ ଧାରଣା

## ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ ଚାଷୀ

**ନୂଆପଡ଼ା ଅଫିସ,୧୯।୨**

ଜଲାବ୍ୟାପୀ ୫୦ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ବିଭିନ୍ନ ମଣ୍ଡିଗୁଡିକରେ ପଡି ରହିଛି। ଚାଷୀଙ୍କୁ ଠିକ ଭାବେ ଟୋକନ ମିଳିନାହିଁ, ଯେଉଁଚାଷୀଙ୍କୁ ଟୋକନ ମିଳିଛି, ସେମାନେ ଧାନବିକ୍ରି କରିପାରୁନାହାନ୍ତି। ସରକାର ହଠାତ ମଣ୍ଡି ବନ୍ଦ କରି ଦେଲେଣ। ଏହାକୁ ନେଇ ଅସନ୍ତୋଷ ଚାଷୀମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଧାନ ନ ଉଠିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଉଗ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଜୟ କିଷାନ ସଂଗ୍ରାମ ପରିଷଦ ନେତୃତ୍ୱରେ ଶତାଧିକ ଚାଷୀମାନେ ବୁଧବାର ପୂର୍ବାହ୍ନ ୧୧ଟାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠୁଳ ହୋଇଥିଲେ। ଏଥିରେ ଆବାହକ ଯଦୁମଣୀ ପାଣିଗ୍ରାହୀ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଚାଷୀ ନେତା ଭରତଲାଲ ରାଉତ ପ୍ରମୁଖ ଯୋଗଦେଇ ନେତୃତ୍ୱ ନେଇଥିଲେ। ଏହି ଅବସରରେ ଚାଷୀମାନେ କିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ଉପରେ ଉପସ୍ଥାପନ କରିଥିଲେ। ମଣ୍ଡିଗୁଡିକରେ ମିଲର୍ସ ରାଜ ଚାଲିଛି । ମିଲମାଲିକ ଏବଂ ଯୋଗାଣ ବିଭାଗ କେତେଜଣ ନିର୍ଦ୍ଦିଷ୍ଟ ଅଧିକାରୀ ମଧୁଚନ୍ଦ୍ରିକା କରି ଚାଷୀଙ୍କୁ ଶୋଷଣ କରିବାକୁ ଚକ୍ରାନ୍ତ କରିଛନ୍ତି । ପ୍ରତି ମଣ୍ଡିଗୁଡିକରେ କୁଇଣ୍ଟାଲ ପିଛା ୫ରୁ ୧୦ କିଗ୍ରା କଟନୀ କରୁଥିବାବେଳେ ମଣ୍ଡିକୁ ମିଲର୍ସ ନ ଆସି ବ୍ୟବସାୟୀଙ୍କ ଧାନକୁ କିଣିଛନ୍ତି । ଚାଷୀଙ୍କ ନାଁରେ ମିଥ୍ୟା କାର୍ଡରେ ଫଲସ୍ ଏଣ୍ଟ୍ରି କରି ମାଲାମାଲ ହେଉଛନ୍ତି । ଜିଲାର ମଣ୍ଡିଗୁଡିକରେ ମୋଟ ୪୯୬ଜଣ ଚାଷୀଙ୍କ ୫୭ ହଜାର ୪୫୫ ବସ୍ତା ଧାନ ପଡିରହିଥିବାବେଳେ ବହୁ ଚାଷୀଙ୍କୁ ଟୋକନ ଅଦ୍ୟାବଧି ମିଳିନାହିଁ। ଅନ୍ୟପକ୍ଷେ ୧୭୬୯ଚାଷୀଙ୍କୁ ଅଦ୍ୟାବଧି ଟୋକନ ମିଳିପାରିନାହିଁ । ଚାଷୀମାନେ ବାରମ୍ବାର ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ତେବେ ଚାଷୀମାନଙ୍କ ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ପୂର୍ବବର୍ଷର ବୀମାରାଶି ପ୍ରଦାନ, ସମସ୍ତ ଚାଷୀଙ୍କୁ ଟୋକନ ଦେବା ସହ ଜଳସେଚନ, କୃଷି ବିଭାଗ, ସମବାୟ, ବ୍ୟାଙ୍କ କର୍ମଚାରୀ ପଦବୀ ପୂରଣ କରିବାକୁ ଦାବି କରାଯାଇଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ସକାଶେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ପଟେଲ ପ୍ରତିଶ୍ରୁତି ଦେଇଥିଲେ। ଏହି ଧାରଣା ଅପରାହ୍ନ ୨ଟାବେଳେ ପ୍ରତ୍ୟାହୃତ ହୋଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି ।

# ଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ଉଦ୍‌ଯାପିତ

**ସିନାପାଲି,୧୯।୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଶ୍ରୀଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ନଅକୁଣ୍ଡୀୟ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଡିଶାର ପ୍ରତିଷ୍ଠିତ ପ୍ରବଚକ ସ୍ୱାମୀ ଆଶୀର୍ବାଦ ଜୀ ମହାରାଜ ରାମାୟଣ ଆଧାର କରି ପାରିବାରିକ ଜୀବନକୁ କିପରି ସୁଖମୟ କରାଯାଇ ପାରିବ ଏ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ।

ଉଦ୍‌ଯାପନୀରେ ପୂର୍ବାହ୍ନ ୧୧ଟାରେ ମନ୍ଦିରର ଦୈନନ୍ଦିନ ଭୋଗଦାତା ଏବଂ ଆଜୀବନ ସଦସ୍ୟମାନଙ୍କ ବାର୍ଷିକ ବୈଠକ ପରେ ସାମୂହିକ ଅନ୍ନପ୍ରସାଦ ସେବନ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚନ ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଛପନ ଭୋଗ ପ୍ରସାଦ ବ୍ୟବସ୍ଥା ଥିଲା। ଘୃତଯଜ୍ଞରେ ୪୫ ଜଣ ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ମନ୍ଦିର ପରିଚାଳନା ସମିତି ସଭାପତି ବୈଶମ୍ପାୟନ ମେହେର ଓ ଚାରୁଲତା ମେହେର ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବେ ପ୍ରମୋଦ ଜୋଷୀ ଏବଂ ବସନ୍ତ କୁମାର ପତି ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏଥିରେ ଗାୟତ୍ରୀ ଶକ୍ତିପୀଠ ସିନାପାଲି ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ସମେତ ଅନେକ କର୍ତ୍ତକର୍ତ୍ତା ସହଯୋଗ କରିଥିଲେ। ଉକ୍ତ ବାର୍ଷିକ ଉତ୍ସବରେ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଭିଡ ଦେଖିବାକୁ ମିଳିଥିଲା।


ଶ୍ରୀଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରବଚନ ଚାଲିଛି ।

# ପୋରାଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କୁନାଗଡ,୧୯।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପୋରାଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସପ୍ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନ୍ଦର ମଣି ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ, ସମ୍ମାନିତ ଅତିଥି ଭାବେ ଏବିଇଓ କୁଳମଣି ମାଝି, ନାରାୟଣ ମେହେର, ସ୍ଥାନୀୟ ସିଆରସିସି ଜଗମୋହନ ଧଙ୍ଗଡାମାଝି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗଦିଶ ଚନ୍ଦ୍ର ମୁଣ୍ଡ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ କର୍ନ୍ଦପ ଦାଶ ଓ ଅଜିତ ପାଢୀ ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ବିଦ୍ୟାଳୟ ବାର୍ଷିକକ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ, ଶିକ୍ଷକ ଅଲେଖ ଚଣ୍ଡୀ, ଉମାଚରଣ ବେହେରା, ଅକ୍ଷୟ ମିଶ୍ର ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସହକାରୀ ଶିକ୍ଷକ ଅଲେଖ ଚଣ୍ଡୀ ଓ ଉମାଚରଣ ବେହେରା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅବିନ୍ନ ଚନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ।


ବାର୍ଷକ ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

### କାର୍ଯ୍ୟରେ ଯୋଗଦେଲେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ

**ଭବାନିପାଟଣା,୧୯।୨(ଡି.ଏନ.ଏ.)**

କଳାହାଣ୍ଡି କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ନବୀନ କୁମାର ଖମାରୀ ଅବସର ନେବା ପରେ ଉକ୍ତ ପଦବୀ ଖାଲି ପଡିଥିଲା। ପରବର୍ତ୍ତି କାର୍ଯ୍ୟ ପରିଚାଳନା ପାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ବିଶ୍ୱାସ ଦାୟିତ୍ୱ ନେଇଥିଲେ । କିନ୍ତୁ କାର୍ଯ୍ୟାଳୟର ଅର୍ଥ ପରିଚାଳନା କ୍ଷମତା ପ୍ରଦାନ କରାଯାଇ ନ ଥିଲା । ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତପିମଣି ଜାନି କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି । ସୋମବାର ଜାନି ଦ୍ୱିତୀୟ ଥର ପାଇଁ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ଜଣାଇଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ଚୌଧୁରୀ, ସୁବ୍ରତ କୁମାର ବେହେରା, ବାଳ ଗେପାଳ ତେଣ୍ଡକାରୀ ଓ ବିନୋଦ ବିହାରୀ ପଟ୍ଟନାୟକ ପ୍ରମୁଖ ଜାନିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଜାନୀ ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ କୋକସରା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ରହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ଶିକ୍ଷକ ସଂଘ

## ପ୍ରାଥମିକ ଶିକ୍ଷକ ସଂଘ, ଓଷ୍ଟାର ଦାବିପତ୍ର

**ନୂଆପଡ଼ା ଅଫିସ,୧୯।୨**

ମହଙ୍ଗା ଭତା ବୃଦ୍ଧି, ସମସ୍ତ ବିଦ୍ୟାଳୟକୁ ଅନୁଦାନ, ସବୁ ବିଦ୍ୟାଳୟରେ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ ଆଦି ଦାବି ନେଇ ଜିଲାରେ ପ୍ରାଥମିକ ଶିକ୍ଷକ ସଂଘ, ଉଚ୍ଚ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୁଧବାର ଅପରାହ୍ନରେ ଉଚ୍ଚ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ରବୀନ୍ଦ୍ର କୁମାର ଯୋଷୀଙ୍କ ନେତୃତ୍ୱରେ ଶିକ୍ଷକ ପ୍ରତିନିଧିମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ସୁବାସ ଚନ୍ଦ୍ର ସାହୁ, ଚିତରଞ୍ଜନ ଦୁବେ, ପୀତାମ୍ବର ବାଗ, ଦିଲୀପ କୁମାର ପାଣି, ଡମ୍ବରୁଧର ହେର୍ଣ୍ଣା, ବଦନ ସୁନ୍ଦର ମେହେର, ଟଙ୍କଧର ଯାଦବ, ଭରତ ବେହେରା, ଦିଲୀପ ନାଏକ, ସୀମାଞ୍ଚଳ ଦାସ, କାର୍ତିକେଶ୍ୱର ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସଂଘ ପକ୍ଷରୁ ବେଣୁଧର ସାହୁ, ସୁରେଶ ସାହୁ, ନିରୋଜ କୁମାର ସାହୁ, ଅହିଂସା ରଞ୍ଜନ ପଟ୍ଟନାୟକ, ନରେନ୍ଦ୍ର ରଥ, ଶଙ୍କର୍ଷଣ ପୁରୋହିତ, ପ୍ରଶାନ୍ତ କୁମାର ସାହୁ, ସଞ୍ଜୟ କୁମାର ପାଢୀ ପ୍ରମୁଖ ସାମିଲ ଥିଲେ। ଏଥିରେ ୫ ପ୍ରତିଶତ ମହଙ୍ଗା ଭତ୍ତାକୁ ୨୦୨୦ ପରିବର୍ତ୍ତେ ୨୦୧୯ ପହିଲାରୁ ଲାଗୁ କରିବା, ଅନୁଦାନରୁ ବାଦ ପଡିଥିବା ସମସ୍ତ ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କରିବା, ୪୮ବର୍ଷ ବୟସରେ ପଦାର୍ପଣ କରିଥିବା ଓ ସ୍ନାତକୋତର ଡିଗ୍ରୀ ଧାରୀ ହିନ୍ଦୀ ସଂସ୍କୃତ ଶିକ୍ଷକମାନଙ୍କୁ ଟିଜିଟି ସ୍କେଲ ପ୍ରଦାନ କରିବା, ସପ୍ତମ ବେତନ ହାତରେ ଘରଭଡା ତୁରନ୍ତ ନିର୍ଦ୍ଧାରଣ କରିବା, ଅବସରପ୍ରାପ୍ତ ସମୟ ସୀମାକୁ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ଦାବି ରହିଛି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଛିଡ଼ା ହୋଇଛନ୍ତି ।

# ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ସାକ୍ଷାତ

**ଭବାନୀପାଟଣା,୧୯।୨ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ଅଧୀନସ୍ଥ ମେଦିନୀପୁର ପଞ୍ଚାୟତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥି ସହିତ ତୁରନ୍ତ ଏହି ସମସ୍ୟା ସମାଧାନ ନ କଲେ ବାଧହୋଇ ଗ୍ରାମବାସୀ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପଞ୍ଚାୟତ ମହକୁମାରେ ବର୍ତ୍ତମାନ ସୁଦ୍ଧା ଲାଇଟ୍ ଲାଗି ନ ଥିବା, ନାଳରେ ପ୍ଲେଟ ଭାଙ୍ଗିଜିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ଚୟନ କରାଯାଉ ନ ଥିବା, ଦୋକାନ ଗୃହ ନିର୍ମାଣ ଠିକ ସ୍ଥାନରେ କରା ନ ଯିବା ଏବଂ କୃଷି ପରାମର୍ଶ କେନ୍ଦ୍ର ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ କରାଯିବା ଆଦି ଦାବି କରାଯାଇଛି। ଜିଲାପାଳଙ୍କୁ ଏହି ଦାବିପତ୍ର ଦେବା ସମୟରେ ସମିତିସଭ୍ୟା ରଞ୍ଜିତା ସାହୁ ଓ ପୂର୍ବତନ ସମିତି ସଭ୍ୟ ତ୍ରିମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ‘ମୋ ସରକାର’ ଜନସମ୍ପର୍କ ଶିବିର

**ଲାଞ୍ଜିଗଡ଼,୧୯।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ‘‘ମୋ ସରକାର’’ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବିଭାଗୀୟ ଅଧିକାରୀମାନେ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ପିଏ ଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ ବୁଝାଇଥିଲେ। ଜନଜାତିଙ୍କ ସର୍ବାଙ୍ଗିନ ବିକାଶ ହେଲେ ରାଜ୍ୟର ସାମଗ୍ରୀକ ବିକାଶ ସମ୍ଭବ ହେବ, ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ବର୍ଗର ସାମଗ୍ରୀକ ବିକାଶ ପାଇଁ ସରକାର ବିଭିନ୍ନ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସହରାଞ୍ଚଳର ଅଗ୍ରଣୀ ଘରୋଇ ବିଦ୍ୟାଳୟରେ ଶିକ୍ଷାଲାଭ ସୁବିଧା, ଉଚ୍ଚଶିକ୍ଷା ପାଇଁ ସହରାଞ୍ଚଳରେ ଛାତ୍ରାବାସ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲାଠାରେ ଆକାଂକ୍ଷା ଯୋଜନାରେ ଛାତ୍ରାବାସ ନିର୍ମାଣ ସହିତ ଛାତ୍ରବୃତ୍ତି ଓ ଦେୟମୁକ୍ତ ଆବାସିକ ଶିକ୍ଷା ବ୍ୟାବସ୍ଥା ଥିବା ବେଳେ ଏଥିରେ ଜୀବନ କୌଶଳ ଶିକ୍ଷା ଦିଆଯାଉଛି ବୋଲି ଅଧିକାରୀମାନେ କହିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଡିଡବ୍ଲ୍ୟୁ ବୁଦ୍ଧଦେବ ପଣ୍ଡା, ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସ୍ୱତନ୍ତ୍ର ଅଧିକାରୀ ଆଇଟିଡିଏ ଯ୍ୟୋତିକୃଷ୍ଣ ବେହେରା, ତହସିଲଦାର ମୁନିନ୍ଦ୍ର ହୁନ୍ନାଗାଁ, ସିଡିପିଓ କୁସୁମ କୁମାରୀ ପ୍ରହରାଜ, ବ୍ଲକ ଉପାଧକ୍ଷା ତୁଳସୀ ନାଏକ, ଲାଞ୍ଜିଗଡ ସରପଞ୍ଚ ସଂଘ ସଭାପତି ଟଙ୍କଧର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲାଞ୍ଜିଗଡ ଏସଏସଡି ସ୍କୁଲ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ କାର୍ଯ୍ୟକ୍ରମ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକ ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟ ଜନପ୍ରତିନିଧିମାନଙ୍କୁ ଡକାଯାଇ ନ ଥିବାରୁ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ବ୍ଲକର ଯେ କୌଣସି କାର୍ଯ୍ୟକ୍ରମ ହେଲେ ମଧ୍ୟ ବ୍ଲକରେ ଥିବା ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେବୁ ନାହିଁ ବୋଲି କୋମର୍ଦ୍ଧା ଗ୍ରାମପଞ୍ଚାୟତ ସମିତିସଭ୍ୟ ଜଗଦିଶ ବେନିଆ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ଲାଞ୍ଜିଗଡ ବିଡିଓ ମିଶ୍ରଙ୍କୁ ପଚାରିବାରୁ ସାତ ଦିନ ଆଗରୁ ‘ମୋ ସରକାର’ର ଜନସମ୍ପର୍କ ରଥ ବିଭିନ୍ନ ଅଞ୍ଚଳକୁ ପ୍ରଚାର ପ୍ରସାର ପାଇଁ ଯାଇଛି । ୱାଟସଆପ ଗ୍ରୁପରେ ମଧ ଏହି କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେବା ପାଇଁ ଜଣାଇଥିଲୁ ବୋଲି ପ୍ରକାଶ କରିଲେ । ଲାଞ୍ଜିଗଡ ବ୍ଲକ ଏକ ଦୁର୍ଗମ ଓ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ଏହି ବ୍ଲକରେ ୨୬ଟି ପଞ୍ଚାୟତ ମଧ୍ୟରୁ ୧୨ଟି ପଞ୍ଚାୟତରେ ମୋବାଇଲ ନେଟୱାର୍କ ନ ଥିବା ଯୋଗୁ ମୋବାଇଲ ନେଟୱାର୍କ କାମ କରୁନାହିଁ । ସେଥିପାଇଁ ୱାଟସଆପ ଗ୍ରୁପରେ ଛାଡିଲେ ସେହି ଅଞ୍ଚଳର ଜନପ୍ରତିନିଧିମାନେ କେମିତି ଜାଣିବେ ବୋଲି ସମିତିସଭ୍ୟ ବେନିଆ ପ୍ରକାଶ କରିଛନ୍ତି।



‘ମୋ ସରକାର’ ଜନସମ୍ପର୍କ ଶିବିର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଜନପ୍ରତିନିଧିଙ୍କୁ ଉପେକ୍ଷା

# କେଡିସିଏ ୭ ଉଇକେଟରେ ବିଜୟୀ

## ପ୍ରଥମ କଳାହାଣ୍ଡି ସିନିୟର ଅନ୍ତଃଜିଲା କ୍ରିକେଟ ଲିଗ୍ ଷଷ୍ଠ ଦିବସ

**ଭବାନୀପାଟଣା,୧୯।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କ୍ରିଡାସଂସ୍ଥା ଅନୁକୂଲ୍ୟରେ ପ୍ରଥମ କଳାହାଣ୍ଡି ସିନିୟର ଅନ୍ତଃଜିଲା କ୍ରିକେଟ୍ ଲିଗ୍ ବୁଧବାର ଷଷ୍ଠ ଦିବସରେ କେଡିସିଏ ଭବାନୀପାଟଣା ବନାମ ଏସ୍‌ସିସି ଭବାନୀପାଟଣା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କେଡିସିଏ ୭ ଉଇକେଟରେ ବିଜୟୀ ହୋଇଛି। ଏସ୍‌ସିସି ଭବାନୀପାଟଣା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ୬ ଉଇକେଟ୍ ବିନିମୟରେ ୨୦୧ ରନ୍ କରିଥିଲା। ଏହାର ଜବାବ୍‌ରେ କେଡିସିଏ ୩୦ ଓଭରରେ ୩ ଉଇକେଟ ବିନିମୟରେ ୨୦୨ ରନ୍ କରି ୭ ଉଇକେଟରେ ବିଜୟୀ ହୋଇଥିଲା। ଖେଳରେ ତେଜନ କୁମାର ଦୁର୍ଗା ଓ ରମେଶ ସାହୁ ପରିଚାଳନା କରିଥିଲେ। ଓସିଏ ଡିଜିଟାଲ ସ୍କୋରର୍ ସେକ କୁତ୍‌ବୁଧିନ, ସ୍କୋରର୍ ଭାବେ ବିପ୍ଳବ ସିଂ, ମ୍ୟାଚ୍ ରେଫରି ଭାବେ ସାଜୁ ବାଲାନ, ସିନିୟର ସିଲେକ୍ଟର ଜିତେନ୍ଦ୍ର କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ସଂନ୍ତ ସିଂ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରିଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା ଆଥେଲେଟିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିସିସିଆଇ କ୍ୟୁରେଟର ପଙ୍କଜ କୁମାର ପଟ୍ଟନାୟକ, ସଂସ୍ଥାର ଯୁଗ୍ମ ସମ୍ପାଦକ ସୁନିଲ କୁମାର ବେହେରା ଓ କାଳୀ ପ୍ରସାଦ ପଟ୍ଟନାୟକ, ନିର୍ମଳ ସିଂ, ଅବଦୁଲ କାଦର ଖାଁ, ଚକ୍ରଧର ସେଠୀ, ଅଭୟ ବାଗ, ଧିରେନ୍ କୁମାର ପଟ୍ଟନାୟକ, ବରିଷ୍ଠ ସଭ୍ୟ ଭିକାରୀ ମିଶ୍ର, ଅଶୋକ ପଟ୍ଟନାୟକ, ବିପିନ ମିଶ୍ର, ଜୟ ସାହୁ ଉପସ୍ଥିତ ଥିଲେ।



୬ଷ୍ଠ ଦିବସ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୦ ଫେବୃୟାରୀ, ୨୦୨୦



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

-ବ୍ୟାସଦେବ



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

କର୍ଲାମୁଣ୍ଡା,୧୯।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତର କାର୍ନିଖୁଣ୍ଟି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ କଣ୍ଡରେଇ ଗ୍ରାମର ଉମନ୍ତ ସାହୁ (୨୫)ଙ୍କୁ କୌଣସି ଏକ ବିଷଧର ସାପ କାମୁଡି ଦେଇଥିଲା। ସାମାଜିକ କର୍ମୀ ଦିବାକର ବାଗଙ୍କ ଉଦ୍ୟମକ୍ରମେ ତାଙ୍କୁ ମ.ରାମପୁର ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମ.ରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୦୨୦) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଉକ୍ତ ଯୁବକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଯୁବକଙ୍କ ଅକାଳ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି।

### ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିବସ ପାଳିତ

କର୍ଲାମୁଣ୍ଡା,୧୯।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାନଡୁଙ୍ଗୁରୀଗୁଡାଠାରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିବସ ପାଳିତ ହୋଇଯାଇଛି। ଗାଁର ଚାଷୀମାନଙ୍କ ଜମିର ମୃତ୍ତିକା ପରିକ୍ଷଣ କରାଇବା ଏବଂ ମୃର୍ତ୍ତିକାର ସ୍ୱାସ୍ଥ୍ୟ ଅନୁଯାୟୀ ଚାଷ କରିବା ପାଇଁ ଚାଷୀମାନଙ୍କୁ ବୁଝାଯାଇଥିଲା। ଏଥିରେ କୃଷି ଓଭରସିୟର ଅରୁଣ ଚନ୍ଦ୍ର ପାଢ଼ୀ, ଗ୍ରାମ୍ୟକୃଷି କର୍ମଚାରୀ ଧର୍ମେନ୍ଦ୍ର ଶବର, ଘନଶ୍ୟାମ ଜାନି, ନବୀନ କୁମାର ମାଝି, ସରୋଜ କୁମାର ସାହୁ, ପୀତାମ୍ବର ମାଝି, ସନ୍ତୋଷିନୀ ବରାହ, ବିଟିଏମ ଧବଳେଶ୍ୱର ସାହୁ, ଏଟିଏମ ମିଳନ କୁମାର ଗୌଛାୟତ ପ୍ରମୁଖ ଯୋଗଦେଇ କର୍ଲାମୁଣ୍ଡା ଆତ୍ମା କାର୍ଯ୍ୟାଳୟଠାରେ ଚାଷୀଙ୍କ ମୃତ୍ତିକା ପରୀକ୍ଷା କରାଯାଉ ଥିବା ବ୍ୟବସ୍ଥା ଉପରେ ଚାଷୀଙ୍କୁ ମତ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କୃଷକ ସାଥୀ ବୃନ୍ଦାବନ ବାଗ ଓ ଗାଁର ଚାଷୀମାନେ ସହଯୋଗ କରିଥିଲେ।

### ଡିଇଓଙ୍କ କସ୍ତୁରବା ଆବାସିକ ବିଦ୍ୟାଳୟ ପରିଦର୍ଶନ

ଭବାନୀପାଟଣା,୧୯।୨ (ଡି.ଏନ.ଏ.): କଳାହାଣ୍ଡି ଜିଲାରେ ନୂତନ ଭାବେ ଯୋଗଦେଇଥିବା ଡିଇଓ ସୁଶାନ୍ତ ଚୋପଦାର ରବିବାର ଅଚାନକ ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଦାଦପୁର ଦଧିବାମନ ନୋଡାଲ ସ୍କୁଲ, କର୍ଲାପଡା ବିମ୍ବାଧର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେ ବିଦ୍ୟାଳୟରେ ସଂଯୁକ୍ତ ହୋଇଥିବା ସିସିଟିଭିର କାର୍ଯ୍ୟକାରିତା ଯାଞ୍ଚ କରିଥିଲେ। ପରେ କାମଠଣାସ୍ଥିତ କସ୍ତୁରବା ଆବାସିକ ବିଦ୍ୟାଳୟକୁ ଯାଇଥିଲେ। ଏହି ସ୍କୁଲରେ ୱାଡେନ ଉପସ୍ଥିତ ଥିବା ବେଳେ ୧୧୩ ଜଣ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟରେ ପାଠପଢ଼ା, ମେନ୍ୟୁ ଅନୁସାରେ ଦିଆଯାଉଥିବା ଜଳଖିଆ, ଭିଜନ ଓ ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସାମଗ୍ରୀ ଉପରେ ଆଲୋଚନା କରିଥିଲେ। ସେହିଭଳି ରୋଷେଇ ଗୃହକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତି ଅଧିକ ସଜାଗ ହେବା ସହିତ ସେମାନେ ରହୁଥିବା ସ୍ଥାନ ଓ ସ୍ୱଚ୍ଛତା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ୱାଡେନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିନା ଅନୁମତିରେ ଚାଲିଛି କ୍ରଶର ୟୁନିଟ

କୋକସରା,୧୯।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲଠାରେ କ୍ରଶର ୟୁନିଟ ଓ ଜୟପାଟଣା ବ୍ଲକ ମୋଟେଲଗୁଡା, ଜଲତାମୁଣ୍ଡାରେ ୩ଟି କ୍ରଶର ତହସିଲ ଲିଜ୍ ଶେଷ ହେବା ପରେ ମଧ୍ୟ ବେଆଇନ ଭାବେ ଚାଲୁଛି। ଗତ କିଛି ମାସ ତଳେ ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁ କାଶିବାହାଲ ଆମପଡା ଗ୍ରାମର ଭୂକମ୍ପ ଅନୁଭୁତ ହେବା ସହ ଘରେ ଫାଟ ସୃଷ୍ଟି ହୋଇଥିଲା। ସେହି ସମୟରେ ତଦନ୍ତରେ ଆସିଥିବା ଜୟପାଟଣା ତହସିଲଦାରଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଜୟପାଟଣା ଓ କୋକସରା ଥାନାରେ ବେନିୟମ ଭାବେ ପଥର ବ୍ଲାଷ୍ଟିଂ ହେଉଥିବା ନେଇ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଇତି ମଧ୍ୟରେ ଘଟଣାକୁ ୩ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସ କାହାକୁ ଗିରଫ କରି ନାହିଁ କିମ୍ବା ପ୍ରଶାସନ ପକ୍ଷରୁ ବେଆଇନ କ୍ରଶରଗୁଡିକକୁ ସିଲ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିଛି ଦିନର ନିରବତା ପରେ ମାଫିଆମାନେ ବେଆଇନ ଭାବେ ୪ଟି କ୍ରଶରକୁ ପୁଣି ଥରେ ଚଳାଇଥିବା ବେଳେ ବିନା ଲିଜ କିମ୍ବା ତହସିଲଦାରଙ୍କ ବିନା ଅନୁମତିରେ ଡୋକରୀ ଡଙ୍ଗରୀରୁ ରାଜସ୍ୱ ଫାଙ୍କି ହଜାର ହଜାର ସି.ଏମ.ର ପଥର ଚୋରାଚାଲାଣ କରି କ୍ରଶର ଚାଲିଥିବା ଓ ରାଜସ୍ୱ ଫାଙ୍କୁଥିବା ଅଭିଯୋଗ ହେଉଛି। କୋକସରା ତହସିଲ ଅଧୀନରେ ଥିବା ଡୋକରୀ ଡଙ୍ଗରିକୁ ସଫା କରିବା ପରେ ପଥର ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ନିକଟବର୍ତ୍ତୀ ଲାଣ୍ଡିମୁଣ୍ଡି ଡୋଙ୍ଗରିରେ ପଡିଛି। ବେଆଇନ ପଥର ବ୍ଲାଷ୍ଟିଂ କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା ପଥର ମାଫିଆମାନେ କମାଉଥିବା ବେଳେ ତହସିଲ ଅଫିସରୁ ମାତ୍ର କିଛି ହଜାର ଟଙ୍କା ଜରିମାନା ଆଦାୟ କରି ପରୋକ୍ଷରେ ପଥର ମାଫିଆମାନଙ୍କୁ ତହସିଲ କର୍ମଚାରୀ ହାତ ଟେକି ଦେଉଥିବା ଅଭିଯୋଗ ହେଉଛି। ପ୍ରାକୃତିକ ଜଙ୍ଗଲ ମଧ୍ୟରେ ରହିଥିବା ଡୋକରି ଡଙ୍ଗରି ଏବେ ପଦା ହେବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ବୃକ୍ଷରୋପଣ ପାଇଁ ସରକାର ଯୋଜନା କରୁଥିବା ବେଳେ ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁ ବଡବଡ ମୂଲ୍ୟବାନ ଗଛ ସବୁ ବଳି ପଡୁଛି। ପଥର କ୍ୱାରି ଦେଖିଲେ ଏକ ବଡଗର୍ତ୍ତ ସଦୃଶ୍ୟ ଦେଖା ଯାଉଥିବା ବେଳେ ଅଖାପାଖ ଗ୍ରାମଗୁଡିକର ଉର୍ବର ମାଟି ନଷ୍ଟ ହେବା ସହ ଧୂଳିର ମୋଟା ପ୍ରସ୍ତର ଗଛପତ୍ରରେ ଜମି ରହୁଛି । ଏହାସହ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଛି । ଏ ନେଇ କୋକସରା ତହସିଲଦାର ମୌଷୁମୀ ନାଏକଙ୍କୁ ପଚାରିବାରୁ ତହସିଲ ପକ୍ଷରୁ କୌଣସି କ୍ରଶର ୟୁନିଟକୁ ପଥର ବ୍ଲାଷ୍ଟିଂ ପାଇଁ ଅନୁମତି ଦିଆଯାଇନାହିଁ। ପୂର୍ବରୁ ଦିଆଯାଇଥିବା ଅନୁମତି ସରିଲାଣି, ଯଦି ବେଆଇନ ଭାବେ ବ୍ଲାଷ୍ଟିଂ ହେଉଛି ତା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।



କାଶିବାହାଲଠାରେ ଚାଲିଥିବା କ୍ରଶର ୟୁନିଟ।

**କୋକସରା ତହସିଲ**
- ନଷ୍ଟ ହେଉଛି ପ୍ରାକୃତିକ ପରିବେଶ
- ଲିଜ୍ ଶେଷ ହେବା ପରେ ବି ଚାଲିଛି

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କର୍ଲାମୁଣ୍ଡା,୧୯।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲାସ୍ଥିତ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୪ ତାରିଖଠାରୁ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗଗନ ବିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଧନେଶ୍ୱର ମାଝି, ସମ୍ମାନିତ ଅତିଥି ଭାବେ ହେମସାଗର ସାହୁ, ଲମ୍ବୋଦର ସାହୁକାର, ଜ୍ୟୋତିମାଳା ରାଉତ, ଧ୍ରୁବଚରଣ ସାହୁ, ପ୍ରୋଗ୍ରାମ ଅଫିସର ରାଜ କିଶୋର ରଣା ଯୋଗଦେଇ ଆତ୍ମ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ୯୨ ଜଣ ଛାତ୍ରୀଙ୍କୁ ତାଲିମ ଦାତ୍ରୀ ଭାବେ ଦିବ୍ୟା ମାଝି ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ୧୨ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର କର୍ଲାମୁଣ୍ଡା ତହସିଲଦାର ବାସନ୍ତୀ ସେଠୀ ଉଦ୍‌ଘାଟନ କରିଥିଲେ ।



ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଉଛନ୍ତି।

# ଲକ୍ଷାଧିକ ଟଙ୍କାର ଚୋରା ଶାଗୁଆନ କାଠ ଜବତ

ଭବାନୀପାଟଣା,୧୯।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ରେଞ୍ଜ ବୁରାଟ ଗାଁରେ ଏକ ଫାର୍ମ ହାଉସ୍ ଭିତରୁ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ବନବିଭାଗ ଜବତ କରିଛି । ଏହାସହ ଫାର୍ମ ହାଉସ ମାଲିକଙ୍କୁ ଅଟକ ରଖି ପଚାରାଉଚରା କରାଯାଉଛି। ସୂଚନାମତେ, ଏହି ଫାର୍ମ ହାଉସରୁ ବାହାରକୁ ଚୋରା କାଠ ପଟା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲା। ଅଭିଯୋଗ ଆଧାରରେ କଳାହାଣ୍ଡି ଡିଏଫ୍ଓ ନିତେଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ବଂଶିଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମ.ରାମପୁର ବନ ବିଭାଗ ରେଞ୍ଜର କେଶବ ମାଝି ସଦଳବଳେ ଚଢାଉ କରିଥିବା ରାଜ୍ୟ ଅଣଗେଜେଟେଡ୍ ବନସେବା ସଂଘ ଉପସଭାପତି ଭବାନୀଶଙ୍କର ପରିଛାଙ୍କ ସୂତ୍ରରୁ ପ୍ରକାଶ। ଚଢାଉ ବେଳେ ୧୦୦ ଖଣ୍ଡ ଶାଗୁଆନ କାଠପଟା ଓ ୫ ଖଣ୍ଡ ଗଣ୍ଡି ଜବତ କରିଥିବା ବେଳେ ଫାର୍ମ ହାଉସ ମାଲିକ ମ.ରାମପୁରର ବାସୁଦେବ ନାୟକଙ୍କୁ ଅଟକ ରଖିଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷ୍ୟାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବଢାଉ ବେଳେ ଜଣେ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ବନ ବିଭାଗ ଅନେକ କର୍ମଚାରୀ ସାମିଲ ଥିଲେ।



ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଜବତ ଶାଗୁଆନ କାଠ।

# ଓ୍ୱେସ୍କୋ ପକ୍ଷରୁ ୧୨୦ ଜଣଙ୍କ ବିଦ୍ୟୁତ୍ କାଟ

ଭବାନୀପାଟଣା,୧୯।୨ (ଡି.ଏନ.ଏ.)

ଯେଉଁମାନଙ୍କ ବିଦ୍ୟୁତ୍ ବକେୟା ରହିଛି ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ଓ୍ୱେସ୍କୋ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଓ୍ୱେସ୍କୋ ପକ୍ଷରୁ ୨୫ ହଜାର ଟଙ୍କାରୁ ଅଧିକ ବିଦ୍ୟୁତ୍ ବିଲ ପୈଠ କରି ନ ଥିବା ୬୪ ହଜାର ବିଦ୍ୟୁତ୍ ଗ୍ରାହକଙ୍କୁ ନୋଟିସ୍ ପ୍ରଦାନ କରାଯାଇଥିଲା। ନିର୍ଦ୍ଧିତ ସମୟରେ ଉକ୍ତ ବିଲ ପୈଠ ନ କଲେ ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ନିର୍ଦ୍ଦେଶ ଦେଲେ। ଯେଉଁମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଦ୍ୟୁତ୍ ବିଲ ପୈଠ କରିନାହାନ୍ତି ସେମାନଙ୍କ ବିଦ୍ୟୁତ ସଂଯୋଗ କାଟିବା ଆରମ୍ଭ କରାଯାଇଛି। ବିଶେଷ କରି ପୂର୍ବ ଡିଭିଜନ ଅଧୀନରେ ଥିବା ଭବାନୀପାଟଣା ସହରର ୧୨୦ ଜଣ ଅଧିକ ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ କରାଯାଇଥିବା ବେଳେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ବିଦ୍ୟୁତ୍ ବିଲ ଆଦାୟ କରାଯାଇଥିବା ଓ୍ୱେସ୍କୋ ଯନ୍ତ୍ରୀ ଧନଞ୍ଜୟ ରଣା ପ୍ରକାଶ କରିଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କୁ ମାନବାଧିକାର କମିଶନରଙ୍କ କୈଫିୟତ

ଭବାନୀପାଟଣା,୧୯।୨ (ଡି.ଏନ.ଏ.)

ଏକ ନିର୍ମାଣାଧୀନ ଘର ଛାତ ପକାଉଥିବା ବେଳେ ୨୪ ମାର୍ଚ୍ଚ ୨୦୧୮ରେ ଘର ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବଡଡୁଙ୍ଗୁରାଗୁଡା ଗାଁର ରାଜମିସ୍ତ୍ରୀ ସରୋଜ ବାଗଙ୍କ ମୃତ୍ୟୁ ଘଟିଥିଲା। ଏ ବାବଦରେ ସେତେବେଳେ ଜାତୀୟ ମାନବାଧିକାର କମିଶନରେ ଦିଲୀପ ଦାସ ଅଭିଯୋଗ ଦାଖଲ କରିଥିଲେ। ଏହି ମାମଲାରେ ଜାତୀୟ ମାନବାଧିକାର କମିଶନ ସମ୍ପ୍ରତି ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ କୈଫିୟତ ମାଗିଛନ୍ତି। କମିଶନ ଦର୍ଶାଇଛନ୍ତି ଯେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ବାବଦରେ ସରକାରଙ୍କ ଆଭିମୁଖ୍ୟ କ'ଣ, ଓ୍ୱେସ୍କୋ ଓ ଶକ୍ତି ବିଭାଗ ପକ୍ଷରୁ ଏହି ଘଟଣାରେ ନିଜ ଉପରୁ ଦୋଷ ଛଡାଇ, ସେହି ପ୍ରଧାନମନ୍ତ୍ରୀ ଆବାସ ଘର ବେନିୟମ ଭାବରେ ୧୧ କେଭି ବିଦ୍ୟୁତ୍ ତାର ତଳେ ନିର୍ମାଣ କରାଯାଉଥିବାରୁ ନିଜେ ହିତାଧିକାରୀ ଓ ବ୍ଲକ କର୍ତ୍ତୃପକ୍ଷ ଦାୟୀ ବୋଲି ରିପୋର୍ଟ ଦାଖଲ କରିଥିଲେ। ଏହାସତ୍ତ୍ୱେ ଜାତୀୟ ମାନବାଧିକାର କମିଶନ ଏହାକୁ ଖାରଜ କରିବା ସହ ୨୦୦୪ର ସୁପ୍ରିମକୋର୍ଟଙ୍କ ଏକ ରାୟର ଉଦାହରଣ ଦେଇ କହିଛନ୍ତି ଯେ, ଯେହେତୁ ବିଦ୍ୟୁତ୍ ସରବରାହ ଏକ ବିପଦଜ୍ଜନକ କାର୍ଯ୍ୟ । ତେଣୁ ଶକ୍ତି ବିଭାଗ ଓ ବିଦ୍ୟୁତ୍ ସରବରାହ କରୁଥିବା କମ୍ପାନୀର ଦାୟିତ୍ୱ ଲୋକଙ୍କୁ ଏହି ବିପଦରୁ ରକ୍ଷା କରିବା। ତାର ତଳେ ବେଆଇନ ଘର ନିର୍ମାଣ ହେଉଥିଲେ ଏହାକୁ ଭାଙ୍ଗିବା ଦାୟିତ୍ୱ ମଧ୍ୟ ଶକ୍ତି ବିଭାଗ ଓ ଓ୍ୱେସ୍କୋ କର୍ତ୍ତୃପକ୍ଷ ଦାୟୀ ଓ ପରୋକ୍ଷରେ ସରକାର ଦାୟୀ। ଏଣୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ କାହିଁକି ଦିଆ ନ ଯିବ ତାହାର କୈଫିୟତ ୬ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

ଜୁନାଗଡ,୧୯।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ ଶାଖା) ପକ୍ଷରୁ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ବୁଧବାର କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଉପସଭାପତି ଲବଣୀ ନାଏକ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋଜ କୁମାର ପାଣିଗ୍ରାହୀ ଓ ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ କାର୍ଯ୍ୟାଳୟ ଜରୁରୀକାଳୀନ ଅଧିକାରୀ ସୁରେନ୍ଦ୍ର ନାଥ ତ୍ରିପାଠୀ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଗତ ୧୪।୨।୨୦୨୦ରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୫ ଶତକଡା ମହଙ୍ଗା ଭତ୍ତା ଗଚ୍ଛିତ ବକେୟା ୬୦ ଶତକଡାରୁ ୧୦ ଶତକଡା ପ୍ରଦାନ, ନୂତନ ଘରଭଡା ସମ୍ପର୍କରେ ନୀରବ ରହିବା ଓ ମୃତ୍ୟୁ କାଳୀନ ନିଯୁକ୍ତି ଘୋଷଣା ସାରା ରାଜ୍ୟରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷିକଙ୍କ ମନରେ ଅନେକ ଅସନ୍ତୋଷ ଓ ହତାଶ ଭାବ ସୃଷ୍ଟି କରିଛି। ଚଳିତ ୫ ଶତକଡା ଡିଏ ପ୍ରଦାନ ୪୦ ବର୍ଷର ଇତିହାସକୁ ବଦଳାଇ ଦେଇଛି। ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଜଣେ କର୍ମଚାରୀର ମୃତ୍ୟୁରେ ପରିବାର ସଦସ୍ୟ ଗ୍ରୁପ-ଡିରେ ନିଯୁକ୍ତି ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିସହିତ ବର୍ଷବର୍ଷ ଧରି ଶିକ୍ଷକମାନଙ୍କ ପଦୋନ୍ନତି ନ ହେବା, ନୂତନ ପେନସନ୍ ଯୋଜନାକୁ ବାତିଲ ନ କରିବା, ଅସ୍ଥାୟୀ ନିଯୁକ୍ତି ସ୍ଥାୟୀ ନ କରିବା କାର୍ଯ୍ୟ ଶିକ୍ଷକମାନଙ୍କୁ ମାନସିକସ୍ତରରେ ଶିକ୍ଷାଦାନ କରିବାରେ ବ୍ୟାଘାତ ସୃଷ୍ଟି କରୁଛି। ଏହି ସବୁ ସମସ୍ୟା ଓ ଦାବିଗୁଡିକ ନେଇ ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ) ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।





ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କ ଅନୁମୋଦନ

ଧରିତ୍ରୀ ପ୍ରଭାବ

ପର୍ଲା,୧୯।୨ (ଡି.ଏନ.ଏ.)

ଥନଟ- ଧର୍ମଗଡ ରାସ୍ତା ଉନ୍ନତିକରଣ ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି। ଏଥିପାଇଁ କଳାହାଣ୍ଡି ଜିଲାପାଳ ୬ ଲକ୍ଷ ଟଙ୍କା ଅନୁମୋଦନ କରଛନ୍ତି। ଗତ ୯ ତାରିଖରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବ୍ରାହ୍ମଣ ଛେଣ୍ଡିଆ ପଞ୍ଚାୟତ ଥନଟ- ଧର୍ମଗଡ ରାସ୍ତା ମରଣଯନ୍ତା ପାଲଟିଛି ଖବର ପ୍ରକାଶ ହୋଇଥିଲା । ଉକ୍ତି ଖବର ଆଧାରରେ ଦିବସ କୁମାର ସାହୁ ନାମକ ଜଣେ ସାମାଜିକ କର୍ମୀ ଟୁଇଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ କଳାହାଣ୍ଡି ଜିଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। କଳାହାଣ୍ଡି ଜିଲାପାଳ ଏ ବିଷୟକୁ ଗୁରୁତ୍ୱ ସହ ନେଇ ତୁରନ୍ତ ୬ ଲକ୍ଷ ଟଙ୍କା ଅନୁମୋଦନ କରିଥିବା ଟୁଇଟର ଉତ୍ତରରୁ ସୂଚନା ମିଳିଛି । ସୂଚନା ଯେ, ଦୀର୍ଘ ୫ ବର୍ଷ ଧରି ଥନଟ-ଧର୍ମଗଡକୁ ସଂଯୋଗ କରୁଥିବା ପଞ୍ଚାୟତ ଅଧୀନ ରାସ୍ତା ଶୋଚନୀୟ ଅବସ୍ଥାରେ ପଡିରହିଛି । ରାସ୍ତା ମଝିରେ ବଡ ବଡ ଗାତ ହେବା ସାଙ୍ଗକୁ ମେଟାଲ ବାହାରି ପଡିରହିଥିବା ବେଳେ ଲୋକେ ଯାତାୟାତ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଥନଟଠାରୁ ମାତ୍ର ଧର୍ମଗଡ ୨ କି.ମି ଥିଲେ ହେଁ ଅତିକ୍ରମ କରିବାକୁ ୨ରୁ ୩ ଘଣ୍ଟା ସମୟ ଲାଗୁଛି । ଏହି ରାସ୍ତା ଦେଇ କୌଣସି ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯିବା କଷ୍ଟକର ହୋଇପଡିଛି । ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ପଞ୍ଚାୟତ, ନେତାମନ୍ତ୍ରୀଙ୍କୁ ଜଣାଇ ନିରାଶ ହୋଇଥିଲେ। ରାସ୍ତା ନିର୍ମାଣ ଅନୁମୋଦନ ହୋଇଥିବା ଜାଣି ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି ।



DM KALAHANDI
156 Tweets
Tweets | Tweets & replies | Media | Likes

ଦିବସ କୁମାର ସାହୁ @DibasKu... · 09 Feb
@CMO_Odisha @gapg_dept @SatpathyLive @DmKalahandi ଧରିତ୍ରୀ ଖବରକାଗଜ ରେ ପ୍ରକାଶିତ ତଥ୍ୟ ଆଧାର ରେ ଉକ୍ତ #ପ୍ରଧାନମନ୍ତ୍ରୀଗ୍ରାମସଡ଼କ ଯୋଜନା ରେ ତିଆରି ହୋଇଥିବା ରାସ୍ତାର ଉନ୍ନତିକରଣ ନିମନ୍ତେ @RDOdisha ଏବଂ @Lightinglives3 ଅଙ୍କୁ ବିନମ୍ର ଅନୁରୋଧ @MoSarakaar

ମରଣଯନ୍ତା ପାଲଟିଛି ଥନଟ-ଧର୍ମଗଡ଼ ରାସ୍ତା

DM KALAHANDI @DmKalahandi · 1m
Rs. 6 Lakhs has been approved by the DPC-cum-Chairman, MGNREGA in FA 2019-20 for the repair of the road from the village Thanat(Br Chhendia) GP to Dharamgarh.

# ୩ ମାସ ହେଲା ଅଲଟ୍ରାସାଉଣ୍ଡ ମେଶିନ ଅଚଳ

ଭବାନୀପାଟଣା,୧୯।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗରେ ବହୁ ପଦବୀ ଖାଲି ପଡିଛି । ଅନ୍ୟପଟେ ରୋଗୀଙ୍କ ବିଭିନ୍ନ ରୋଗର ନିରୁପଣ ପାଇଁ ବହୁ ଦାମୀ ମେଶିନ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଥିଲେ ମଧ୍ୟ ବହୁ ସମୟରେ ଅଚଳ ରହୁଛି । ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବା ନେଇ କ୍ଷୋଭପ୍ରକାଶ ପାଇଛି। ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଅଲଟ୍ରସାଉଣ୍ଡ ମେଶିନ ଗତ ୩ ମାସ ଧରି ଅଚଳ ହୋଇ ପଡିଛି। ଏଥିଯୋଗୁ ରୋଗୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖୋଦ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କଳାହାଣ୍ଡି ବିଜେଡିର ଜିଲା ପ୍ରଭାରୀ ଥିବା ବେଳେ ଏ ନେଇ କୌଣସି ଠୋସ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। କଳାହାଣ୍ଡି ଜିଲାର ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନା ଉପରେ ଜିଲାର ରୋଗୀମାନେ ନିର୍ଭର କରିଥାନ୍ତି। ଏପରିକି ପଡୋଶୀ ଛତିଶଗଡ ରାଜ୍ୟ ଦେଭୋଗ ଅଞ୍ଚଳରୁ ମଧ୍ୟ ରୋଗୀ ଆସିଥାନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ବହୁ ଗର୍ଭବତୀ ପ୍ରସବ ପାଇଁ ଆସିଥାନ୍ତି। ଗର୍ଭବତୀଙ୍କ ପାଇଁ ଏମସିଏଚ୍ କୋଠାରେ ଆବଶ୍ୟକ ଶଯ୍ୟା ଅଭାବରୁ ବାରଣ୍ଡାରେ ତଳେ ରହିବାକୁ ବାଧ୍ୟ ହୋଇଥାନ୍ତି। ଗର୍ଭବତୀଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ବିଭାଗ ରହିଛି । ଗର୍ଭବତୀମାନେ ପରୀକ୍ଷା ପାଇଁ ଅଲଟ୍ରାସାଉଣ୍ଡର ରିପୋର୍ଟ ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି । ହେଲେ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେଶିନ ଗତ ୩ ମାସ ଧରି ଅଚଳ ହେବା ଯୋଗୁ ବାଧ୍ୟ ହୋଇ ଘରୋଇ କ୍ଲିନିକ୍‌ରେ ଅଧିକ ଦାମ ଦେଇ ପରୀକ୍ଷା କରିଥାନ୍ତି । ଡାକ୍ତରଙ୍କ କହିବା ଅନୁସାରେ ମହିଳାମାନଙ୍କ ପ୍ରସବ ପୂର୍ବରୁ ଦୁଇରୁ ତିନିଥର ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାକୁ ପଡିଥାଏ। ଏ ସମ୍ପର୍କରେ ଭାରପ୍ରାପ୍ତ ସିଡିଏମଓ ଡା. ଜଗୁଲାଲ ଅଗ୍ରୱାଲଙ୍କୁ ପଚାରିବାରୁ ମେଶିନ ଅଚଳ ନେଇ ରିପୋର୍ଟ ପ୍ରଦାନ କରାଯାଇଛି । ଆସନ୍ତା ମାର୍ଚ୍ଚ ସୁଦ୍ଧା ନୂଆ ମେଶନ ଲାଗିବ ବୋଲି କହିଥିଲେ। ରାଜ୍ୟ ସରକାର ତୁରନ୍ତ ଏ ନେଇ ହସ୍ତକ୍ଷେପ କରିବାକୁ ଜିଲାବାସୀ ଦାବି କରିଛନ୍ତି।

**ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ**





# କଳାହାଣ୍ଡି ଲ' କଲେଜର ୩୫ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଭବାନୀପାଟଣା,୧୯।୨ (ଡି.ଏନ.ଏ.)

ଭବାନୀପାଟଣାସ୍ଥିତ କଳାହାଣ୍ଡି ଲ କଲେଜର ୩୫ତମ ବାର୍ଷିକ କ୍ରୀଡା ଭବାନୀପାଟଣା ସରକାରୀ କଲେଜ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ କ୍ରୀଡା ଉତ୍ସବକୁ ଭବାନୀପାଟଣା ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ଦୁଷ୍ମନ୍ତ କୁମାର ନାଏକ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ସୁନିଲ କୁମାର ମୁଣ୍ଡ ଅଧକ୍ଷତା କରିଥିଲେ। ପ୍ରଥମ ଦିନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରମାନଙ୍କ ଭିତରେ ଏକ କ୍ରିକେଟ ମ୍ୟାଚ ଆୟୋଜନ କରାଯାଇଥିଲା। ଏହି କ୍ରୀଡା ଉତ୍ସବରେ ଲ କଲେଜ ଅଧାପକ ବିଶ୍ୱଜିତ୍ କର, ସତ୍ୟନ୍ ଚୌଧୁରୀ ଓ ବରିଷ୍ଠ ଆଇନଜୀବୀ ଦିବ୍ୟରଞ୍ଜନ ବୋହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତୃତୀୟ ବର୍ଷର ଛାତ୍ର ପ୍ରଦୀପ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦ୍ୱିତୀୟ ବର୍ଷର ଛାତ୍ର ଧାନନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପଙ୍କଜ ଜୈନ, ପ୍ରସନ୍ନ ତ୍ରିପାଠୀ, ସ୍ନେହା ଶୁକ୍ଲା, ଅଭିଜିତ୍ ମିଶ୍ର ସମୀତ ଚାନ୍ଦ, ସସ୍ମିତା ତ୍ରିପାଠୀ, ଧବଳେ ମାଝି ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।

- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### କୁଷ୍ଠରୋଗ ଚିହ୍ନଟ ପାଇଁ ଶାମ୍ଭ ରଥ ବୁଲିଲା

**ବ୍ରଜରାଜନଗର, ୧୯।୨ (ଡି.ଏନ.ଏ):** କୁଷ୍ଠରୋଗ ଚିହ୍ନଟ ପାଇଁ ବ୍ରଜରାଜନଗର ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶାମ୍ଭରଥ ବାହାରିଛି। ଡାକ୍ତରଖାନାର ଆୟୁଷ ଡାକ୍ତର ପ୍ରଦୀପ ପାଣ୍ଡେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ରାଜପୁର, ଚାନ୍ଦିନିମାଲ, ଲୋଇସିଂ ଓ ଗୌଡମାଲ ପଞ୍ଚାୟତ ପରିଭ୍ରମଣ କରିବ ।

### ବ୍ରଜରାଜନଗର ପୌରାଞ୍ଚଳରେ ୯୦୮ ପରୀକ୍ଷାର୍ଥୀ

**ବ୍ରଜରାଜନଗର, ୧୯।୨ (ଡି.ଏନ.ଏ):** ବ୍ରଜରାଜନଗର ପୌରାଞ୍ଚଳର ୪ଟି ପରୀକ୍ଷା କେନ୍ଦ୍ରରେ ୯୦୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ତେବେ ଓପିଏମ ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରୁ ୨୩୧ ଜଣଙ୍କ ମଧ୍ୟରୁ ୨୨୬ ଜଣ ପରୀକ୍ଷା ଦେଇଛନ୍ତି । ସେଣ୍ଟ୍ରାଲ ସ୍କ୍ୱାଡ୍ ପରୀକ୍ଷା କେନ୍ଦ୍ରକୁ ଆସି ତଦାରଖ କରିଥିବା ସୁପରିଟେଣ୍ଡେଣ୍ଟ ସୁଧାଂଶୁ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ଲାଲା ଲଜପତ ରାୟ, ଓପିଏମ ବଏଜ୍ ହାଇସ୍କୁଲ, ଓରିଏଣ୍ଟ କୋଲିଆରି ହାଇସ୍କୁଲର ସେଣ୍ଟର ଗୁଡିକରେ ଶାନ୍ତିଶୃଙ୍ଖଳା ସହ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଛି । ଓରିଏଣ୍ଟ କୋଲିଆରୀ ସେଣ୍ଟରରେ ସିସିଟିଭି ଲଗାଯାଇଥିବା ଜଣାପଡିଛି ।

### ଦେଶୀ ମଦ ଚାଲାଣ, ଯୁବକ ଗିରଫ

**ବେଲପାହାଡ଼,୧୯।୨ (ଡ଼ି.ଏନ୍.ଏ):** ଦେଶୀ ମଦ ଚାଲାଣ କରୁଥିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଯୁରାବଗା ଗାଁର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ପ୍ରମୋଦ ମହାରଣା (୪୨)। ଗତ ମଙ୍ଗଳବାର ରାତିରେ ପ୍ରମୋଦ ଭୁଲାମାଲ ଗାଁରୁ ଏକ ଜାର୍କେନରେ ୫ ଲିଟର ଦେଶୀ ରନ୍ଧାମଦ ଧରି ଯୁରାବଗା ଗାଁ ଆଡ଼କୁ ଚାଲି ଚାଲି ଯାଉଥିବା ବେଳେ ପୋଲିସ ତାଙ୍କୁ ଟିଆର୍ଏଲ କଲୋନୀ ନିକଟରେ କାବୁ କରିଥିଲା । ଏ ସଂକ୍ରାନ୍ତରେ ବେଲପାହାଡ଼ ଥାନା ପୋଲିସ ଏକ ମାମଲା (ନଂ.୨୮/୨୦) ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ।

### ପେଟ୍ରୋଲ ପମ୍ପରୁ ଚୋରି ଅଭିଯୋଗ, ୨ ଗିରଫ

**ଲଖନପୁର,୧୯।୨(ଡି.ଏନ୍.ଏ):** ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲ ସ୍ୱାଧୀନ କମ୍ପ୍ଲେକ୍ସ ସ୍ଥିତ ପେଟ୍ରୋଲ ପମ୍ପରୁ ଚୋରି କରୁଥିବାବେଳେ ୨ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଶାନ୍ତିନଗରର ରାମ କୁମାର ମହୋତ(୨୧) ଓ ସୁଶାନ୍ତ ବେହେରା(୨୨)। ଏମାନଙ୍କ ନିକଟରୁ ପୋଲିସ୍ ଏକ ବାଇକ୍ ସହ ୧୨ହଜାର ଟଙ୍କା ଜବତ କରିଛି । ପେଟ୍ରୋଲ ଟାଙ୍କି ମାଲିକ ଗଜରାଜ ସିଂହଙ୍କ ଅଭିଯୋଗକୁ ଭିତ୍ତି କରି ବନହରପାଲି ଥାନାରେ ଏକ ମାମଲା (ନଂ.୧୮/୨୦) ରୁଜୁ କରି ତଦନ୍ତ ଚାଲିଛି ।




ଜନ ସଙ୍ଗଠନ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

# ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣଧାରଣା

## ଚାଷୀ, ଚାଷ ସମସ୍ୟାର ସମାଧାନ ଦାବି

**ଝାରସୁଗୁଡ଼ା ଅଫିସ,୧୯।୨**

ଝାରସୁଗୁଡା ଜିଲାରେ ଚାଷ ଓ ଚାଷୀଙ୍କ ସମସ୍ୟା ବଢ଼ି ଚାଲିଛି। ହେଲେ ଏ ନେଇ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ଏଭଳି ସମସ୍ୟାର ସମାଧାନ ଦାବି କରି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଜନ ସଙ୍ଗଠନ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି। ଏହି ଗଣଧାରଣା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

ଝାରସୁଗୁଡା ଜିଲାର ଲଇକେରା, ଲଖନପୁର, ଝାରସୁଗୁଡା, କିର୍ମିରା ଓ କୋଲାବିରା ବ୍ଲକରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ୩୨ଟି ଚାଷୀ ସେବା ସମବାୟ ସମିତିରେ ମୋଟ ୧୪ ହଜାର ୪୪୧ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ସେହିପରି କେତେକ ଚାଷୀ ନିଜ ନାମ ପଞ୍ଜୀକରଣ କରିପାରିନାହାନ୍ତି । ଚଳିତ ବର୍ଷ ୧୪ ହଜାର ୪୪୧ ଜଣ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଇଛି। କିନ୍ତୁ ଦ୍ୱିତୀୟ କିସ୍ତି ପାଇଁ ଧାନ ବିକ୍ରି ପାଇଁ ଟୋକନ ବ୍ୟବସ୍ଥା କରାଯାଇନାହିଁ। ଚଳିତବର୍ଷ ଜିଲାରେ ୭ ଲକ୍ଷ ୨୬ ହଜାର ୪୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଜିଲା ଯୋଗାଣ ବିଭାଗ ଲକ୍ଷଧାର୍ଯ୍ୟ କରିଥିଲା। ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୮୦ ହଜାର କୁଇଣ୍ଟାଲ ଧାନକ୍ରୟ ସରିଛି। ତେବେ ବଳକା ଧାନ କ୍ରୟ କରିବା ପାଇଁ ଯୋଗାଣ ବିଭାଗ ତତ୍ପରତା ଦେଖାଉନାହିଁ। ଧାନର ଗୁଣାବତ୍ତା ନାମରେ କୁଇଣ୍ଟାଲ ପ୍ରତି ୨ରୁ ୫ କିଗ୍ରା ପର୍ଯ୍ୟନ୍ତ ଧାନ କଟନି କରାଯାଉଛି। ସେହିପରି ୨୦୧୭-୧୮ ବର୍ଷରେ ଚାଷୀମାନେ ସମ୍ମୁଖୀନ ହୋଇଥିବା ମରୁଡ଼ିର ବୀମା କ୍ଷତିପୂରଣ ଏପର୍ଯ୍ୟନ୍ତ ପାଇ ନାହାନ୍ତି । ଜିଲାରେ ଥିବା କଳକାରଖାନା ଓ ଖଣି ଖାଦାନରୁ ନିର୍ଗତ ଦୂଷିତ ପାଣି, ପବନ ଓ ଗ୍ୟାସ ଫଳରେ ଚାଷ ନଷ୍ଟ ହେଉଛି। ବିଶେଷ କରି ଭୁର୍କାମୁଣ୍ଡା, କାତିକେଲା, ପରମାଣପୁର, କୁରେବଗା, ଭାଲୁପତ୍ରା, ବୃନ୍ଦମାଲା ଆଦି ଗ୍ରାମରେ ଯେଉଁ ଚାଷୀ ମାନଙ୍କ ଫସଲ ନଷ୍ଟ ହୋଇଛି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ମଞ୍ଚ ଦାବି କରିଛି । ଚାଷୀର ଉତ୍ପାଦିତ ଦ୍ରବ୍ୟର ସଠିକ ମୂଲ୍ୟ ନିର୍ଦ୍ଧାରଣ, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ଖୋଲିବା, ଜିଲାର ସମସ୍ତ ଚାଷଜମିକୁ ଉଠା ଜଳସେଚନ ବ୍ୟବସ୍ଥା, ଗଭୀର ନଳକୂପ, ଚେକ ଡ୍ୟାମ ଓ ପୁରୁଣା ବନ୍ଧକଟା ଗୁଡିକର ମରାମତି, ଉଠା ଜଳସେଚନ ପାଇଁ ବିଦ୍ୟୁତ୍ ବିଲ୍ ଛାଡ, ଜିଲା ଖଣିଜ ପାଣ୍ଠିରୁ ଜଳସେଚନ ବ୍ୟବସ୍ଥା, ଚାଷୀଙ୍କୁ ସୁଲଭ ମୂଲ୍ୟରେ ଠିକ୍ ସମୟରେ ଆବଶ୍ୟକ ଧାନ ବିହନ, କୀଟନାଶକ, ସାର ଆଦି ଯୋଗାଣ, ସମସ୍ତ ଚାଷୀଙ୍କ କୃଷି ଋଣ ଛାଡ ଏବଂ କୃଷି ପରିବାରର ମେଧାବୀ ଛାତ୍ରୀଛାତ୍ରଙ୍କୁ ବିନା ମୂଲ୍ୟରେ ଶିକ୍ଷା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଏହି ଗଣଧାରଣାରେ ଚାଷୀ ନେତା ସୁରେନ୍ଦ୍ର ସାହୁ, ଟଙ୍କଧର ନାଏକ, ବୁନ୍ଦେ ଧରୁଆ, ଗୋପିନାଥ ମାଝୀ, ବାସୁଦେବ ଭୋଇ, ରମାକାନ୍ତ ସାହୁ, ଶାନ୍ତନୁ ପାଣିଗ୍ରାହୀ, ନିର୍ମଳ ପ୍ରସାଦ ମିଶ୍ର, ଆଦିତ୍ୟ ରଥ, ଅସିମ ପଣ୍ଡା, ପ୍ରଶାନ୍ତ ତ୍ରିପାଠୀ, ଅଭିମନ୍ୟୁ ପଟେଲ, ଡମ୍ବରୁଧର ପଟେଲଙ୍କ ସମେତ ଅନ୍ୟ ଚାଷୀ ନେତାମାନେ ଉପସ୍ଥିତ ଥିଲେ।

# ମାତୃଭାଷା ପରୀକ୍ଷା ଦେଲେ ୬,୮୦୩ ଛାତ୍ରୀଛାତ୍ର

**ଝାରସୁଗୁଡା ଅଫିସ,୧୯।୨**

ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହୋଇଛି। ଜିଲାରେ ମୋଟ ୧୧୭ ଟି ହାଇସ୍କୁଲର ୬ ହଜାର ୮୦୩ ଜଣ ଛାତ୍ରୀଛାତ୍ର ୩୯ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହୋଇ ନ ଥିବା ବେଳେ ଜଣେ ବି ଛାତ୍ରୀଛାତ୍ର କପି କରିବା ବେଳେ ଧରା ପଡି ନ ଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଥାଉକି, ଜିଲାରେ ୬ ହଜାର ୫୭୪ ଜଣ ରେଗୁଲାର, ୧୧୯ ଜଣ ଏକ୍ସ ରେଗୁଲାର, ୨୫ ଜଣ କରେସପଣ୍ଡେଣ୍ଟ ଓ ୮୫ ଜଣ ଓପନ ସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି । ଚଳିତ ବର୍ଷ ୪ଟି ନୋଡାଲ ସେଣ୍ଟର କରାଯାଇଛି ।

# ବେଆଇନ ସ୍କ୍ରାପ୍ ଚାଲାଣ ବେଳେ ଟ୍ରକ୍ ଅଟକ

**ଲଖନପୁର,୧୯।୨ (ଡି.ଏନ୍.ଏ)**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲି ସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପରୁ ବେଆଇନ୍ ଭାବେ ସ୍କ୍ରାପ୍ ଚାଲାଣ ହେଉଥିବାବେଳେ ପୋଲିସ ଗୋଟିଏ ଟ୍ରକ୍ (ନଂ.କେଏ୦୨ଏଏ/୫୦୪୫)କୁ ବନହରପାଲି ଥାନାରେ ଅଟକ ରଖିଛି । ଏ ସମ୍ପର୍କରେ ପୋଲିସ ଏମ୍ଭିଆଇ ଓ ବିକ୍ରିକର ବିଭାଗର ଦୃଷ୍ଟି ଆକର୍ଷଣ କରିଛି। ଖବର ପାଇ ଉଭୟ ବିଭାଗୀୟ ଅଧିକାରୀମାନେ ବୁଧବାର ଥାନାରେ ପହଞ୍ଚି ସ୍କ୍ରାପ୍ ବୋଝେଇ ଟ୍ରକ୍‌ର କାଗଜପତ୍ର ଯାଞ୍ଚ କରିଛନ୍ତି। ଯାଞ୍ଚ ବେଳେ ଟ୍ରକ୍‌ରେ ଆବଶ୍ୟକତାଠାରୁ ଅଧିକ ମାଲ୍ ବୋଝେଇ ହୋଇଥିବା ଜଣାପଡିଥିଲା। ଫଳରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ବିକ୍ରିକର ବିଭାଗ ତରଫରୁ ୧ଲକ୍ଷ ୨ଶହ ଟଙ୍କା ଓ ଏମ୍ଭିଆଇ ତରଫରୁ ୪୫ହଜାର ୨୦ଟଙ୍କା ଜରିମାନା କରାଯାଇଛି । ଏ ନେଇ ପୋଲିସ ତଦନ୍ତ ଜାରି ରହିଛି । ଏ ନେଇ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେରଙ୍କୁ ତଦନ୍ତ ଜାରି ରହିଛି ଏବଂ ଏ ସମ୍ପର୍କରେ ଓପିଜିସି କର୍ତ୍ତୃପକ୍ଷଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଏ ନେଇ ଓପିଜିସି ଅଧିକାରୀ ଦୀଲିପ ପଣ୍ଡା କହିଛନ୍ତି ପୋଲିସ୍ ରିପୋର୍ଟ ଆସିଲା ପରେ ଏହାର ତଦନ୍ତ କରାଯାଇ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ ।




ଥାନାରେ ଅଟକ ସ୍କ୍ରାପ୍ ବୋଝେଇ ଟ୍ରକ୍।



ଅତିଥିମାନେ ଛାତ୍ର ନରେଶ କୁମାରଙ୍କୁ ସ୍ୱର୍ଣ୍ଣପଦକ, ପ୍ରମାଣପତ୍ର ସହ କଳାଭୂଷଣ ଉପାଧି ପ୍ରଦାନ କରାଯାଇଛି।

# ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରଙ୍କୁ କଳାଭୂଷଣ

**ଦେବଗଡ଼,୧୯।୨ (ଡ଼ି.ଏନ୍.ଏ.)**

ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ନରେଶ କୁମାରଙ୍କୁ ସ୍ୱର୍ଣ୍ଣପଦକ ସହ ପ୍ରମାଣ ପତ୍ର ସହିତ କଳାଭୂଷଣ ଉପାଧି ପ୍ରଦାନ କରାଯାଇଛି । ଖବର ମୁତାବକ ଗତ ଜାନୁୟାରୀ ୩୧ ତାରିଖରେ ମହାରାଷ୍ଟ୍ରର ଔରଙ୍ଗାବାଦରେ ଅନୁଷ୍ଠିତ ହୋଇଯାଇଥିବା ଅଖିଳ ଭାରତୀୟ ଚିତ୍ରାଙ୍କନ ଓ ହସ୍ତାକ୍ଷର ପ୍ରତିଯୋଗିତାରେ ନରେଶ କୁମାର ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇ କଳାଭୂଷଣରେ ଉପାଧି ପ୍ରାପ୍ତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ଉତ୍ତମ କୁମାର, ଉପାଧକ୍ଷ ହରିହର ମିଶ୍ର, ଓଡ଼ିଆ ଅଧ୍ୟାପକ ତଥା ବିଦ୍ୟାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ଼. ସୁରେନ୍ଦ୍ର ନାଥ ତ୍ରିପାଠୀ, କଳା ଅଧ୍ୟାପକ ପ୍ରଭୁଦୟାଲ ତିର୍କୀ ଓ ଗ୍ରନ୍ଥାଗାର ଅଧକ୍ଷା ଗୌରୀ ନନ୍ଦନୀ ବେହେରା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସ୍ୱର୍ଣ୍ଣ ପଦକ, ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିପରି ପ୍ରମାଣପତ୍ର ପାଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅଭୀପ୍ସା ନାଏକ, ମୋନାଲିସା ମଲ୍ଲିକ, ଦୀପିକା ପାତ୍ର, ସ୍ମୃତି ଶାଶ୍ୱତ ପ୍ରଧାନ, କୁନ୍‌ମୁନ୍ ପାତ୍ର, ନିହାରିକା ବିଶ୍ୱାଳ, ସ୍ମୃତିରେଖା ନନ୍ଦୀ, ଶୁଭମ୍ କିଷାନ, ଇନ୍ଦ୍ରମଣି ଗଡ଼ତ୍ୟା, ପ୍ରେମଚାନ୍ଦ ପ୍ରଧାନ, ଜୀବନ ସ୍ୱାଇଁ, ପ୍ରତୀକ୍ କୁମାର ବାଘ, ପପୁନ୍ କୁମାର ମାଝୀ, ଅଂଶୁମାନ ଧଳ ପ୍ରମୁଖ ରହିଛନ୍ତି।

# ଘର ସମ୍ମୁଖରୁ ବୋଲେରୋ ଚୋରି

**ବେଲପାହାଡ଼,୧୯।୨ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ପିପିଲିମାଲ ଗାଁରୁ ଗତ ସୋମବାର ରାତିରେ ଏକ ବୋଲେରା ଗାଡ଼ି ଚୋରି ହୋଇଛି। ଏ ସଂକ୍ରାନ୍ତରେ ଗାଡ଼ି ମାଲିକ ଦୟାନିଧି ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ ପୋଲିସ ଚୋରି ଗାଡ଼ିକୁ ଠାବ କରିପାରିନାହିଁ । ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ଦୟାନିଧିଙ୍କ ସମ୍ପର୍କୀୟ ହର୍ଷ ପ୍ରଧାନ ଧଳା ରଙ୍ଗର ବୋଲେରୋ (ନଂ.ଓଡ଼ି୧୫ଡ଼ି/୯୮୬) ଯୋଗେ ବସି ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ମରାକୁଟା ପଞ୍ଚାୟତର ଜମିରା ଗାଁକୁ ଯାଇଥିଲେ ।

ସେ ରାତି ପ୍ରାୟ ୧୧ଟା ୪୫ ମିନିଟ ସମୟରେ ପିପିଲିମାଲ ସ୍ଥିତ ଘରକୁ ଫେରିଆସିଥିଲେ । ରାତିରେ ଗାଡ଼ିଟି ତାଙ୍କ ଘର ସମ୍ମୁଖରେ ଲକ୍ ହୋଇ ରହିଥିଲା। ମାତ୍ର ସକାଳୁ ଗାଡ଼ି ନ ପାଇବାରୁ ଦୟାନିଧି ମଙ୍ଗଳବାର ବେଲପାହାଡ଼ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ଏକ ମାମଲା (ନଂ.୨୭/୨୦) ରୁଜୁ କରି ତଦନ୍ତ ଚଳାଇଛି ।

# ଷ୍ଟାଣ୍ଡିଂ ପୋଷ୍ଟ ମାଧ୍ୟମରେ ଜନ ସଚେତନତା

**ଦେବଗଡ, ୧୯।୨ (ଡି.ଏନ.ଏ)**

ବିଭିନ୍ନ ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବାର ଉଦ୍ଦେଶ୍ୟ ନେଇ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ବାର୍ତ୍ତାମାନ ଷ୍ଟାଣ୍ଡିପୋଷ୍ଟ ସହାୟତାରେ ପ୍ରଦର୍ଶିତ କରାଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ପରିକଳ୍ପିତ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ, ସୁସ୍ଥ ମା’ ସୁସ୍ଥ ଶିଶୁ, ଗାଁ ପାଣି ଗାଁ ରେ ରହୁ ଆମ ପାଣି ବହି ନ ଯାଉ ଆଦି ଅଭିଯାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଏହା ସହିତ ଜନସାଧାରଣଙ୍କୁ ନିଜର କର୍ତ୍ତବ୍ୟ ଓ ଦାୟୀତ୍ୱ, ସହରର ସ୍ୱଚ୍ଛତା, ନିଜ ସ୍ୱାସ୍ଥ୍ୟର ଯତ୍ନ, ବାଲ୍ୟ ବିବାହ ରୋକିବା, ଗଛ ଲଗାଇ ପରିବେଶ ବଞ୍ଚାଇବା, କନ୍ୟା ଭ୍ରୁଣହତ୍ୟାକୁ ବନ୍ଦ କରିବା, ସଡକ ସୁରକ୍ଷାର ନିୟମ ମାନି ଚଳିବା ଆଦି ବିଷୟ ଉପରେ ଭିନ୍ନ ଭିନ୍ନ ସ୍ଲୋଗାନ ମାଧ୍ୟମରେ ପୋଷ୍ଟର ପ୍ରଦର୍ଶନ କରାଯାଇ ପ୍ରଶାସନକୁ ଲୋକାଭିମୁଖୀ କରିବାର ପ୍ରୟାସ ଜାରି ରହିଛି । ସୂଚନା ଯୋଗ୍ୟ ଯେ, ଜିଲା ପ୍ରଶାସନ ପକ୍ଷରୁ ଜିଲାକୁ ସ୍ୱଚ୍ଛ,ସୁସ୍ଥ ଓ ସୁନ୍ଦର ଜିଲାରେ ପରିଣତ କରିବା ଉଦ୍ଦେଶ୍ୟ ନେଇ ପ୍ରତ୍ୟେକ ମାସର ତୃତୀୟ ରବିବାର ସ୍ୱଚ୍ଛତା ଦିବସ ଭାବରେ ପାଳନ କରାଯାଇ ସମଗ୍ର ଜିଲାରେ ସାମୂହିକ ଭାବରେ ସଫେଇ କାର୍ଯ୍ୟକ୍ରମ କରାଯାଉଛି। ସେହିଭଳି ସୁସ୍ଥ ମା’ ସୁସ୍ଥ ଶିଶୁ ଅଭିଯାନରେ ଜିଲାକୁ ଅପପୁଷ୍ଟି ମୁକ୍ତ ଏବଂ କିଶୋରୀ ବାଳିକାମାନଙ୍କର ରକ୍ତହୀନତା ଦୂରୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ସହିତ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ଭାବରେ ଗଢିତୋଳିବା ପାଇଁ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ପ୍ରଶାସନକୁ ଲୋକମାନଙ୍କ ସହିତ ଯୋଡିବା ପାଇଁ ପ୍ରତ୍ୟେକ ମାସର ପ୍ରଥମ ରବିବାର ପ୍ରଧାନପାଟ ରାସ୍ତାରେ ବାଟେଘାଟେ କାର୍ଯ୍ୟକ୍ରମ ମାଧ୍ୟମରେ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି, ଯାହାକି ଲୋକମାନଙ୍କ ପାଖରେ ଆଦୃତ ହୋଇଛି ।




ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ବାର୍ତ୍ତାମାନ ଷ୍ଟାଣ୍ଡିଂପୋଷ୍ଟ ସହାୟତାରେ ପ୍ରଦର୍ଶିତ କରାଯାଇଛି।

# ଜନଜାଗୃତି ମଞ୍ଚ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ

**ଦେବଗଡ,୧୯।୨ (ଡି.ଏନ.ଏ)**

ସ୍ଥାନୀୟ ସଭାଗୋଲି ଠାରେ ଓଡ଼ିଶା ଜନଜାଗୃତି ମଞ୍ଚ ଦେବଗଡ ଶାଖା ପକ୍ଷରୁ ନାଗରିକତା ସଂଶୋଧନ ଅଧିନିୟମ ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ଏକ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜନ ଜାଗୃତି ମଞ୍ଚ ଦେବଗଡ ଶାଖା ସଂଯୋଜକ ସୁକାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭୋଳେଶ୍ୱର ସାହୁ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସମ୍ବଲପୁର ଜିଲା ସଂଘଚାଳକ ସରୋଜ କୁମାର ଦାଶ ଯୋଗଦେଇଥିଲେ। ସରକାରଙ୍କ ଦ୍ୱାରା ନୂତନ ଭାବେ ଲାଗୁ କରାଯାଇଥିବା ଏହି ଅଧିନିୟମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ବିରୋଧୀମାନେ ଏହି ଅଧିନିୟମ ସମ୍ପର୍କରେ ଠିକ ତଥ୍ୟ ଉପସ୍ଥାପନ ନ କରି ଜନମାନସରେ ବିଭ୍ରାନ୍ତି ସୃଷ୍ଟି କରୁଥିବା ସଂଘଚାଳକ ସରୋଜ କୁମାର ଅଭିଯୋଗ କରିଥିଲେ। ଏଥିସହ ଏହି ଅଧିନିୟମକୁ ନେଇ ବିରୋଧୀମାନେ ମୁସଲମାନମାନଙ୍କ ସୁରକ୍ଷା ସମ୍ବନ୍ଧରେ ପ୍ରଶ୍ନ ଉଠାଇ ଭାରତବାସୀଙ୍କୁ ବିଭ୍ରାନ୍ତ କରିବା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିବା ସହ ଏହା ଏକ ଜନକଲ୍ୟାଣ ମୂଳକ ଅଧିନିୟମ ବୋଲି ସେ ପ୍ରକାଶ କରିଥିଲେ। ଏହି ବୁଦ୍ଧିଜୀବୀ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଭାଗ ପ୍ରଚାରକ ଶ୍ରୀମନ୍ତ ପ୍ରଧାନ, ପ୍ରମଥେଶ ଗୁରୁ, ଆଲୋକ କୁମାର ମିଶ୍ର, ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ଶୁଭ୍ରାଂଶୁ ଶେଖର ଗୁରୁ, ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅନନ୍ତ କୁମାର ଦାଶ, କ୍ଷୀରୋଦ ପ୍ରଧାନ, ଅଜୟ କୁମାର ମିଶ୍ର, ତ୍ରିବିକ୍ରମ ଶତପଥିଙ୍କ ସମେତ ବହୁ ବୁଦ୍ଧିଜୀବୀ, ଖବରଦାତା, ସାହିତ୍ୟିକ, ସାମାଜିକ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।




ନାଗରିକତା ସଂଶୋଧନ ଅଧିନିୟମ ସମ୍ପର୍କରେ ବୁଦ୍ଧିଜୀବୀ ସମାବେଶରେ ଅତିଥି ।

# ଆନ୍ତଃ କ୍ଲବ କ୍ରିକେଟ: ମହାବୀର କ୍ଲବ ବିଜୟୀ

**ଦେବଗଡ଼,୧୯।୨ (ଡି.ଏନ.ଏ.)**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ପଞ୍ଚମ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କଲାର ଗୋଲଡେନ ଷ୍ଟାର ଓ ଦେବଗଡ଼ର ମହାବୀର କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ କଲାର ଗୋଲଡେନ ଷ୍ଟାରକୁ ୧୫ ରନରେ ପରାସ୍ତ କରି ଦେବଗଡର ମହାବୀର କ୍ଲବ ବିଜୟୀ ହୋଇଛି। ଦେବଗଡ଼ର ମହାବୀର କ୍ଲବ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା । ଏହାର ଜବାବରେ କଲାର ଗୋଲଡେନ ଷ୍ଟାର କ୍ଲବ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୬୪ ରନ ସଂଗ୍ରହ କରିବା ସହ ୧୫ ରନରେ ପରାଜିତ ହୋଇଥିଲା । ମ୍ୟାଚକୁ ଅମ୍ପାୟାର ଭାବେ ଅଜିତ କୁମାର ମୋଦୀ ଓ ସୁମନ ବେହେରା ପରିଚାଳନା କରିଥିଲେ।



ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକଙ୍କ ସହ ଖେଳାଳିମାନେ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ



### ରାଏଡିହି ଜଙ୍ଗଲରେ ବାର୍ହା ଶିକାର: ବନ୍ଧୁକ ଜବତ

**ବଡ଼ଗାଁ, ୧୯।୨ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ରାଏଡିହି ଜଙ୍ଗଲରେ ବୁଧବାର ପୂର୍ବାହ୍ନରେ ୩ଜଣ ଦୁର୍ବୃତ୍ତ ୨ଟି ବାର୍ହା ଶିକାର କରିଥିବା ସୂଚନା ପାଇ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ଦେଶୀ ବନ୍ଧୁକ ଓ ମୃତ ବାର୍ହା ଜବତ କରିଛନ୍ତି। କେତେକ ବ୍ୟକ୍ତି ଜଙ୍ଗଲରେ ବାର୍ହା ମାରିଥିବା ଫରେଷ୍ଟର ଲିଙ୍ଗରାଜ ନାଏକ ଏବଂ ଓମପ୍ରକାଶ ମହାନନ୍ଦିଆ ସୂଚନା ପାଇ ଘଟଣାସ୍ଥଳକୁ ଯିବାବେଳେ ଦୂରରୁ ଗାଡି ଶବ୍ଦ ଶୁଣି ୩ଜଣ ବ୍ୟକ୍ତି ବନ୍ଧୁକ ଛାଡି ଦୌଡି ପଳାଇଥିଲେ। ଏହା ପରେ ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ ସେମାନେ ଜଙ୍ଗଲରେ ଲୁଚି ଯାଇଥିଲେ। ଅପରାହ୍ନରେ ମୃତ ବାର୍ହାର ବ୍ୟବଚ୍ଛେଦ କରି ବନ କାର୍ଯ୍ୟାଳୟ ପରିସରରେ ପୋତାଯାଇଛି। ଏ ସମ୍ପର୍କରେ ବଡ଼ଗାଁ ଫରେଷ୍ଟ ରେଞ୍ଜ ଦାୟୀତ୍ୱରେ ଥିବା ରେଞ୍ଜର ରୁନେନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାରେ ମୃତ ବାର୍ହାର ବ୍ୟବଚ୍ଛେଦ କରି ଏକ ଅପମୃତ୍ୟୁ ମାମଲା କରାଯାଇଥିବା କହିଛନ୍ତି।

# ଭତ୍ତା ପାଇଁ ଆଧାରକାର୍ଡ ସମସ୍ୟା

**ବଡ଼ଗାଁ, ୧୯।୨ (ଡି.ଏନ.ଏ)**

ସନ୍ତାନ ପାଇଁ ଜୀବନକୁ ଜଳାଞ୍ଜଳୀ ଦେଉଥିବା, ସମସ୍ତ ଦୁଃଖ କଷ୍ଟକୁ ସହି ନେଉଥିବା ମା'ଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ଅସ୍ତଗାମୀ ବୟସରେ ପହଞ୍ଚି ମଧ ମା' ପୁଅ ପ୍ରତି କେବେ ଅବହେଳା କରେନାହିଁ। ନିଜକୁ ତିଳତିଳ କରି ବଳିଦାନ କରେ ପୁଅର ଭବିଷ୍ୟତକୁ ନେଇ। ୪ ପୁଅ ଜନ୍ମ କରି କେତେ ଯେ ଆଶା ବାନ୍ଧିଥିଲେ ମା'। ବୃଦ୍ଧାବସ୍ଥାରେ ପୁଅମାନେ ସାହା ହେବେ ବୋଲି ଯେଉଁ ଆଶା ଥିଲା ମଉଳିଗଲା। ସ୍ୱାମୀ ଆରପାରିକୁ ଚାଲିଗଲା ପରେ ପୁଅମାନେ ମଧ ପର କରିଦେଲେ। ଏକାକୀ ଭେଣ୍ଡିଆ ମାନସିକ ଭିନ୍ନକ୍ଷମ ପୁଅକୁ ନେଇ କଷ୍ଟଭରା ଜୀବନ ବିତାଉଛନ୍ତି ମା'। ଏପରି ଜଣେ ହତଭାଗିନୀ ବୃଦ୍ଧା ମା' ହେଲେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଇତମା ନୂଆପଡାର କାଦୋମତୀ ସା (୭୨)। ବୁଧବାର ବ୍ଲକ କାର୍ଯ୍ୟାଳୟକୁ ଆସି ଲୋକମାନଙ୍କୁ ଆଧାରକାର୍ଡ କେଉଁଠି ହେଉଛି ପଚାରି ଏପଟସେପଟ ଘୁରି ବୁଲୁଥିବା ଏହି ବୃଦ୍ଧାଙ୍କୁ ଦେଖି ଆମ ପ୍ରତିନିଧି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଛଳଛଳ ଆଖିରେ ବୃଦ୍ଧା କହିଥିଲେ ବହୁତ ସମୟରୁ ଆସିଲୁଣି। ବାବୁ କେଉଁଠି ଆଧାରକାର୍ଡ ତିଆରି ହେଉଛି, ମୋ ପୁଅର କରାଇଦିଅ କହି ନେହୁରା ହୋଇଥିଲେ। କାଦୋମତୀଙ୍କ



ସାନ ପୁଅ ସହିତ କାଦୋମତୀ ସା।

୪ ପୁଅ ଓ ଗୋଟିଏ ଝିଅ। ଝିଅ ବାହା ହୋଇ ଚାଲିଗଲା ପରେ ଗତ ୧୫ ବର୍ଷ ପୂର୍ବେ ସ୍ୱାମୀ ଅନ୍ତ ଆରପାରିକୁ ଚାଲିଗଲେ। ୧୬ ବର୍ଷ ବୟସରେ ସାନ ପୁଅ ମୁରଲିଧରଙ୍କ ମାନସିକ ସ୍ଥିତି ବିଗିଡିଗଲା। ଏବେ ସେ ୩୮ ବର୍ଷରେ ଉପନିତ। ୩ ପୁଅ ବାହାହେଲା ପରେ ଅଲଗା ହୋଇଥିଲେ। ସ୍ୱାମୀଙ୍କ ୩ ଏକର ଜମିରୁ ତାଙ୍କ ଭାଗରେ ମାତ୍ର ଅଧା ଏକର ଚାଷ ଜମି । ଜୀବନ ସଂଗ୍ରାମରେ ଜୁଝୁଥିବା କାଦୋମତୀ ପାଉଥିବା ବାର୍ଦ୍ଧକ୍ୟ ଭତ୍ତା ୫ଶହ ଟଙ୍କା ଓ ସରକାରଙ୍କ ଦ୍ୱାରା ମିଳୁଥିବା ସୁଲଭ ମୂଲ୍ୟର ୩୫ କେଜି ଚାଉଳ ହିଁ ପରିବାର ପ୍ରତିପୋଷଣର ଏକମାତ୍ର ସମ୍ବଳ। କାମ କରିବାକୁ ଅକ୍ଷମ ବୃଦ୍ଧା ଭିନ୍ନକ୍ଷମ ପୁଅର ଭତ୍ତା କରାଇବା ପାଇଁ ଆବଶ୍ୟକ ଆଧାରକାର୍ଡ ହୋଇପାରୁନାହିଁ। ଆଧାରକାର୍ଡ ପାଇଁ ବହୁ କଷ୍ଟରେ ବଡଗାଁକୁ ବାରମ୍ବାର ଆସୁଛନ୍ତି। ପୁଅର ଭତ୍ତା ହେଲେ ସମସ୍ୟା କିଛିକାଂଶରେ ହାଲୁକା ହୋଇପାରନ୍ତା। କିନ୍ତୁ ଆଧାର କାର୍ଡ଼ ନ ଥିବାରୁ ଭତ୍ତା ହୋଇପାରୁ ନାହିଁ। ୩ବର୍ଷ ହେଲା ବଡଗାଁ ବ୍ଲକ ଅଫିସ ଓ ବିଭିନ୍ନ ଦୋକାନକୁ ଯାଇ ଆଧାର କାର୍ଡ ପାଇଁ ଖର୍ଚ୍ଚାନ୍ତ ପଡୁଛନ୍ତି । ହେଲେ କେହି ଜଣେ ଜନ ପ୍ରତିନିଧି, ରାଜନୈତିକ ଦଳର ନେତା କିମ୍ବା ସରକାରୀ ଅଧିକାରୀ ଏଯାଏଁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିନାହାନ୍ତି । ଏହି ମାନସିକ ଭିନ୍ନକ୍ଷମ ଯୁବକ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ବଡଗାଁ ବ୍ଲକ ଭୋଇପାଲି ପଞ୍ଚାୟତକୁ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ଉତ୍ଥାନ କମିଶନର ଭାସ୍କାରଜ୍ୟୋତି ଶର୍ମା ଗତବର୍ଷ ନଭେମ୍ବରରେ ଆସିଥିଲା ବେଳେ ବଡଗାଁ ବ୍ଲକର ପୂର୍ବତନ ଉପଧକ୍ଷା ଶାନ୍ତିଲତା ବେହେରା କମିଶନରଙ୍କ ପ୍ରଶ୍ନର ଉତ୍ତରରେ ଏନେଇ ଦୃଷ୍ଟି ଆକର୍ଷଣ କରିଥିଲେ। କମିଶନର ଶର୍ମା ଅଧିକାରୀମାନଙ୍କୁ ପଦକ୍ଷେପ ନେବାକୁ କହିଥିଲେ ମଧ ଏଯାଏଁ ସମସ୍ୟା ସମାଧାନ ନ କରି ଅଧିକାରୀମାନେ ଭୁଲି ଯାଇଛନ୍ତି। ଅସହାୟଙ୍କୁ ସହାୟତା, ସହଯୋଗ କରି ନ ପାରିବା ଯୋଗୁ ଖର୍ଚ୍ଚାନ୍ତରେ ପଡି ବୃଦ୍ଧା ଧାଇଁବା ଆମ ସରକାର, ପ୍ରଶାସନ ଓ ନେତାଗିରି କରୁଥିବା ବ୍ୟକ୍ତିଙ୍କ ଏହା ଅପାରଗତା କଣ ନୁହେଁ। ଭାଗ୍ୟକୁ ଆଦରି କଷ୍ଟକୁ ସହି ଚାଲିଥିବା ବୃଦ୍ଧାଙ୍କ ସମସ୍ୟା ଦୂର କରିବା ଦିଗରେ ଜିଲାପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି ।

- ଅସହାୟ ବୃଦ୍ଧା ଭିନ୍ନକ୍ଷମ ପୁଅକୁ ଧରି ବ୍ଲକ ଅଫିସ ଆସୁଛନ୍ତି
- ଆଧାରକାର୍ଡ ପାଇଁ ୩ ବର୍ଷ ଧାଇଁଲେଣି
- ଦିବ୍ୟାଙ୍ଗ ଉତ୍ଥାନ କମିଶନରଙ୍କୁ ଜଣାଇଥିଲେ
- କମିଶନର ଅଧିକାରୀଙ୍କୁ ପଦକ୍ଷେପ ନେବାକୁ କହିଥିଲେ
- ଏଯାଏଁ ସମସ୍ୟା ସମାଧାନ ହୋଇନାହିଁ

### ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ

**ବଣାଇ, ୧୯।୨(ସ୍ୱ.ପ୍ର)**

ବଣାଇ ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀର ସରସରା, କେ.ବଲାଙ୍ଗ ଓ ଖୁଣ୍ଟଗାଁଠାରେ ଭିନ୍ନଭିନ୍ନ ଭାବେ ମଣ୍ଡଳ ବୁଥସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। କେ.ବଲାଙ୍ଗ ଠାରେ ମଣ୍ଡଳ ସଭାପତି ମାଦି ଓରାମ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବଣାଇ ଭାଜପା ସାଙ୍ଗଠନିକ ଜିଲା ସଭାପତି ଅନିଲ ବାର୍ଲା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ନାଗରିକ ସଂଶୋଧନ ଆଇନ ଉପରେ ଉପସ୍ଥିତ କର୍ମୀଙ୍କୁ ବୁଝାଇବା ସହିତ ୪୦ଟି ବୁଥ ସଭାପତି ଚୟନ ପରେ ସମୀକ୍ଷା କରିଥିଲେ। ଶେଷରେ ପୂର୍ବତନ ମଣ୍ଡଳ ସଭାପତି ମହେଶ ସା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ଖୁଣ୍ଟଗାଁ ସ୍ଥିତ ହଳଦୀକୁଦର ଶିଶୁ ମନ୍ଦିର ଠାରେ ଖୁଣ୍ଟଗାଁ ମଣ୍ଡଳ ବୁଥ ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ, ମଣ୍ଡଳ ସଭାପତି ଗଙ୍ଗାଧର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଦନ ମୋହନ ନାଏକ, ଯୁଗଳ କିଶୋର ମହାନ୍ତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଭାଜପା ନେତା ରଇନୁ ନାଏକ, ଦିବାକର ନାୟକ, ଚୁଡାମଣି ମହାପାତ୍ର, ପ୍ରଦୀପ ସ୍ୱାଇଁ ଡମ୍ବରୁଧର ମାହାନ୍ତ, ଭୁବନେଶ୍ୱର ସ୍ୱାଇଁ, ବିହାରି ମାହାନ୍ତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ସେହିପରି ବଣାଇ ବ୍ଲକର ସରସରା ମଣ୍ଡଳ ପକ୍ଷରୁ ସଭାପତି ଯୁଧିଷ୍ଠିର ବେହେରାଙ୍କ ସଭାପତିତ୍ୱରେ ସମାବେଶ ହୋଇଥିଲା। ଏଥିରେ ଭାଜପା ଜିଲା ସଭାପତି ଅନିଲ ବାର୍ଲା ଯୋଗଦେଇ କର୍ମୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।

# ମାତୃଭାଷା ପରୀକ୍ଷାରେ କପିକରି ଧରାପଡ଼ିଲେ ୫ ପରୀକ୍ଷାର୍ଥୀ

## ■ ସୁନ୍ଦରଗଡ଼ ଜିଲାରେ ଶାନ୍ତିଶୃଙ୍ଖଳା ସହ ମାଟ୍ରିକ ପରୀକ୍ଷା ଆରମ୍ଭ

**ସୁନ୍ଦରଗଡ଼, ୧୯।୨ (ଡି.ଏନ୍.ଏ)**

ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହୋଇଛି। ସକାଳ ସାଢେ ୬ଟା ରୁ ସାଢେ ୮ଟା ମଧ୍ୟରେ ନୋଡାଲ ସେଣ୍ଟରଗୁଡିକରୁ ପରୀକ୍ଷାକେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ଓ ଉତ୍ତରଖାତା ପହଞ୍ଚିଥିଲା। ପରେ ସକାଳ ୯ଟାରେ ପରୀକ୍ଷା କେନ୍ଦ୍ର ଫାଟକଗୁଡିକରେ ପରୀକ୍ଷାର୍ଥୀ ମାନଙ୍କୁ ଯାଞ୍ଚ କରାଯିବା ପରେ ପରୀକ୍ଷା ହଲକୁ ଛଡାଯାଇଥିଲା। ସକାଳ ୧୦ଟାରୁ ୧୨ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ରାଉରକେଲା ଉଦିତ ନଗର ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ୨୪ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରଥମ ଦିବସରେ ପ୍ରଥମ ଭାଷା ମାତୃଭାଷା ପରୀକ୍ଷା ଥିଲା। ମାତୃଭାଷାରେ କପି କରି ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ ୫ଜଣ ପରୀକ୍ଷାର୍ଥୀ ସ୍କାଡ୍ ହାତରେ ଧରାପଡି ବୁକ ହୋଇଥିବା ଜିଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। ଜିଲାର ମୋଟ ୧୨୦ଟିପରୀକ୍ଷା କେନ୍ଦ୍ରରେ ମୋଟ ୨୪୮୧୯ ଜଣ ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ର ଓ ୨୦ଟି ନୋଡାଲ ସେଣ୍ଟରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



ନୋଡାଲ ସେଣ୍ଟରରୁ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତରଖାତା ନିଆଯାଉଛି।



ବାଲିଶଙ୍କରା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଉଦ୍‌ଘାଟନ କରାଯାଉଛି।

# ବସ ଓଲଟି ୭ ଯାତ୍ରୀ ଗୁରୁତର

**କୁତ୍ରା, ୧୯।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧିନ ବଡମାଲ ଗ୍ରାମ ଆଗକୁ ସାଧୁମୁଣ୍ଡା ଯିବା ଛକ ନିକଟରେ ରାଜାଗୋଲ୍ଡ ନାମକ ଏକ ଯାତ୍ରୀବାହୀ ବସ ବୁଧବାର ଓଲଟି ପଡିଛି। ଏଥିରେ ବହୁ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି। ତେବେ ସେଥିମଧ୍ୟରୁ ୭ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇଛନ୍ତି। ପୂର୍ବାହ୍ନରେ ଓଆର ୧୬ ଇ- ୦୯୬୫ ନଂ. ଥିବା ଏହି ବସ କୁତ୍ରାରୁ ତରକେରାକୁ ଯାଉଥିଲା। ସାଧୁମୁଣ୍ଡା ଛକଠାରେ ଭାରସାମ୍ୟ ହରାଇ ବସଟି ରାସ୍ତା କଡକୁ ଓଲଟି ପଡିଥିଲା। ଖବରପାଇ ପାଖରେ ଥିବା ବଡ଼ମାଲ ଓ ଗଏରବାହାଲ ଗ୍ରାମର ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ବସ ଭିତରୁ ବାହାର କରିଥିଲେ। ଗୁରୁତର ଥିବା ୭ଜଣ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ପଠାଇଥିବା ବେଳେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ମଧ ଚିକିତ୍ସା ପାଇଁ ବଡମାଲ ଡାକ୍ତରଖାନାକୁ ପଠାଇଥିଲେ। ସାମାନ୍ୟ ଆହତ ହୋଇଥିବା ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଅନଭିଜ୍ଞ ଡ୍ରାଇଭର ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ବସରେ ଥିବା କେତେଜଣ ଯାତ୍ରୀ ପ୍ରକାଶ କରିଥିଲେ। ହେଲେ ଷ୍ଟିୟରିଂ ଫେଲ ହୋଇଯାଇଥିବାରୁ ଦୁର୍ଘଟଣା ଘଟିଥିବା ବସ କର୍ମଚାରୀମାନେ କହିଥିଲେ। ବସରେ ବହୁଯାତ୍ରୀ ଯାତାୟତ କରୁଥିବା ବେଳେ ବସଗୁଡିକୁ ଯାଞ୍ଚ କରାଯାଉ ନାହିଁ। ବହୁ ବସରେ ଅନଭିଜ୍ଞ ଡ୍ରାଇଭର କାର୍ଯ୍ୟ କରୁଥିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ଅଭିଯୋଗ ହେଉଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଣୁ ବସ ଗୁଡିକରେ ଡ୍ରାଇଭରଙ୍କ ଚାଳକ ପ୍ରମାଣପତ୍ର ଯାଞ୍ଚ ସହିତ ସମୟ ସମୟରେ ମଦ ଯାଞ୍ଚ ପାଇଁ ସାଧାରଣରେ ଦାବି ହେଉଛି ।



ସାଧୁମୁଣ୍ଡା ଛକଠାରେ ଯାତ୍ରୀବାହୀ ବସ ଓଲଟି ପଡିଛି।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

**ବାଲିଶଙ୍କରା, ୧୯।୨ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ ସଉନାମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଏହି ସାମର୍ଥ ଶିବିର ଦ୍ୱାରା ଅନେକ ଭିନ୍ନକ୍ଷମ ଉପକୃତ ହେବେ। ଏହାର ଫାଇଦା ଉଠାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଉନାମରା ସରପଞ୍ଚ ସୁମିତ୍ରା ବାର୍ଲା, ପିଏ କୁଞ୍ଜବନ ପଟେଲ, ସମିତି ସଭ୍ୟ ରତନ ବାରସତିଆ, ପୂର୍ବତନ ସରପଞ୍ଚ ଚୁଲୁ ବାର୍ଲା, ବିପିଏମ ରବିନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇଥିଲେ। ବାଲିଶଙ୍କରା ବିଏସଏସଓ ଆଶୁତୋଷ ପଟେଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଭିନ୍ନକ୍ଷମ ସାମର୍ଥ ଶିବିରରେ ୪୦୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଯୋଗଦେଇଥିଲେ। ଡା. ସଞ୍ଜୟ ଦାଶ ଔଷଧ ବିଶେଷଜ୍ଞ, ଡା. ସୁବୋଧ କୁମାର ରଥ, ଡା. ପୂର୍ଣ୍ଣଚନ୍ଦ୍ର ମାଝୀ, ଡା. ଦୀପକ ପ୍ରଧାନ ପ୍ରମୁଖ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ। ଶିବିରରେ ବ୍ଲକ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ବଡ଼ଗାଁ ବିଦ୍ୟୁତ୍ ଗ୍ରୀଡ୍‌ରେ ଉତ୍ତେଜନା

## ■ ଧାରଣାରତ ଛଟେଇ ହେଲପରଙ୍କ ସମର୍ଥକ ଓ ଜେଇଙ୍କ ମଧ୍ୟରେ ବାକବିତଣ୍ଡା

**ବଡ଼ଗାଁ, ୧୯।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ୱେସ୍କୋର ଗ୍ରୀଡ ଷ୍ଟେସନଠାରେ ବୁଧବାର ମଧ୍ୟାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରୀଡ ମେଣ୍ଟେନେନ୍ସ ପାଇଁ ରାଉରକେଲା ମୁଖ୍ୟକାର୍ଯ୍ୟାଳୟରୁ ଆସିଥିବା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପାତ୍ରଙ୍କ ସହିତ ଧାରଣାରତ ଛଟେଇ ହେଲପରଙ୍କ ସମର୍ଥକଙ୍କ ବାକବିତଣ୍ଡା ହୋଇଥିଲା। ସେମାନେ ଧାରଣା ସମ୍ପର୍କିତ ବ୍ୟାନର ଗ୍ରୀଡ ଷ୍ଟେସନ ଗେଟରୁ ବାହାର କରିବା ଅଭିଯୋଗ କରିଥିଲେ। ସେଠାରେ ଉତ୍ତେଜନା ଦେଖାଦେଇଥିବା ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଯୁବକମାନଙ୍କୁ ବୁଝାସୁଝା କରିବାରୁ ବଡଧରଣର ଗଣ୍ଡଗୋଳ ହେବା ପୂର୍ବରୁ ଏଡାଯାଇ ପାରିଥିଲା। ଏହାପରେ ପୋଲିସ ଧାରଣାରତ ଛଟେଇ କର୍ମଚାରୀଙ୍କ ସମର୍ଥକ ଯୁବକ ଏବଂ ଜେଇ ପାତ୍ରଙ୍କୁ ଥାନା ଡକାଇ ଘଟଣାର ସମାଧାନ କରିଥିଲେ। ଜେଇଙ୍କ ଠାରୁ ପ୍ରକାଶ, ସେ ଧାରଣା ସମ୍ପର୍କରେ ଜାଣି ନ ଥିଲେ । ସେ ମଧ ଛଟେଇ ଧାରଣାରତ କର୍ମଚାରୀଙ୍କୁ ସମର୍ଥନ କରୁଛନ୍ତି କହିଥିଲେ। ବ୍ୟାନର ଗ୍ରୀଡା ଷ୍ଟେସନ ଗେଟରେ ଲଗାଯାଇ ନ ଥିଲା। ତେବେ ଛଟେଇ ବିଦ୍ୟୁତ୍ ବିଭାଗ ହେଲପରମାନେ ୱେସ୍କୋ ବଡ଼ଗାଁ ଅଫିସରେ ତାଲା ଦେଇଥିଲେ ମଧ ଗ୍ରୀଡ ଷ୍ଟେସନରେ କେବଳ ଲୋକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବ୍ୟାନର ଲଗାଇଛନ୍ତି।



ଧାରଣାରତ ଛଟେଇ କର୍ମଚାରୀଙ୍କ ସମର୍ଥକମାନେ ଜେଇ ସୁଶାନ୍ତ ପାତ୍ରଙ୍କ ସହିତ ଯୁକ୍ତିତର୍କ କରୁଛନ୍ତି।

# ଜଙ୍ଗଲ ଜମି ଅଧିକାର ଆଇନ ଉପରେ କର୍ମଶାଳା

**ହେମଗିର, ୧୯।୨ (ଡି.ଏନ.ଏ.)**

ହେମଗିର ପଞ୍ଚାୟତ ସମିତି ସଭାଗୃହରେ ଏକ ଦିବସୀୟ ଜଙ୍ଗଲ ଜମି ଅଧିକାର ଆଇନ ଓ ଏହାର ନୂତନ ସଂଶୋଧନ ୨୦୧୨ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ହେମଗିର ବ୍ଲକ ଅଧକ୍ଷା ସୁଧାରାଣୀ ରାଉତିଆ, ଉପାଧକ୍ଷ ସୁରଥ କୁମାର ପଧାନ, ବିଡିଓ ଶଶିଭୂଷଣ ପଟେଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା ତଥା ୨୦୧୨ରେ ହୋଇଥିବା ସଂଶୋଧନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ଓ ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱର ବସୁନ୍ଧରା ଅନୁଷ୍ଠାନର ବାଳକୃଷ୍ଣ ସାହୁ ଓ ସିଆଇଆରଟିଡି ସୁନ୍ଦରଗଡର ବିଶ୍ୱରଞ୍ଜନ ହୋତା ଉପସ୍ଥିତ ଥିଲେ। ଜଙ୍ଗଲ ଜମି ଅଧିକାର ଆଇନ-୨୦୦୫ର ଦୀର୍ଘ ୧୯ବର୍ଷ ବିତିଯାଇଥିଲେ ମଧ ଲୋକେ ଏହାର ସୁଫଳ ପାଇପାରି ନାହାନ୍ତି । ଯେଉଁ ଆଇନ ପୂର୍ଣ୍ଣ ଭାବେ ୨୦୦୮ରେ ଲାଗୁ ହୋଇଥିଲା, କିନ୍ତୁ ପୁନରାୟ ଏହାକୁ ୨୦୧୨ରେ ସଂଶୋଧନ କରାଯାଇଥିଲା। ଏଥିରେ ଜଙ୍ଗଲ ଜମିରେ ପୁରୁଷାନୁକ୍ରମେ ବସବାସ କରି ଆସୁଥିବା ଆଦିବାସୀ ତଥା ପାରମ୍ପାରିକ ବନବାସୀମାନଙ୍କୁ ସରକାର ଥଇଥାନ କରିବା ପାଇଁ ଏହି ଆଇନ ପ୍ରଣୟନ କରିଥିଲେ। ଏହି ଆଇନ କିଛିକାଂଶରେ ସଫଳ ହୋଇଥିଲେ ମଧ ଅଧିକାଂଶ ଲୋକେ ଏଥିରୁ ବଞ୍ଚିତ ଅଛନ୍ତି। ବର୍ତ୍ତମାନ ଏହି ଆଇନ ବଳରେ ଜଙ୍ଗଲ ଭିତରେ ଥିବା ଅଣରାଜସ୍ୱ ଗ୍ରାମ ଭାବରେ ମାନ୍ୟତା ଦେବା ପାଇଁ ମଧ ପ୍ରାବଧାନ ରହିଥିବା ସୂଚନା ଦେଇଥିଲେ। ଏହି କର୍ମଶାଳାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ରାମ କୁମ୍ଭାର ଓ ଉତ୍ତର କୁମାର ନାୟକ ଆୟୋଜନ କରିଥିଲେ। ଏଥିରେ ହେମଗିର ପଞ୍ଚାୟତ ସମିତିର ସରପଞ୍ଚ, ଜଙ୍ଗଲ ବିଭାଗ ଅଧିକାରୀ ବୃନ୍ଦ ତଥା ବାଲିଶଙ୍କରା ବ୍ଲକର ସୁପ୍ରିୟାନ ଖାଖା ଯୋଗଦେଇ କର୍ମଶାଳାକୁ ସଫଳ କରିଥିଲେ ।




ଜଙ୍ଗଲ ଜମି ଅଧିକାର ଆଇନ ଉପରେ କର୍ମଶାଳାରେ ମଞ୍ଚାସୀନ ଅତିଥି, ବକ୍ତା।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



**ସଂକ୍ଷେପରେ**

## ଆର୍‌ଜିଏଚ ମୁଖ୍ୟ ରାସ୍ତା ମରାମତି ଦାବି

**ରାଉରକେଲା ଅଫିସ,୧୯। ୨**-ସ୍ୱରେଜ କାମ ଆଳରେ ଦୀର୍ଘ ମାସାଧିକ ଧରି ଖୋଳାଯାଇ ମେଲା ପଡିଥିବା ରାସ୍ତା ମରାମତି କରାଯାଉନିଏନେଇ ବାରମ୍ବାର ଛୋଟ ମୋଟ ଦୁର୍ଘଟଣା ଘଟି ଚାଲିଥିଲେ ସୁଦ୍ଧା କର୍ତ୍ତୃପକ୍ଷଙ୍କ ନଜର ରହୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏସବୁ ସ୍ଥାନରେ ଧୂଳି ଉଡି ପଥଚାରୀଙ୍କୁ ନୟାନ୍ତ କରୁଛି। ପାଣି ସିଞ୍ଚନ କରାଯାଉନି। ଏହି ରାସ୍ତା ଦେଇ ଲୋକେ ମେଡିକାଲ, କୋର୍ଟ କଚେରୀ ଯାତାୟତ କରୁଛନ୍ତି। ଜରାଜୀର୍ଣ୍ଣ ରାସ୍ତା ନିର୍ମାଣ ଦୂର କଥା ଏହାକୁ ମରାମତି ଦିଗରେ ମଧ ଧାନ ଦିଆଯାଉନି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏଥିପ୍ରତି ଦୃଷ୍ଟି ଦିଆଯାଉନି। ଯାହାକୁ ନେଇ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି ଯେ, ଷ୍ଟିଲ ସିଟି ରାଉରକେଲାକୁ ମହାନଗର ଓ ସ୍ମାର୍ଟ ସିଟି ଘୋଷଣା ସତ୍ତ୍ୱେ ଏହାର ପରିବର୍ତ୍ତନ ଦିଗରେ ସେଭଳି କିଛି ପଦକ୍ଷେପ ନିଆଯାଇନି। ସହରର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଖୋଳାମେଲା ପଡିଛି। ଓକିଲ ସଂଘ ସାଧାରଣ ସମ୍ପାଦକ ଅକ୍ଷୟ ସାହୁ ଏଭଳି ଅବହେଳାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଚଳଚଞ୍ଚଳ କେତେକ ରାସ୍ତା ଯାତାୟତ ଅନୁପଯୋଗୀ ହେବା ସତ୍ତ୍ୱେ ଏ ଦିଗରେ ଧାନ ଦିଆ ନ ଯିବା ଅତ୍ୟନ୍ତ ପରିତାପର ବିଷୟ। ଏ ଦିଗରେ ଧାନ ଦିଆ ନ ଗଲେ ସାଧାରଣ ଜନତାଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାଇ ଦିଆଯାଇଛି।

# ସିପିଆଇ ପକ୍ଷରୁ ବିଶ୍ରା ଛକଠାରେ ବିକ୍ଷୋଭ

■ ରନ୍ଧନ ଗ୍ୟାସ୍, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧିର ପ୍ରତିବାଦ

**ରାଉରକେଲା ଅଫିସ, ୧୯।୨**

ମୋଦି ସରକାର ଦିଲ୍ଲୀ ବିଧାନସଭା ନିର୍ବାଚନର ଦିନକ ପରେ ରନ୍ଧନ ଗ୍ୟାସ ଦର ସିଲିଣ୍ଡର ପିଛା ଏକକାଳୀନ ୧୪୫ଟଙ୍କା ବୃଦ୍ଧି କରିଛନ୍ତି। ଯାହାକୁ ସର୍ବକାଳୀନ ରେକର୍ଡ ବୋଲି କୁହାଯାଇଛି। ଫଳରେ ଉପଭୋକ୍ତାଙ୍କୁ ସିଲିଣ୍ଡର ପିଛା ମୋଟ ୯୩୦ ଟଙ୍କା ଦେବାକୁ ପଡିବ। ମୋଦି ସରକାର ତାଙ୍କ ୬ ବର୍ଷ ଶାସନ କାଳରେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୧୩ ଟଙ୍କା ବୃଦ୍ଧି କରିଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ଆଳୁ, ପିଆଜ, ଡାଲି, ଖାଇବା ତେଲ ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟର ବଜାର ଦର ମଧ ବୃଦ୍ଧି ଘଟିଛି। କେନ୍ଦ୍ର ସରକାର ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରନ୍ଧନ ଗ୍ୟାସ ସିଲିଣ୍ଡର ଦର ଅହେତୁକ ବୃଦ୍ଧି ସାଧାରଣ ଲୋକଙ୍କ ଉପରେ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି। ମୋଦି ସରକାର ପ୍ରତିଦିନ ମିଥ୍ୟା ପ୍ରଚାର କରୁଛନ୍ତି। ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ଗରିବ ଲୋକଙ୍କୁ ଉଜ୍ଜଳା ଯୋଜନାରେ ମାଗଣା ଗ୍ୟାସ ଯୋଗାଇ ଦେବା ନେଇ ବାହାସ୍ଫୋଟ ମାରୁଥିଲେ। ଏମାନଙ୍କ ସମୟରେ ସିଲିଣ୍ଡର ପିଛା ୫୧୩ ଟଙ୍କା ବୃଦ୍ଧି ଘଟିଛି। ଏହା ଲୋକଙ୍କ ପ୍ରତି କେତେ ଦରଦ ତାହା ସହଜରେ ସ୍ପଷ୍ଟ ହୋଇଯାଇଛି। ସରକାରଙ୍କ ଭୁଲ ବିମୁଦ୍ରୀକରଣ ଓ ଜିଏସଟି ଫଳରେ ନିଯୁକ୍ତି ସଙ୍କୋଚନ କାହାକୁ ଅଛପା ନାହିଁ। ଫଳରେ ବେକାରି ବୃଦ୍ଧି ଘଟିଛି। ବଜାର ଦର ବୃଦ୍ଧି ଲୋକଙ୍କ ଦୈନନ୍ଦିନ ଜୀବନକୁ ଦୁର୍ବିସହ କରିଛି। ସମଗ୍ର ଦେଶରେ ଛାତ୍ର, ଯୁବକ ଓ ବୁଦ୍ଧିଜିବୀ ସଂଘବଦ୍ଧ ହୋଇ ସରକାରଙ୍କ ବିଭାଜ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଏହା ବିରୋଧରେ ତଥା ମୂଲ୍ୟ ବୃଦ୍ଧି ପ୍ରତ୍ୟାହାର ଦାବିରେ ସିପିଆଇ (ଏମ) ରାଉରକେଲା, ରଘୁନାଥପାଲ୍ଲୀ ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳବାର ବିଶ୍ରା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତିକୁ ବିରୋଧ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ପାର୍ଟି ସମ୍ପାଦକ ବି.ପି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ମହାନ୍ତି ନିଜ ବକ୍ତବ୍ୟରେ ମୋଦି ସରକାରଙ୍କ ଜନବିରୋଧି ତଥା ଶ୍ରମିକ, କୃଷକ ବିରୋଧି ନୀତି ବିରୋଧରେ ବ୍ୟାପକ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ବିମାନ ମାଇତି, ସୁରେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ, ବିନୋଦିନୀ ଦାସ, ବିଶ୍ୱଜିତ ମାଝି , ଯଯାତିକେଶରୀ ସାହୁ, ଅରିନ୍ଦମ ଦତ୍ତ, ପ୍ରଭାତ ମହାନ୍ତି ଓ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ସିପିଆଇ ପକ୍ଷରୁ ବିଶ୍ରା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ମୋ ପରିବାରର ସଦସ୍ୟା ସୁନିତା ବିଶ୍ୱାଳ ଓ ବିଜେଡି ନେତା ଜୟନାରାୟଣ ତ୍ରିପାଠୀ ଜିଲାପାଳଙ୍କୁ ସାକ୍ଷତ୍ କରି ଆଲୋଚନା କରୁଛନ୍ତି।

# ଉଦ୍ଧାର ଶ୍ରମିକଙ୍କ କର୍ମନିଯୁକ୍ତି, ଥଇଥାନ ପାଇଁ ଦାବି

■ ଜିଲାପାଳଙ୍କୁ ଭେଟିଲେ ମୋ ପରିବାରର ସଦସ୍ୟା

**ସୁନ୍ଦରଗଡ଼, ୧୯।୨ (ଡି.ଏନ୍.ଏ.)**

ଓଡ଼ିଶା ସରକାରଙ୍କ ମୋ ପରିବାର ପ୍ରଚେଷ୍ଟାରେ ବାରାଣାସୀରେ ଫସି ରହିଥିବା ସୁନ୍ଦରଗଡ଼ର ୧୪ଜଣ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରାଯିବା ପରେ ଗତ ୧୩ ତାରିଖରେ ସେମାନଙ୍କୁ ଏକ ଟ୍ରେନ୍‌ରେ ରାଉରକେଲା ଅଣାଯାଇଛି। ଫସି ରହିଥିବା ୧୫ଜଣ ଯୁବକଙ୍କ ମଧ୍ୟରୁ ଜିତୁ ଓରାମ ନାମକ ଜଣେ ଯୁବକ କୌଶଳକ୍ରମେ ଖସି ଆସି ଗତ ୫ତାରିଖରେ ରାଉରକେଲାରେ ପହଞ୍ଚିଥିଲେ। ଏହା ପରେ ଏସମ୍ପର୍କରେ ଓଡ଼ିଶା -ମୋ ପରିବାରର ସଦସ୍ୟା ସୁନୀତା ବିଶ୍ୱାଳଙ୍କଠାରୁ ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଖବରପାଇ ସେମାନଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେଇଥିଲେ। ଏହି ଶ୍ରମିକମାନେ ବାରାଣାସୀର ଜଣେ ଶ୍ରମିକ ଠିକାଦାରଙ୍କ ପ୍ରଲୋଭନରେ କାମ କରିବାକୁ ଯାଇ ସେଠାରେ ଶୋଷଣର ଶିକାର ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୋ ପରିବାରର ସହାୟତାରେ ପୋଲିସ ସେମାନଙ୍କୁ ସେଠାରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ବୁଧବାର ମୋ ପରିବାରର ସଦସ୍ୟା ସୁନିତା ବିଶ୍ୱାଳ ଓ ବିଜେଡି ନେତା ଜୟନାରାୟଣ ତ୍ରିପାଠୀ ଜିଲାପାଳଙ୍କୁ ସାକ୍ଷାତ କରି ଏହି ୧୫ଜଣ ଶ୍ରମିକ ଗରିବ ଶ୍ରେଣୀର ହୋଇଥିବାରୁ ଜିଲାପ୍ରଶାସନ ତରଫରୁ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବାସହ ଥଇଥାନ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ।

# ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ରାଉରକେଲା ଅଫିସ,୧୯। ୨**

ଜମି ଚିହ୍ନଟ ନେଇ ଦୀର୍ଘ ୩ ବର୍ଷ ହେବ ଏକ ସଂଖ୍ୟା ଲଘୁ ପରିବାର ହନ୍ତସନ୍ତ ହେଉଛନ୍ତି। ଲାଠିକଟା ତହସିଲ ପକ୍ଷରୁ ଅବହେଳା ପ୍ରତିବାଦରେ ବୁଧବାର ସାମାଜିକ କର୍ମୀ ଚାନ୍ଦମଣୀ ସାଣ୍ଡିଲଙ୍କ ନେତୃତ୍ୱରେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇ ଥିଲା। ଏନେଇ ସାଣ୍ଡିଲ କହିଥିଲେ ଯେ, ସରକାର ସ୍ୱଚ୍ଛତା କଥା କହୁଥିବା ବେଳେ ନିରୀହ ପରିବାର ନିଜ ଜମି ଡିମାର୍କେଶନ ପାଇଁ ୩ ବର୍ଷ ହେବ ଲାଠିକଟା ତହସିଲ କାର୍ଯ୍ୟାଳୟକୁ ଧାଉଁଛନ୍ତି। ଏନେଇ ବିଭାଗୀୟ କର୍ମଚାରୀଙ୍କ ଦାବି ମୁତାବକ ଉତ୍କୋଚ ମଧ ଦିଆ ସରିଛି। ଏହା ସତ୍ତ୍ୱେ ଜଣଙ୍କୁ ଦଉଡାଇବା ପଛରେ କି ରହସ୍ୟ ରହିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଗତ ୨୦୧୬ରୁ ଲାଠିକଟା ନିକଟ ଏରଗେଡା ଅଞ୍ଚଳର ଏହି ପରିବାର ନିଜ ଜମି ଅଧିକାର ପାଇବାକୁ ନେହୁରା ହୋଇ ଆସୁଛନ୍ତି। ଇତି ମଧ୍ୟରେ ୩ ବର୍ଷ ବିତିଲାଣି। ବାରମ୍ବାର ଆଜିଆସ କାଲିଆସ କୁହାଯାଇ ଏମାନଙ୍କୁ ପ୍ରତାରିତ କରାଯାଉଛି ବୋଲି ସାଣ୍ଡିଲ ଅଭିଯୋଗ କରିଛନ୍ତି। କର୍ତ୍ତୃପକ୍ଷ ଏହି ନିରୀହ ପରିବାରକୁ ଦଉଡାଇବାରେ ଲାଗିଛନ୍ତି। ଯଦି ବାସ୍ତବ ତଥ୍ୟ ଏହା ତେବେ ସରକାର କାହିଁକି ୫-ଟି କଥା ପ୍ରଚାର କରୁଛନ୍ତି ବୋଲି ଚାନ୍ଦମଣୀ ଧାରଣା ସ୍ଥଳରେ ଖବରଦାତାଙ୍କୁ କହିଥିଲେ।


ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**୩ବର୍ଷ ପରେ ବି ଚିହ୍ନଟ ହୋଇ ପାରୁନି ଜମି**

**ଫଟୋରେ ଖବର**


ବୁଧବାର ରାଉରକେଲା ଉଦିତ୍‌ନଗର ହାଇସ୍କୁଲ କେନ୍ଦ୍ରକୁ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଯାଉଛନ୍ତି।

# ବିଜେଡିରେ ଯୋଗଦେଲେ ସାମାଜିକ କର୍ମୀ ଚାନ୍ଦମଣି

**ରାଉରକେଲା ଅଫିସ, ୧୯।୨**

ସୁନ୍ଦରଗଡ ଜିଲାର ଜଣାଶୁଣା ସାମାଜିକ କର୍ମୀ ଚାନ୍ଦମଣୀ ସାଣ୍ଡିଲ ମଙ୍ଗଳବାର ତାଙ୍କ ସମର୍ଥକଙ୍କ ସହ ବିଜୁ ଜନତା ଦଳ (ବିଜେଡ଼ି)ରେ ଯୋଗ ଦେଇଛନ୍ତି। ସାଣ୍ଡିଲ ଦୀର୍ଘ ବର୍ଷ ଧରି ବଣପାହାଡ ଘେରା ତଥା ମାଓବାଦୀ ପ୍ରଭାବିତ ଚାନ୍ଦିପୋଷ ଅଞ୍ଚଳ ଆଦିବାସୀଙ୍କ ସ୍ୱାର୍ଥ ହାସଲ ନେଇ ସଂଗ୍ରାମ କରି ଆସୁଛନ୍ତି। ତାଙ୍କ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣ ମାନ ଉନ୍ନତ ନେଇ ସେ ସର୍ବଦା ଉଦ୍ୟମ କରି ଆସୁଛନ୍ତି। ନିମ୍ନଶ୍ରେଣୀର ଗରିବ ଆଦିବାସୀଙ୍କୁ ନ୍ୟାୟ ଦେବାରେ ତାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ ରହିଛି। ହାତୀ ଉପଦ୍ରବ, ବିଜୁଳି ଆଘାତ ଓ ଚଡକ, ସର୍ପ ଦଂଶନ ଓ ଦୁର୍ଘଟଣା ମୃତ୍ୟୁଜନିତ କ୍ଷତି ପ୍ରଦାନ ନେଇ ତାଙ୍କ ସଂଘର୍ଷକୁ କେହି ଅସ୍ୱୀକାର କରିବେନି। ଇତି ମଧ୍ୟରେ ସାମାଜିକ କର୍ମୀ ସାଣ୍ଡିଲଙ୍କୁ ଦେଶ ବିଦେଶର ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଛି। ବିଜେଡିରେ ଯୋଗଦାନ ଫଳରେ ଅଞ୍ଚଳବାସୀଙ୍କୁ ଅଧିକ ନ୍ୟାୟ ପ୍ରଦାନ ନେଇ ସୁଯୋଗ ସୃଷ୍ଟି ହେବ ବୋଲି ସାଣ୍ଡିଲ ମତ ପ୍ରକାଶ କରିଛନ୍ତି।


ଚାନ୍ଦମଣୀ ସାଣ୍ଡିଲ ସମର୍ଥକଙ୍କ ସହ ବିଜେଡ଼ିରେ ଯୋଗ ଦେଉଛନ୍ତି।

# ଆର୍‌ଏସ୍‌ପି ମେନ୍ ହୋଲରେ ପଡ଼ି ଶିଶୁ ମୃତ

**ରାଉରକେଲା ଅଫିସ,୧୯। ୨:** ସେକ୍ଟର-୩ ଅଞ୍ଚଳରେ ଆର୍‌ଏସ୍‌ପି ମେନ ହୋଲକୁ ଖସି ପଡି ଜଣେ ଶିଶୁର ମୃତ୍ୟୁ ଘଟିଥିବା ଜଣାଯାଇଛି। ସେକ୍ଟର- ୩ ଅଟୋ କଲୋନୀ ବାସିନ୍ଦା କଳାକାର ସାହୁଙ୍କ ଅଢେଇ ବର୍ଷର ପୁଅ ହିମାଂଶୁ ଖରାବେଳେ ବାହାରେ ଖେଳୁଥିଲେ। ତାଙ୍କ ଉପରେ କାହାର ନଜର ନ ଥିଲା। ପାଖ ବି/ ୧୧ କ୍ୱାଟର୍ସ ନିକଟରେ ରହିଥିବା ଏକ ଖୋଲା ମେନ ହୋଲକୁ ଖସି ପଡି ସେ ଆଉ ବାହାରକୁ ବାହାରି ପାରି ନ ଥିଲା। ଫଳରେ ଏଥିରେ ଫସି ରହି ସେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ପିଲାଟି କାଳେ ବାହାରେ ଖେଳୁଥିବା ଭାବି ମାତା ପିତା ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ତାକୁ ଏହି ନାଳରୁ ଠାବ କରିଥିବା ସୂଚନା ମିଳିଛି। ମୁମୂର୍ଷ ଅବସ୍ଥାରେ ପିଲାଟିକୁ ରାଉରକେଲା ଇସ୍ପାତ ଜେନେରାଲ ହସ୍‌ପିଟାଲକୁ ନିଆଯାଇ ଥିଲେ ହେଁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏ ନେଇ ସେକ୍ଟର -୩ ଥାନା ଅଧିକାରୀଙ୍କୁ ପଚରାଯିବାରୁ ସେ କହିଥିଲେ ଆମ ପାଖରେ ଏ ନେଇ କିଛି ଖବର ନାହିଁ।

# ମହାଶିବରାତ୍ରି ନେଇ ଆଖଣ୍ଡଳମଣି ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି

**ରାଉରକେଲା ଅଫିସ, ୧୯। ୨**

ଆସନ୍ତା ଶିବରାତ୍ରି ପାଳନ ନେଇ ଦକ୍ଷିଣ ରାଉରକେଲା ଟିପ ଟାଇପ ମାର୍କେଟ ଆଖଣ୍ଡଳମଣୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଯାଇଛି। ମନ୍ଦିର ପରିଚାଳନା ସମିତି ପକ୍ଷରୁ ବାର୍ଷିକୋତ୍ସବ, ଅଷ୍ଟମ ପ୍ରହରୀ ନାମଯଜ୍ଞ ଓ ମହା ଶିବାରାତ୍ରି ନେଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତ ମଙ୍ଗଳବାର ଅଂକୁରାରୋପଣ, ଶୁଭାଧିବାସ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଶ୍ରଦ୍ଧାଳୁ ଭାଗ ନେଇ ପବିତ୍ର ବ୍ରହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ଯଜ୍ଞ ମଣ୍ଡପ ଯାଏ ଆସିଥିଲେ। ଗୁରୁବାର ମନ୍ଦିର ପରିସରରେ ବିଧିବିଧାନରେ ଯଜ୍ଞସବ ଆୟୋଜନ କରାଯିବ। ସକାଳ ୭ଟା ୪୩ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବା ବେଳେ ଏଥିରେ ବିନାୟକ, ଗୁରୁ ପୂଜା, ଓ ସୂର୍ଯ୍ୟ ପୂଜା ଆଦି ଅନୁଷ୍ଠିତ ହେବ। ପରେ ରୁଦ୍ରାଭିଷେକ, ପୂର୍ଣ୍ଣାହୁତୀ, ଆଳତୀ, ପୁଷ୍ପାଞ୍ଜଳି ଓ ଅଷ୍ଟମ ପ୍ରହରୀ ନାମଯଜ୍ଞର ଶୁଭାଧିବାସ କରାଯିବ। ଶୁକ୍ରବାର ମହାଶିବରାତ୍ରି ନିମନ୍ତେ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଜାଗର ରାତ୍ରି କିପରି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେ ନେଇ ମନ୍ଦିର ପରିସରକୁ ସାଜସଜ୍ଜା କରାଯାଇଛି। ଶ୍ରଦ୍ଧାଳୁ ଭକ୍ତ କିପରି ମହାଦୀପ ଦର୍ଶନ ସୁରୁଖୁରୁରେ କରିପାରିବେ ସେ ନେଇ କମିଟି ପ୍ରସ୍ତୁତ ରହିଛି। ଏହି ଅବସରରେ ଅହୋରାତ୍ର ନାମଯଜ୍ଞ ଆୟୋଜନ କରାଯାଇଛି। ଶନିବାର ନଗର କୀର୍ତ୍ତନ ମାଧମରେ ଉତ୍ସବର ସମାପନ କରାଯିବ। ଏହାକୁ ମନ୍ଦିର ପରିଚାଳନା କମିଟି ତଥା ଶ୍ରଦ୍ଧାଳୁଙ୍କ ପକ୍ଷରୁ କାର୍ତ୍ତିକ ଜେନା, ସୂର୍ଯ୍ୟମଣୀ ନାୟକ, ଚିନ୍ତାମଣୀ ଜେନା, ଅଶୋକ ସାମଲ, ବାବୁ ସାମଲ, କୁନା ଜେନା, ରାଧାରମଣ ରଥ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରୁଛନ୍ତି।


ମହିଳା ଶ୍ରଦ୍ଧାଳୁ କଳସରେ ଜଳ ଉତ୍ତୋଳନ କରି ଯଜ୍ଞ ମଣ୍ଡପକୁ ଆସୁଛନ୍ତି।

**ଦକ୍ଷିଣ ରାଉରକେଲା ଟିପ ଟାଇପ ମାର୍କେଟ**

# ସୁନ୍ଦରଗଡ଼ ଶ୍ରମିକ ସଂଘ ପକ୍ଷରୁ ସହଯୋଗର ପ୍ରତିଶ୍ରୁତି

**ରାଉରକେଲା ଅଫିସ,୧୯।୨**

କୁଆଁରମୁଣ୍ଡା ଠାରେ ଥିବା ଆଧୁନିକ ମେଟାଲିକ୍ସ ଘରୋଇ କାରଖାନା କାର୍ଯ୍ୟକ୍ଷମ ନେଇ ସୁନ୍ଦରଗଡ଼ ଶ୍ରମିକ ସଂଘ ପକ୍ଷରୁ ଆନନ୍ଦ ବ୍ୟକ୍ତ କରାଯାଇଛି। ଏହାକୁ ଲିବର୍ଟି ହାଉସ ମାଲିକ ସଞ୍ଜୀବ ଗୁପ୍ତା ଚଳାଇବାକୁ ସହମତ ହୋଇଥିବାରୁ ୟୁନିୟନ ସନ୍ତୋଷ ବ୍ୟକ୍ତ କରିଛି। ଏନେଇ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଆୟୋଜିତ ବୈଠକରେ ସଭାନେତ୍ରୀ ଡିଏସ ପାନିକର କହିଥିଲେ, ଲିବର୍ଟି ହାଉସ ଭଳି ଖ୍ୟାତନାମା କମ୍ପାନୀ ଆଧୁନିକ ମେଟାଲିକ୍ସ କାରଖାନା ପରିଚାଳନା କଲେ ନିଶ୍ଚିତ ଏହା ଦୀର୍ଘ ସ୍ଥାୟୀ ହେବ। ନିରନ୍ତର ଉନ୍ନତି କରିବ। କର୍ମଚାରୀଙ୍କ ମନରେ ଏନେଇ ଆଶା ସଞ୍ଚାର ହୋଇଛି। ଏହା ଦ୍ୱାରା ଶ୍ରମିକ ଉପକୃତ ହେବେ। ଏଣୁ ଏହି କାରଖାନା ଚଳାଯିବା ଏକ ସ୍ୱାଗତଯୋଗ୍ୟ ବିଚାରଧାରା ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ବୈଠକରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ଆଧୁନିକ ମେଟାଲିକ୍ସ ପୁନଃ ପରିଚାଳନା ନେଇ ଯେଉଁ ଆଶା ସଞ୍ଚାର ହୋଇଛି ତାହା ଏକ ମଙ୍ଗଳଦାୟକ ପଦକ୍ଷେପ। ନିଷ୍ଠାପର ଭାବେ ଉତ୍ପାଦନ ଓ ଉତ୍ପାଦକତା ନେଇ ପ୍ରୟାସ କରାଗଲେ ଏହା ଦୀର୍ଘସ୍ଥାୟୀ ହେବ ବୋଲି ସେ କହିଥିଲେ। ସୁନ୍ଦରଗଡ ଶ୍ରମିକ ସଂଘ ଆଧୁନିକ ମେଟାଲିକ୍ସ କର୍ମଚାରୀଙ୍କ ସହ ସର୍ବଦା ସାମିଲ ହୋଇ ରହିଛି। ଲିବର୍ଟି ହାଉସ ଏହି କାରଖାନାକୁ ପରିଚାଳନା କଲେ ଏଥିରେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ବେହେରା ପ୍ରକାଶ କରିଥିଲେ। ଏହା ଦ୍ୱାରା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସହ ଛଟେଇ କର୍ମଚାରୀ ଉପକୃତ ହେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। କାରଖାନା ଆରମ୍ଭରୁ ଯେଉଁ କର୍ମଚାରୀ ଏହାକୁ ରାଜ୍ୟ ତଥା ଦେଶରେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରିଥିଲେ ସେମାନଙ୍କ ସ୍ୱପ୍ନ ଏହା ଦ୍ୱାରା ସାକାର ହୋଇପାରିବ ବୋଲି ବେହେରା କହିଥିଲେ। କାରଖାନା ଚାଲୁ ହେଲେ ଲିବର୍ଟି ହାଉସକୁ ଶ୍ରମିକ କର୍ମଚାରୀ ସବୁ ମତେ ସହଯୋଗ କରିବେ। ଏହି ଅବସରରେ ସେ ଛଟେଇ ଶ୍ରମିକଙ୍କ ଦୁରାବସ୍ଥା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏମାନେ କିଭଳି ପର୍ଯ୍ୟାୟ କ୍ରମେ ବକେୟା ପାଇବେ ଓ କାରଖାନାରେ ଶିଳ୍ପ ଶାନ୍ତି ଫେରି ଆସିବ ସେନେଇ ବେହେରା ତାଙ୍କ ବକ୍ତବ୍ୟରେ କେତେକ ଗଠନମୂଳକ ପ୍ରସ୍ତାବ ରଖିଥିଲେ। ଶିଳ୍ପ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଓ ଉଦାରତା ସହ ଲିବର୍ଟି ହାଉସ କର୍ତ୍ତୃପକ୍ଷ କାରଖାନା ପରିଚାଳନା କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏଥିରେ ଅକ୍ଷୟ ଜେନା, ରମାକାନ୍ତ ପ୍ରଧାନ ବକ୍ତବ୍ୟ ପ୍ରଦାନ କରି ଶ୍ରମିକ କର୍ମଚାରୀଙ୍କ ସୁଖଦ ଭବିଷ୍ୟତ କାମନା କରିଥିଲେ। ବୈଠକରେ ନିହାରରଞ୍ଜନ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଦୀପକ ମହାନ୍ତି, ମନୋରଞ୍ଜନ ସାହୁ, ସୁଜିତ ପଣ୍ଡା, ପ୍ରଭାକର ମାଝି, ବୈରାଗୀ ସେଠୀ, ବଳିରାମ ସାହୁ, ପ୍ରମୋଦ ଦଳାଇ, ଦୀପକ ପାଣିଗ୍ରାହୀ, ରାଜକୁମାର ବଡାଇକ, ନଳିନୀ ନାୟକ ଓ ଅଶୋକ ସାହୁ ପ୍ରମୁଖ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।


ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଆଧୁନିକ ମେଟାଲିକ୍ସ କାରଖାନା ଖୋଲିବା ପ୍ରସଙ୍ଗ**